# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୯/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, January 9/2023 | Page 14 | ₹ 7.00

୪୯ଶ ଭାଗ ୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 47 | ମୂଲ୍ୟ₹୭/-



DSPL-401

ମିଶନ ଶକ୍ତି
























# ୧୨୫ କୋଟି ଟଙ୍କାର ସୁଧ ଫେରସ୍ତ

## ୨.୫ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ

0% ସୁଧରେ ୫ ଲକ୍ଷ ଟଙ୍କାର ମିଶନ ଶକ୍ତି ଋଣ

ସ୍ଥାନ: କନ୍‌ଭେନ୍‌ସନ ସେଣ୍ଟର

ତାରିଖ: ୦୯.୦୧.୨୦୨୩

## ସଶକ୍ତ ମହିଳା | ସଶକ୍ତ ଓଡିଶା

ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

OIPR-48001/13/0011/2223

## ସଂକ୍ଷେପରେ

### କେଶରୀ ନାଥ ତ୍ରିପାଠୀଙ୍କ ପରଲୋକ



**କୋଲକାତା, ୮।୧:** ବିହାର ଓ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ କେଶରୀ ନାଥ ତ୍ରିପାଠୀଙ୍କ ରବିବାର ପରଲୋକ ଘଟିଛି। ଉତ୍ତର ପ୍ରଦେଶ ପ୍ରୟାଗରାଜରେ ଥିବା ତାଙ୍କ ଘରେ କେଶରୀ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ବହୁବିଧ ରୋଗରେ ଆକ୍ରାନ୍ତ ଥିଲେ। ଉତ୍ତର ପ୍ରଦେଶ ବିଧାନସଭାରେ ସେ ୩ ଥର ବାଚସ୍ପତି ଦାୟିତ୍ୱରେ ରହିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷରେ ବୟସ ହୋଇଥିଲା। କେଶରୀଙ୍କ ମୃତ୍ୟୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିଛନ୍ତି।

### କେରଳର ସ୍କୁଲ ଡ୍ରପ୍‌ଆଉଟ୍ ଆମେରିକାରେ ଜଜ୍



**ୱାଶିଂଟନ୍, ୮।୧:** ଭାରତୀୟ ବଂଶୋଦ୍ଭବ ସୁରେନ୍ଦ୍ରନ୍ କେ. ପଟେଲ ନିକଟରେ ଆମେରିକା ଟେକ୍ସାସର ଡିଷ୍ଟ୍ରିକ୍ଟ ଜଜ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୫୧ ବର୍ଷୀୟ ସୁରେନ୍ଦ୍ରନ୍‌ଙ୍କ ଘର କେରଳର କାସାରଗୋଡ଼ରେ । କେରଳର ସ୍କୁଲରୁ ଡ୍ରପ୍‌ଆଉଟ୍ ହେବାପରେ ସୁରେନ୍ଦ୍ରନ୍ ପରିବାର ଚଳାଇବା ପାଇଁ କିଛିଦିନ ଦିନ ମଜୁରିଆ ଭାବେ କାର୍ଯ୍ୟ କରିଥିଲେ। ସାଙ୍ଗସାଥୀଙ୍କଠାରୁ ଆର୍ଥିକ ସହାୟତା ନେଇ ସେ ଶେଷରେ ନିଜର ଏଲଏଲବି ପାଠ୍ୟକ୍ରମ ଶେଷ କରିଥିଲେ। ଭାରତରେ ରହି ଲ' ପ୍ରାକ୍ଟିସ୍ କରିବା ପରେ ସେ ଆମେରିକା ଚାଲିଯାଇଥିଲେ। ଏହାପରେ ପରିବାର ସହ ସୁରେନ୍ଦ୍ରନ୍ ଆମେରିକାରେ ରହିଥିଲେ। ଆମେରିକାରେ ରହି ତାଙ୍କୁ ଅଧିକ ସଫଳତା ମିଳିଥିବା ସେ କହିଛନ୍ତି।

### ଟ୍ରକ୍ ଧକ୍କାରେ ୧୯ ମୃତ

**ବେଜିଂ, ୮।୧:** ଚାଇନାର ଜିଆଶି ପ୍ରଦେଶରେ ରବିବାର ଏକ ଟ୍ରକ୍ ଧକ୍କାରେ ୧୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଅନ୍ତିମ ସଂସ୍କାର ପ୍ରଶେସନରେ ଯାଉଥିବା ଲୋକଙ୍କ ଉପରେ ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ମାଡ଼ି ଯାଇଥିଲା। ଦେଶରେ ଜିରୋ କୋଭିଡ୍ ନୀତି ଉଠିବା ପରେ ଶୋଭାଯାତ୍ରା ଓ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକ ସାମିଲ ହେବାରେ ଲାଗିଛନ୍ତି।

# କାହିଁକି ଧସୁଛି ଜୋଷୀମଠ



**ନୂଆଦିଲ୍ଲୀ,୮।୧**

ଭୂସ୍ଖଳନ ପ୍ରବଣ ଜୋନ୍ ଜୋଷୀମଠରେ ଅବାଧ ନିର୍ମାଣ ସମ୍ପୃକ୍ତ ଅଞ୍ଚଳକୁ ବିପଦ ମୁହଁକୁ ଠେଲିଦେଇଛି। ଏହାର ପ୍ରତିବାଦରେ ହିଲ୍ ଟାଉନ୍ ବାସିନ୍ଦା ଗୁରୁବାର ବନ୍ଦ ପାଳନ କରିଥିଲେ। ସେମାନେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଦୋକାନବଜାର ବନ୍ଦ ସହ ଚକା ଜାମ୍ କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ନିର୍ଦ୍ଦିଷ୍ଟ ଭାବେ କେବଳ ଜୋଷୀମଠରେ ୫୦୦ରୁ ଊର୍ଦ୍ଧ୍ୱ ଘର କାନ୍ଥ ଓ ଅନେକ ରାସ୍ତା ଫାଟି କାହିଁକି ଆଁ କରିଛି ?

ଏହି ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ୫୦ ବର୍ଷ ତଳକୁ ଫେରିବାକୁ ପଡ଼ିବ। ଏହି ଆଧ୍ୟାତ୍ମିକ ସହରର ଭୌଗୋଳିକ ଅବସ୍ଥିତି ଏହାକୁ ବିପଦପୂର୍ଣ୍ଣ କରିଦେଇଛି। ଜୋଷୀମଠ ଏକ ପ୍ରାଚୀନ ଭୂସ୍ଖଳନ ଅଞ୍ଚଳ ଉପରେ ଗଢ଼ିଉଠିଛି। ଏହାସତ୍ତ୍ୱେ ଏଠାରେ ଏକାଧିକ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଋଷିକେଶ-ବଦ୍ରୀନାଥ ଜାତୀୟ ରାଜପଥ(ଏନ୍‌ଏଚ୍-୭) ନିର୍ମାଣ କରାଯାଇଛି। ବିଷ୍ଣୁପ୍ରୟାଗରୁ ପ୍ରବାହିତ ଅନେକ ଝରଣା ଉପରେ ନଦୀବନ୍ଧ ଯୋଜନା କରାଯାଇଛି। ଏଥିଯୋଗୁ ଜୋଷୀମଠର ମୃତ୍ତିକା କ୍ଷୟ ହେବାରେ ଲାଗିଛି। ଅବାଧ ନିର୍ମାଣ ଏହି ଅଞ୍ଚଳରେ ଧନଜୀବନ ପାଇଁ ବିପଜ୍ଜନକ ହେବ ବୋଲି ପ୍ରାୟ ୫ ଦଶନ୍ଧି ପୂର୍ବେ ବିଶେଷଜ୍ଞମାନେ ସତର୍କ କରାଇଥିଲେ।

➩୧୯୭୬ରେ ଜୋଷୀମଠକୁ ନେଇ ପ୍ରଥମ ସତର୍କତାମୂଳକ ରିପୋର୍ଟ ପ୍ରକାଶ ପାଇଥିଲା। ସରକାରଙ୍କ ଦ୍ୱାରା ଗଠିତ ଏମ୍.ସି. ମିଶ୍ରା କମିଶନ ନିଜ ରିପୋର୍ଟରେ ଦର୍ଶାଇଥିଲେ ଯେ ଜୋଷୀମଠ ଏକ ପ୍ରାଚୀନ ଭୂସ୍ଖଳନ ଅଞ୍ଚଳରେ ରହିଛି। ଏଠାରେ ନିର୍ମାଣ କାର୍ଯ୍ୟ କରାଗଲେ ସ୍ଥାନୀୟ ଅଧିବାସୀ ଓ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। କାରଣ ଏହା ହାଇ-ରିସ୍କ ସେସ୍‌ମିକ୍ 'ଜୋନ୍-ଭି' ଅଧୀନରେ ଆସୁଛି। ଅର୍ଥାତ୍ ଏହି ଅଞ୍ଚଳ ଅତ୍ୟଧିକ ଭୂକମ୍ପ ଓ ଭୂସ୍ଖଳନ ପ୍ରବଣ ବୋଲି ମିଶ୍ରା କମିଶନ ରିପୋର୍ଟରେ ଉଲ୍ଲେଖ କରିଥିଲେ।

➩ଝରଣାଗୁଡ଼ିକ ମୃତ୍ତିକା କ୍ଷୟର କାରଣ। ଜୋଷୀମଠ ସହରରେ ନାଳଗୁଡ଼ିକ ଅବରୋଧ ହୋଇଯାଇଥିବାରୁ ଭୂସ୍ଖଳନ ହୋଇପାରେ ବୋଲି ୨୦୦୬ରେ ୱାଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିମାଲୟାନ୍ ଜିଓଲୋଜି ବୈଜ୍ଞାନିକ ଡ. ସ୍ୱପ୍ନମିତ୍ର ବୈଦେଶ୍ୱରନ୍ ପ୍ରଘଟ କରିଥିଲେ। ୨୦୧୩ରେ ଏହାର ପ୍ରଥମ ପ୍ରଭାବ ଦେଖିବାକୁ ମିଳିଥିଲା।

➩ଜୋଷୀମଠ ଉପତ୍ୟକା ହିମାଳୟ ପାଦଦେଶରେ ଥିବାରୁ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଅନେକ ସମୟରେ ହିମବାହ ତରଳି ଓ ଖସି ପ୍ରଳୟଙ୍କରୀ ବନ୍ୟାର ରୂପ ନେଇଥାଏ। ୨୦୨୧ ଫେବୃୟାରୀ ୭ରେ ନନ୍ଦାଦେବୀ ହିମବାହ ତରଳିଯିବାରୁ ଏହି ଅଞ୍ଚଳରେ ବଡ଼ ବନ୍ୟା ଦେଖିବାକୁ ମିଳିଥିଲା। ୧୯୭୮ରେ ଭାଗୀରଥୀ ନଦୀରେ ବନ୍ୟା ଜୋଷୀମଠ ପାଇଁ ବିପଦ ସାଜିଥିଲା। ଏଠାରେ ଜମୁଥିବା ପଟୁମାଟି ମଧ୍ୟ ଅତ୍ୟନ୍ତ ଭଙ୍ଗୁର ହୋଇଥିବାରୁ ଘର ଓ ରାସ୍ତାଗୁଡ଼ିକ ପ୍ରତି ବିପଦ ବଢ଼ିବାରେ ଲାଗିଛି।

➩ବର୍ତ୍ତମାନ ମଧ୍ୟ ସରକାରୀ ଉଦ୍ୟୋଗ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ୍ (ଏନ୍‌ଟିପିସି) ପକ୍ଷରୁ ଜୋଷୀମଠରେ ଏକାଧିକ ପାୱାର ପ୍ରୋଜେକ୍ଟ ପାଇଁ ଟନେଲ୍ ନିର୍ମାଣ ଜାରି ରହିଛି। ବିଶେଷଜ୍ଞଙ୍କ ମତରେ ତୁରନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରି ସମ୍ପୃକ୍ତ ଅଞ୍ଚଳରେ ସାମାଜିକ ବନୀକରଣ କରାଯିବା ଜରୁରୀ। କିନ୍ତୁ ସରକାର ଏ ଦିଗରେ ଯତ୍ନବାନ ନ ହୋଇ କେବଳ ଅନୁଧ୍ୟାନ ପାଇଁ କମିଟି ଗଠନ କରୁଛନ୍ତି। ଏହା ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ଲାପ୍ରୋସ୍କୋପିକ୍ ସର୍ଜରି ଜନକ ଡା. ଟେହେମ୍‌ଟନଙ୍କ ବିୟୋଗ



**ମୁମ୍ବାଇ, ୮।୧:** ଲାପ୍ରୋସ୍କୋପିକ୍ ସର୍ଜରିର ଜନକ ଭାବେ ଜଣାଯାଉଥିବା ଡା. ଟେହେମଟୋନ ଇ. ଉଦଗାଡିୟାଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ଟେହେମ୍‌ଟନ ମୁମ୍ବାଇସ୍ଥିତ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ୨୦୧୭ରେ ଟେହେମ୍‌ଟନଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ଟେହେମ୍‌ଟନଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିଛନ୍ତି। ଲାପ୍ରୋସ୍କୋପି ପାଇଁ ସେ ଚାରିଆଡେ ପରିଚିତି ହାସଲ କରିଥିଲେ। ତେବେ ରବିବାର ଡୁଙ୍ଗରୱାଡ଼ିରେ ଟେହେମ୍‌ଟନଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ୨ ଅନୁପ୍ରବେଶକାରୀ ନିହତ

**ଜମ୍ମୁ, ୮।୧:** ଜମ୍ମୁ-କଶ୍ମୀର ପୁଞ୍ଚ ଜିଲା ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ୨ ଅନୁପ୍ରବେଶକାରୀ ସେନା ଗୁଳିରେ ନିହତ ହୋଇଛନ୍ତି। ସେମାନଙ୍କ ପାଖରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ପୋଲିସର ହସ୍ତଗତ ହୋଇଛି। ଗୋଇନ୍ଦା ସୂଚନାକ୍ରମେ ସେନା ପକ୍ଷରୁ ଏହି ଅପରେଶନ୍ ଆରମ୍ଭ କରାଯାଇଥିବା କୁହାଯାଇଛି। ଘଟଣାସ୍ଥଳରେ ସେନାର ସର୍ଚ୍ଚ ଅପରେଶନ୍ ଜାରି ଥିବାବେଳେ ମୃତ ଆତଙ୍କାବାଦୀଙ୍କ ପରିଚୟ ମିଳିପାରି ନାହିଁ।

## ପୋଲିସ-ଆନ୍ଦୋଳନକାରୀ ମୁହାଁମୁହିଁ



**ସାଂଘାଇ, ୮।୧**

### ଦରମା କାଟ୍‌କୁ ନେଇ ରାସ୍ତାକୁ ଓହ୍ଲାଇଥିଲେ କର୍ମଚାରୀ

ଚାଇନାରେ ଆଉଥରେ ସାଧାରଣ ନାଗରିକ ଓ ପୋଲିସଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ସେଣ୍ଟ୍ରାଲ ଚାଇନାରେ ଥିବା କୋଭିଡ୍-୧୯ ଆଣ୍ଟିଜେନ୍ କିଟ୍ ନିର୍ମାଣକାରୀ କମ୍ପାନୀ ଜାଇବିଓ ବିନା ନୋଟିସ୍‌ରେ ଅନେକ ଲୋକଙ୍କୁ ଚାକିରିରୁ ବାହାର କରିଥିବାବେଳେ ଏହାକୁ ବିରୋଧ କରି ଶନିବାର କର୍ମଚାରୀମାନେ କମ୍ପାନୀ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଆନ୍ଦୋଳନ ସ୍ଥଳରେ ପୋଲିସ ପହଞ୍ଚିଥିବାବେଳେ ଉତ୍ତେଜିତ ଲୋକେ ପୋଲିସ ଉପରକୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ରାସ୍ତାରେ ଥିବା ଟ୍ରାଫିକ୍ କୋନ୍, ବାକ୍ସ ଆଦି ସେମାନେ ପୋଲିସ ଉପରକୁ ଫୋପାଡ଼ିବା ଆରମ୍ଭ କରିଥିଲେ। ଘଟଣା ନେଇ ଅନେକ ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ବିକ୍ଷୋଭର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କେତେଜଣଙ୍କ ମତରେ କମ୍ପାନୀ ମନଇଚ୍ଛା କର୍ମଚାରୀଙ୍କ ଦରମା କାଟି ଦେଇଥିବାରୁ ଅସନ୍ତୁଷ୍ଟ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ରିପୋର୍ଟ ମୁତାବକ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଲୋକେ 'ଆମ ଟଙ୍କା ଫେରାଅ' କହି ନାରାବାଜି କରୁଥିଲେ। କଡ଼ା ସଂଘର୍ଷ ପରେ ପୋଲିସ ଆନ୍ଦୋଳନକାରୀଙ୍କୁ ଶାନ୍ତ କରିଥିଲା।

## ମହିଳା ଅଶିକ୍ଷିତ, ପୁରୁଷ ଦାୟିତ୍ୱହୀନ: ନୀତୀଶ



**ପାଟନା, ୮।୧:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପୁଣିଥରେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ନୀତୀଶଙ୍କ ମତରେ ରାଜ୍ୟରେ ବଢୁଥିବା ଜନସଂଖ୍ୟା ବୃଦ୍ଧିର ମୁଖ୍ୟ କାରଣ ଅଶିକ୍ଷିତ ମହିଳା ଏବଂ ଦାୟିତ୍ୱହୀନ ପୁରୁଷ। ବିହାରର ବୈଶାଳୀରେ ସମାଧାନ ଯାତ୍ରାକୁ ନେଇ ଆୟୋଜିତ ବୈଠକରେ ଯୋଗ ଦେବା ଅବସରରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ନୀତୀଶ କହିଛନ୍ତି ଯେ, ଯଦି ମହିଳାମାନେ ଶିକ୍ଷିତ ହୋଇଥାନ୍ତେ, ତେବେ ରାଜ୍ୟରେ ଜନ୍ମ ହାର କମିଥାନ୍ତା। ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ଅଭାବ ଏବଂ ପୁରୁଷମାନଙ୍କ ଦାୟିତ୍ୱହୀନ ଗୁଣ ପାଇଁ ରାଜ୍ୟରେ ଜନସଂଖ୍ୟା ବଢ଼ିବାରେ ଲାଗିଛି। ପରିବାର ନିୟୋଜନ ବିଷୟରେ ସେମାନଙ୍କର ଜ୍ଞାନ ନାହିଁ। ଏ ନେଇ ନୀତୀଶ ଖରାପ ଭାଷା ପ୍ରୟୋଗ କରିବା ନେଇ ବିରୋଧୀ ଭାଜପା ପକ୍ଷରୁ କୁହାଯାଇଛି।




## ୪୮%ଙ୍କ ମତ ବିମାନରେ ମଦ୍ୟପାନ ସେବା ବନ୍ଦହେଉ



**ନୂଆଦିଲ୍ଲୀ, ୮।୧**

ଏୟାର ଇଣ୍ଡିଆ ବିମାନରେ ନିଶାସକ୍ତ ଅବସ୍ଥାରେ ନିୟନ୍ତ୍ରଣ ହରାଇ ପୁରୁଷ ଯାତ୍ରୀ ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିବାର ୨ଟି ଘଟଣାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ଜୋର୍ ଧରିଛି। ବିମାନରେ ଯାତ୍ରୀଙ୍କ ହିତକୁ ଦୃଷ୍ଟିରେ ରଖି ଯାତ୍ରା ସମୟରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ସେମାନଙ୍କୁ ଯୋଗାଇ ଦିଆଯାଏ। ଯେଉଁଥିରେ ଖାଦ୍ୟ ସାଙ୍ଗକୁ ଲିକର ମଧ୍ୟ ରହିଥାଏ। ତେବେ ସହଯାତ୍ରୀଙ୍କ ଉପରେ ପରିସ୍ରା ଘଟଣା ପରଠାରୁ ଅନେକ ଲୋକ ବିମାନରେ ଉପଲବ୍ଧ ହେଉଥିବା ଲିକର ବା ମଦ୍ୟପାନ ସୁବିଧାକୁ ହଟାଇବା ଲାଗି ମତ ପ୍ରକାଶ କରିଛନ୍ତି।

ଏକ କମ୍ୟୁନିଟି ପ୍ଲାଟଫର୍ମ ଲୋକାଲସର୍କଲ୍ସ ଏ ନେଇ କରିଥିବା ସର୍ଭେ ଅନୁସାରେ ୪୮% ବିମାନଯାତ୍ରୀ ବର୍ତ୍ତମାନ ସମୟରେ ଫ୍ଲାଇଟ୍‌ରେ ଲିକର ସର୍ଭ ବିରୋଧରେ ମତ ଦେଇଛନ୍ତି। ସେହିପରି ୮୯% ଲୋକ କହିଛନ୍ତି ଯେ, ବିମାନରେ ଲିକର ସର୍ଭ ସେବା ଦ୍ୱାରା ଫ୍ଲାଇଟ୍‌ରେ ଯେପରି ବିଶୃଙ୍ଖଳା ବାତାବରଣ ସୃଷ୍ଟି ନ ହେବ ସେ ଲାଗି ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବା ଉଚିତ। ୫୦%ଙ୍କ ମତ ବିମାନରେ ଯାତ୍ରା କରିବା ପୂର୍ବରୁ ନିଶାସକ୍ତ ଅବସ୍ଥାରେ ବିମାନକୁ ନ ଯିବା ଲାଗି ଏକ ବଣ୍ଡ ସାଇନ୍ କରିବା ଜରୁରୀ। ସେହିପରି ଯାତ୍ରୀମାନଙ୍କ ବ୍ରେଥ୍ ଆନାଲିସିସ୍ ଟେଷ୍ଟ କରିବାକୁ ୪୦% ଯାତ୍ରୀ କହିଥିବାବେଳେ ୨୧% ନିୟମରେ ପରିବର୍ତ୍ତନ ଚାହୁଁଛନ୍ତି।

ଉଭୟ ବିଜ୍‌ନେସ୍ କ୍ଲାସ ଓ ଇକୋନୋମିକ୍ ଶ୍ରେଣୀରେ ଏଭଳି ଘଟଣା ଘଟିବାର ଆଶଙ୍କା ରହିଛି। କାରଣ ଯାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ବହୁ ଏୟାର ଲାଇନ୍ସ ବିମାନରେ ବାର୍‌ର ସୁବିଧା କରିଥିବାବେଳେ ଯାତ୍ରୀଙ୍କୁ ବିଭିନ୍ନ ବ୍ରାଣ୍ଡର ମଦ ଯୋଗାଉଥିବା ଲୋକାଲ ସର୍କଲ୍‌ସ ପକ୍ଷରୁ କୁହାଯାଇଛି। ବିଶେଷ ଭାବେ ଦୂର ଯାତ୍ରା କରୁଥିବା ଯାତ୍ରୀମାନେ ବିମାନରେ ମଦ ପିଉଥିବାର ଦେଖିବାକୁ ମିଳିଛି। ଏହାଦ୍ୱାରା ଯାତ୍ରା ସମୟରେ ସେମାନଙ୍କୁ ବୋର୍ କିମ୍ବା ଥକାପଣ ଜଣାପଡ଼ି ନ ଥାଏ। କିନ୍ତୁ ଏ ନେଇ ଅନ୍ୟ ଯାତ୍ରୀମାନଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସହଯାତ୍ରୀଙ୍କ ଉପରେ ପରିସ୍ରା କରିବା ହୁଏତ ପ୍ରଥମ ଘଟଣା ହୋଇଥିବ କିନ୍ତୁ ନିଶାସକ୍ତ ଅବସ୍ଥାରେ ଯାତ୍ରୀ ଅନ୍ୟ ସହଯାତ୍ରୀଙ୍କୁ ଦୁର୍ବ୍ୟବହାର କରୁଥିବା ଅନେକ ସମୟରେ ଦେଖାଯାଇଛି।

ଗତ ନଭେମ୍ବର ୨୬ରେ ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଏୟାର୍ ଇଣ୍ଡିଆ ବିମାନରେ ଶଙ୍କର ମିଶ୍ରା ନାମକ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ଜଣେ ବୟସ୍କା ମହିଳାଙ୍କ ଉପରେ ପରିସ୍ରା କରିଥିଲେ। ଏ ନେଇ ବିମାନ କର୍ମଚାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ମହିଳାଜଣକ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଶନିବାର ପୋଲିସ ବିଭାଗୀୟ ଟିମ୍ ଶଙ୍କରଙ୍କୁ ଗିରଫ କରି ଦିଲ୍ଲୀର ଏକ କୋର୍ଟରେ ହାଜର କରିବା ପରେ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ଘଟଣାର ୧୦ ଦିନ ପରେ ଅର୍ଥାତ୍ ଡିସେମ୍ବର ୬ରେ ପ୍ୟାରିସରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଜଣେ ଯୁବକ ନିଶାରେ ଥାଇ ଆଉଜଣେ ମହିଳା ସହଯାତ୍ରୀଙ୍କ ବ୍ଲାଙ୍କେଟ୍‌ରେ ପରିସ୍ରା କରିଥିଲେ। ଏ ନେଇ ତାଙ୍କୁ ବିମାନବନ୍ଦର କର୍ତ୍ତୃପକ୍ଷ ଅଟକ ରଖିଥିବାବେଳେ ସେ ଲିଖିତ ଭାବେ କ୍ଷମା ମାଗିବା ପରେ ତାଙ୍କୁ ଛାଡ଼ିଦିଆଯାଇଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୯/୨୦୨୩ | Bhubaneswar, Monday, January 9/2023 | ପୃଷ୍ଠା-୧




**ଜୋକୋଭିଚ୍‌ଙ୍କୁ ଟାଇଟଲ**
ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଆଡିଲେଡ୍ ଇଣ୍ଟରନ୍ୟାଶନାଲ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।

୧୦

୦୮

**ପୁଅ ପାଇଁ ଛାଡ଼ିଲେ ସିଗାରେଟ୍**
ଟିଭି ଅଭିନେତା ଅର୍ଜୁନ ବିଜ୍‌ଲାନି ତାଙ୍କ ପୁଅ ପାଇଁ ସ୍ମୋକିଂ ଛାଡ଼ିଦେଇଥିବା ଏକ ସାକ୍ଷାତ୍କାରରେ କହିଛନ୍ତି।



# ଜୋଷୀମଠ ଭୂସ୍ଖଳନପ୍ରବଣ

**ଡେରାଡୁନ୍/ନୂଆଦିଲ୍ଲୀ,୮।୧**

ଦେବଭୂମି ରୂପେ ପରିଚିତ ଉତ୍ତରାଖଣ୍ଡର ଛୋଟ ସହର ଜୋଷୀମଠ ଉପରେ ବଡ଼ ବିପଦ ଦେଖାଦେଇଛି। ଚମୋଲି ଜିଲାର ଏହି ଅଞ୍ଚଳରେ ଲଗାତର ଭାବେ ଘର କାନ୍ଥ ଭାଙ୍ଗିବା ସହ ରାସ୍ତା ଧସିବାରେ ଲାଗିଥିବାରୁ ରବିବାର ଏହାକୁ 'ଭୂସ୍ଖଳନ ପ୍ରବଣ ଜୋନ୍' ଘୋଷଣା କରାଯାଇଛି। ହିମାଳୟ ପାଦରେ ତଥା ସମୁଦ୍ର ପତ୍ତନଠାରୁ ୬,୧୫୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ଜୋଷୀମଠ ପ୍ରତି ବିପତ୍ତି ମାଡ଼ିଆସିଥିବାରୁ ଲୋକେ ଆତଙ୍କିତ ହୋଇ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ୬୦ ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ଆହୁରି ଅନ୍ୟୂନ ୯୦ ପରିବାରକୁ ଅସ୍ଥାୟୀ ରିଲିଫ୍ କ୍ୟାମ୍ପକୁ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ହାଡ଼ଭଙ୍ଗା ଶୀତରେ ଲୋକଙ୍କ ପାଇଁ ବଞ୍ଚିବା ଦୁର୍ବିଷହ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ କରାଯାଇଛି।



ଜୋଷୀମଠ ସହରରେ ରାସ୍ତା ଫାଟି ଯାଇଛି।

- ରାସ୍ତା, କାନ୍ଥ ଫାଟି ଆଁ କଲାଣି
- ଫାଟ ବ୍ୟବଧାନ ବଢ଼ିବା ଚିନ୍ତାର କାରଣ
- ଅସ୍ଥାୟୀ ଶିବିରରେ ୧୫୦ ପରିବାର
- ମୁଖ୍ୟମନ୍ତ୍ରୀଙ୍କୁ ସହାୟତା ପ୍ରତିଶ୍ରୁତି ଦେଲେ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କୁ ଫୋନ୍ କରି ସବୁ ପ୍ରକାର ସହାୟତା ପ୍ରଦାନର ପ୍ରତିଶ୍ରୁତି ଦେଇଛନ୍ତି। ବିଶେଷଜ୍ଞ ଦଳ ବାରମ୍ବାର ଭୂସ୍ଖଳନ ଓ ଫାଟ ସୃଷ୍ଟିର କାରଣ ଖୋଜିବା ଅଭିଯାନକୁ ଜୋରଦାର କରିଛନ୍ତି। ଇତିମଧ୍ୟରେ ସ୍ଥାନୀୟ ଲୋକଙ୍କ ଧନଜୀବନ ରକ୍ଷା ଲାଗି ଅଦାଲତଙ୍କ ☞ପୃଷ୍ଠା-୨

## ପିଏମ୍‌ଓ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା

**ନୂଆଦିଲ୍ଲୀ,୮।୧**

ଉତ୍ତରାଖଣ୍ଡର ଜୋଷୀମଠରେ ଦେଖାଦେଇଥିବା ସଙ୍କଟର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ରବିବାର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ


ପି.କେ. ମିଶ୍ର

- କେନ୍ଦ୍ରୀୟ ଏଜେନ୍ସି ତତ୍ପର
- ଆଜି ଜୋଷୀମଠ ଯିବ ଏନ୍‌ଡିଏମ୍‌ଏ ଟିମ୍

ହୋଇଯାଇଛି। ସାମ୍ପ୍ରତିକ ସଙ୍କଟର ସମାଧାନ ପାଇଁ ସ୍ୱଳ୍ପ, ମଧ୍ୟମ ଏବଂ ଦୀର୍ଘ ମିଆଦୀ ଯୋଜନା ☞ପୃଷ୍ଠା-୨

# ୨ ଡିଗ୍ରୀରେ ଥରୁଛି ସେମିଳିଗୁଡ଼ା

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

କିଛିଦିନର ବ୍ୟବଧାନ ପରେ ରାଜ୍ୟରେ ପୁଣି ଶୀତ ବଢ଼ିଛି। ତିନିଦିନ ହେବ ତାପମାତ୍ରା ଆହୁରି କମିବା ସହ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଦିନରେ ଉତ୍ତରା ପବନ ଦେହମୁହଁ ଶୁଖାଇ ଦେଉଥିବାବେଳେ ସୂର୍ଯ୍ୟତାପ କମିବାକ୍ଷଣି ହାଡ଼ଥରା ଜାଡ଼ ମାଡ଼ି ଆସୁଛି। ରବିବାର ରାଜ୍ୟର ୨୧ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। କୋରାପୁଟ ଜିଲାର ସେମିଳିଗୁଡ଼ା ସବୁଠୁ ଥଣ୍ଡା ସହରରେ ପରିଣତ ହୋଇଥିଲା। ସେଠାରେ

### ୧୦ଡିଗ୍ରୀ ତଳେ ୨୧ ସହର

ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରୀକୁ ଖସି ଆସିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କିରେଇରେ ସର୍ବନିମ୍ନ ତାପମାତ୍ରା ୪.୪ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଜି. ଉଦୟଗିରି ୪.୬, ଫୁଲବାଣୀ ୫, ରାଉରକେଲା ୬.୪, ସୁନ୍ଦରଗଡ଼ ୬.୫, କୋରାପୁଟ ୬.୫, ଝାରସୁଗୁଡ଼ା ୬.୬, ଦାରିଙ୍ଗବାଡ଼ି ୬.୭, କେନ୍ଦୁଝର ୭.୨, ଭବାନୀପାଟଣା ୭.୨, ଢେଙ୍କାନାଳ ୮, ସୋନପୁର ୮.୫, ଅନୁଗୋଳ ୮.୬, ବାରିପଦା ୯, ନବରଙ୍ଗପୁର ୯, ସମ୍ବଲପୁର ୯.୩, ରାଣୀତାଲ ୯.୪, ଭଦ୍ରକ ୯.୫, ମହିଷାପାଟ ୯.୫ ଓ ହୀରାକୁଦରେ ୯.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ଏଥିସହ ଆସନ୍ତା ୨୪ ଘଣ୍ଟା ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଲହରି ଜାରି ରହିବ। ବିଶେଷକରି ଝାରସୁଗୁଡ଼ା, ଦେବଗଡ଼ ଓ ଅନୁଗୋଳ ଜିଲାରେ ଏହା ଅଧିକ ଅନୁଭୂତ ହେବ। ଏଥିପାଇଁ ଏହି ତିନି ଜିଲାକୁ ଶୀତ ଲହରି ନେଇ ୟେଲୋ ୱାର୍ନିଂ ଜାରି ☞ପୃଷ୍ଠା-୨

## ଟ୍ୟାଙ୍କର ଧକ୍କାରେ ଚାଲିଗଲା ୩ ସାଙ୍ଗଙ୍କ ଜୀବନ

**ଭବାନୀପାଟଣା,୮।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଧୀନ ବେଲାମାଲ ଛକ ନିକଟ ୨୬ ନମ୍ବର ଜାତୀୟ ରାଜପଥ ଉପରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଉତ୍‌କେଲାଠାରେ କ୍ରିକେଟ୍ ଖେଳି ଏକ ବାଇକ୍‌ରେ ଆସୁଥିବା ୩ ଜଣ ସାଙ୍ଗଙ୍କୁ ଗ୍ୟାସ ବୋଝେଇ

**କ୍ରିକେଟ ଖେଳି ଫେରିଲାବେଳେ ଦୁର୍ଘଟଣା**

ଟ୍ୟାଙ୍କର ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଡକାବାହାଲି ଗ୍ରାମର ଅକ୍ଷୟ ଗୌଡ଼ (୨୧), ରତ୍ନାକର ଗୌଡ଼ (୨୩) ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଧର୍ମ ନୁହେଁ, ଜାତି**

**ଆଜିର ମନ୍ତବ୍ୟ**

"ଦେଶର ମେରୁଦଣ୍ଡ କୁହାଯାଉଥିବା କୃଷକଙ୍କୁ କେନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ ଅଣଦେଖା କରୁଛି। ତୈଳ ଓ ସାର ଦର ବୃଦ୍ଧି ଦ୍ୱାରା ଚାଷୀ ପ୍ରଭାବିତ ହେଉଛନ୍ତି। ସେମାନଙ୍କୁ ସୁରକ୍ଷା ଦେବା ଆମ ଦାୟିତ୍ୱ।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲ ବନ୍ଧୁ ଭଲ କଲ**
**ଦାଣ୍ଡେ ହୋଇଲ ଠିଆ।**
**ପାଣି ମୁନ୍ଦେ ଦିଅନ୍ତି ବନ୍ଧୁ**
**ଦଦରା ମାଠିଆ।।**

କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ବନ୍ଧୁକୁ ବନ୍ଧୁ ଭଳି ନୁହେଁ ବରଂ ତାଙ୍କ ପ୍ରତିପତ୍ତି ଦେଖି ବନ୍ଧୁ ହେବା ଯୋଗ୍ୟ କି ନୁହେଁ ତାହା ସ୍ଥିର କରିଥାନ୍ତି। ଏ ପରିସ୍ଥିତିରେ ବନ୍ଧୁ ଯଦି ଅପେକ୍ଷାକୃତ ଗରିବ ହୋଇଥାଏ, ତା' ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି। ଗରିବ ବନ୍ଧୁ ପ୍ରତି ଚର୍ଚ୍ଚା କରିବା ନେଇ କୁତ୍ସିତ ମନୋଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଫୁଲା ଗଇଣ ଫୁଲୁଛୁ କେତେ?**
**ଫୁଲିବାକୁ ଦିନ ନାହିଁକି ତତେ?**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ନଥିବା ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡ଼ମ୍ବର ଦେଖେଇ ହୁଅନ୍ତି। ତେବେ ତୁଚ୍ଛାକୁ ଗର୍ବ କରିବସୁଥିବା ବ୍ୟକ୍ତିଙ୍କ ଏପରି ଭାବଭଙ୍ଗୀ ପର ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ଅନ୍ୟ ଆଗରେ ନିଜର ଫୁଲାଣିଆଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ସୁନ୍ଦର ଓଡ଼ିଶା ଗଠନ ଲାଗି ଏକାଠି କାମ କରିବା: ମୁଖ୍ୟମନ୍ତ୍ରୀ



ମହୋତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର, ବିଧାୟକ ଦେବୀ ପ୍ରସାଦ ମିଶ୍ର ଏବଂ ଅନ୍ୟ ଅଥିତି। (ଫଟୋ- ଯଜ୍ଞେଶ୍ୱର)

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନର ୧୦୧ତମ ବର୍ଷ ପୂର୍ତ୍ତି ଉତ୍ସବ

ପୁରୀ ଅଫିସ, ୮।୧

ସତ୍‌ସଙ୍ଗ ଆଜି ଦେଶର ଏକ ବଡ଼ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଆନ୍ଦୋଳନରେ ପରିଣତ ହୋଇଛି। ସତ୍‌ସଙ୍ଗରେ ଲକ୍ଷ ଲକ୍ଷ ଅନୁଗାମୀ ସମାଜର କଲ୍ୟାଣ ପାଇଁ ନିଜକୁ ସାମିଲ କରିଛନ୍ତି। ଏହା ବଡ଼ ଖୁସିର କଥା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନର ଶତବର୍ଷ ପୂର୍ତ୍ତି ଅବସରରେ ସମସ୍ତେ ମିଳିମିଶି ଏକ ସୁନ୍ଦର ଓଡ଼ିଶା ଏବଂ ସୁନ୍ଦର ଭାରତ ଗଠନ ଲାଗି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି।

ପୁରୀ ତାଳବଣିଆ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ରବିବାର ଆୟୋଜିତ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ଉତ୍କଳ ଆଗମନୀ ସ୍ମୃତି ଶତବର୍ଷ ଉତ୍ସବ ଏବଂ ୧୦୧ ତମ ଶୁଭାଗମନ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ ପ୍ରଥମେ 'ଜୟ ଜଗନ୍ନାଥ' ଓ 'ଜୟଗୁରୁ' କହି ଉଦ୍‌ବୋଧନ ଆରମ୍ଭ କରିଥିଲେ। ସେ କହିଥିଲେ, ଆଜକୁ ଶହେ ଏକ ବର୍ଷ ତଳେ ୧୯୨୩ ମସିହା ଜାନୁୟାରୀ ୨ତାରିଖରେ ବିଶ୍ୱର ଅନନ୍ୟ ଆଧ୍ୟାତ୍ମିକ ପୀଠ ଉତ୍କଳର ପୁରୀ ମାଟିରେ ଠାକୁର ଅନୁକୂଳଚନ୍ଦ୍ର ପଦାର୍ପଣ କରିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପିତା ଜାନକୀ ନାଥ ବୋଷ ଏବଂ ମାତା ପ୍ରଭାବତୀ ଦେବୀଙ୍କ ଆମନ୍ତ୍ରଣ ଓ ଅନୁରୋଧ କ୍ରମେ ଠାକୁର ଅନୁକୂଳଚନ୍ଦ୍ର ପଶ୍ଚିମବଙ୍ଗରୁ ପୁରୀ ଆସି ମାସାଧିକ କାଳ ରହି ତାଙ୍କର ଦିବ୍ୟ ଲୀଳାରେ ସଭିଙ୍କୁ ଆକର୍ଷିତ କରିଥିଲେ। ଉତ୍କଳ ମାଟିରେ ପୁରୁଷୋତ୍ତମଙ୍କ ସେହି ପଦାର୍ପଣ ସ୍ମୃତିର ପୁଲକ ଆଜି ପ୍ରତ୍ୟେକଙ୍କ ପ୍ରାଣକୁ ଭକ୍ତି ରସାଣିତ କରିଛି। ସମାଜ ସେବାରେ ସତ୍‌ସଙ୍ଗର ଲକ୍ଷ ଲକ୍ଷ ଭକ୍ତ ନିଜକୁ ସାମିଲ କରିଛନ୍ତି। ଏହା ବଡ଼ ଖୁସିର କଥା। ଏହି ଅବସରରେ ଏକ ସୁନ୍ଦର ଓଡ଼ିଶା ଏବଂ ସୁନ୍ଦର ଭାରତ ଗଠନ ପାଇଁ ସମସ୍ତେ ଏକାଠି କାମ କରିବାକୁ ଆଗେଇ ଆସନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ପ୍ରାୟ ୧୧ଟା ୨୫ ମିନିଟ୍‌ରେ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ପୁରୀ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିଥିଲେ। ସେଠାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସଭାସ୍ଥଳରେ ୧୧ଟା ୩୦ରେ ପହଞ୍ଚିଥିଲେ। ପରେ ସେ ଠାକୁରଙ୍କୁ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଯୋଗଦେଇ କହିଥିଲେ, କର୍ମ କରିବା ଆମର ଅଧିକାର। ପ୍ରଭୁଙ୍କୁ ଭାଗ୍ୟ ଓ ଫଳ ସମର୍ପଣ କରିବା ଉଚିତ। ଠାକୁରଙ୍କ ଉତ୍କଳ ଆଗମନର ଶହେ ବର୍ଷ ପୂର୍ତ୍ତି ସମସ୍ତଙ୍କୁ ସତ୍‌କର୍ମ ଓ ନିଷ୍ଠାବାନ ହେବାକୁ ପ୍ରେରଣା ଦେବ ବୋଲି ସେ କହିଥିଲେ। ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ପରମ ପ୍ରେମମୟ ଠାକୁର ନିଜ କାର୍ଯ୍ୟକଳାପ, ଜୀବନୀ ଓ ଆଦର୍ଶର ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ମାନବ ଜାତିକୁ ସଂସ୍କାର ଓ ସୁସ୍ଥ ସମାଜ ପାଇଁ ମାର୍ଗଦର୍ଶନ କରାଇ ଚାଲିଥିବ ବୋଲି କହିଥିଲେ। ସଭାରେ ସତ୍‌ସଙ୍ଗ ସହସମ୍ପାଦକ ପ୍ରତି ଋତ୍ୱିକ୍ ଡା. ବିନାୟକ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସତ୍‌ସଙ୍ଗ ଦେଓଘର ପ୍ରଚାର କମିଟିର ଉପାଧ୍ୟକ୍ଷ ଯତୀନ୍ଦ୍ରନାଥ ମହାନ୍ତି, ଆୟକର ବିଭାଗର ପୂର୍ବତନ ମହାନିର୍ଦ୍ଦେଶକ ତଥା ଉତ୍ସବ କମିଟି ସଭାପତି ଡ. ନୃସିଂହ ପ୍ରସାଦ ତ୍ରିପାଠୀ ମଞ୍ଚାସୀନ ଥିଲେ। ଉତ୍ସବ କମିଟିର ସମ୍ପାଦକ ଉମ୍ବରୁଧର ଦାସ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ୭୦ ହଜାରରୁ ଊର୍ଦ୍ଧ୍ୱ ଅନୁଗାମୀଙ୍କ ସମାଗମ ହୋଇଥିଲା।

ଉତ୍କଳ ଆଗମନୀ ସ୍ମୃତି କମିଟି ତରଫରୁ ଆୟୋଜିତ ଏହି ବିଶାଳ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତ୍ୟୁଷରୁ ବେଦ, ମାଙ୍ଗଳିକ, ନହବତ, ଉଷା କୀର୍ତ୍ତନ, ଉଷା ବିନତୀ ପ୍ରାର୍ଥନା ଓ ସଦ୍‌ଗ୍ରନ୍ଥାଦି ପାଠ ପରେ ସକାଳ ୭ଟା୩୦ରେ ଉତ୍ସବର ଉଦ୍‌ଘାଟନୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଉତ୍ସବ କମିଟିର ସମ୍ପାଦକ ତଥା ସହପ୍ରତିଋତ୍ୱିକ ଉମ୍ବରୁଧର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ଉଦ୍‌ଘାଟକ ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ଉପସ୍ଥିତ ଥିଲେ। ବିଶିଷ୍ଟ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ସମ୍ମାନିତ ଅତିଥି ଭାବେ ସତସଙ୍ଗ ଦେଓଘରର ସହସମ୍ପାଦକ ଶିବାନନ୍ଦ ପ୍ରସାଦ, ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପୌରପାଳିକା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇଥିଲେ। ପ୍ରାରମ୍ଭରେ ଓଏୟୁଟି ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଡିନ୍ ତଥା ଉତ୍ସବ କମିଟିର ଉପସଭାପତି ଡ. ହୃଷୀକେଶ ସେନାପତି ସ୍ୱାଗତ ଭାଷଣ ଦେଇଥିଲେ। ସକାଳ ୮ଟା ୩୦ରେ ପୁରୀ ଠାକୁରବାଡ଼ି ପରିସରରୁ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଅନୁଗାମୀଙ୍କ ମେଳରେ ରଥାରୂଢ଼ ଶ୍ରୀ ଶ୍ରୀ ଠାକୁର, ଶ୍ରୀ ଶ୍ରୀ ବଡ଼ମା' ଏବଂ ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ବଡ଼ଦାଙ୍କ ଶ୍ରୀବିଗ୍ରହକୁ ବିଶାଳ ଶୋଭାଯାତ୍ରାରେ ଉତ୍ସବସ୍ଥଳକୁ ନିଆଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟସେବା ଶିବିର ଓ ଆଲୋକ ଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

# ପ୍ରଫେସର ବିଧୁଭୂଷଣ ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟ ନୂଆ କୁଳପତି

ଭୁବନେଶ୍ୱର/ସମ୍ବଲପୁର, ୮।୧(ବ୍ୟୁରୋ)

ପ୍ରଫେସର ବିଧୁଭୂଷଣ ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି। କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ୪ ବର୍ଷ ପାଇଁ ଏହି ନିଯୁକ୍ତି ଦେଇଛନ୍ତି। ଏ ନେଇ ରବିବାର ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଅଧ୍ୟାପନା କ୍ଷେତ୍ରରେ ପ୍ରଫେସର ମିଶ୍ରଙ୍କର ୩୪ ବର୍ଷର ଅଭିଜ୍ଞତା ରହିଛି। ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଡିପାର୍ଟମେଣ୍ଟ ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନର ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ। ପ୍ରଫେସର ମିଶ୍ର ୯ଟି ପୁସ୍ତକ ରଚନା କରିଛନ୍ତି। ଏହାସହ ଏକାଧିକ ପ୍ରମୁଖ ଜର୍ନାଲରେ ତାଙ୍କର ୧୨୨ଟି ଲେଖା ପ୍ରକାଶିତ ହୋଇଛି। ତାଙ୍କ ମାର୍ଗଦର୍ଶନରେ ୩୯ଜଣ ପିଏଚ୍‌ଡି, ୩ଜଣ ଏମ୍‌ଫିଲ୍ ଓ ଜଣେ ଡିଲିଟ୍ ଡିଗ୍ରୀ ପାଇଛନ୍ତି।



ନୂଆ ନିଯୁକ୍ତି ପରେ ପ୍ରଫେସର ମିଶ୍ର କହିଛନ୍ତି, ମା'ଙ୍କ ଆଶୀର୍ବାଦ ନେଇ କାମ କରିବି। ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ସମସ୍ତଙ୍କ ସହ ଆଲୋଚନା କରି ପରାମର୍ଶ ନେବି। ବିଶ୍ୱବିଦ୍ୟାଳୟର ରହିଥିବା ସୁନାମକୁ ଆଗେଇ ନେବା ସହ ଉତ୍ତମ ଶିକ୍ଷାଦାନ, ଗୁଣାତ୍ମକ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା ଆଦି ସମସ୍ତ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିବାଦୀୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଇସ୍ତଫା ଦେବାପରେ ପ୍ରାୟ ୧୦ ମାସ ହେବ ଏହି ପଦବୀ ଖାଲି ପଡ଼ିଥିଲା। ପ୍ରଫେସର ମିତ୍ତଲ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଦାୟିତ୍ୱ ନେବା ଦିନଠାରୁ ନାନା ପ୍ରକାର ବିବାଦରେ ଛନ୍ଦି ହୋଇପଡିଥିଲେ। ଆର୍ଥିକ ଅନିୟମିତତା, କ୍ୟାମ୍ପସ୍‌ରୁ ବେଆଇନ ଗଛକଟା, ଚୁକ୍ତିଭିତ୍ତିକ କର୍ମଚାରୀ ଦୀନବନ୍ଧୁ ମିଶ୍ରଙ୍କ ଆତ୍ମାହୁତି ମାମଲାରେ ମୁଖ୍ୟ ଅଭିଯୁକ୍ତ ହେବା, ସମ୍ବଲପୁର ଲଜପତ୍ ରାୟ ଆଇନ ମହାବିଦ୍ୟାଳୟର ସ୍ଥାୟୀ ଅଧ୍ୟକ୍ଷଙ୍କୁ ହଟାଇ ଅତିଥି ଅଧ୍ୟାପକଙ୍କୁ ଦାୟିତ୍ୱ ଦେବା, ମହାବିଦ୍ୟାଳୟ ପାଣ୍ଠିକୁ ବିଶ୍ୱବିଦ୍ୟାଳୟ ଖାତାକୁ ସ୍ଥାନାନ୍ତର କରିବା, ପୁସ୍ତକ କିଣାରେ ହେରଫେର, ସମାବର୍ତ୍ତନ ଉତ୍ସବରେ ଜଣେ ବ୍ୟବସାୟୀଙ୍କୁ ଡକ୍ଟରେଟ୍ ଦେବା, ସ୍ୱର୍ଣ୍ଣ ପଦକରେ ସୁନାର ପରିମାଣ କମ୍ ରହିବା ଓ ସ୍ୱଚ୍ଛ ବିଶ୍ୱବିଦ୍ୟାଳୟ ଅଭିଯାନ ପାଣ୍ଠିର ପ୍ରାୟ ୨୯ ଲକ୍ଷ ଟଙ୍କା ନିଜ ସ୍ତ୍ରୀ ଓ ପୁଅଙ୍କ ବ୍ୟାଙ୍କ୍ ଖାତାକୁ ସ୍ଥାନାନ୍ତର ଆଦି ବିଭିନ୍ନ ଅଭିଯୋଗ ତାଙ୍କ ନାମରେ ଆସିଥିଲା। ଏହାପରେ ପ୍ରଫେସର ମିତ୍ତଲ ଗତବର୍ଷ ଜୁଲାଇରୁ ଛୁଟିରେ ରହିଥିଲେ। ତେବେ ଗତବର୍ଷ ଅଗଷ୍ଟ ୨୮ରେ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ସେପ୍ଟେମ୍ବର ୩ରେ କୁଳାଧିପତି ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିବା ସହିତ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଚେୟାରମ୍ୟାନ ଡ. ସଞ୍ଜୁକ୍ତା ଦାସଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ନିଯୁକ୍ତି ଦେଇଥିଲେ। ନିୟମିତ କୁଳପତି ନିଯୁକ୍ତ ନ ହେବା କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ ବୋଲି କୁଳାଧିପତି କହିଥିଲେ।

# ଆଜି ଚାର୍ଜଶିଟ୍ ଦାଖଲ କରିବ ଇଡି

## ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା

ଭୁବନେଶ୍ୱର, ୮।୧(ବ୍ୟୁରୋ)

ବେଆଇନ ଅର୍ଥ କାରବାର ମାମଲାରେ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ର ଝାରପଡ଼ା ଜେଲରେ ରହିଛନ୍ତି। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏହି ତିନି ଅଭିଯୁକ୍ତଙ୍କ ବିରୋଧରେ ସୋମବାର କୋର୍ଟରେ ୧୩୦୦ ପୃଷ୍ଠାର ପ୍ରାଥମିକ ଚାର୍ଜଶିଟ ଦାଖଲ କରାଯିବ। ଏଥିସହ ଜେରା ହୋଇଥିବା ସମସ୍ତ ବ୍ୟକ୍ତିଙ୍କ ଅଡିଓ ଓ ଭିଡିଓ ରେକର୍ଡ ମଧ୍ୟ ଇଡି ଦାଖଲ କରିବ ବୋଲି ସୂଚନା ମିଳିଛି। ଏହି ମାମଲାରେ ଇଡି ଅର୍ଚ୍ଚନା ଓ ଖଗେଶ୍ୱରଙ୍କୁ ଦୁଇଟି ପର୍ଯ୍ୟାୟରେ ଓ ଜଗବନ୍ଧୁଙ୍କୁ ଗୋଟିଏ ପର୍ଯ୍ୟାୟରେ ରିମାଣ୍ଡରେ ଆଣି ଜେରା କରିଥିଲା। ଏଥିସହ ସିନେ ପ୍ରଯୋଜକ ଅକ୍ଷୟ ପରିଜା, ପ୍ରମୋଦ ସ୍ୱାଇଁ, ଶ୍ରଦ୍ଧାଞ୍ଜଳି



ବେହେରା, ସୁନା ଦୋକାନୀ, ଠିକାଦାର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଖଗେଶ୍ୱରଙ୍କ ସ୍ତ୍ରୀଙ୍କ ସମେତ ୧୫ରୁ ଅଧିକ ବ୍ୟକ୍ତିଙ୍କୁ ଇଡି ଜେରା କରି ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ପ୍ରସଙ୍ଗରେ ବହୁ ପ୍ରମାଣ ପାଇଛି। ନିକଟରେ ଝାରପଡ଼ା ଜେଲରେ ଅର୍ଚ୍ଚନା ଓ ଖଗେଶ୍ୱରଙ୍କୁ ଡିଜିଟାଲ ପ୍ରମାଣପତ୍ର ସଂକ୍ରାନ୍ତରେ ମଧ୍ୟ ପଚରାଉଚରା କରିଥିଲା। ଇଡି ଉକ୍ତ ଚାର୍ଜଶିଟ୍‌ରେ ବେଆଇନ ଅର୍ଥ କାରବାରର ସମସ୍ତ ଦିଗକୁ ନେଇ ପ୍ରମାଣ ରଖିଥିବା କୁହାଯାଉଛି।

ଉଲ୍ଲେଖଯୋଗ୍ୟ, ଇଡି ସମସ୍ତ ୩ଜଣଙ୍କ ସମ୍ପତ୍ତି ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ଏଥିପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି ରଖିଛି। ଆସନ୍ତା ୧୩ ତାରିଖରେ ଏନେଇ କୋର୍ଟରେ ଶୁଣାଣି ହେବାକୁ ଥିବାବେଳେ ଅଭିଯୁକ୍ତମାନେ ଏନେଇ ସେମାନଙ୍କ ପକ୍ଷ ରଖିବେ। ଅନ୍ୟପଟେ ଅର୍ଚ୍ଚନାଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଜାମିନ ଆବେଦନର ରାୟ ଆଗାମୀ ଦିନରେ ଆସିବ ବୋଲି ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାରୁ...

### ଯୋଷୀମଠ ଭୂସ୍ଖଳନ ...

ହସ୍ତକ୍ଷେପ ଲୋଡ଼ାଯାଇଛି। ଯୋଷୀମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଥିବାବେଳେ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ଗଠନ ଲାଗି ନିର୍ଦ୍ଦେଶ ଦେବା ସକାଶେ ଆଇନଜୀବୀ ରୋହିତ ଦନ୍ଦ୍ରିୟାଲ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଯୋଷୀମଠର କାନ୍ଥବାଡ଼, ରାସ୍ତା ଆଦିରେ ବଢୁଥିବା ଫାଟ କେବଳ ଉତ୍ତରାଖଣ୍ଡ ପାଇଁ ନୁହେଁ, ବରଂ କେନ୍ଦ୍ର ସରକାରଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ବିଶେଷକରି ଗତ ସପ୍ତାହରୁ ସ୍ଥିତି ଅଧିକ ଖରାପ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସବୁ ସ୍ତରରେ ଉଦ୍ୟମ ଚାଲିଛି। ୪-୫ଟି ସ୍ଥାନରେ ଅସ୍ଥାୟୀ ରିଲିଫ୍ କ୍ୟାମ୍ପ୍ ନିର୍ମାଣ କରି ସେଠାକୁ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି ବୋଲି ଗଡ଼ୱାଲ କମିଶନର ସୁଶୀଲ କୁମାର ସୂଚନା ଦେଇଛନ୍ତି। ଗୁରୁବାରଠାରୁ ଯୋଷୀମଠରେ ଥିବା ଚମୋଲି ଜିଲାପାଳ ହିମାଂଶୁ ଖୁରାନା ପ୍ରଭାବିତ ଅଞ୍ଚଳରେ ଘର ଘର ବୁଲି କ୍ଷୟକ୍ଷତିର ଆକଳନ କରିବା ସହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ବୁଝାଶୁଝା କରିଛନ୍ତି। ଯୋଷୀମଠକୁ ଭୂସ୍ଖଳନ ପ୍ରବଣ ଜୋନ୍ ଭାବେ ଘୋଷଣା କରାଯାଇଛି। ଯଥାଶୀଘ୍ର ସମ୍ଭବ ଅନ୍ୟ ୯୦ ପରିବାରକୁ ସ୍ଥାନାନ୍ତର କରାଯିବ। ସେ କହିଛନ୍ତି, ଯୋଷୀମଠରେ ୪,୫୦୦ କୋଠା ଥିବାବେଳେ ସେଥିରୁ ୬୧୦ ବିଲ୍ଡିଂରେ ବଡ଼ କ୍ରାକ୍ ସୃଷ୍ଟି ହୋଇଛି। ଫଳରେ ସେଗୁଡ଼ିକ ଆଉ ବାସୋପଯୋଗୀ ହୋଇ ରହିନାହିଁ। ଆଉ ଏକ ବୃହତ୍ ଅର୍ଦ୍ଧଗୋଲାକାର ଫାଟ ଦେଖାଦେଇଛି, ଯାହାକି ୧.୫ କି.ମି. ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପିପାରେ ବୋଲି ସେ ସତର୍କ କରାଇଛନ୍ତି। କେତୋଟି ହୋଟେଲ, କଲେଜ ଓ ଗୁରୁଦ୍ୱାରାରେ ମଧ୍ୟ ଲୋକଙ୍କ ଆଶ୍ରୟ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଭଡ଼ାଘରେ ରହିବା ପାଇଁ ଚାହୁଁଥିବା ଲୋକଙ୍କୁ ମାସିକ ୪,୦୦୦ ଟଙ୍କା ଲେଖାଏ ୬ ମାସ ପର୍ଯ୍ୟନ୍ତ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଯୋଷୀମଠ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଧାମିଙ୍କୁ ଫୋନ୍ କରି ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ସଙ୍କଟ ସମୟରେ ସବୁ ପ୍ରକାର ସହାୟତା ପ୍ରଦାନର ପ୍ରତିଶ୍ରୁତି ଦେଇଛନ୍ତି। ବଦ୍ରୀନାଥ ଓ ହେମକୁଣ୍ଡ ସାହିବର ପ୍ରବେଶପଥ ଭାବେ ଖ୍ୟାତ ଯୋଷୀମଠ ସ୍ଥିତି ଉପରେ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ନଜର ରଖିଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ରିମୋଟ ସେନ୍ସିଂ ସେଣ୍ଟର ଏବଂ ଡେରାଡୁନ୍‌ର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିମୋଟ ସେନ୍ସିଂକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ଉପଗ୍ରହରୁ ସଂଗୃହୀତ ଚିତ୍ର ଓ ଅନ୍ୟ ଅଧ୍ୟୟନ ଆଧାରରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ ବା ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆକୁ ଯୋଷୀମଠରେ ଥିବା କୋଟି ଫାର୍ମ, ହର୍ବ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଉଦ୍ୟାନ ବିଭାଗର ମୃତ୍ତିକା ପରୀକ୍ଷଣ କରିବାକୁ କୁହାଯାଇଛି।

### ପିଏମ୍‌ଓ ଉଚ୍ଚସ୍ତରୀୟ ...

ପ୍ରଣୟନ କରି ରିପୋର୍ଟ ଦେବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ଗୋଟିଏ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)ର ୪ ଟିମ୍‌କୁ ପ୍ରଭାବିତ ଅଞ୍ଚଳକୁ ଉଦ୍ଧାର ଓ ଥଇଥାନ ପାଇଁ ପଠାଯାଇଛି। ସେହିପରି ଜାତୀୟ ବିପର୍ଯ୍ୟୟ ମୁକାବିଲା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ଟିମ୍‌କୁ ସୋମବାର ସ୍ଥିତି ସମୀକ୍ଷା ପାଇଁ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରିବାକୁ କୁହାଯାଇଛି। ଏନ୍‌ଡିଏମ୍‌ଏ ସହ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ(ଏନ୍‌ଆଇଡିଏମ୍), ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ, ଆଇଆଇଟି ରୁକି, ୱାଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ୍ ଜିଓଲୋଜି, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଡ୍ରୋଲୋଜି ଏବଂ ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌କୁ ମଧ୍ୟ ସ୍ଥିତି ସମୀକ୍ଷା ପରେ ଆବଶ୍ୟକ ପଦକ୍ଷେପ ନେବା ସକାଶେ ସୁପାରିସ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବୈଠକରେ ପି.କେ. ମିଶ୍ରଙ୍କୁ ଉତ୍ତରାଖଣ୍ଡ ମୁଖ୍ୟ ଶାସନ ସଚିବ ସୁଖବୀର ସିଂ ସାନ୍ଧୁ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଚମୋଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ଅନ୍ୟ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସ ଜରିଆରେ ସାମିଲ ହୋଇଥିଲେ।

### ଟ୍ୟାଙ୍କର ଧକ୍କାରେ ...

ଓ ରଘୁ ଗୌଡ଼ (୨୩)। କ୍ଷତିପୂରଣ ଦାବିରେ ସେଠାରେ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ ଓ ମୃତକଙ୍କ ସମ୍ପର୍କୀୟମାନେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଫଳରେ କେସିଙ୍ଗା-ଭବାନୀପାଟଣା ମଧ୍ୟରେ ଯାତାୟାତ ବନ୍ଦ ରହିଛି। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି। ସୂଚନାଯୋଗ୍ୟ ଯେ, ସମ୍ପୃକ୍ତ ୩ ଯୁବକ ସ୍ଥାନୀୟ ଉତ୍କେଲାରୁ କ୍ରିକେଟ ଖେଳି ବାଇକ୍ (ନଂ.ଓଡି୦୮ଜେ-୦୮୬୬)ରେ ଗାଁକୁ ଫେରୁଥିଲେ। ଏହି ସମୟରେ ବେଲାମାଲ ଛକ ନିକଟରେ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର (ନଂ.ଟିଏନ୍୮ସି-୩୫୮୫) ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଘଟିଥିଲା।


କୋରାପୁଟ ମ୍ୟୁନିସିପାଲିଟି ଅଧୀନ ରେଲିକୁମ୍ଭା ଗ୍ରାମ ଧାନଖଳାରେ ରବିବାର ଭୋର ସମୟରେ ହୋଇଥିବା ତୁଷାରପାତ।

### ୨ ଡିଗ୍ରୀରେ ଥରୁଛି ....

କରାଯାଇଛି। ଲୋକଙ୍କୁ ରାତିରେ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ କେନ୍ଦ୍ର କହିଛି, ଯଦିଓ ଏହି ସମୟରେ ଶୀତ ସହନୀୟ, ତଥାପି ବୟସ୍କ ବ୍ୟକ୍ତି ଓ ଛୋଟପିଲା ବାହାରକୁ ନ ବାହାରିବା ଭଲ। ବିଶେଷକରି ରାତି ଓ ପାହାନ୍ତା ସମୟରେ ବାଇକ୍ ବା ଖୋଲା କାର୍‌ରେ ନ ବୁଲିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ସେହିପରି ଗୃହପାଳିତ ପଶୁଙ୍କୁ ଖୋଲାରେ ନ ରଖି ଆବଶ୍ୟକ ଗୃହରେ ରଖିବାକୁ କୁହାଯାଇଛି। ଅପରପକ୍ଷେ ଆସନ୍ତା ଦୁଇଦିନ ଧରି ଓଡ଼ିଶାର କିଛି ସ୍ଥାନରେ ଶୀତର ପ୍ରକୋପ ଜାରି ରହିବ। ବର୍ତ୍ତମାନ ରାତିରେ ଯେଉଁ ତାପମାତ୍ରା ରହୁଛି, ସେଥିରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ପରବର୍ତ୍ତୀ ସମୟରେ ତାପମାତ୍ରା ଧୀରେ ଧୀରେ ବୃଦ୍ଧି ପାଇବା ସହ ଶୀତ କମିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆରମ୍ଭ କରିଥିବା କାମରେ ସଫଳତା ହାସଲରେ ସମର୍ଥ ହେବେ। ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ସେତେଟା ଭଲ ଫଳ ମିଳିବ ନାହିଁ। ପାରିବାରିକ ସ୍ତରରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। କୌଣସି ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେଇପାରନ୍ତି।

**ବୃଷ** - ଦୈହିକ ଦୁର୍ବଳତା ଯୋଗୁ କୌଣସି କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ଆତ୍ମୀୟଙ୍କ ସହଯୋଗରୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସ୍ତ୍ରୀଙ୍କ ପ୍ରୋତ୍ସାହନରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମିଥୁନ** - କର୍ମକ୍ଷେତ୍ରରେ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କରିବେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ସମ୍ଭାବନା ରହିଛି। ବ୍ୟବସାୟରେ ନୂତନ ପଦକ୍ଷେପ ଗ୍ରହଣ କରିବା ସକାଶେ ମନ ବଳାଇପାରନ୍ତି।

**କର୍କଟ** - ପରକଥାରେ ପଡ଼ି ଭୁଲ ମାର୍ଗର ଅନୁସରଣ କରି ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ ଏବଂ ନୂତନ ଯୋଜନା ସକାଶେ ମନ ବଳାଇବେ। ନିକଟ ସମ୍ପର୍କୀୟମାନଙ୍କ ସହ କାମ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି। ପ୍ରଶାସନ, ବାଣିଜ୍ୟ, ପରିବହନ, ମାଲିମକଦ୍ଦମା, ନିର୍ମାଣ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ସିଂହ** - ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ସହ ମତାନ୍ତର ଦେଖାଦେଇପାରେ। ମିତ୍ର କେହି ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଛଳନା କରି ଦୂରେଇ ଯାଇ ପାରନ୍ତି।

**କନ୍ୟା** - କଠିନ ପରିଶ୍ରମ ଓ ଭ୍ରମଣଜନିତ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବାର ଆଶଙ୍କା ରହିଛି। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ, ଚୁକ୍ତିପତ୍ର, ସଭାସମିତି, ଆଲୋଚନା କ୍ଷେତ୍ର ମଧ୍ୟମ ପ୍ରକାରର ରହିବ। ପରୋକ୍ଷ ଶତ୍ରୁତା, କ୍ରୟ ବିକ୍ରୟ କ୍ଷେତ୍ରରେ ଅସୁବିଧା ଏବଂ କାର୍ଯ୍ୟରେ ବିଳମ୍ବଜନିତ ଅଶାନ୍ତି ଲାଗିପାରେ।

**ତୁଳା** - ଯାହାକୁ ନିଜର ମନେ କରିବେ, ସେହି ବ୍ୟକ୍ତି ହିଁ ପ୍ରତ୍ୟେକ କ୍ଷେତ୍ରରେ ଦୂରେଇ ରହିବ। କୌଣସି କାମରେ ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହ ଏବଂ କାର୍ଯ୍ୟଶୈଳୀର ମଧ୍ୟ ପରିବର୍ତ୍ତନ ଘଟିପାରେ। କଳା, ସାହିତ୍ୟ, ସାମ୍ବାଦିକତା, ସଭାସମିତିରେ ସୁନାମ ମିଳିବ।

**ବିଛା** - ସାଧାରଣ ପ୍ରଶଂସାରେ ଉତ୍‌ଫୁଲ୍ଲିତ ଓ ସମାଲୋଚନାରେ ବ୍ୟସ୍ତବିବ୍ରତ ମଧ୍ୟ ହେବେ। ଦାମ୍ପତ୍ୟ ଜୀବନରେ ଅଶାନ୍ତି ଦେଖାଦେବ। ସହକର୍ମୀଙ୍କ ଦ୍ୱାରା ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ରଚନାତ୍ମକ କାର୍ଯ୍ୟ, କଳା, ସାହିତ୍ୟ, ସଭାସମିତି, ଗବେଷଣା, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ର ବହୁତ ଭଲ ରହିବ।

**ଧନୁ** - ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ହେତୁ ଆପଣଙ୍କ କାମଗୁଡ଼ିକ ସୁବିଧାରେ ହୋଇଯିବ। ରୋଗ, ଋଣ ଓ ଶତ୍ରୁତା ସହ କାର୍ଯ୍ୟହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ଉପରିସ୍ଥଙ୍କ ଦୃଢ଼ ପ୍ରତିଶ୍ରୁତି ଲାଭକରି ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**ମକର** - ଭାବପ୍ରବଣତାବଶତଃ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଘର ଭିତରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ପ୍ରଶାସନ, ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପରିବହନ ଓ ଏଜେନଶିପ୍‌ରୁ ଖୁସି ରହିବେ।

**କୁମ୍ଭ** - କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ନିର୍ମାଣ କାମ ଧିମେଇ ଯିବାରୁ ମାନସିକ ସ୍ତରରେ ଚିନ୍ତିତ ରହିପାରନ୍ତି। ଋଣ ପରିଶୋଧ ଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆଜିର ସକାଳୁଆ ଯାତ୍ରାରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ।

**ମୀନ** - ଆର୍ଥିକ ସ୍ଥିତି ଭଲ ରହିଲେ ମଧ୍ୟ ପାରିବାରିକ ସ୍ଥିତି ସଙ୍କଟଜନକ ରହିବ। ଶିକ୍ଷା, ସନ୍ତାନ, ଧର୍ମକାର୍ଯ୍ୟ ସକାଶେ ବିଶେଷ ଆଲୋଚନା କରିପାରନ୍ତି। ମାଲିମକଦ୍ଦମା, ରାଜନୀତି, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ପରିଲକ୍ଷିତ ହେବ। ପରିବାରରେ ଛୋଟ ଛୋଟ କଥାରେ କଳହ ଲାଗିବାର ସମ୍ଭାବନା ରହିଛି।

ଆଜି ମାଘ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର, ଜାନୁୟାରୀ ୯ ତାରିଖ, ପ୍ରବାସୀ ଭାରତୀୟ ଦିବସ, ରାଶି ନକ୍ଷତ୍ର-ଶ୍ଳେଷା/କର୍କଟ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬/୨୭ ଗତେ, ଘ.୦୭/୪୮ ମଧ୍ୟେ, ଘ.୦୯/୨୧ ଗତେ, ଘ.୧୧/୩୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭/୪୮ ଗତେ, ଘ.୦୯/୧୦ ମଧ୍ୟେ ରାହୁକାଳ।

**ରବିବାର ମଧ୍ୟ ଯାତ୍ରୀଙ୍କୁ ମିଳିବ ବିମାନସେବା**

ଜୟପୁର, ୮।୧ (ନି.ପ୍ର.): ଜୟପୁର ବିମାନବନ୍ଦରରୁ ଏଣିକି ସପ୍ତାହର ସବୁଦିନ ବିମାନ ଉଡ଼ିବ। ରବିବାର ମଧ ଭୁବନେଶ୍ୱର-ଜୟପୁର-ବିଶାଖାପାଟଣାକୁ ବିମାନ ଚଳାଚଳ କରିବ ବୋଲି ଇଣ୍ଡିଆ ୱାନ୍ ଏୟାର ପକ୍ଷରୁ କୁହାଯାଇଛି। ଅନ୍ୟ ଦିନ ଭଳି ରବିବାର ପୂର୍ବାହ୍ନ ୧୧ଟା୧୦ରେ ବିମାନ ଭୁବନେଶ୍ୱରରୁ ବାହାରି ଜୟପୁରରେ ୧୨ଟା ୫୫ରେ ପହଞ୍ଚିବ। ଅପରାହ୍ନ ୧ଟା୧୫ରେ ବିଶାଖାପାଟଣା ଅଭିମୁଖେ ଉଡ଼ାଣ କରି ୨ଟା୫ରେ ସେଠାରେ ପହଞ୍ଚିବ। ୨ଟା ୩୫ରୁ ବିଶାଖାପାଟଣାରୁ ବାହାରି ଜୟପୁରରେ ୩ଟା୧୫ରେ ପହଞ୍ଚିବ। ଜୟପୁର ବିମାନବନ୍ଦରରୁ ୩ଟା୪୦ରେ ବାହାରି ଭୁବନେଶ୍ୱରରେ ୫ଟା୨୫ରେ ପହଞ୍ଚିବ। ଏନେଇ ରବିବାର ଜୟପୁର ବିମାନବନ୍ଦରରୁ ସିଡ୍ୟୁଲ ଅନୁଯାୟୀ ଯାତ୍ରୀ ଧରି ବିମାନ ଯାତ୍ରା କରିଥିବା ଅଧୀକ୍ଷଣ ଯନ୍ତ୍ରୀ ଭାସ୍କର ସାମନ୍ତରାୟ ପ୍ରକାଶ କରିଛନ୍ତି।

# ଭିତରକନିକାରେ ୧,୮୫୨ ବିଦେଶୀ ପକ୍ଷୀ ବଢ଼ିଲେ

## ୧୪୦ ପ୍ରଜାତିର ୧,୩୯,୯୫୯ ବିଦେଶୀ ପକ୍ଷୀ



ରାଜନଗର, ୮।୧(ଡି.ଏନ.ଏ.)

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚଳିତ ମାସ ୬ ତାରିଖରେ ବନ ବିଭାଗ ପକ୍ଷରୁ ହୋଇଥିବା ଗଣନାରୁ ଏହା ଜଣାପଡିଛି। ଗତବର୍ଷ ଭିତରକନିକାକୁ ୧ ଲକ୍ଷ ୩୮ ହଜାର ୧୦୭ଟି ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ୧ ଲକ୍ଷ ୩୯ ହଜାର ୯୫୯ ପକ୍ଷୀ ଆସିଛନ୍ତି। ଅର୍ଥାତ୍ ଗତବର୍ଷଠାରୁ ଚଳିତବର୍ଷ ଭିତରକନିକାକୁ ୧୮୫୨ ପକ୍ଷୀ ଅଧିକ ଆସିଥିବା ଜଣାପଡିଛି। ଗତବର୍ଷ ଭିତରକନିକାକୁ ୧୪୪ ପ୍ରଜାତିର ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ୧୪୦ ପ୍ରଜାତିର ପକ୍ଷୀ ଆସିଛନ୍ତି। ଚଳିତବର୍ଷ ଗ୍ରେବସ, ପେଲିକାନସ, କରମୋରାନ୍‌ଟସ ଆଣ୍ଡ ଡାର୍ଟରେ, ହେରନସ, ଏଗ୍ରେଟ୍ସ ଏବଂ ବିଟର୍ସ, ଷ୍ଟୋର୍କସ, ଇବିସେସ ଏବଂ ସ୍ପୁନବିଲ, ଫ୍ଲମିଙ୍ଗସ, ଗିଜ ଏବଂ ଡକସ, କ୍ରେନଓ, ରେଲସ ଏବଂ ଗାଲିନଲସ ଏବଂ କୁଟ, ଫିନଫୁଟ ଏବଂ ଜାକାନାସ, ସୋରବାର୍ଡ ୱାଡର୍ସ, ଗଲ୍‌ସ, ଟରନଓ ଏବଂ ସ୍କିନରସ ଏବଂ ଅନ୍ୟାନ୍ୟ ବିଦେଶୀ ପକ୍ଷୀ ଗଣନା ବେଳେ ଚିହ୍ନଟ କରାଯାଇଛି। ଗିଜ ଆଣ୍ଡ ଡକ୍‌ସ ଜାତୀୟ ୧୫ ପ୍ରଜାତିର ୮୧,୯୩୦ ପକ୍ଷୀ ଭିଡ ଜମାଇଛନ୍ତି। ଏହି ପକ୍ଷୀଗୁଡିକ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ହିମାଳୟ ପାଦଦେଶ ଓ ଲଦାଖ, ସାଇବେରିଆ ଓ ଉତ୍ତର ଗୋଲାର୍ଦ୍ଧରୁ ଆସିଥିବା ରାଜନଗର ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତମାସ ୬ ତାରିଖରେ ୧୭ଟି ଟିମ୍ ପକ୍ଷରୁ ଭିତରକନିକା ଅଭୟାରଣ୍ୟର ମହାନଦୀ ଡେଲଟା ସମେତ ରାଇପାଟିଆ, ସାତଭାୟା ଘେରି, ସାତଭାୟାର ବିସ୍ତୀର୍ଣ୍ଣ ଆର୍ଦ୍ରଭୂମି, ଜମ୍ବୁ, ବତୀଘର, ବରୁଣେଇ ମୁହାଣ, ପ୍ରହରାଜପୁର, କଂସାରିପାଟିଆ, ଖୋଲା, ନଳିତାପାଟିଆ, ଦୁର୍ଗାପୁରମୁହାଣ, ଲକ୍ଷ୍ମୀପ୍ରସାଦଡିଆଁ, କାଳିଭଞ୍ଜଡିଆଁ, ମଗରକନ୍ଦା, ଚିଞ୍ଚିରି ମାଉଥ, ଚିତଉକୋଲ୍ଲା, ଭିତରକନିକା ମାଉଥ, ଏକମାଣିଆ, ରାଜଗଡ ପ୍ରଭୃତି ସ୍ଥାନଗୁଡିକରେ ଏହି ଗଣନା କାର୍ଯ୍ୟ କରାଯାଇଥିଲା। ଅଞ୍ଚଳରେ ଭିଡ ଜମାଇଥିବା ବିଦେଶାଗତ ପକ୍ଷୀଙ୍କ ଗଣନା କରାଯାଇଥିଲା। ସାଧାରଣତଃ ଖୋଲା ଜାଗା, ଧାନବିଲ, ନଦୀପଠା ଓ ଜଳାଶୟଗୁଡିକରେ ଅଧିକ ସଂଖ୍ୟକ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଗତ ୧୫ ବର୍ଷର ଭିତରକନିକାରେ ଭିଡ ଜମାଇଥିବା ବିଦେଶୀ ପକ୍ଷୀଙ୍କ ଗଣନା ରିପୋର୍ଟ ଅନୁସାରେ ଚଳିତବର୍ଷ ସର୍ବାଧିକ ବିଦେଶୀ ପକ୍ଷୀ ଭିଡ ଜମାଇଛନ୍ତି। ୨୦୧୬-୧୭ରେ ୭୬,୨୬୮, ୨୦୧୭-୧୮ରେ ୧,୧୨,୯୩୭, ୨୦୧୮-୧୯ରେ ୧,୦୯,୦୫୯, ୨୦୧୯-୨୦ରେ ୧,୧୮,୩୨୬, ୨୦୨୦-୨୧ ବର୍ଷରେ ୧,୩୬,୦୯୨ ବିଦେଶାଗତ ପକ୍ଷୀ ଆସିଥିବା ଜଣାପଡିଥିଲା।

# ଶିଶୁପୁତ୍ର ଯୌନାଙ୍ଗ କାଟିଦେଲେ ଦୁର୍ବୃତ୍ତ

## କଟକ ଗଲା ସ୍ୱତନ୍ତ୍ର ପୋଲିସ ଟିମ୍

କେନ୍ଦୁଝର/ପାଟଣା,୮।୧(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଧୀନ ଚେମଣା ପଞ୍ଚାୟତ ଭୃଙ୍ଗରାଜପଶି ଗ୍ରାମରେ ଶନିବାର ଜଣେ ଶିଶୁପୁତ୍ରଙ୍କ ଯୌନାଙ୍ଗକୁ ଦୁର୍ବୃତ୍ତମାନେ କାଟିଦେଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ଶିଶୁଙ୍କ ଜେଜେମା' ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୩/୨୨)ରୁଜୁକରି ତଦନ୍ତ ଜାରି ରଖିଛି। ଏକ ଟିମ୍ କଟକ ଯାଇ ଘଟଣାର ଅନୁଧାନ କରୁଥିବା ପୋଲିସ କହିଛି।

ସୂଚନା ମୁତାବକ, ଉକ୍ତ ଗ୍ରାମର ଟୁନା ମୁଣ୍ଡାଙ୍କ ୨ ବର୍ଷର ପୁଅ ରଞ୍ଜନ ଘରପାଖେ ଖେଳୁଥିଲେ। ସେହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ଯୌନାଙ୍ଗକୁ କାଟି ଦେଇଥିଲେ। ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ରବିବାର ଶିଶୁଙ୍କ ଅସ୍ତ୍ରୋପଚାର କରାଯାଇଥିବା ପୋଲିସ ସୂଚନା ଦେଇଛି। ପୂର୍ବ ଶତ୍ରୁତାରୁ ଏଭଳି ଅମାନବୀୟ ଘଟଣା ଘଟିଥିବା ଶିଶୁପୁତ୍ରର ଜେଜେମା' କୁନି ମୁଣ୍ଡା କହିଛନ୍ତି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ତୁରୁମଙ୍ଗା ଥାନାଧିକାରୀ ମଦନ ମୋହନ ନାଏକ କହିଛନ୍ତି। ତେବେ ଏପରି ଘଟଣାକୁ ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଥିବା ବେଳେ ଏଭଳି କାଣ୍ଡ ଭିଆଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।




# ଜୁଡ଼ିଆ ଘାଟିରେ ଦୁର୍ଘଟଣା

# କଣ୍ଟେନର ପଛରେ ପିଟିଲା ବସ୍, ୫ ଗୁରୁତର

କେନ୍ଦୁଝର,୮।୧(ସ୍ୱ.ପ୍ର.)

ଜାତୀୟ ରାଜପଥ ୪୯ ଅନ୍ତର୍ଗତ ଜୁଡ଼ିଆ ଘାଟିରେ ଶନିବାର ମଧ୍ୟରାତ୍ରରେ ଦୁର୍ଘଟଣା ଘଟିଛି। ରାଜପଥରେ ପାର୍କିଂ ହୋଇଥିବା ଏକ କଣ୍ଟେନର ପଛକୁ ଯାତ୍ରୀବାହୀ ବସ୍ ଧକ୍କା ଦେଇଛି। ଏଥିରେ ଡ୍ରାଇଭର ସମେତ ୫ ବସ୍ ଯାତ୍ରୀ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ବେଆଇନ ପାର୍କିଂ ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଥିବା ବେଳେ ସଦର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ କରୁଛି।

ସୂଚନା ମୁତାବକ, ରାଜପଥ ୪୯ର ଜୁଡିଆ ଘାଟି ରାସ୍ତାରେ ଶନିବାର ରାତିରେ ଏକ କଣ୍ଟେନର ଛିଡ଼ା ହୋଇଥିଲା। ସେ ସମୟରେ ଅନୁଗୋଳରୁ ଟାଟା ଯାଉଥିବା ସାଇବାବା ନାମକ ଯାତ୍ରୀବାହୀ ବସ ଡ୍ରାଇଭର ଜାଣି ନ ପାରି କଣ୍ଟେନର ପଛରେ ନେଇ ପିଟିଥିଲେ। ଫଳରେ ଡ୍ରାଇଭର ସମେତ ୫ ଜଣ ଗୁରୁତର ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ସମସ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲା। ୨ ଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ୩ ଗୁରୁତର ବିଜୟ ପାତ୍ର(୪୩), ଗୋମା କଣ୍ଡାଲକେଲ(୨୩), ମନୁ ନାୟକ(୩୫) କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଡ୍ରାଇଭର ବିଜୟଙ୍କ କହିବା ଅନୁଯାୟୀ, ରାଜପଥର ଡାହାଣ ପାର୍ଶ୍ୱରେ ବ୍ରେକ୍ ଡାଉନ ହୋଇ ଉକ୍ତ କଣ୍ଟେନର ଛିଡ଼ା ହୋଇଥିଲା। ଛିଡ଼ା ହୋଇଥିବା ସ୍ଥାନରେ କୌଣସି ସତର୍କ ସୂଚନା ଦିଆଯାଇ ନ ଥିଲା। ଫଳରେ ସେ ଜାଣି ନ ପାରି କଣ୍ଟେନର ପଛରେ ଧକ୍କା ଦେଇଥିଲେ ବୋଲି କହିଛନ୍ତି।



ଦୁର୍ଘଟଣାଗ୍ରସ୍ତ ବସ୍।

### ୩ ମାସରେ ଗଲାଣି ୮୧ ଜୀବନ

ପରିବହନ ବିଭାଗ ତଥ୍ୟ ଅନୁଯାୟୀ, ଜାତୀୟ ରାଜପଥରେ ବେଆଇନ ପାର୍କିଂ ଯୋଗୁ ଗତ ସେପ୍ଟେମ୍ବରଠାରୁ ନଭେମ୍ବର ପର୍ଯ୍ୟନ୍ତ କେନ୍ଦୁଝର ଜିଲାରେ ୧୬୧ଟି ଦୁର୍ଘଟଣା ଘଟିଛି। ଏଥିରେ ୮୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୬ ଜଣ ଗୁରୁତର ହୋଇଛନ୍ତି। ଏଥି ମଧ୍ୟରୁ ସଦର ଥାନା ଅଞ୍ଚଳରେ ଏହି ସମୟରେ ସର୍ବାଧିକ ୩୦ଟି ଦୁର୍ଘଟଣା ଘଟି ୧୭ ଜଣ ମୃତ୍ୟୁବରଣ କରିଛନ୍ତି। ବେଆଇନ ପାର୍କିଂ କରୁଥିବା ଗାଡ଼ି ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି।



ଢେଙ୍କାନାଳ ସୀମାନ୍ତ ଜଙ୍ଗଲରେ ହାତୀ।

# ଢେଙ୍କାନାଳ ସୀମାରେ ନରହନ୍ତା ହାତୀ

ଢେଙ୍କାନାଳ ଅଫିସ/ଅନୁଗୋଳ ଅଫିସ, ୮।୧

ଅନୁଗୋଳ ଜିଲା ଛେଳିଆପଡ଼ା, ଅଙ୍ଗାରବନ୍ଧ, ବାରସିଙ୍ଗା, ବଣ୍ଟଁରପାଳର ଗଡ଼ସନ୍ତ୍ରୀ ଅଞ୍ଚଳରେ ଆତଙ୍କ ସୃଷ୍ଟି କରି ୪ ଜୀବନ ନେଇଥିବା ନରହନ୍ତା ହାତୀ ଢେଙ୍କାନାଳମୁହାଁ ହୋଇଛି। ଶନିବାର ସନ୍ଧ୍ୟାରେ ଉକ୍ତ ହାତୀ ହିନ୍ଦୋଳ ରେଞ୍ଜ୍ ସଞ୍ଜପଡ଼ା ଅଞ୍ଚଳରେ ପ୍ରବେଶ କରିଥିବାବେଳେ ରବିବାର ଏହାକୁ ତର୍କାବେଡା ଜଙ୍ଗଲରେ ଠାବ କରାଯାଇଛି। ଅନୁଗୋଳ ଘଟଣାର ପୁନରାବୃତ୍ତି ଯେପରି ଢେଙ୍କାନାଳରେ ନ ହୁଏ, ସେଥିଲାଗି ବନ ବିଭାଗ ସତର୍କ ହୋଇଉଠିଛି। ହାତୀ ବୁଲୁଥିବା ସ୍ଥାନରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

■ ବନ ବିଭାଗ ସତର୍କ
■ ପାଟ୍ରୋଲିଂ କଡ଼ାକଡ଼ି

୪ ମଣିଷ ମାରିବା ପରେ ଉକ୍ତ ହାତୀ ଦୀର୍ଘପଥ ଅତିକ୍ରମ କରି ଢେଙ୍କାନାଳ ସୀମାରେ ନିଜର ଉପସ୍ଥିତି ଜାହିର କରିଛି। ଯୁଆଡ଼େ ମୁହାଁଉଛି, ସେଠାରେ ବ୍ୟାପକ ଫସଲ କ୍ଷୟକ୍ଷତି କରୁଛି। ଉକ୍ତ ମଣିଷମରା ହାତୀକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। କାରଖାନାରେ କାମ କରିବାକୁ ସାଇକେଲରେ ଯାଉଥିବା ଏବଂ ରାତ୍ରି ଡ୍ୟୁଟିରୁ ଫେରୁଥିବା ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯାଉଛି। ଅନ୍ୟପଟେ ହିନ୍ଦୋଳ ଅଞ୍ଚଳରେ ଥିବା କଳକାରଖାନାର ବିଦ୍ୟୁତ୍ ତାର ଉକ୍ତ ହାତୀ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଅପରପକ୍ଷେ ନରହନ୍ତା ହାତୀ ଥିବା ପଲର ଅନ୍ୟ ୨୪ ହାତୀ ଅନୁଗୋଳ ବନାଞ୍ଚଳର କୁଲାସିଂହା ଓ ଚନ୍ଦନପୁରରେ ଡେରା ପକାଇଛନ୍ତି। ତେବେ ହଠାତ୍ ଉକ୍ତ ହାତୀ କାହିଁକି ଏମିତି ହିଂସ୍ର ହୋଇଉଠିଲା, ତାହାର କାରଣ ଜାଣିବା ଲାଗି ବନ କର୍ମଚାରୀମାନେ ଉଦ୍ୟମ ଆରମ୍ଭ କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଉକ୍ତ ହାତୀ କେତେବେଳେ ଢେଙ୍କାନାଳ ସୀମାରେ ପ୍ରବେଶ କରୁଛି ତ ପୁଣି କେତେବେଳେ ଅନୁଗୋଳ ସୀମାକୁ ପଳାଉଛି। ତର୍କାବେଡା ଗ୍ରାମ୍ୟ ଜଙ୍ଗଲରେ ଥିବା ହାତୀ ଅପେକ୍ଷାକୃତ ଶାନ୍ତ ପଡ଼ିଥିବା ଲକ୍ଷ୍ୟ କରାଯାଉଛି। ଶାନ୍ତ ଭାବେ ଛିଡ଼ା ହୋଇ ରହୁଛି। ୧୦ ମିଟର ଦୂରରୁ ବ୍ୟକ୍ତିଗତ ନିରୀକ୍ଷଣ କରିବା ପରେ ଏହା ଶାନ୍ତ ପଡ଼ିଥିବା ଭାବୁଛୁ। ତଥାପି ହାତୀ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି। ଠିକ୍ ଫଟୋଚିତ୍ର ମିଳି ନ ଥିବାରୁ ଉକ୍ତ ହାତୀ ମାଖନା କି ମାଈ ତାହା ଅସ୍ପଷ୍ଟ ରହିଛି। ତେବେ ଏହା ମାଖନା ବୋଲି ଅନୁମାନ କରାଯାଉଛି। ହାତୀଟି ଯେଉଁଠି ରହିଛି, ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବଡ଼ବଡ଼ ଶିଳ୍ପାନୁଷ୍ଠାନ ଅଛି। ବହୁ କର୍ମଚାରୀ ସାଇକେଲରେ କାରଖାନାକୁ କାମ କରିବାକୁ ଯାଉଛନ୍ତି। ସେଠାରେ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

# ଟ୍ରକ୍ ଧକ୍କାରେ ୨ ଭାଣିଜୀ ମୃତ, ମାମୁ ଗୁରୁତର

## ବାନ୍ତି ଲାଗିବାରୁ ଅଟକାଉଥିଲେ ଗାଡ଼ି

ଅନୁଗୋଳ ଅଫିସ/ବଣ୍ଟଁରପାଳ (ଡି.ଏନ୍.ଏ.), ୮।୧

ବାଇକ୍‌ରେ ଯାଉଥିବା ବେଳେ ଭାଣିଜୀଙ୍କୁ ବାନ୍ତି ଲାଗିଲା। ଏଥିଲାଗି ମାମୁ ରାସ୍ତାପାର୍ଶ୍ୱରେ ଗାଡ଼ି ଅଟକାଉଥିବାବେଳେ ମୃତ୍ୟୁ ଦୂତ ଭଳି ମାଡ଼ିଆସିଲା ଟ୍ରକ୍ ଏବଂ ଅକାଳରେ ଲିଭିଗଲା ଦୁଇ ଭାଣିଜୀଙ୍କ ଜୀବନ ଦୀପ। ଅନୁଗୋଳ ଜିଲା ବଣ୍ଟଁରପାଳ ଥାନା ଗୋତମରା ନିକଟ ୧୪୯ନଂ. ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଘଟିଛି ଏଭଳି ଏକ ଦୁଃଖଦ ଦୁର୍ଘଟଣା। ମୃତକ ହେଲେ କଟକ ଗୋବିନ୍ଦପୁର ରାଣୀପଡ଼ା ଅଞ୍ଚଳର ଲକ୍ଷ୍ମୀପ୍ରିୟା ଓଝା (୨୯), ଯାଜ୍ଞସେନୀ ମହାରଣା (୧୧)। ଉଭୟେ ସମ୍ପର୍କୀୟା ଭଉଣୀ ବୋଲି ଜଣାପଡ଼ିଛି। ଏଥିରେ ମାମୁ ଦୁର୍ଯ୍ୟୋଧନ ମହାରଣା ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ସମ୍ପୃକ୍ତ ୩ଜଣ ଏକ ବାଇକ୍ (ନଂ. ଓଡ଼ି ୦୫ ଡିଏଫ୍ ୨୬୦୬)ରେ ତାଳଚେର ଡେରା ଅଞ୍ଚଳକୁ ଯାଉଥିଲେ। ଯାଜ୍ଞସେନୀଙ୍କୁ ବାନ୍ତି ଲାଗିବାରୁ ସେ ଗାଡ଼ି ଅଟକାଇବାକୁ କହିଥିଲେ। ଦୁର୍ଯ୍ୟୋଧନ ରାସ୍ତା ପାର୍ଶ୍ୱକୁ ଗାଡ଼ି ନେଉଥିବାବେଳେ ତାଳଚେର ଆଡ଼କୁ ଯାଉଥିବା ଟ୍ରକ୍ (ନଂ. ଓଡ଼ି ୧୯ ଇ ୩୭୩୭) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଲକ୍ଷ୍ମୀପ୍ରିୟା ଓ ଯାଜ୍ଞସେନୀଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଯ୍ୟୋଧନ ଚିକିତ୍ସାଧୀନ ଅଛନ୍ତି। ବଣ୍ଟଁରପାଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଏବଂ ବାଇକ୍ ଜବତ କରାଯାଇଛି। ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।




ଦୁର୍ଘଟଣା ଘଟାଇଥିବା ଟ୍ରକ୍।






ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି- କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। -ଶ୍ରୀମା

# ଧର୍ମ ନୁହେଁ, ଜାତି

ବାସ୍ତବରେ ଭାରତ ପାଇଁ ଜାତି ଗୁରୁତ୍ୱ ରଖିଥାଏ। ଆଜି ମଧ୍ୟ ଉଚ୍ଚଜାତିର ମାତାପିତା କେବେହେଲେ ଚାହିଁବେ ନାହିଁ ସେମାନଙ୍କ ସନ୍ତାନ ନୀଚଜାତିରେ ବିବାହ କରୁ। ସେଥିପାଇଁ ଜଣାଶୁଣା ଅନେକ ହିନ୍ଦୁ ପ୍ରଚାରକ ସଙ୍ଗଠନର ଗତିବିଧି ଦେଖିଲେ ସ୍ପଷ୍ଟ ଜଣାପଡ଼େ, ସେମାନେ ଅଣହିନ୍ଦୁଙ୍କ ତୁଳନାରେ ନୀଚଜାତିର ହିନ୍ଦୁମାନଙ୍କୁ ଅଧିକ ଘୃଣା କରନ୍ତି। ହୁଏତ ସେଥିପାଇଁ ୨୦୧୪ ମସିହା ପରଠାରୁ ଭାରତରେ ଏକ ବିରାଟ ସାମାଜିକ ପରିବର୍ତ୍ତନ ଦେଖାଯାଉଛି। ଜଣେ ଅଖଲାକ୍ କେଉଁ ମାଂସ ଖାଇଲେ ତାହା ସମ୍ପର୍କରେ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ ହେଉଛି। କିନ୍ତୁ ଅନେକ ଶହ ଦଳିତ ଯୁବତୀଯୁବକଙ୍କୁ ବଜାରରେ ମାଡ଼ମାରି ଓ ଉଲଗ୍ନ କରି ଚଲାଉଥିବା ଘଟଣା ସେହି ପରିମାଣର ଦୃଷ୍ଟି ଆକର୍ଷଣ କରୁନାହିଁ। ଭାରତରେ ଧର୍ମନିରପେକ୍ଷତାକୁ ଯେଉଁଭଳି ଗୁରୁତ୍ୱ ଦିଆଯାଉଛି, ତାହାଠାରୁ ଜାତିଆଣ ଭେଦଭାବର ଗଭୀରତା ଯଥେଷ୍ଟ ଅଧିକ ରହିଥିଲେ ମଧ୍ୟ ସେସବୁ ଦୃଷ୍ଟିଗୋଚର ହେଉନାହିଁ। ଏଠାରେ ଉତ୍ତର ଭାରତର ଉଦାହରଣ ଦେଖାଯାଇପାରେ। ସାଧାରଣ ହିନ୍ଦୁ ପୁରୁଷ ଜଣେ ଦଳିତ ଝିଅର ବଳାତ୍କାର ଖବରରେ ବିଚଳିତ ହୁଏ ନାହିଁ। ଧରିନିଆଯାଇଛି ଯେ, କେତେକ ତଥାକଥିତ ନୀଚଜାତିକୁ ଅତ୍ୟାଚାରିତ କରି ରଖିବା ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ। ଭିନ୍ନ ଧର୍ମର ମହିଳାଙ୍କୁ ଅସଦ୍‌ବ୍ୟବହାର କଲେ ତାହା ଏକପ୍ରକାର ଯୁଦ୍ଧ ଘୋଷଣା ହେଉଥିବାବେଳେ ଦଳିତଙ୍କୁ ନିଷ୍ପେଷିତ କରି ରଖିବା ସତେ ଯେମିତି ଉଚ୍ଚଜାତି ହିନ୍ଦୁଙ୍କ କର୍ତ୍ତବ୍ୟ ବୋଲି ଗଣାଯାଉଛି।

ଏଭଳି ପ୍ରଚ୍ଛଦପଟରେ ଦେଖିଲେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୯ ଅଗଷ୍ଟ ୨୦୨୨ରେ ତାଙ୍କ ସରକାରରୁ ଭାଜପାକୁ ବିଦା କରିବା ପରେ ଜାତୀୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଥିଲା। ଆଲୋଚନା ହୋଇଥିଲା ଯେ, ନରେନ୍ଦ୍ର ମୋଦିଙ୍କୁ ଟକ୍କର ଦେବା ଲାଗି ନୀତୀଶଙ୍କ ଭଳି ରାଜନେତା ଏଭଳି ନିଷ୍ପତ୍ତି ନେଇଥାଆନ୍ତି। ବିହାର ସରକାରରୁ ଅଚାନକ ଭାଜପା ବାଦ୍ ପଡ଼ିବା ପରେ ଏହାର ବରିଷ୍ଠ ନେତାମାନେ ହତବମ୍ବ ହୋଇପଡ଼ିଥିଲେ। ଏହି ଘଟଣାକୁ ୬ ମାସ ପୂରି ନ ଥିବା ବେଳେ ୭ ଜାନୁୟାରୀ ୨୦୨୩ରେ ନୀତୀଶ ପୁଣି ଏକ ଗୁଗୁଲି ଫିଙ୍ଗିଛନ୍ତି। ବିହାରରେ ଜାତିଭିତ୍ତିକ ଜନଗଣନା କାର୍ଯ୍ୟ ଆରମ୍ଭକରି ନୀତୀଶ ସିଧାସଳଖ ଭାଜପାର ହିନ୍ଦୁତ୍ୱ ଭୋଟ ବ୍ୟାଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଛନ୍ତି। ଯେହେତୁ କେନ୍ଦ୍ର ପୂର୍ବରୁ କହିଥିଲା ରାଜ୍ୟଗୁଡ଼ିକ ଚାହିଁଲେ ଜାତିଭିତ୍ତିକ ଜନଗଣନା କରିପାରିବେ, ସେହେତୁ ବିହାର ମୁଖ୍ୟମନ୍ତ୍ରୀ ଆଗୁଆ ରାଜନୈତିକ ଲାଭ ଉଠାଇବାକୁ ଯାଇ ଏପରି ପଦକ୍ଷେପ ନେଇଥିବା କୁହାଯାଉଛି।

> **ଏବେ ରାଜନୈତିକ ଦଳଗୁଡ଼ିକ କାହିଁକି ଜାତିଭିତ୍ତିକ ଜନଗଣନା ପାଇଁ ଅଧିକ ଆଗ୍ରହ ଦେଖାଉଛନ୍ତି, ତାହା ବୁଝିବା କଷ୍ଟକର ନୁହେଁ। ନିର୍ବାଚନରେ ଧର୍ମର ଗୁରୁତ୍ୱ ବୃଦ୍ଧି ପାଇବା ପରେ ଏବେ ଜାତି ସମ୍ପର୍କିତ ବିକଳ୍ପ ଆଲୋଚନା ଓ ପଦକ୍ଷେପ ନିଆଯିବା ଆରମ୍ଭ ହୋଇଛି।**

ଜାତିକୁ ନେଇ ଯଦି ରାଜନୀତି କଥା ଦେଖାଯାଏ, ତେବେ ଲାଲୁ ପ୍ରସାଦ ଯାଦବ ଥିଲେ ଏହି ଚିନ୍ତାଧାରାର ନାୟକ। ନୀତୀଶ ୨୦୦୫ରେ ଯେତେବେଳେ ବିହାର ମୁଖ୍ୟମନ୍ତ୍ରୀ ହେଲେ ସେତେବେଳେ ଜାତି ଅପେକ୍ଷା ଗଣ ବା ମାସ୍‌ଙ୍କୁ ନେଇ ରାଜନୀତି କରିବାକୁ ପସନ୍ଦ କରିଥିଲେ। ହେଲେ ଧୀରେ ଧୀରେ ସେ ଜାତିର ଗୁରୁତ୍ୱକୁ ବୁଝି ସେହି ଆଡ଼କୁ ଢଳିଥିଲେ। ଗତ ୬ ମାସ ପୂର୍ବରୁ ଭାଜପା ବିହାର ସରକାରରେ ଭାଗୁଆଳି ରହିଥିବାବେଳେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ ଥିଲେ ବିରୋଧୀ ଦଳ ନେତା। ତେବେ ୨୦୨୧ ଅଗଷ୍ଟରେ ସର୍ବଦଳୀୟ ଟିମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଜାତିଭିତ୍ତିକ ଜନଗଣନାକୁ ଅନୁମତି ଦେବାକୁ କହିଥିଲେ। କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା କରିବାକୁ ଚାହାନ୍ତି ନାହିଁ, କିନ୍ତୁ ରାଜ୍ୟ ସରକାର ଚାହିଁଲେ କରିପାରିବେ ବୋଲି କୁହାଯାଇଥିଲା। ସମ୍ଭବତଃ ଭାଜପା ବିହାର ସରକାରରେ ଥିବାରୁ କେନ୍ଦ୍ର ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଏବେ ନୀତୀଶ ଏ କ୍ଷେତ୍ରରେ ଆଗୁଆ ପଦକ୍ଷେପ ନେଇଥିବାରୁ ସେ ଜାତୀୟ ରାଜନୀତି ବିଶେଷକରି ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଏକ ନୂଆ ସମୀକରଣ ସୃଷ୍ଟି କରିଦେଇଛନ୍ତି। ଏଠାରେ ମନେପଡ଼େ ୧୯୮୯ ସାଧାରଣ ନିର୍ବାଚନ ବେଳକୁ ବିଶ୍ୱନାଥ ପ୍ରତାପ ସିଂ ଅନ୍ୟାନ୍ୟ ପଛୁଆ ଜାତି (ଓବିସି) ପାଇଁ ମଣ୍ଡଳ କମିଶନ ବିଷୟ ଉଠାଇ ଜାତୀୟ ରାଜନୀତିକୁ ଚଳଚଞ୍ଚଳ କରିଦେଇଥିଲେ। ଏପରି କି ସେହିବର୍ଷ ଭାଜପା ସହ ମିଶି ଜନତା ଦଳ କେନ୍ଦ୍ରରେ କ୍ଷମତାସୀନ ହେବା ପରେ ସିଂ ମଣ୍ଡଳ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରାଇଥିଲେ। ଫଳରେ ଦେଶବ୍ୟାପୀ ଗଣବିକ୍ଷୋଭ ହୋଇଥିଲା। ସେତେବେଳେ କେତେ ଛାତ୍ର ଆତ୍ମାହୁତି ମଧ୍ୟ ଦେଇଥିଲେ। ଏବର ସମୟରେ ଜାତିଭିତ୍ତିକ ଜନଗଣନା କରୁଥିବା ନୀତୀଶଙ୍କ ଉଦ୍ଦେଶ୍ୟ ହେଉଛି ଭାଜପାର ହିନ୍ଦୁତ୍ୱ ଭୋଟ୍‌କୁ ଭାଗକରି ସେଥିରୁ ଫାଇଦା ନେବା। ଧର୍ମକୁ ନେଇ ଗୈରିକ ଦଳ ନିର୍ବାଚନ ଜିତୁଥିବାରୁ ଜାତିକୁ ନୀତୀଶ ଅସ୍ତ୍ର କରିବାକୁ ପସନ୍ଦ କରିଛନ୍ତି। ଏଭଳି ପରିପ୍ରେକ୍ଷୀରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ସୁଶୀଲ ମୋଦି ସବୁ ଦଳ ଜାତିଭିତ୍ତିକ ଜନଗଣନାକୁ ସମର୍ଥନ କରୁଥିବାବେଳେ ନୀତୀଶ କିଭଳି ଫାଇଦା ଉଠାଇ ପାରିବେ ବୋଲି ପ୍ରଶ୍ନ କରିଛନ୍ତି।

କୁହାଯାଉଛି ଯେ, ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ଜାତିଭିତ୍ତିକ ଜନଗଣନାରୁ ବାସ୍ତବ ତଥ୍ୟ ମିଳିପାରିବ। ଏଭଳି ଚିନ୍ତାଧାରା ପୂର୍ବରୁ ଦେଶରେ ହୋଇଥିବା ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଜାତୀୟ ଜନଗଣନାରୁ ସମ୍ଭବ ହୋଇପାରୁଥିଲା। ଏବେ ରାଜନୈତିକ ଦଳଗୁଡ଼ିକ କାହିଁକି ଜାତିଭିତ୍ତିକ ଜନଗଣନା ପାଇଁ ଅଧିକ ଆଗ୍ରହ ଦେଖାଉଛନ୍ତି, ତାହା ବୁଝିବା କଷ୍ଟକର ନୁହେଁ। ନିର୍ବାଚନରେ ଧର୍ମର ଗୁରୁତ୍ୱ ବୃଦ୍ଧି ପାଇବା ପରେ ଏବେ ଜାତି ସମ୍ପର୍କିତ ବିକଳ୍ପ ଆଲୋଚନା ଓ ପଦକ୍ଷେପ ନିଆଯିବା ଆରମ୍ଭ ହୋଇଛି। ବିଶେଷକରି ଦେଶର ଜନସଂଖ୍ୟାବହୁଳ ରାଜ୍ୟ ଉତ୍ତର ପ୍ରଦେଶ ଓ ବିହାରରେ ଜାତି ପ୍ରାଧାନ୍ୟ ଲାଭ କରୁଛି। ଏଭଳି ସନ୍ଧିକ୍ଷଣରେ ନୀତୀଶ ଯେଉଁ ଜାତିଭିତ୍ତିକ ଜନଗଣନା ଆରମ୍ଭ କରିଦେଇଛନ୍ତି, ତାହା ନିଶ୍ଚୟ ମୋଦିଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ନୀତୀଶ ଆରମ୍ଭ କରିଥିବା ଏହି ଜାତିଭିତ୍ତିକ ଡାକକୁ ଅଣଦେଖା କରିବା କଷ୍ଟକର।

# ପରିବେଶର ସାବତ ମା'



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆମ ପରିବେଶ ଏବେ ଯେଉଁ ରୂପ ଧାରଣ କରି ଜୀବଜଗତ ସହାୟକ ହୋଇପାରିଛି, ସେଥିକୁ ଅବଶ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ସୂର୍ଯ୍ୟଠାରୁ ଆରମ୍ଭ କରି ନଦନଦୀ, ପାହାଡ଼ ପର୍ବତ ଓ ସମୁଦ୍ର ପର୍ଯ୍ୟନ୍ତ ଅନେକଙ୍କର। ତେବେ ତନ୍ମଧ୍ୟରୁ ତା'ର ନିକଟତମ ସମ୍ପର୍କ ଅରଣ୍ୟ ସହିତ, ପରିବାର ମଧ୍ୟରେ ମା' ଭଳି। ଏହା କ୍ରମାଗତ ଭାବେ ତା'ର ପ୍ରତିଟି ଅଂଗ, ଜଳ, ବାୟୁ ଏବଂ ମୃତ୍ତିକାକୁ ସମୃଦ୍ଧ କରିଥାଏ। ଫଳରେ ପରିବେଶ ଜୀବମାନଙ୍କ ପାଇଁ ଉପାଦେୟ ହୁଏ ଏବଂ ତହିଁରେ ଜୈବ ବିଭିନ୍ନତା ଓ ପରିସଂସ୍ଥା ବିକଶିତ ହୁଏ। କିନ୍ତୁ ବିଗତ ଦୁଇ ଶତାବ୍ଦୀରୁ ଅଧିକ କାଳ ଧରି, ଶିଳ୍ପ ବିପ୍ଳବର ଆରମ୍ଭ ପରଠାରୁ ଆମେ ପ୍ରଗତିର ଦ୍ୱାହି ଦେଇ ପ୍ରାକୃତିକ ସମ୍ପଦର ଅସହନୀୟ ଉପଯୋଗ କରିଚାଲିଛୁ ଏବଂ ତାହାର ପ୍ରଥମ ଓ ପ୍ରଧାନ ଶିକାର ହୋଇଛି ଏହି ମହାନ୍ ଜନନୀ। ପରିଣାମସ୍ୱରୂପ, ''ଷ୍ଟେଟ୍ ଅଫ୍ ୱାଲଡସ୍ ଟ୍ରି ରିପୋର୍ଟ-୨୦୨୧'' ଅନୁସାରେ ବିଗତ ୩୦୦ ବର୍ଷ ମଧ୍ୟରେ ବିଶ୍ୱର ପ୍ରାୟ ୪୦% ଅରଣ୍ୟ ବିଲୁପ୍ତ ହୋଇଛି ଏବଂ ବର୍ତ୍ତମାନ ଥିବା ପ୍ରାୟ ୬୦ ହଜାର ପ୍ରଜାତିର ବୃକ୍ଷମାନଙ୍କ ମଧ୍ୟରୁ ୩୦ ଶତାଂଶ ଏବେ ବିଲୁପ୍ତିର ସମ୍ମୁଖୀନ। ବିଶେଷକରି ବିଗତ ୫୦ ବର୍ଷ ମଧ୍ୟରେ ଏ ପ୍ରକ୍ରିୟା ଦ୍ରୁତରୁ ଦ୍ରୁତତର ହୋଇ ଚାଲିଛି। ପରିବେଶ ଉପରେ ପଡୁଥିବା ଏହାର ପ୍ରଭାବର ଏବେ ଅନ୍ୟତମ ଭୟାବହ ପରିପ୍ରକାଶ ହୋଇଛି ଜାଗତିକ ଉଷ୍ମତା ବୃଦ୍ଧି ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ, ଯାହାକି ଆମନ୍ତ୍ରଣ କରୁଛି ବିବିଧ ପ୍ରାକୃତିକ ବିପର୍ଯ୍ୟୟକୁ। ଏହି ସମୟ ମଧ୍ୟରେ ଏଗୁଡ଼ିକ ପ୍ରାୟ ୫ ଗୁଣ ବୃଦ୍ଧି ପାଇଛି। ଅତଏବ ୧୯୭୦ରୁ ୧୯୭୯ ମଧ୍ୟରେ ପ୍ରାୟ ୭୦ଟି ପ୍ରଳୟଙ୍କରୀ ବନ୍ୟା ଓ ବାତ୍ୟାଭଳି ଘଟଣା ଘଟିଥିଲାବେଳେ ୨୦୧୦ରୁ ୨୦୧୯ ମଧ୍ୟରେ ତାହା ପ୍ରାୟ ୩,୫୦୦ରେ ପହଞ୍ଚିଛି (ଜାତିସଂଘର ୱାର୍ଲ୍ଡ ମେଟେରୋଲୋଜିକାଲ୍ ରିପୋର୍ଟ ୨୦୨୧)। ଏହାର ଅର୍ଥନୈତିକ କ୍ଷୟକ୍ଷତି ସେହି ସମୟ ମଧ୍ୟରେ ବୃଦ୍ଧି ପାଇଛି ପ୍ରାୟ ୧୦ ଗୁଣ- ୧୫୦ ବିଲିୟନ ଡଲାରରୁ ୧୫୦୦ ବିଲିୟନ୍ ଡଲାରକୁ।

ପରିଣାମସ୍ୱରୂପ, ଏବେ ଆମଠାରେ କିଛି ମାତ୍ରାରେ ଚେତନାର ଉଦୟ ଘଟିଛି। ତେବେ ଏହି ଅପକର୍ମ ବନ୍ଦ ରଖିବା ପରିବର୍ତ୍ତେ ଆମେ ନିଜ ସୀମିତ ଜ୍ଞାନ ଖଟାଇ ଏହାର ବିକଳ୍ପମାନ ସନ୍ଧାନ କରୁଛୁ। ଏଗୁଡ଼ିକ ମଧ୍ୟରେ ପ୍ରଥମ ଓ ପ୍ରଧାନଟି ହେଲା ପୁନଃ ବନୀକରଣ। ଏହା ବାୟୁରୁ ଅଙ୍ଗାରକାମ୍ଳ ଶୋଷଣ କରିବା ସଙ୍ଗେ ସଙ୍ଗେ ଜଳଚକ୍ରକୁ ସୁସଂଗତ କରିବା ମାଧ୍ୟମରେ ପରିବେଶକୁ ଶୀତଳ ଓ ସମୃଦ୍ଧ କରି ଜାଗତିକ ଉଷ୍ମତାର ଧ୍ୱଂସକାରୀ ପ୍ରଭାବକୁ ପ୍ରଶମିତ କରିବ ବୋଲି ଆଶା କରୁଛୁ। ତେବେ ଏହା ଏକ ଭ୍ରାନ୍ତଧାରଣା ବୋଲି ଏବେ କହିଲେଣି ଅନେକ ପରିବେଶ ବିଜ୍ଞାନୀ। ସେମାନଙ୍କ ମତରେ ଏହି ନୂତନ ଭାବେ ସୃଷ୍ଟ ଅରଣ୍ୟ କଦାପି ପ୍ରାକୃତିକ ଅରଣ୍ୟର ବିକଳ୍ପ ହୋଇପାରିବ ନାହିଁ।



୨୦୨୧ରେ ଜାତିସଂଘ ଆରମ୍ଭ କରିଛି ପରିସଂସ୍ଥା ପୁନରୁଦ୍ଧାର ଦଶକ (୨୦୨୧-୨୦୩୦)। ଏହି କାର୍ଯ୍ୟକ୍ରମର ପୁରୋଭାଗରେ ରହିଛି ବ୍ୟାପକ ବୃକ୍ଷରୋପଣ। ଏହା ଜାଗତିକ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନଜନିତ ପ୍ରାକୃତିକ ବିପର୍ଯ୍ୟୟ ବିରୋଧରେ 'ରୌପ୍ୟ ବୁଲେଟ୍' ରୂପେ କାର୍ଯ୍ୟକରିବ ବୋଲି ମନେକରାଯାଇଛି। ସାରା ବିଶ୍ୱ ଏହାକୁ ହିଁ ସେଥିପାଇଁ ନୀତିଗତ ଭାବେ ଗ୍ରହଣ କରିଛି। ଯଦିଓ ଅଙ୍ଗାରକାମ୍ଳ ଶୋଷଣ ଲାଗି ଅନ୍ୟାନ୍ୟ ପ୍ରାକୃତିକ ଉପାୟମାନ ରହିଛି, କିନ୍ତୁ ଏଭଳି ଅବିଚାରିତ ବୃକ୍ଷରୋପଣକୁ ଜାତିସଂଘ ଆନୁକୂଲ୍ୟରେ ବିଗତ ବିଶ୍ୱ ପରିବେଶ ଦିବସ ପାଳନ (୬.୬.୨୦୨୨) ଅବସରରେ ବହୁ ପରିବେଶବିତ୍ ବିରୋଧ କରିଛନ୍ତି। ସେମାନଙ୍କ ମତରେ, କେବଳ ଅଧିକ ସଂଖ୍ୟକ ବୃକ୍ଷରୋପଣ ଓ କୃତ୍ରିମ ଅରଣ୍ୟ ସୃଷ୍ଟି କଦାପି ପରିବେଶ ସହାୟକ ହୋଇପାରିବ ନାହିଁ। କାରଣ, ଏହାଦ୍ୱାରା ପ୍ରାକୃତିକ ନିବାସଗୁଡ଼ିକର ପୁନରୁଦ୍ଧାର ସମ୍ଭବ ନୁହେଁ। ସେଥିପାଇଁ ଉପଯୁକ୍ତ ସ୍ଥାନରେ ପ୍ରାକୃତିକ ଅରଣ୍ୟରେ ଥିବା ସ୍ଥାନୀୟ ପ୍ରଜାତିଗୁଡ଼ିକୁ ଉପଯୁକ୍ତ ସାନ୍ଦ୍ରତାରେ ରୋପଣ କରାଯିବା ଦରକାର। ନଚେତ୍ ତାହା ବିପରୀତ ଫଳଦାୟୀ ହୋଇପାରେ। ଉଦାହରଣ ସ୍ୱରୂପ, ତୃଣଭୂମି ଓ ନିମ୍ନଭୂମି ଯଥେଷ୍ଟ ପରିମାଣରେ ଅଙ୍ଗାର ଗଚ୍ଛିତ କରି ରଖିଥା'ନ୍ତି। ଏଭଳି ଅଙ୍ଗାର-ସମୃଦ୍ଧ ଭୂମିରେ ଯଦି ଆମେ ବୃହତ୍‌କାୟ ବୃକ୍ଷ ରୋପଣ କରୁ, ତା'ହେଲେ ବୃକ୍ଷ ଶୋଷଣ କରୁଥିବା ଅଙ୍ଗାରଠାରୁ ଏହା ଅଧିକମାତ୍ରାରେ ମୃତ୍ତିକାରୁ ନିର୍ଗତ ହେବ। ଅନ୍ୟପକ୍ଷରେ, ଏହି ପ୍ରଜାତିଗୁଡ଼ିକ ସ୍ଥାନୀୟ ହୋଇ ନ ଥିବାରୁ ସେଠାର ଜୀବଜନ୍ତୁ ବା ପକ୍ଷୀ ଆଦିକୁ ଆବାସ ଯୋଗାଇବାକୁ ଅକ୍ଷମ ହେବେ। ଏହା ବ୍ୟତୀତ ଏଭଳି ବହିରାଗତ ପ୍ରଜାତି ବୃକ୍ଷମାନଙ୍କର ପରିବେଶ ଉପରେ ଅନ୍ୟାନ୍ୟ ନକାରାତ୍ମକ ପ୍ରଭାବ ମଧ୍ୟ ରହିଛି। ଉଦାହରଣ ସ୍ୱରୂପ, ୨୦୧୮ରେ ଘୋର ଜଳ ସଂକଟର ସମ୍ମୁଖୀନ ହୋଇଥିବା କେପ୍‌ଟାଉନଠାରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏଠାରେ ଆକାଶିଆ ଏବଂ ପାଇନ୍ ଭଳି ବହିରାଗତ ବୃକ୍ଷରୋପଣ ଏ ସମସ୍ୟାକୁ ଅଧିକ ଜଟିଳ କରିଥିଲା। ଏହି ମାତ୍ରାଧିକ ଜଳ ଶୋଷଣକାରୀ ବୃକ୍ଷଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଶୋଷଣ କରୁଥିଲେ ବାର୍ଷିକ ପ୍ରାୟ ୫୫ ନିୟୁତ ଲିଟର ଜଳ। ଫଳରେ ବିପଜ୍ଜନକ ଭାବେ ଖସି ଚାଲିଥିଲା ଭୂତଳ ଜଳସ୍ତର।

ସେହିପରି ପୁନଃ ବନୀକରଣରେ ପ୍ରାକୃତିକ ଅରଣ୍ୟରେ ଥିବା ସବୁ ପ୍ରଜାତିର ଉଦ୍ଭିଦ ରୋପଣ କରିବା କଦାପି ସମ୍ଭବ ନୁହେଁ। ତେଣୁ ତାହା ଜୈବ ବିଭିନ୍ନତାର ସୁରକ୍ଷା ଦୃଷ୍ଟିରୁ ଆଦୌ ଉପାଦେୟ ହୋଇ ନ ପାରେ। କାରଣ ତାହା ସ୍ଥାନୀୟ ପକ୍ଷୀ, ଜୀବଜନ୍ତୁ, କୀଟପତଙ୍ଗ ଇତ୍ୟାଦିଙ୍କୁ ଉପଯୁକ୍ତ ଆବାସ ଯୋଗାଇ ପାରିବ ନାହିଁ। ଏଥିଯୋଗୁ ଆମ ଦେଶର ଅନେକ ସ୍ଥାନରେ ସୃଷ୍ଟି କରାଯାଇଥିବା ନୂତନ ଅରଣ୍ୟ ଜୈବ ବିଭିନ୍ନତା ସମୃଦ୍ଧ ହୋଇପାରୁ ନାହିଁ। ପୁନଶ୍ଚ ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ, ପ୍ରଚୁର ଅର୍ଥ ବିନିଯୋଗରେ କରାଯାଇଥିବା ବ୍ୟାପକ ଚାରାରୋପଣ ପରବର୍ତ୍ତୀ ଯତ୍ନ ଅଭାବରୁ ନଷ୍ଟ ହୋଇଯାଉଛି। କେତେକ ସ୍ଥାନରେ ଏଗୁଡ଼ିକର ବଞ୍ଚିରହିବା ହାର ୧୦ରୁ ୨୦ ଶତାଂଶ ଏବଂ ଆଉ କେତେକ ସ୍ଥାନରେ ସର୍ବୋଚ୍ଚ ୫୦ରୁ ୬୦ ଶତାଂଶ ମଧ୍ୟରେ ସୀମିତ ରହୁଛି।

ଅବିଚାରିତ ଭାବେ ଚାଲିଥିବା ପୁନଃ ବନୀକରଣ ସମୟରେ ସ୍ଥାନଟିର ପରିସଂସ୍ଥୀୟ ଏବଂ ସାମାଜିକ ପରିସ୍ଥିତିକୁ ପ୍ରାୟତଃ ବିଚାରକୁ ନିଆଯାଉ ନାହିଁ। ଉଦାହରଣ ସ୍ୱରୂପ, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରୁଥିବା ପଶୁପକ୍ଷୀ ଓ କୀଟପତଙ୍ଗ ଜୀବନଧାରଣ ପାଇଁ ସେଠାର ପ୍ରାକୃତିକ ବୃକ୍ଷଲତା ଓ ଗୁଳ୍ମ ଆବଶ୍ୟକ କରନ୍ତି। ସ୍ଥାନୀୟ ଲୋକେ ମଧ୍ୟ ଜୀବିକା ଅର୍ଜନ ପାଇଁ ତାହାରି ଉପରେ ନିର୍ଭରଶୀଳ ହୋଇଥା'ନ୍ତି। ସେଠାରେ ନୂତନ ବହିରାଗତ ବୃକ୍ଷରୋପଣ କରାଗଲେ ଏସବୁ ଗଭୀର ଭାବେ ବ୍ୟାହତ ହେବା ସ୍ୱାଭାବିକ।

ଏହା ବ୍ୟତୀତ ଗୋଟିଏ ପ୍ରାକୃତିକ ଜଙ୍ଗଲ କାଟି ବିକଳ୍ପ ରୂପେ ପୁନଃ ବନୀକରଣ କରାଗଲେ ସେଥିପାଇଁ ରୋପଣ ହେଉଥିବା ଚାରାଗଛଗୁଡ଼ିକ ବଢ଼ି ଏହାକୁ ତା'ର ସମକକ୍ଷ କରିବା ଲାଗି ଆବଶ୍ୟକ ହୋଇଥାଏ ୨୫ରୁ ୩୦ ବର୍ଷ। ଏହି ସମୟ ମଧ୍ୟରେ ଏହା ପରିବେଶ ଓ ପରିସଂସ୍ଥାନକୁ ଖୁବ୍ କମ୍ ସହାୟତା କରିଥାଏ। ଅତଏବ ତାହାରି ଭିତରେ ସେ ସ୍ଥାନର ପରିସଂସ୍ଥୀୟ ରୂପରେଖ ତଥା ଜଳବାୟୁ ଅଣଲେଉଟା ଭାବେ ବଦଳିଯିବା ସ୍ୱାଭାବିକ।

ଏସବୁ ଦୃଷ୍ଟିରୁ ବିଚାର କଲେ ପରିବେଶ ଓ ପରିସଂସ୍ଥାର ସୁରକ୍ଷା ଲାଗି ଏକମାତ୍ର ନିର୍ଭରଯୋଗ୍ୟ ମାର୍ଗ ହେଲା ପ୍ରାକୃତିକ ଅରଣ୍ୟର ସୁରକ୍ଷା। ବାତ୍ୟାଗ୍ନି କିମ୍ବା ଅନ୍ୟ କୌଣସି କାରଣରୁ କୌଣସିଠାରେ ତାହା ଧ୍ୱଂସପ୍ରାପ୍ତ ହେଲେ ତାହାକୁ ସେଠାରେ ପ୍ରାକୃତିକ ଭାବେ ପୁନର୍ବାର ବିକଶିତ ହେବାକୁ ଦିଆଯିବା ଉଚିତ। ପ୍ରାକୃତିକ ଅରଣ୍ୟ ପ୍ରକୃତିର ଏକ ଅନନ୍ୟ ସୃଷ୍ଟି। ତାହା ପ୍ରକୃତରେ ପରିବେଶର ଜନନୀ। ଅତଏବ ତାହାର ବିକଳ୍ପ ରୂପେ ପୁନଃ ବନୀକରଣ ତାକୁ କେବଳ ଦେଇପାରିବ ସାବତ ମା'ଟିଏ।

ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

# ମାନସିକତାରେ ପରିବର୍ତ୍ତନ ଲୋଡ଼ା



ଇବ୍ରାର ଖାଁ

ବର୍ତ୍ତମାନ ମଣିଷ ନିଜକୁ ସଭ୍ୟ, ଶିକ୍ଷିତ ଓ ପରିମାର୍ଜିତ ରୂପେ ଉପସ୍ଥାପିତ କରି ସବୁ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ପାଇଁ ଅହରହ ଉଦ୍ୟମ କରୁଛି। ଯୋଗ୍ୟତା ଥାଉ ବା ନ ଥାଉ ନିଜର ଚାତୁରୀପୂର୍ଣ୍ଣ କଥାବାର୍ତ୍ତା, ଆଚାର ବ୍ୟବହାର ଏବଂ ବେଶପୋଷାକରେ ପରିବର୍ତ୍ତନ ଆଣି ଅନେକଙ୍କର ଆସ୍ଥାଭାଜନ ହେବା ପରେ ଭୌତିକ ସୁଖ ସୁବିଧାକୁ ହାତେଇବା ପାଇଁ କୁତ୍ସିତ ମାନସିକତାର ଯେପରି ଅପପ୍ରୟୋଗ କରୁଛି, ତାହା ଯେତିକି ନିନ୍ଦନୀୟ, ସେତିକି ସମାଜ ପାଇଁ କ୍ଷତିକାରକ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଦୃଷ୍ଟିରୁ ଆଜି ସମାଜରେ ଜଣେ ନୀତିନିଷ୍ଠ, ସଦାଚାରୀ ମଣିଷକୁ ଖୋଜି ପାଇବା କାଠିକର ପାଠ। କ୍ଷମତା, ପ୍ରତିପତ୍ତି, ଧନସମ୍ପଦ ସହ ବିଳାସମୟ ଜୀବନର ଅକଳ୍ପନୀୟ ଚିନ୍ତାରେ ନିମଗ୍ନ ମଣିଷ ଜୀବନାଦର୍ଶକୁ ଭୁଲି ବିବେକକୁ ବଳି ଦେଇ ଯେଉଁ ଅମାନବୀୟ କାର୍ଯ୍ୟମାନ ସଂପାଦନ କରିଚାଲିଛି, ସେଥିରେ ସାମାଜିକ ସ୍ଥିତାବସ୍ଥା ପୂରାପୂରି ଦୋହଲିବାରେ ଲାଗିଛି। ଏହି ଦୃଷ୍ଟିରୁ ହିଂସା, ଦ୍ୱେଷ, ଭ୍ରଷ୍ଟାଚାର, ଅନୀତି ଦୁର୍ନୀତି ସହ ହତ୍ୟା, ଲୁଣ୍ଠନ, ଅପହରଣ, ଯୌନ ଉତ୍ପୀଡ଼ନ ଏବଂ ବଳାତ୍କାର ପରି ଜଘନ୍ୟ ଅପରାଧସବୁ ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହେଲାଣି। ବୈଦ୍ୟୁତିକ ଗଣମାଧ୍ୟମ ହେଉ କିମ୍ବା ପ୍ରିଣ୍ଟ ମିଡିଆରେ ପରିବେଶିତ ପ୍ରତିଦିନର ସମାଚାର ସବୁକୁ ଅନୁଧ୍ୟାନ କଲେ ଯେଉଁସବୁ ବୀଭତ୍ସ ଦୃଶ୍ୟ ଦେଖିବାକୁ ପାଉଛୁ ତାହା ନିଶ୍ଚୟ ଉଦ୍‌ବେଗଜନକ, ଏହା ଯେହେକି ସ୍ୱୀକାର କରିବେ।

ଦିନ ଥିଲା, ସମାଜରେ ସବୁବର୍ଗର ଲୋକମାନେ ଏକାଠି ମିଳିମିଶି ଚଳୁଥିଲେ। ଭେଦଭାବ କିମ୍ବା ହୀନମନ୍ୟତା ସାମାଜିକ ଜୀବନରେ ପରିଦୃଷ୍ଟ ହେଉନଥିବାରୁ ସମାଜରେ ଶାନ୍ତି ସହାବସ୍ଥାନ ସମ୍ଭବ ହେବା ସହ ପ୍ରତିବେଶୀ ଓ ପଡ଼ୋଶୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ଗଭୀର ଆସ୍ଥା ଏବଂ ଅତୁଟ ବିଶ୍ୱାସ ସ୍ଥାପନ ହୋଇପାରୁଥିଲା। ସେତେବେଳେ ଶିକ୍ଷାର ପ୍ରସାର ସମାଜର ସବୁସ୍ତରରେ ପହଞ୍ଚି ପାରିନଥିଲେ ମଧ୍ୟ ଶାନ୍ତ, ସରଳ, ନିଷ୍କପଟ ମଣିଷ ଛନ୍ଦକପଟରୁ ଊର୍ଦ୍ଧ୍ୱରେ ରହି ଦୟା, କ୍ଷମା, ସ୍ନେହ, ମମତା, ଭକ୍ତି, ଶ୍ରଦ୍ଧା, ଶିଷ୍ଟାଚାର ଆଉ ଶାଳୀନତାକୁ ଜୀବନର ଉପଜୀବ୍ୟ ରୂପେ ବିବେଚନା କରି ସାମାଜିକ ଜୀବନରେ ଯେଉଁ କାର୍ଯ୍ୟମାନ ସମ୍ପାଦନ କରୁଥିଲା, ସେଥିରେ ଜନସମୂହଙ୍କ କଲ୍ୟାଣ ହେବା ସହ ସମାଜରେ ଭାଇଚାରାର ଏକ ସୁସ୍ଥ ବାତାବରଣ ସୃଷ୍ଟି ହେଉଥିଲା। ଦୈବୀଦୁର୍ବିପାକ ହେଉ କିମ୍ବା ବିପଦ ଆପଦରେ ଜାତି, ଧର୍ମ ସମ୍ପ୍ରଦାୟର ଭେଦଭାବ ଭୁଲି ସଭିଏଁ ପରସ୍ପରକୁ ଯେପରି ସାହାଯ୍ୟ ସହଯୋଗ କରୁଥିଲେ ତାହା ଥିଲା ଅପୂର୍ବ। ଶୃଙ୍ଖଳିତ ସମାଜରେ ନାରୀମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଏବଂ ସମ୍ମାନବୋଧ ରହୁଥିବାରୁ ନାରୀ ସବୁରି ଦୃଷ୍ଟିରେ ଆଦରଣୀୟା ଓ ଚିରନମସ୍ୟା ହୋଇ ପାରୁଥିଲେ। କିନ୍ତୁ ଆଜି ମଣିଷର ଚରିତ୍ର ଏବଂ ମାନସିକତାରେ ପରିବର୍ତ୍ତନ ଆସିଯାଇଥିବାରୁ ଉତ୍ତମ ମଣିଷକୁ ଚିହ୍ନିବା ଦୁରୂହ ବ୍ୟାପର ହେଲାଣି। ଭଦ୍ରମୁଖାପିନ୍ଧା ଅନେକ



ସଇତାନ ସମାଜରେ ସର୍ବତ୍ର ପରିବ୍ୟାପ୍ତ ହୋଇ ଜନଗଣଙ୍କୁ ତତେଇ ମତେଇ ସମାଜରେ ଶାନ୍ତିଭଙ୍ଗ ପାଇଁ ଯେପରି ଉଦ୍ୟମ କରୁଛନ୍ତି; ସେଥିରେ ଧର୍ମ, ସମ୍ପ୍ରଦାୟକୁ ନେଇ ହେଉ କିମ୍ବା ଜାତିଗତ ବିଷମତାକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତିମାନ ସୃଷ୍ଟି ହେଉଛି। ତାହା ଦେଶର ଏକତା ଏବଂ ଅତୁଟ ଭାଇଚାରାକୁ ଅନେକାଂଶରେ କ୍ଷୁଣ୍ଣ କରିବାରେ ଲାଗିଛି।

ମଦ ଏବଂ ମାଦକ ଦ୍ରବ୍ୟର ପ୍ରାବଲ୍ୟ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଯୁବପିଢ଼ିର ହିତାହିତ ଜ୍ଞାନକୁ ନିଷ୍କ୍ରିୟ କରିଦେଉଥିବାରୁ ଅନେକ ପାରିବାରିକ ଜୀବନ କଳହ ସର୍ବସ୍ୱ ହୋଇ ସମାଜରେ କେତେଯେ ସୁନାର ସଂସାର ଉଜୁଡ଼ି ଯାଉଛି ତାହା କଳନା କରିବା ଅସମ୍ଭବ। ରାତାରାତି ବଡ଼ଲୋକ ହେବାର ସ୍ୱପ୍ନ ଦେଖୁଥିବା ଯୁବସମାଜ ନୈତିକ ମୂଲ୍ୟବୋଧରୁ ଓହରି ହାତରେ ଭୟର ବାତାବରଣ ସୃଷ୍ଟି କରି ଚାଲିଛି। କେବଳ ଏତିକି ନୁହେଁ, ସାମାନ୍ୟ କଥାକୁ ନେଇ କିଏ କେତେବେଳେ କାହାକୁ ହାଣି ହତ୍ୟା କରୁଛି ତ ଆଉ କିଏ ପ୍ରେମ ନାଁରେ ପ୍ରତାରଣା କରି ନିଜ ସଙ୍ଗିନୀକୁ ଖଣ୍ଡ ଖଣ୍ଡ କରି ହାଣି ବଣ ଜଙ୍ଗଲରେ ଫିଙ୍ଗି ଦେଉଛି। ନାରୀମାନଙ୍କ ବିରୋଧରେ ଘଟୁଥିବା ଆପରାଧିକ ମାମଲାଗୁଡ଼ିକର ବିଶ୍ଳେଷଣ କଲେ ସମାଜରେ ଏହା ଦିନକୁଦିନ ବୃଦ୍ଧି ପାଉଥିବାର ପରିଲକ୍ଷିତ ହୁଏ। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ, ୨୦୨୦ରେ ମହିଳା ବିରୋଧୀ ଅପରାଧ ୩,୭୧,୫୦୩ ମାମଲା ପଞ୍ଜୀକୃତ ହୋଇଥିବାବେଳେ ୨୦୨୧ରେ ତାହା ୧୫.୩% ବୃଦ୍ଧି ପାଇ ୪,୨୮,୨୭୮ରେ ପହଞ୍ଚିଛି। ଏତଦ୍‌ବ୍ୟତୀତ ସମାଜରେ ନାରୀ ବିରୋଧୀ ଆହୁରି ଅନେକ ଅପରାଧ ସଂଘଟିତ ହେଉଥିଲେ ମଧ୍ୟ ଲୋକଲଜ୍ଜା ଜନିତ କାରଣରୁ ହେଉ କିମ୍ବା ମାନମର୍ଯ୍ୟାଦା କ୍ଷୁଣ୍ଣ ହେବା ଭୟରେ ସେଗୁଡ଼ିକ ଲୋକଲୋଚନକୁ ଆସିପାରୁନାହିଁ। ନାରୀମାନଙ୍କ ପ୍ରତି ହେଉଥବା ଅପରାଧକୁ ନିୟନ୍ତ୍ରଣ ପାଇଁ ଦେଶରେ ପ୍ରଭୂତ ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ତାହା ନାରୀ ବିରୋଧୀ ଅପରାଧକୁ ପ୍ରତିହତ କରିବା ପାଇଁ ସକ୍ଷମ ହେଉନଥିବା ପରି ମନେହୁଏ। କାରଣ ନ୍ୟାୟିକ ଲଢ଼େଇରେ ଅନେକ ବଳାତ୍କାରୀ ଆଇନର ଗଳାବାଟ ଦେଇ ଖସିଯାଉଥିବାରୁ ସେମାନଙ୍କ ହୃଦୟରେ ଆଇନକାନୁନ ପ୍ରତି ସେତେଟା ଡର, ଭୟ ରହୁ ନ ଥିବାରୁ ସମାଜରେ ନାରୀ ବିରୋଧୀ ଅପରାଧ ବଢୁଛି। ସମାଜରେ ବର୍ତ୍ତମାନ ଯୁବତୀ ଯୁବକମାନଙ୍କ ମଧ୍ୟରେ ଅବାଧ ମିଳାମିଶା ଯୋଗୁ କୁମାରୀ ମାତୃତ୍ୱ ହାର ବଢ଼ିବାରେ ଲାଗିଛି। ଏହାକୁ ନେଇ କେତେବେଳେ ଅନର୍‌କିଲିଂ ପରି ଘଟଣା ସଂଘଟିତ ହେଉଛି ତ ଆଉ କେତେବେଳେ ତ୍ରିକୋଣୀୟ ପ୍ରେମକୁ ନେଇ ହତ୍ୟା ପରି ଜଘନ୍ୟ ଅପରାଧ ଘଟୁଥିବାର ଅନେକ ଦୃଷ୍ଟାନ୍ତ ରହିଛି।

ସମାଜକୁ ଅପରାଧମୁକ୍ତ କରିବା ପାଇଁ ପ୍ରଭୂତ ଆଇନଗତ ବ୍ୟବସ୍ଥା ସହ ପୋଲିସ ପ୍ରଶାସନକୁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯାଇଛି। ନ୍ୟାୟାଳୟରେ ଅପରାଧୀମାନଙ୍କ ତ୍ୱରିତ ବିଚାର କରାଯାଇ ଅପରାଧର ଗୁରୁତ୍ୱ ଦୃଷ୍ଟିରୁ କଠିନରୁ କଠିନ ଦଣ୍ଡ ପ୍ରଦାନ କରାଯିବାର ପ୍ରାବଧାନ ରହିଥିଲେ ମଧ୍ୟ ସମାଜରୁ ଅପରାଧ ପ୍ରବଣତା ଦୂର ହେବା ପରିବର୍ତ୍ତେ ଯେପରି ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି ତାହା ନିଶ୍ଚୟ ଉଦ୍‌ବେଗଜନକ, ଏଥିରେ ସନ୍ଦେହ ନାହିଁ। ଅପରାଧୀମାନଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିଲେ ଯେତେ ଯାହା କଲେ ମଧ୍ୟ ସମାଜକୁ ଅପରାଧମୁକ୍ତ କରାଯାଇପାରିବ ନାହିଁ। ଆଧ୍ୟାତ୍ମିକ ଚିନ୍ତାରେ ଜନଗଣଙ୍କୁ ଉଦ୍‌ବୁଦ୍ଧ କରାଇ ସମାଜର ସବୁସ୍ତରରେ ଲୋକଙ୍କ ମାନସିକତାରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଲାଗି ବଳିଷ୍ଠ ପଦକ୍ଷେପ ନେବା ଜରୁରୀ। ମାଦକଦ୍ରବ୍ୟ ସବୁ ଅନର୍ଥର ମୂଳକାରଣ ହୋଇଥିବାରୁ ସମାଜରେ ମଦ ସହିତ ମାଦକ ଦ୍ରବ୍ୟର ପ୍ରାବଲ୍ୟକୁ ନିୟନ୍ତ୍ରଣ କରାଯାଇପାରିଲେ ସମାଜରୁ ଅନେକାଂଶରେ ଅପରାଧକୁ ପ୍ରତିହତ କରିହେବ, ଏଥିରେ ସନ୍ଦେହ ନାହିଁ।

ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଜ, ଖୋର୍ଦ୍ଧା
ମୋ:୯୩୩୭୬୦୧୭୦୫

## ଏଇ ଭାରତରେ

ସମସ୍ତେ ଜାଣନ୍ତି ଯେ ଗୋବରରୁ ଖତ ହୁଏ, ଗୋବରରୁ ଉତ୍ପନ୍ନ ଗ୍ୟାସ୍‌ରେ ରୋଷେଇ କରାଯାଏ। କିନ୍ତୁ ଏ ବିଷୟ କେବେ ଶୁଣିଛନ୍ତି କି ଗୋବରରୁ କାଗଜ ପ୍ରସ୍ତୁତ ହୁଏ। ହଁ, ଏମିତି କାର୍ଯ୍ୟ କରୁଛନ୍ତି ରାଜସ୍ଥାନ ଜୟପୁରର ଭୀମ ରାଜ୍ ଶର୍ମା। ଭୀମ ଗୋବରରୁ କାଗଜ ପ୍ରସ୍ତୁତ କରି ବର୍ଷକୁ ୧ କୋଟି ଟଙ୍କାରୁ ଅଧିକ ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ୨୦୧୪ରେ ସେ ହାତୀ ମଳରୁ କାଗଜ ତିଆରି ହେବା ଜାଣିବା ପରେ ଗୋବରରୁ କାଗଜ ପ୍ରସ୍ତୁତ କରିବା ପାଇଁ ଯୋଜନା କରିଥିଲେ। ପରେ ଏଥିସକାଶେ କାମ ଆରମ୍ଭ କରିବା ଲାଗି ସାଙ୍ଗସାଥୀ ଓ ପରିବାର ଲୋକଙ୍କଠାରୁ ଅର୍ଥ ଯୋଗାଡ଼ କରିବା ସମୟରେ ତାଙ୍କୁ 'ପାଗଳ' ବୋଲି ସମସ୍ତେ କହିଲେ। ହେଲେ ସେ ସବୁ ପ୍ରତିକୂଳ ସ୍ଥିତିକୁ ଏଡ଼ାଇଯାଇ ୨୦୧୭ରେ ୩୦ ଲକ୍ଷ ଟଙ୍କା ନିବେଶ କରି 'ଗୋକୃତି' ସଂସ୍ଥା ପ୍ରତିଷ୍ଠା କରି କାଗଜ ଉତ୍ପାଦନ ଆରମ୍ଭ କରିଥିଲେ। ସେ ଗୋବର, ଗୋମୂତ୍ର ଓ ବର୍ଜ୍ୟ ସୂତାକପଡ଼ା ବ୍ୟବହାର କରି କାଗଜ ତିଆରି କରୁଛନ୍ତି। ପ୍ରତିଦିନ ୩୦୦୦ ସିଟ୍ କାଗଜ ବିକ୍ରି କରୁଛନ୍ତି। ଭୀମ ବର୍ତ୍ତମାନ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଆଦି ସହରକୁ କାଗଜ ପଠାଉଛନ୍ତି। କାଗଜ ପାଇଁ ଗୋବର ଓ ଗୋମୂତ୍ର ଆଖପାଖ ଅଞ୍ଚଳର କୃଷକମାନଙ୍କଠାରୁ ସଂଗ୍ରହ କରୁଛନ୍ତି ଓ ସେମାନଙ୍କୁ ପ୍ରାପ୍ୟ ମଧ୍ୟ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜାନୁୟାରୀ ୧୯୯୮

- କେନିୟାର କେନ୍ଦ୍ରୀୟ ମେରୁ ଜିଲାରେ ଏକ ବସ୍ ନଦୀ ଭିତରକୁ ଖସିପଡ଼ିବା ଫଳରେ ୫୪ ମୃତ।
- ଦେଶରେ ପାର୍ଲାମେଣ୍ଟ ଭଙ୍ଗ ପାଇଁ ନେପାଳର ପ୍ରଧାନମନ୍ତ୍ରୀ ସୂର୍ଯ୍ୟବାହାଦୁର ଥାପାଙ୍କ ସୁପାରିସ୍।
- ସିଧାସଳଖ ବିଦେଶୀ ବିନିଯୋଗ (ଏଫ୍‌ଡିଆଇ) ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ କଟକଣା କୋହଳ।
- ଫେରା ଉଲ୍ଲଂଘନ ମାମଲାରେ ଅଶୋକ କୁମାର ଜୈନଙ୍କ ଆଗୁଆ ଜାମିନ ଆବେଦନ ସୁପ୍ରିମ୍‌କୋର୍ଟରେ ଖାରଜ।

## ଚିରନ୍ତନୀ

ଫାଟି ପଡ଼ିଥିଲା ନାଲି ଅନ୍ତର କା'ର
ସେ ବ୍ୟଥା ପରଶେ ତ୍ରିଭୁବନ ନାରଖାର
ଲୋହିତ ସେ ବ୍ୟଥା ଭାସଇ ପବନେ,
ଅରୁଣ ରାଗିଣୀ ଗଗନେ ଗଗନେ,
ସେ ବ୍ୟଥା ଏ ପ୍ରାଣେ ଉଠାଇଛି ହାହାକାର
ସକଳ ଅଙ୍ଗେ ରକତ-ଚୁମ୍ବ ତା'ର।
(ଲୋହିତ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | 1 | | 5 | | |
| | | | | 8 | | | | 7 |
| 7 | | 3 | | 9 | | 2 | | |
| 1 | | | | 2 | | 3 | | |
| | | | | | 9 | 8 | | |
| | | | 1 | 3 | | | | 6 |
| 8 | | | | | | | | |
| 6 | | | 2 | | | 7 | | |
| | | 9 | | | 7 | 6 | 8 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 5 | 9 | 2 | 8 | 3 | 4 | 6 |
| 4 | 3 | 8 | 7 | 6 | 1 | 2 | 9 | 5 |
| 2 | 9 | 6 | 4 | 5 | 3 | 8 | 1 | 7 |
| 9 | 6 | 1 | 5 | 3 | 7 | 4 | 2 | 8 |
| 5 | 7 | 2 | 8 | 1 | 4 | 9 | 6 | 3 |
| 8 | 4 | 3 | 2 | 9 | 6 | 7 | 5 | 1 |
| 1 | 5 | 4 | 3 | 7 | 9 | 6 | 8 | 2 |
| 6 | 8 | 7 | 1 | 4 | 2 | 5 | 3 | 9 |
| 3 | 2 | 9 | 6 | 8 | 5 | 1 | 7 | 4 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟ ଅପଚୟ ରୋକାଯିବା ଜରୁରୀ

ମହାଶୟ,

ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ସୁଦ୍ଧା ଅନେକ ଦେଶ ଖାଦ୍ୟାଭାବ ସଙ୍କଟ ଦେଇ ଗତିକରୁଛି। ଏହାର ପ୍ରମୁଖ କାରଣ ଖାଦ୍ୟ ନଷ୍ଟ ଦ୍ୱାରା ଖାଲି ଯେ ବିଶ୍ୱ ଅର୍ଥନୀତି ବାଧାପ୍ରାପ୍ତ ହେଉଛି ତାହା ନୁହେଁ, ଜଳବାୟୁ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଏହା ପ୍ରକାଶିତ (W.F.P)ଡବ୍ଲ୍ୟୁଏଫ୍‌ପି ରିପୋର୍ଟରୁ ଜଣାପଡ଼ିଛି। ଏହି ବର୍ଜ୍ୟ ଖାଦ୍ୟଦ୍ରବ୍ୟ ଦୂଷିତ ହୋଇ ବାୟୁମଣ୍ଡଳରେ କାର୍ବନ ପରିମାଣ ବୃଦ୍ଧିପାଇଁ ଦାୟୀ। ସେଥିପାଇଁ ଜଳର ଅପଚୟ ମଧ୍ୟ ଘଟିଥାଏ। ଏକ ଆକଳନରୁ ଜଣାପଡ଼ିଛି ଯେ, ବିଶ୍ୱରେ ପ୍ରତିବର୍ଷ ୧.୩ ବିଲିୟନ ଟନ୍ ଖାଦ୍ୟ ନଷ୍ଟ ହେଉଛି। ଏହାର ହାରାହାରି ମୂଲ୍ୟ ଏକ ଟ୍ରିଲିୟନ ଡଲାର। ଏତଦ୍‌ବ୍ୟତୀତ ଉତ୍ପାଦନ ହେଉଥିବା ମୋଟ ଖାଦ୍ୟର ୩ ପ୍ରତିଶତ ପ୍ରତ୍ୟେକ ବର୍ଷ ନଷ୍ଟ ହେଉଛି ବୋଲି ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ (ଡବ୍ଲ୍ୟୁଏଫ୍‌ପି) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଖାଦ୍ୟର ଅପଚୟ ରୋକାଯିବା ପାଇଁ ପ୍ରାୟ ସବୁ ବର୍ଗର ଜନସାଧାରଣ ସଚେତନ ହେବା ନିହାତି ଆବଶ୍ୟକ।

**- ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବିନା ସୂଚନା ଫଳକରେ ଚାଲିଛି ପୋଲକାମ**

ଲୋଇସିଂହା,(ଡି.ଏନ.ଏ.):ଲୋଇସିଂହା ବ୍ଲକ ପନେସରାରୁ କଉଁଟିପାଲିକୁ ସଂଯୋଗ ପାଇଁ ଘେଷରା ନାଳରେ ପୋଲ କାମ ଆରମ୍ଭ ହୋଇଛି । ନାଳରେ ସ୍ଲାପ ପଡିବା ସହ ପିଲର ପାଇଁ ଲୁହରଡ ବନ୍ଧା କାମ ସରିଛି । ସୂଚନା ପାଇଁ ଫଳକ ନିର୍ମାଣ ହୋଇଛି। ହେଲେ କାମ ମାସାଧିକ ସମୟ ବିତି ଯାଇଥିଲେ ବି ଫଳକ ଲେଖାଯାଇନାହିଁ । ଲୋଇସିଂହା ବ୍ଲକ କେଉଁଟିପାଲି ଓ ହାରାପୁର ପଞ୍ଚାୟତ ପନେସରା ମଧ୍ୟଭାଗରେ ରହିଛି ଘେସରା ନାଳ । ସେଠାରେ ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ଦାବି ପରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶିଳାନ୍ୟାସ କରାଯାଇଥିଲା।

# ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ହାତୀ ମୃତ

- ବାର୍‌ହା ଶିକାର କରି ପୁଷ୍ପପୁନି ପାଳନ ଯୋଜନା
- ଏସଟିଏଫ ତଦନ୍ତ, ୩ ଅଟକ, ସାମଗ୍ରୀ ଜବତ
- ନେତାଙ୍କ ପୁତୁରାଙ୍କୁ ଉଠାଇ ନେଇ ପୁଣି ଛାଡ଼ି ଦେଲେ

ସମ୍ବଲପୁର,୮।୧(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ହାତିବାରି-ବନ୍ଦେର ସଂରକ୍ଷିତ ଜଙ୍ଗଲରୁ ରବିବାର ସକାଳେ ଏକ ଦନ୍ତା ହାତୀର ମୃତଦେହ ଠାବ ହୋଇଥିଲା । ବନ ବିଭାଗ ହାତୀର ମୃତଦେହ ଜବତ କରିଥିଲା। ଖବରପାଇ ଘଟଣାସ୍ଥଳରେ ଭୁବନେଶ୍ୱରରୁ ଏସ୍‌ଟିଏଫ ଟିମ୍ ସହ ସମ୍ବଲପୁର ଆରସିସିଏଫ ଅରୁଣ ମିଶ୍ର, ଡିଏଫଓ ବିଶ୍ୱନାଥ ନୀଳାମ୍ବରନ ପହଞ୍ଚିଥିଲେ। ବନ୍ୟପ୍ରାଣୀ ମୁଖ୍ୟତଃ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦନ୍ତାହାତୀର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟା ସମୟରେ ଏହାକୁ ଜଙ୍ଗଲରେ ପୋତି ଦିଆଯାଇଛି। ଡା. ନବୀନ ଖୁଣ୍ଟିଆ, ଡା. କେ.ଏମ ନଝର, ଡା. ପଲ୍ଲବି ପଟେଲଙ୍କୁ ନେଇ ଗଠିତ ହୋଇଥିବା ଟିମ୍ ହାତୀର ବ୍ୟବଛେଦ କରିଥିଲେ। ଏସ୍‌ଟିଏଫ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ। ପାରିପାଶ୍ୱିକ ସ୍ଥିତି, ପ୍ରମାଣ, କିଭଳି ଭାବେ ଶିକାର କରାଯାଇଛି ସେନେଇ ଚିକିନିଖି ତଦନ୍ତ କରିଥିଲେ। ଶିକାର ଘଟଣାରେ ସଂପୃକ୍ତି ଥିବା ଅଭିଯୋଗରେ ବନ ବିଭାଗ ୫ ଜଣଙ୍କୁ ଉଠାଇ ନେଇଥିଲା। ପଚରାଉଚରା କରିବା ପରେ ୩ ଜଣଙ୍କ ସଂପୃକ୍ତି ଥିବା ଜାଣି ଅଟକ ରଖିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ପି. ମିର୍ଦ୍ଧା (୩୦), ଡି. ମିର୍ଦ୍ଧା ( ୨୮) ଓ ବି. ମିର୍ଦ୍ଧା ( ୩୨) । ଘଟଣାସ୍ଥଳରୁ ଶିକାର ପାଇଁ ବ୍ୟବହୃତ କେତେକ ସାମଗ୍ରୀ ଜବତ କରାଯାଇଛି । ଏହି ଘଟଣାରେ ଅଧିକ ଲୋକଙ୍କ ସଂପୃକ୍ତି ରହିଥିବା ନେଇ ବନ ବିଭାଗ ସନ୍ଦେହ କରି ତଦନ୍ତ କରୁଛି। ହେଲେ ଛାଡି ଦେଇଥିବା ଯୁବକମାନଙ୍କ ମଧ୍ୟରେ ଜଣେ ଯୁବ ରାଜନେତାଙ୍କ ପୁତୁରା ରହିଛନ୍ତି। ଉକ୍ତ ନେତାଙ୍କ ସହ ତାଙ୍କ ସମର୍ଥକମାନେ ସଦର ରେଞ୍ଜ ଅଫିସକୁ ଯାଇ ଅଟକ ରଖିଥିବା ପୁତୁରାଙ୍କୁ ଛାଡିବାକୁ କହିଥିଲେ। ପରେ ନେତାଙ୍କ ପୁତୁରା ଓ ଅନ୍ୟ ଜଣେ ଯୁବକଙ୍କୁ ବନ ବିଭାଗ ଛାଡି ଦେଇଥିଲା। ଅନ୍ୟପଟେ ଏକ ଚୁକ୍ତିନାମା ମଧ ହୋଇଥିବା ଜଣାପଡିଛି ।

ମିଳିଥିବା ସୂଚନା ମୁତାବକ, ମୃତ ଦନ୍ତା ହାତୀର ବୟସ ପ୍ରାୟ ୧୨ ବର୍ଷ ହେବ। ଦନ୍ତାର ମୃତ୍ୟୁ ହେବା ପରେ ଦାନ୍ତ ନେବାକୁ ଦୁର୍ବୃତ୍ତମାନେ ଚେଷ୍ଟା କରି ବିଫଳ ହୋଇଥିଲେ। ଦୁଇଦାନ୍ତ ସୁରକ୍ଷିତ ଭାବେ ରହିଛି। ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ହାତୀର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅଟକ ଥିବା ଯୁବକମାନେ ଶିକାରରେ ସାମିଲ ଥିବା ବନ ବିଭାଗ ଆଗରେ ସ୍ୱୀକାର କରିଛନ୍ତି। ଶୁକ୍ରବାର ପୁଷ୍ପପୁନି ତିହାର ରହିଥିଲା। ତେଣୁ ପୂର୍ବ ରାତିରେ ବନ୍ୟପ୍ରାଣୀ ଶିକାର କରି ମାଂସକୁ ଭୋଜିଭାତ କରି ଖାଇବା ଓ ବିକ୍ରି କରିବା ପାଇଁ ଶିକାରୀମାନେ ବିଦ୍ୟୁତ ତାର ବିଛାଇଥିଲେ। ହେଲେ ବାର୍‌ହା, କୁଟୁରା ବଦଳରେ ହାତୀପଲରୁ ଗଜରାଜ ଫାଶରେ ପଡି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ହାତୀର ମୃତ୍ୟୁ ଘଟିଥିଲା। ଦୁର୍ବୃତ୍ତମାନେ ପ୍ରମାଣ ନଷ୍ଟ କରିବା ପାଇଁ ବିଛା ଯାଇଥିବା ତାରକୁ ନେଇ ଯାଇଥିଲେ। ଫଳରେ ଅଞ୍ଚଳରେ କିଛି ସମୟ ପାଇଁ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିଲା। ଏ ସମ୍ପର୍କରେ ଡିଏଫଓ ନୀଳାମ୍ବରନ କହିଛନ୍ତି ଯେ, ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଛି। ୩ ଜଣଙ୍କୁ ଅଟକ ରଖାଯାଇଛି। ମୃତଦେହ ରିପୋର୍ଟ ଆସିବା ପରେ ଠିକ ବୟସ ଓ କେବେ ମୃତ୍ୟୁ ହୋଇଛି ଜଣାପଡିବ ବୋଲି କହିଥିଲେ।



ସମ୍ବଲପୁର ବନଖଣ୍ଡରେ ମୃତ ଦନ୍ତାହାତୀ।

## ଜୁଆଆଡ୍ଡା ଉପରେ ଚଢ଼ାଉ: ୬ ଅଭିଯୁକ୍ତ କୋର୍ଟ ଚାଲାଣ

ବାଉଁଶୁଣୀ,୮।୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଅଞ୍ଚଳରେ ଚୋରା ମଦ କାରବାର ସାଙ୍ଗକୁ ଜୁଆ ଖେଳ ଅବାଧରେ ଚାଲିଛି। ବାଉଁଶୁଣୀ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଶନିବାର ରଜାବନ୍ଧ ନିକଟ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୬ଜଣ ଜୁଆଡିଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ନଗଦ ୧୮ ହଜାର ଟଙ୍କା, ୫ଟି ମୋବାଇଲ ଫୋନ ଆଦି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛେଳିବାହାଲି ଗ୍ରାମର ସୁରୁ ପ୍ରଧାନ, ଅଇଁଲାପାଲି ଗ୍ରାମର ସୁଧାଂଶୁ ମେହେର,ହରିହର ମେହେର, ହିଲୁଙ୍ଗ ଗ୍ରାମର ରବୀନ୍ଦ୍ର ସାହୁ, ବାଉଁଶୁଣୀ ସନପୁରିଆପଡାର ଲକ୍ଷ୍ମୀ ନାରାୟଣ ମେହେର, ମହେଶ୍ୱର ପିଣ୍ଡାର ସୁରେନ୍ଦ୍ର ସେଠୀ ଓ ସୋନପୁର ବୁରମୁଣ୍ଡା ଗ୍ରାମର କରୁଣା କର ପ୍ରଧାନ। ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ବାଉଁଶୁଣୀ ଥାନା ଅଧିକାରୀ ଅରୁଣ କୁମାର ସିଂହ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟ ଶିବିରରେ ୩୪୧ଜଣଙ୍କ ଚକ୍ଷୁ ପରୀକ୍ଷା



ଅତିଥିଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ କରାଯାଉଛି।

ପାଇକମାଳ,୮।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର କୁଲତା ଯୁବ ସଙ୍ଗଠନର ଆନୁକୂଲ୍ୟରେ ବରଗଡ ବିକାଶ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ବରଗଡ ବିକାଶ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲ ନିର୍ଦ୍ଦେଶକ ଡି.ମୁରଲି କ୍ରୀସ୍ନା ଶିବିର ଉଦଘାଟନ କରିଥିଲେ ।ଏଥିରେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ନେତ୍ର ବିଶେଷଜ୍ଞ ଡାକ୍ତର ଓ ସହ କର୍ମୀମାନଙ୍କ ଦ୍ୱାରା ୩୪୧ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଚକ୍ଷୁ ଶିବିରକୁ ଡା. ନିରୋଜ ପ୍ରଧାନ ଉଦଘାଟନ କରିଥିଲେ। ୬୫ଜଣଙ୍କର ଅପରେସନ କରାଯିବା ପାଇଁ ବସ ଯୋଗେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟକୁ ପଠାଯାଇଛି। ଆସନ୍ତା ୨ ଦିନ ମଧ୍ୟରେ ସେମାନଙ୍କ ଆଖି ଅପରେସନ କରି ପୁନରବାର ପାଇକମାଳରେ ବସରେ ଆଣି ଛଡାଯିବ ବୋଲି ଡା. ସୋପ୍ନିକା କହିଥିଲେ। ବିକାଶ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲର ୭ଜଣ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେବା ସହ ଓ ତାଙ୍କ କର୍ମଚାରୀମାନେ ମିଶି ୭୦୨ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟର ୧୦ଜଣ ଛାତ୍ରୀ ଔଷଧ ବଣ୍ଟନରେ ସହଯୋଗ କରିଥିଲେ। ଉଦଯାପନୀ ସଭା ଡା. ବୁଲୁ ବାରିକ ଅଧ୍ୟକ୍ଷତାରେ କରିଥିଲେ। ଅତିଥି ଭାବେ ଡା. ମୋହନ ଭୋଇ, ଡା. ସୁଦିପ୍ତ ସାହୁ, ଭୁବନେଶ୍ୱର ସା, ବଡ ସତପଥୀ, ଯୋଗେନ୍ଦ୍ର ଭୋଇ, କେସବ ସାହୁ ଯୋଗଦେଇ ଡାକ୍ତର ପ୍ରଭାକର ତ୍ରିପାଠୀ, ତପନ କୁମାର ସିଂ ଶତୋ ପଟ୍ଟନାୟକ, ଇପ୍ସିତା ଦେବତା, ରାଜେଶ ଷଡ଼ଙ୍ଗୀ, ଭାରତ ଚନ୍ଦ୍ର ମିଶ୍ର ଓ ୧୭ଜଣ କର୍ମଚାରୀ, ବିକାଶ ହସ୍ପିଟାଲର ସବ୍ୟସାଚି ରାଏ ଏବଂ ସୁଶାନ୍ତ ପ୍ରଧାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିବରରେ ପାଇକମାଳର ନାଗରିକ କମିଟ, ଲାୟନ୍ସ କ୍ଲବ, ମାରୱାଡି ଯୁବାମଞ୍ଚ, ଓକିଲ ସଂଘ, ଯୁବଯାଗରଣ ସଙ୍ଗଠନ, ବଣିକ ସଂଘ, ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ବିଜୟ ପ୍ରଧାନ, ଦିବାକର ଗଡତିଆ, ଗୋକୁଳା ପ୍ରଧାନ, ଚିତ୍ତ ରଞ୍ଜନ ପ୍ରଧାନ, ଡୋଲଣି ବଢେଇ, କର୍ମୁ ବିଶ୍ୱାଳ ପ୍ରମୁଖ ଯୁବ ସଙ୍ଗଠନ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ନିତ୍ୟାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବିଜେଡି ପ୍ରତିଷ୍ଠା ଦିବସ ପାଳନ ନେଇ ଆଲୋଚନା



ବିଜେଡି ଜିଲା ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ ଦଳୀୟ କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

**ଦେଓଗାଁର ବିକାଶ ଉପରେ ଜିଲା ପର୍ଯ୍ୟବେକ୍ଷକଙ୍କ ଗୁରୁତ୍ୱ**

ଦେଓଗାଁ, ୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଗସ୍ତରେ ଆସି ଭଟଲି ବିଧାୟକ ତଥା ବିଜେଡିର ଜିଲା ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ ସ୍ଥାନୀୟ ଦଳୀୟ ନେତାଙ୍କ ସହ ଦଳର ପ୍ରତିଷ୍ଠା ଦିବସ ପାଳନ ସହ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେ ପ୍ରଥମେ ଦେଓଗାଁ ପାର୍କ ପରିସରରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସୋନଗଡ ନଦୀ ଉପରେ ପ୍ରସ୍ତାବିତ ବ୍ୟାରେଜ ନିର୍ମାଣର ଅଗ୍ରଗତି, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯୋଗୀସାଗରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ଉପରେ ଆଲୋଚନା କରିଥିଲେ। ଦେଓଗାଁ ଗ୍ରାମବାସୀଙ୍କ ଦାବି ଅନୁସାରେ ଏକ କଲ୍ୟାଣ ମଣ୍ଡପ, ବ୍ଲକର ୧୦ ପଞ୍ଚାୟତ ପାଇଁ ୯୦କୋଟି ଟଙ୍କାର ମଞ୍ଜୁରୀପ୍ରାପ୍ତ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ଏବଂ ସାଲେପାଲିରୁ ସରଗଡା ମଧ୍ୟରେ ପୋଲ ନିର୍ମାଣ ଉପରେ ଆଲୋଚନା କରାଯାଇଥିଲା। ଦେଓଗାଁ ବ୍ଲକରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ କରିବାକୁ ନେଇ ଆଲୋଚନା ହୋଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ଯୁବ ବିଜୁ ଜନତା ଦଳ ସଭାପତି ତଥା ପାର୍କ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଜିଲା ପରିଷଦ ସଦସ୍ୟା ମମତା କୁମୁରା, ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ, ଉଡାର ସରପଞ୍ଚ ପଞ୍ଚମୀ ଦୀପ, ମୁକୁନ୍ଦପୁର ସମିତି ସଭ୍ୟ ଅଭିମନ୍ୟୁ ମାଝି, ଦେଓଗାଁ ସମିତି ସଭ୍ୟ ମୀନା କୁମାରୀ ସା ପ୍ରମୁଖ ଉପସ୍ଥିତ ଥିଲେ।

## ୮୪ ଘର ଅଘରିଆ ସମାଜର କାର୍ଯ୍ୟକାରିଣୀ ବୈଠକ

ଲୋଇସିଂହା,୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗଠାରେ ଜିଲା ୮୪ ଘର ଅଘରିଆ ସମାଜର ଏକାଦଶ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ର ସଭାପତି ହରିଶଙ୍କର ସାଏ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ସାମାଜିକ କାର୍ଯ୍ୟକର୍ତ୍ତା ଓ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। ଅର୍ଥାଭାବରୁ ସମାଜର ଗରିବ ମେଧାବୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ସହାୟତା କରିବା ପାଇଁ ଏହି ଅବସରରେ ଶିକ୍ଷା ବିକାଶ ସମିତି ଗଠନ କରାଯାଇଥିଲା। ସଭାରେ ଉପସ୍ଥିତ ପ୍ରାୟ ୨୦ ଜଣ ବଦାନ୍ୟ ବ୍ୟକ୍ତି ଆର୍ଥିକ ସହୟତା ପାଇଁ ସହମତି ପ୍ରକାଶ କରିଥିଲେ। ସଭାରେ ୪ ଲକ୍ଷ ଟଙ୍କା ଅନୁଦାନ ସଂଗ୍ରହ ହୋଇଥିଲା। ଶିକ୍ଷାରୁ ବଞ୍ଚିତ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ସଂଗୃହୀତ ପାଣ୍ଠିରୁ ସହାୟତା ଦିଆଯିବ ବୋଲି ବୈଠରେ ନିଷ୍ପତ୍ତି ନିଆଯାଇଥିଲା।



କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି।



ଡ୍ରେନ ପାଣି ରାସ୍ତାକଡରେ ଜମା ହୋଇ ରହିଛି।

## ରାସ୍ତାରେ ଭାସୁଛି ଡ୍ରେନ୍ ପାଣି

ଲାଠୋର, ୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟ ମୁଖ୍ୟରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରାୟ ୨୦ ମିଟର ଡ୍ରେନ ପୋତି ହୋଇ ଯିବାରେ ମଇଳା ପାଣି ମୁଖ୍ୟରାସ୍ତାରେ ଭାସୁଛି। ସେହି ରାସ୍ତା ଦେଇ ଲୋକ ଯିବା ଆସିବା କଲାବେଳକୁ ନାନା ସମସ୍ୟା ଦେଖାଦେଉଛି। ଅନେକ ଦିନରୁ ଡ୍ରେନର ମରାମତି କରିବାକୁ ଦାବି ହୋଇ ଆସୁଥିଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଗ୍ରାମର ଆଉ କେତେକ ସ୍ଥାନରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରେ ଡ୍ରେନ ପିଡ଼୍ବ୍ଲ୍ୟୁଡ଼ି ରାସ୍ତାକଡ଼ରେ ରହିଛି। ଆମେ ସେମାନଙ୍କ ସହ ଯୋଗାଯୋଗ କରି ଡ୍ରେନ ମରାମତି ବ୍ୟବସ୍ଥା କରିବୁ ବୋଲି କହିଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଟିକେଶ୍ୱର



@ କୁମାରମଣି



@ ବିକାଶ



@ ବିକ୍ରମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ସାମ୍ବଲପୁରୀ ବସ୍ତ୍ରାଳୟ
ପବିତ୍ର ମକର ଓ ପୋଙ୍ଗଲ ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୦୯।୦୧।୨୦୨୩ରୁ ତା୧୪।୦୧।୨୦୨୩ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.

## ଲୋକ ମହୋତ୍ସବ ଅଭ୍ୟର୍ଥନା କମିଟିର ବୈଠକ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଲୋକ ମହୋତ୍ସବ ଅଭ୍ୟର୍ଥନା କମିଟିର ବୈଠକ ରବିବାର ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କମିଟିର ଆବାହକ ମହମ୍ମଦ ସାନାଉଲ୍ଲା ସଭାପତିତ୍ୱ କରିଥିଲେ । ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ରଞ୍ଜନ କୁମାର ସାହୁ, ଟିମ ସବକମିଟିର ଆବାହକ ସୂର୍ଯ୍ୟ ପ୍ରକାଶ ଗୁରୁ, ମିଡିଆ ସବକମିଟି ଆବାହକ ଭବାନୀଶଙ୍କର ଭୋଇ, ମଞ୍ଚ ସବ୍ କମିଟି ଆବାହକ ଭୋଲା ମହନ୍ତମ, ଜିଲା ସଂସ୍କୃତି ଅଧିକାରୀ ଦିପକ କୁମାର କୁଲୁଙ୍କ ସହ ଅଭ୍ୟର୍ଥନା ଉପକମିଟିର ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।

# ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ହାତୀ ମୃତ

■ବାର୍‌ହା ଶିକାର କରି ପୁଷ୍ପପୁନି ପାଳନ ଯୋଜନା
■ଏସଟିଏଫ ତଦନ୍ତ, ୩ ଅଟକ, ସାମଗ୍ରୀ ଜବତ
■ନେତାଙ୍କ ପୁତୁରାକୁ ଉଠାଇ ନେଇ ପୁଣି ଛାଡ଼ି ଦେଲେ

ସମ୍ବଲପୁର,୮।୧(ବ୍ୟୁରୋ)


ସମ୍ବଲପୁର ବନଖଣ୍ଡରେ ମୃତ ଦନ୍ତା ହାତୀ ।

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ହାତିବାରି-ବନ୍ଦେର ସଂରକ୍ଷିତ ଜଙ୍ଗଲରୁ ରବିବାର ସକାଳେ ଏକ ଦନ୍ତା ହାତୀର ମୃତଦେହ ଠାବ ହୋଇଥିଲା । ବନ ବିଭାଗ ହାତୀର ମୃତଦେହ ଜବତ କରିଥିଲା । ଖବରପାଇ ଘଟଣାସ୍ଥଳରେ ଭୁବନେଶ୍ୱରରୁ ଏସ୍‌ଟିଏଫ ଟିମ୍ ସହ ସମ୍ବଲପୁର ଆରସିସିଏଫ ଅରୁଣ ମିଶ୍ର, ଡିଏଫଓ ବିଶ୍ୱନାଥ ନୀଳାମ୍ବରନ ପହଞ୍ଚିଥିଲେ । ବନ୍ୟପ୍ରାଣୀ ମୁଖ୍ୟତଃ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦନ୍ତାହାତୀର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି । ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟା ସମୟରେ ଏହାକୁ ଜଙ୍ଗଲରେ ପୋତି ଦିଆଯାଇଛି । ଡା. ନବୀନ ଖୁଣ୍ଟିଆ, ଡା. କେ.ଏମ ନଫର, ଡା. ପଲ୍ଲବି ପଟେଲଙ୍କୁ ନେଇ ଗଠିତ ହୋଇଥିବା ଟିମ୍ ହାତୀର ବ୍ୟବଚ୍ଛେଦ କରିଥିଲେ । ଏସ୍‌ଟିଏଫ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ । ପାରିପାର୍ଶ୍ୱିକ ସ୍ଥିତି, ପ୍ରମାଣ, କିଭଳି ଭାବେ ଶିକାର କରାଯାଇଛି ସେନେଇ ଟିକିନିଖି ତଦନ୍ତ କରିଥିଲେ । ଶିକାର ଘଟଣାରେ ସଂପୃକ୍ତି ଥିବା ଅଭିଯୋଗରେ ବନ ବିଭାଗ ୫ ଜଣଙ୍କୁ ଉଠାଇ ନେଇଥିଲା । ପଚରାଉଚରା କରିବା ପରେ ୩ ଜଣଙ୍କ ସଂପୃକ୍ତି ଥିବା ଜାଣି ଅଟକ ରଖିଛି । ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ପି. ମିର୍ଦ୍ଧା (୩୦), ଡି. ମିର୍ଦ୍ଧା ( ୨୮) ଓ ବି. ମିର୍ଦ୍ଧା ( ୩୨) । ଘଟଣାସ୍ଥଳରୁ ଶିକାର ପାଇଁ ବ୍ୟବହୃତ କେତେକ ସାମଗ୍ରୀ ଜବତ କରାଯାଇଛି । ଏହି ଘଟଣାରେ ଅଧିକ ଲୋକଙ୍କ ସଂପୃକ୍ତି ରହିଥିବା ନେଇ ବନ ବିଭାଗ ସନ୍ଦେହ କରି ତଦନ୍ତ କରୁଛି । ହେଲେ ଛାଡି ଦେଇଥିବା ଯୁବକମାନଙ୍କ ମଧ୍ୟରେ ଜଣେ ଯୁବ ରାଜନେତାଙ୍କ ପୁତୁରା ରହିଛନ୍ତି । ଉକ୍ତ ନେତାଙ୍କ ସହ ତାଙ୍କ ସମର୍ଥକମାନେ ସଦର ରେଞ୍ଜ ଅଫିସକୁ ଯାଇ ଅଟକ ରଖିଥିବା ପୁତୁରାଙ୍କୁ ଛାଡିବାକୁ କହିଥିଲେ । ପରେ ନେତାଙ୍କ ପୁତୁରା ଓ ଅନ୍ୟ ଜଣେ ଯୁବକଙ୍କୁ ବନ ବିଭାଗ ଛାଡି ଦେଇଥିଲା । ଅନ୍ୟପଟେ ଏକ ଚୁକ୍ତିନାମା ମଧ ହୋଇଥିବା ଜଣାପଡିଛି ।

ମିଳିଥିବା ସୂଚନା ମୁତାବକ, ମୃତ ଦନ୍ତା ହାତୀର ବୟସ ପ୍ରାୟ ୧୨ ବର୍ଷ ହେବ । ଦନ୍ତାର ମୃତ୍ୟୁ ହେବା ପରେ ଦାନ୍ତ ନେବାକୁ ଦୁର୍ବୃତ୍ତମାନେ ଚେଷ୍ଟା କରି ବିଫଳ ହୋଇଥିଲେ । ଦୁଇଦାନ୍ତ ସୁରକ୍ଷିତ ଭାବେ ରହିଛି । ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ହାତୀର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଅଟକ ଥିବା ଯୁବକମାନେ ଶିକାରରେ ସାମିଲ ଥିବା ବନ ବିଭାଗ ଆଗରେ ସ୍ୱୀକାର କରିଛନ୍ତି । ଶୁକ୍ରବାର ପୁଷ୍ପପୁନି ତିହାର ରହିଥିଲା । ତେଣୁ ପୂର୍ବ ରାତିରେ ବନ୍ୟପ୍ରାଣୀ ଶିକାର କରି ମାଂସକୁ ଭୋଜିଭାତ କରି ଖାଇବା ଓ ବିକ୍ରି କରିବା ପାଇଁ ଶିକାରୀମାନେ ବିଦ୍ୟୁତ ତାର ବିଛାଇଥିଲେ । ହେଲେ ବାର୍‌ହା, କୁଟୁରା ବଦଳରେ ହାତୀପଲରୁ ଗଜରାଜ ଫାଶରେ ପଡି ଯାଇଥିଲେ । ଫଳରେ ଘଟଣାସ୍ଥଳରେ ହାତୀର ମୃତ୍ୟୁ ଘଟିଥିଲା । ଦୁର୍ବୃତ୍ତମାନେ ପ୍ରମାଣ ନଷ୍ଟ କରିବା ପାଇଁ ବିଛା ଯାଇଥିବା ତାରକୁ ନେଇ ଯାଇଥିଲେ । ଫଳରେ ଅଞ୍ଚଳରେ କିଛି ସମୟ ପାଇଁ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିଲା । ଏ ସମ୍ପର୍କରେ ଡିଏଫଓ ନୀଳାମ୍ବରନ କହିଛନ୍ତି ଯେ, ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଛି । ୩ ଜଣଙ୍କୁ ଅଟକ ରଖାଯାଇଛି । ମୃତଦେହ ରିପୋର୍ଟ ଆସିବା ପରେ ଠିକ ବୟସ ଓ କେବେ ମୃତ୍ୟୁ ହୋଇଛି ଜଣାପଡିବ ବୋଲି କହିଥିଲେ ।

## ଯିଏ କଲମ ଧରିଛି ସେ ଅମର

ସମ୍ବଲପୁର,୮।୧(ବ୍ୟୁରୋ)

ଯିଏ କଲମ ଧରିଛି, ସେ ଅମର । କାରଣ ସୃଜନ କାଳଜୟୀ । କବି ହୁଅନ୍ତୁ କିମ୍ବା ଲେଖକ ତାଙ୍କ ସୃଜନ କଳା ମାଧ୍ୟମରେ ସମସ୍ତଙ୍କ ହୃଦୟରେ ଅମର ହୋଇ ରହିଥାନ୍ତି । ସମ୍ବଲପୁରୀ ଭାଷାର ସ୍ୱତନ୍ତ୍ରତା ରହିଛି । ସମ୍ବଲପୁରୀ ଭାଷାର ଅସଂଖ୍ୟ ଏଭଳି ଶବ୍ଦ ରହିଛି, ଯାହା କୌଣସି ଶବ୍ଦ କୋଷରେ ପାଇବା କଷ୍ଟକର । ଏଣୁ ଏଭଳି ଶବ୍ଦ ପ୍ରୟୋଗ କରି କବିତା ସୃଷ୍ଟି ହେଲେ ସମ୍ବଲପୁରୀ ଭାଷା ଅଧିକ ଲୋକପ୍ରିୟ ଓ ବୁଦ୍ଧିମନ୍ତ ହେବ । ରବିବାର ସମ୍ବଲପୁର ଜିଲା ସାମ୍ବାଦିକ ଭବନଠାରେ କଲମ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କବିତା ପାଠୋତ୍ସବରେ ଏନଏସସିବି ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ କଲମ ଇ-ପତ୍ରିକା ଶବ୍ଦାର୍ଘ୍ୟର ଦ୍ୱିତୀୟ ସଂସ୍କରଣକୁ ଉନ୍ମୋଚନ କରାଯାଇଥିଲା । ଆବାହକ ମହମ୍ମଦ ତଫିଜୁଲ ହୋସେନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମମତା ନାଥ ସଂଯୋଜନା କରିଥିଲେ । ଲଳିତ ମୋହନ ବେବର୍ତ୍ତା, ସମ୍ପାଦକ କମଲ ପଣ୍ଡା, ସନାତନ କଟା, ବୁବୁନ ଦଣ୍ଡସେନା, ଲକ୍ଷ୍ମୀପ୍ରିୟା ମହାରଣା, ବିଭୂତି ଭୂଷଣ ମିଶ୍ର, ବବଲୁ ବାଗ, ସଞ୍ଜୟ ମହାରଣା, ତ୍ରିଲୋଚନ ତ୍ରିପାଠୀ, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, କାହ୍ନୁ କେଶବ ବହିଦାର ପ୍ରମୁଖ କବିତା ପାଠ କରିଥିଲେ । ଜ୍ୟୋତି ରଞ୍ଜନ ନାଏକ ସହଯୋଗ କରିଥିଲେ ।

# ହୀରାକୁଦ ଜଳଭଣ୍ଡାରରେ ପକ୍ଷୀଗଣନା


ସମ୍ବଲପୁର ହୀରାକୁଦ ଜଳଭଣ୍ଡାରକୁ ଆସିଥିବା ବିଦେଶୀ ପକ୍ଷୀ ।

**୩ ଜିଲାରୁ ୩୦ ଡଙ୍ଗା, ୬୦ ପକ୍ଷୀ ବିଶେଷଜ୍ଞ**

ସମ୍ବଲପୁର,୮।୧(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରେ ରବିବାର ଦିନିକିଆ ବିଦେଶୀ ପକ୍ଷୀ ଗଣନା ଶେଷ ହୋଇଛି । ଅନୁକୂଳ ପାଗ ଯୋଗୁ ବିଶେଷଜ୍ଞ ଟିମ୍‌କୁ ପକ୍ଷୀଗଣନା କରିବା ସହଜ ହୋଇଥିଲା । ଜାନୁୟାରୀ ୧୦ ତାରିଖରେ ପକ୍ଷୀଗଣନା ରିପୋର୍ଟ ପ୍ରକାଶ ପାଇବ । ବିଗତବର୍ଷ ଅପେକ୍ଷା ଚଳିତବର୍ଷ ହୀରାକୁଦ ଜଳଭଣ୍ଡାରକୁ ଅଧିକ ପକ୍ଷୀ ଆସିଥିବା ଆଶା କରାଯାଉଛି । ସମ୍ବଲପୁର ସମେତ ବରଗଡ ଓ ଝାରସୁଗୁଡା ଜିଲା ପଟରୁ ମଧ ପକ୍ଷୀ ଗଣନା ପାଇଁ ଟିମ୍ ଜଳଭଣ୍ଡାରକୁ ପ୍ରବେଶ କରିଥିଲେ । ସକାଳ ୬ଟାରେ ୩୫ଟି ଡଙ୍ଗାରେ ବନ ବିଭାଗ କର୍ମଚାରୀଙ୍କ ସହ ୬୦ ବିଶେଷଜ୍ଞ ଜଳଭଣ୍ଡାର ଭିତରକୁ ଯାଇ ପକ୍ଷୀଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ । ଏଥିପାଇଁ ୩୦ଟି ଟିମ୍ ଗଠନ କରାଯାଇଥିଲା । ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ଟିମ୍ ଗଣନା ସାରି କୂଳକୁ ଫେରି ଆସିଥିବା ଜଣାପଡିଛି । ପକ୍ଷୀଗଣନା ପାଇଁ ୩ ଦିନ ପୂର୍ବରୁ ଜଳଭଣ୍ଡାରରେ ମାଛ ମାରିବା ଉପରେ ରୋକ୍ ଲଗାଯାଇଥିଲା । ପ୍ରତିବର୍ଷ ଭଳି ଚଳିତବର୍ଷ ଜଳଭଣ୍ଡାରକୁ ଡକ୍ ପ୍ରଜାତିର ରେଡ କ୍ରେଷ୍ଟେଟ ପୋଚାଡ, ଟୁଫେଡ ଡକ, ବ୍ରାମିନି ଡକ, ନରଦେନ ପିନଷ୍ଟେଲ, ୟୁରୋ ଏସିଆନ, ଏସିଆନ ୱିଗନ,ଏସିଆନ ଓପନବିଲ,ଗ୍ରେ ହୀରୋନ,ପରପଲ ହୀରୋଜେନ,କେଟେଲ ଗ୍ରେଡ, ଲିଟିଲ ଗ୍ରେଡ, ଇଣ୍ଟର ମିଡିଏଟ ରି-ଗ୍ରେଟ, ଇଣ୍ଡିଆନ ପଣ୍ଡ ହୀରେନ, ଇଣ୍ଡିଆନ ସେଗ, ଲିଟିଲ କରମୋରେଣ୍ଟ, ଗ୍ରେଟ କରମୋରେଣ୍ଟ, ଲିଟିଲ ଗ୍ରେଟ,ଗ୍ରେଟ କ୍ରେଷ୍ଟଟେଡ ଗ୍ରେଟ , କମନ କଟ,ପରପଲ ସ୍ୱାନ, ରେଡ ୱେଟଲେଟ ଲେଫ ୱିନ, ରିଭର ଲେଫୱିନ, ପ୍ଲୋଭର, ସେଣ୍ଟ ପ୍ଲୋଭର,ସ୍ନିପ,ଷ୍ଟିୟୁଟ,ଗୁଲସ, କିଙ୍ଗଫେ୍ରସର, ରିଭର ଟ୍ରଷ୍ଟ, ବ୍ଲେକ ବେଲିଆଟ ଟ୍ରଫ୍ଟ ପ୍ରଭୃତି ଆସିଥିବା ଜଣାପଡିଛି ।

ସୂଚନାଯୋଗ୍ୟ , ୨୦୨୨ ମସିହାରେ ୧୦୪ ପ୍ରଜାତିର ୨ ଲକ୍ଷ ୮ ହଜାର, ୨୦୨୧ ମସିହାରେ ୮୬ ପ୍ରଜାତିର ୧ ଲକ୍ଷ ୨୪ ହଜାର, ୨୦୨୦ ମସିହାରେ ୮୨ ପ୍ରଜାତିର ୧ ଲକ୍ଷ ୩୪ ହଜାର ପକ୍ଷୀ ଆସିଥିବା ବନ ବିଭାଗ ପକ୍ଷରୁ ହୋଇଥିବା ଗଣନାରୁ ଜଣାଯାଇଛି । ସେହିପରି ୨୦୧୭ ବର୍ଷରେ ୫୭ ପ୍ରଜାତିର ୭୬ ହଜାର ୭୬୮, ୨୦୧୬ରେ ୬୦ ପ୍ରଜାତିର ୯୫ ହଜାର ୯୧୨, ୨୦୧୫ରେ ୬୪ ପ୍ରଜାତିର ୫୮ ହଜାର ୯୭, ୨୦୧୪ ରେ ୫୪ ପ୍ରଜାତିର ୬୩ ହଜାର ୮୯୨, ୨୦୧୩ ରେ ୬୦ ପ୍ରଜାତିର ୭୯ ହଜାର ୧୩୮ ବିଦେଶୀ ପକ୍ଷୀ ଆସିଥିବା ରିପୋର୍ଟ ରହିଛି । ଶୀତ ଋତୁରେ ପ୍ରତିବର୍ଷ ହୀରାକୁଦ ଜଳଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ ।

## ଅନ୍ତର୍ଜାତୀୟ,ଗ୍ରାମାଞ୍ଚଳ କଳାକାରଙ୍କ ମହାମିଳନ


ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ସୂଚନା ଦେଉଛନ୍ତି ।

**ହକି ବିଶ୍ୱକପ ପାଇଁ ପ୍ରଚାର ହେବ**

ସମ୍ବଲପୁର,୮।୧(ବ୍ୟୁରୋ)

ସମ୍ବଲପୁର ଲୋକ ମହୋତ୍ସବ ୧୩ ତାରିଖଠାରୁ ଆରମ୍ଭ ହୋଇ ୧୭ ତାରିଖରେ ଶେଷ ହେବ । ୧୮ ତାରିଖ ଦିନ ହକିବିଶ୍ୱକପ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବ । ଚଳିତବର୍ଷ ଧୁମଧାମରେ ଏହାକୁ ପାଳନ କରିବାକୁ ଯାଇ ଶ୍ରୀଲଙ୍କା, ନେପାଳ ଓ ମାଲେସିଆ ଦେଶରୁ ଲୋକନୃତ୍ୟ ଦଳ ସାମିଲ ହେବେ । ଦେଶର ୮ଟି ରାଜ୍ୟରୁ ଲୋକନୃତ୍ୟ ଦଳକୁ ନିମନ୍ତ୍ରଣ କରାଯାଇଛି । ଏହାସହ ଗ୍ରାମାଞ୍ଚଳର ପାରମ୍ପରିକ ନୃତ୍ୟ ଗୀତ ଦଳ ସାମିଲ ହେବେ । ପଶ୍ଚିମ ଓଡିଶା ତଥା ରାଜ୍ୟର ବିଭିନ୍ନ ଜିଲାରୁ କଳାକାରମାନେ ସାମିଲ ହେବେ । ଲୋକସଂସ୍କୃତି, ଲୋକପରମ୍ପରା ଓ ବିଗତ ଲୋକ ମହୋତ୍ସବଗୁଡିକର ତଥ୍ୟକୁ ନେଇ ସ୍ମରଣିକା ଉନ୍ମୋଚନ ହେବ ।

ଏହି ଅବସରରେ କଳାକାର, ମହୋତ୍ସବର ସଭ୍ୟଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ମା' ସମଲେଇଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ୨ ଶହ କଳାକାରଙ୍କୁ ନେଇ ଶୋଭାଯାତ୍ରା କରାଯିବ । କଳାକାରମାନେ ସହର ପରିକ୍ରମା କରି ଉତ୍ସବ ସ୍ଥଳରେ ପହଞ୍ଚିବେ । ସନ୍ଧ୍ୟା ସମୟରେ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ ହେବ । ସ୍ୱଚ୍ଛତା, ଟ୍ରାଫିକ ଓ ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦିଆଯିବ । ଲୋକ ସଂସ୍କୃତି ଓ ଲୋକକଳା ଉପରେ ସଚେତନ କରିବା ପାଇଁ ଛାତ୍ରୀଛାତ୍ର ଓ ଯୁବ ଗୋଷ୍ଠୀକୁ ନେଇ କର୍ମଶାଳା ଅନୁଷ୍ଠିତ ହେବ । ୧୮ ତାରିଖ ଦିନ ସିନେ ଗାୟକ କୈଳାଶ ଖେର ମୁଖ୍ୟ ଆକର୍ଷଣ ରହିବେ । ଜିଲାପାଳ ଅନନ୍ୟା ଦାସ, ଏସଏମସି କମିଶନର ପ୍ରଦିପ କୁମାର ସାହୁ, ଜିଲାପରିଷଦ ନିର୍ବାହୀ ଅଧିକାରୀ ଦିଲିପ କୁମାର ବଳ, ଜିଲା ସଂସ୍କୃତି ଅଧିକାରୀ ଦୀପକ କୁମାର କୁଲୁ, ଓରମାସ ସଂଯୋଜକ ଶ୍ରୀମାନ୍ତ ହୋତା, ଡିଆଇପିଆରଓ ଫକିର ମୋହନ ମାଝୀ, ଜିଲାପରିଷଦ ଅଧିକାରୀ ସୂର୍ଯ୍ୟକାନ୍ତ ବିଶ୍ୱାଳ, ମହୋତ୍ସବ ମୁଖ୍ୟ ସଂଯୋଜକ ରଞ୍ଜନ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ନୂଆ ରଂପେଲା ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ

ରେଙ୍ଗାଲି,୮।୧(ଡି.ଏନ.ଏ.)


ରେଙ୍ଗାଲିସ୍ଥିତ ନୂଆ ରଂପେଲା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରୀଙ୍କ ନୃତ୍ୟ ।

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ନୂଆ ରଂପେଲା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ସଦର ଉପ ଜିଲାପାଳ ପ୍ରଭାସ ଡନସନା ମୁଖ୍ୟଅତିଥି, ଡ. ଶ୍ୟାମସୁନ୍ଦର ଧର ମୁଖ୍ୟବକ୍ତା, କବି ମାହେଶ୍ୱରୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାକୁ ବୃତ୍ତିରେ ପରିଣତ ନ କରି ସଂସ୍କୃତି କଲେ ସମାଜ ବଞ୍ଚି ରହିବ ବୋଲି କହିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝରଣା ବେହେରା ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସେନାପତି, କଳ୍ପନା ସାହୁ ଓ ଛାତ୍ର ସୁରଜ କୁମାର ମେହେର ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ଆଲୁମ୍ନି ପ୍ରେସିଡେଣ୍ଟ ବିନୋଦ ବିହାରୀ ନନ୍ଦ , ସ୍କୁଲ ପରିଚାଳନା କମିଟି ସଭାପତି ବସନ୍ତ କୁମାର ତଣ୍ଡକାର, ଜିତେନ୍ଦ୍ର ପ୍ରସାଦ ପଣ୍ଡା, ସୁନୀଲ ପଧାନ, ବିଶ୍ୱକେଶନ ବିଶ୍ୱାଳ, ଏମ ବି ସତ୍ୟମ, ବ୍ରଜେନ୍ଦ୍ର ପ୍ରସାଦ ପଣ୍ଡା, ରମେଶ ଚନ୍ଦ୍ର ବାରିକ, ଅଶୋକ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟବକ୍ତା ଡ. ଧର ମଧ ସମ୍ବଲପୁରୀ ସଂସ୍କୃତି ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଟିକେଶ୍ୱର


@ କୁମାରମଣି


@ ବିକାଶ


@ ବିକ୍ରମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

କୁଚିଣ୍ଡା,୮।୧(ଡି.ଏନ.ଏ.)


କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ କରାଯାଉଛି ।

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମଠାରେ ରବିବାର ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରିଣୀ ମୀନାରାଣୀ ମଙ୍ଗଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦ୍‌ଘାଟନୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ୍ କୁମାର ମହାନ୍ତି, ଉପଜିଲ୍ଲାପାଳ ବିଭୂତି ଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶରୀର ପାଇଁ ଖେଳକୁଦର ଆବଶ୍ୟକତା ଥିବାରୁ ଛାତ୍ରୀଛାତ୍ରମାନେ ଶିକ୍ଷା ସହ ଖେଳକୁଦ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଏଡିଇଓ ମୁରଲଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଆଇପିଇ ଜଗବନ୍ଧୁ ବେହେରା ଖେଳକୁଦ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ । ତିନି ଦିନ ଧରି ହେବାକୁ ଥିବା ଖେଳକୁଦରେ ହକି, କବାଡି, ଖୋ ଖୋ, କ୍ରିକେଟ, ଫୁଟବଲ ଆଦି ହେବ । କୁଚିଣ୍ଡା ବାଳିକା ହାଇସ୍କୁଲ ପିଇଟି ଇନ୍ଦିରା ଦାଶ, ଓଡ଼ାପଡ଼ା ହାଇସ୍କୁଲ ହିନ୍ଦୀ ଶିକ୍ଷକ ସୁଶିଳ ମହାକୁଳ ମଞ୍ଚ ପରିଚାଳନା କରିଥିଲେ । ଏଡିଇଓ ଜୟଶ୍ରୀ ଦୋରା ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାସିନୀ ବେହେରା,ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାଏକ ଓ କମଳ ଲୋଚନ ବେହେରା ସହଯୋଗ କରିଥଲେ । ପିଇଟି କୈଳାଶ ନାଏକ,ଉଦିତ ପ୍ରତାପ ଦେଓ ଏବଂ ଶ୍ରୀକାନ୍ତ ପଟେଲ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।

ସାମ୍ବଲପୁରୀ ବସ୍ତ୍ରାଳୟ
ପବିତ୍ର ମକର ଓ ପୋଙ୍ଗଲ ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୦୯।୦୧।୨୦୨୩ରୁ ତା୧୪।୦୧।୨୦୨୩ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.

## ଡୁଆଝର ମଣ୍ଡି ପରିଦର୍ଶନ

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡିଆଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡୁଆଝର ମଣ୍ଡି ପରିଦର୍ଶନ କରିଥିଲେ ଖଡିଆଳ ବିଜେଡି ବିଧାୟକ ପ୍ରାର୍ଥୀ ଲମ୍ବୋଦର ନିଆଲ। ଚାଷୀଙ୍କ ସହିତ ତାଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରିଥିଲେ ଓ ଚାଷୀମାନଙ୍କ ଟୋକନ ଯେମିତି ଲାପ୍ସ ନ ହେବ ଧାର୍ଯ୍ୟ ସମୟ ପୂର୍ବରୁ ଧାନ କେମିତି ଉଠିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଚାଷୀଙ୍କୁ ମାଷ୍କ କିପରି ଯୋଗାଇ ଦିଆଯାଇ ପାରିବ ସେ ଅଧିକାରୀମାନଙ୍କ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଡୁଆଝର ପାକ୍ସ ନିର୍ଦ୍ଦେଶକ ରାଜୁ ସାହା, ଟିକେ ରାମ ମେହେର, ମନବୋଧ ମେହେର, ଭକ୍ତ ବନ୍ଧୁ ବଛା, ସନ୍ତୋଷ ଜଗତ, ଚେତାନନ୍ଦ ହାତୀ, ତମନା କଟା ପ୍ରମୁଖ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

କୋକସରା,୮।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳାରୁ ବଡ ପୋଡ଼ାଗୁଡାକୁ ସଂଯୋଗ ରାସ୍ତାର ବାଞ୍ଜିବାହାଲ ନିକଟରେ ଶନିବାର ରାତିରେ ଭାରସାମ୍ୟ ହରାଇ ଜଣେ ବାଇକ ଚାଳକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ଚାଷ ଜମିରେ ପଡିରହିଥିବା ବେଳେ ନିକଟରେ ବାଇକ୍ ପଡି ରହିଥିବା ଦେଖିବାକୁ ମିଳିଥିଲା। ମୃତକ ହେଲେ ଆମପାଣି ପଞ୍ଚାୟତ ଡୁମେରବାହାଲ ଗ୍ରାମର ଭାସ୍କର ମାଝି (୩୪)। ରବିବାର ସକାଳୁ ସ୍ଥାନୀୟ ଲୋକେ ଆମପାଣି ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ଏକ ଦୁର୍ଘଟଣା ଜନିତ ମାମଲା (ନଂ.୨/୨୩) ରୁଜୁ କରି ତଦନ୍ତ ଜାରି ରଖିଥିବା ଆମପାଣି ପୋଲିସ ଏସଆଇ ରାଜେଶ ପରିଡା ସୂଚନା ଦେଇଛନ୍ତି।

### ଚୋରି ୧୦ ମୋବାଇଲ ଉଦ୍ଧାର

**୪ ନାବାଳକ ବାପାଙ୍କୁ ତାଗିଦା କରି ଛାଡ଼ିଲା ପୋଲିସ**

ଖଡ଼ିଆଳ,୮।୧(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ମୁଖ୍ୟ ରାସ୍ତାରେ ଥିବା ଏକ ମୋବାଇଲ ଦୋକାନରୁ ଗତ ୫ ତାରିଖରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖି ୪ଜଣ ନାବାଳକଙ୍କୁ ସମ୍ପୃକ୍ତ ଥିବା ଜାଣି ସେମାନଙ୍କଠାରୁ ୧୦ଟି ମୋବାଇଲ ଏବଂ ଗୋଟିଏ ହେଡଫୋନ ଜବତ କରିଛି। ସେମାନଙ୍କଠାରୁ ଚୋରି ମୋବାଇଲ ଉଦ୍ଧାର କରିବା ସହ ଏହି ଘଟଣାରେ ସମ୍ପୃକ୍ତ ୪ଜଣ ନାବାଳକଙ୍କୁ ଖଡ଼ିଆଳ ପୋଲିସ ଛଡି ଦେଇଥିବା ବେଳେ ତାଙ୍କ ବାପାମାନଙ୍କୁ ନୋଟିସ ଦେଇ ତାଗିଦା କରିଥିବା ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦଲି ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ଖଡ଼ିଆଳ ମୁଖ୍ୟରାସ୍ତାରେ ଗୋବିନ୍ଦ ଅଗ୍ରୱାଲଙ୍କ ଏକ ମୋବାଇଲ ଦୋକାନ ରହିଛି। ଗତ ୫ ତାରିଖ ରାତିରେ କିଛି ଦୁର୍ବୃତ୍ତ ଦୋକାନର ସଟର କାଟି ଦୋକାନରେ ଥିବା ୧୦ଟି ନୂତନ ମୋବାଇଲ ଚୋରି କରିଥିବା ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଥିଲା।

### ଭୀମାର ବାର୍ଷିକ ମହୋତ୍ସବ ପ୍ରସ୍ତୁତି ବୈଠକ

କର୍ଲାମୁଣ୍ଡ,୮।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁସୁର୍ଲା ମନ୍ଦିର ପ୍ରାଙ୍ଗଣରେ ରବିବାର ପତ୍ରିକା ଭୀମାର ବାର୍ଷିକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୀମାର ମୁଖ୍ୟ ସମ୍ପାଦକ ତଥା ପ୍ରତିଷ୍ଠାତା ମେଦିନୀଧର ଜାନୀଙ୍କ ସଭାପତିତ୍ୱରେ ଯୋରାଡ଼ବରା ପଞ୍ଚାୟତ କନ୍ଧ ସମାଜ ସଭାପତି ଭୀମ ଭୋଇ, ସମ୍ପାଦକ ନନ୍ଦ କିଶୋର ମାଝି, ଦୁର୍ଯ୍ୟୋଧନ ଭୋଇ, ବାଲି ମାଝି, ଜଳନ୍ଧର ଭୋଇ, ବାଦୁଲୁ ଜାନୀ, ଚତୁର୍ଭୁଜ ଜାନୀ, ଗୋବିନ୍ଦ ମାଝି, ତରୁଣ ଜାନୀ, ଲଳିତ ମୋହନ ଭୋଇ, ଶିକ୍ଷାବିତ ନେତ୍ରାନନ୍ଦ ବଡ଼ମାଳି ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବାର୍ଷିକ ମହୋତ୍ସବ ଆସନ୍ତା ୧୫ ତାରିଖରେ ମକରମେଳା ମଣ୍ଡପରେ ଉତ୍ସବ ପାଳନ କରାଯିବା ସହ ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବା ସ୍ଥିର କରାଯାଇ କୁଶୁର୍ଲା ମକରମେଳା ପୂଜା କମିଟି ସହଯୋଗ କାମନା କରିଥିଲେ। କୃଳମଣୀ ସାହୁ ଧନ୍ୟବାଦ ଦେଇଥିଲେ।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଖଡ଼ିଆଳ,୮।୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଦୋହେଲପଡ଼ା ପଲ୍ଲି ପ୍ରଗତି ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ କେଶବ ବେହେରା ଯୋଗଦେଇ ମହିଳା ସୁରକ୍ଷାକୁ ସରକାର ଗୁରୁତ୍ୱ ଦେବାକୁ ପ୍ରାଧାନ୍ୟ ଦେବାକୁ ଅନୁରୋଧ କରିଥିଲେ। କଲେଜ ଅଧକ୍ଷ ରୁଦ୍ରମାଧବ ବାରିକ ଯୋଗଦେଇ କାର୍ଯ୍ୟକ୍ରମ ଆଭିମୁଖ୍ୟ ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରଥମ ବର୍ଷର ସମସ୍ତ ଛାତ୍ରୀ ୮ଦିନ ଧରି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେବେ। ପ୍ରଶିକ୍ଷିକ ଭାବେ ନୀଳିମାରାଣି ବାରିକ କାର୍ଯ୍ୟକ୍ରମର ପରିଚାଳନା କରୁଥିବା ବେଳେ କାର୍ଯ୍ୟକ୍ରମରେ ଅଧାପକ ଅସିତ କୁମାର ସୁପକାର, ଘନ ସୁନ୍ଦର ପୁଞ୍ଜି, ଅମୂଲ୍ୟ କୁମାର ପାଳ, ବିରଞ୍ଚି ବେହେରା, ରାଜେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।



ରବିବାର କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆରେ ବ୍ଲକ ଓ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାରେ ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମା’ ଲଙ୍କେଶ୍ୱରୀ ମଞ୍ଚ

**ଦ୍ୱିତୀୟ ଦିନରେ ଜୁନାଗଡ଼ କଳାହାଣ୍ଡି ଉତ୍ସବ ଘୁମୁରା**

**■ ଜିଲାର କଳା ସଂସ୍କୃତିକୁ ଉଜ୍ଜୀବିତ ପାଇଁ ସମସ୍ତେ ଏକାଠି ହେବା**

ଭବାନୀପାଟଣା/ଜୁନାଗଡ, ୮।୧(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆରେ ଚାଲିଥିବା ବ୍ଲକ ଓ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବ୍ଲକ ଅଧକ୍ଷା ସବିତା ମେହେରଙ୍କ ଅଧକ୍ଷତାରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ଦୁଲାରାମ ମାରାଣ୍ଡି, ନଗରପାଳ ମୁକେଶ ଅଗ୍ରୱାଲ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଏନ୍‌ଏସି ଉପାଧକ୍ଷା ହିମାଦ୍ରୀ ନାଏକ, ସରପଞ୍ଚ ସଂଘ ସଭାପତି ତାରାଶଙ୍କର ରାୟଗୁରୁ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡିର କଳା, ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ସେହିପରି ହଜାରେ ବର୍ଷର ସହର ଜୁନାଗଡ ସହର ଇତିହାସ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ସବିଶେଷ ବିବରଣୀ ଦେଇ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଅଭିଭାଷଣରେ କହିଥିଲେ। ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର ସ୍ୱାଗତ ଭାଷଣ ଦେଇଥିବାବେଳେ ତହସିଲଦାର ବେଦବ୍ୟାସ ଭୋଇ ଧନ୍ୟବାଦ ଦେଇଥିଲେ। ସଭା ସ୍ଥାନୀୟ ସାମ୍ବାଦିକ ସଂଘ ସଭାପତି ହିମାଂଶୁ ଶେଖର ବରାଡ ପରିଚାଳନା କରିଥିଲେ। କଳାହାଣ୍ଡି ଉତ୍ସବ ଉପଲକ୍ଷେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ ବରିଷ୍ଠ ଶିକ୍ଷକ ସରୋଜ ପଣ୍ଡା ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ମୟୁରୀ ପକ୍ଷରୁ ବଜାଶାଳ, ଭବାନୀପାଟଣା ମୃଣମୟୀ,ଲଗନ ସା, ନୁପୁର, ଜେକେ ଡ୍ୟାନ୍ସ ପକ୍ଷରୁ ସମ୍ବଲପୁରୀ, ଜୁନାଗଡ କଳାବିକାଶ କେନ୍ଦ୍ର ପକ୍ଷରୁ ଓଡିଶୀ, ହାବସପୁର ବନାବାଡି, ମିଚାଗାଁର ଘୁମୁରା, ଦାସିଗାଁର ଢାପ ଓ ଜୁନାଗଡର ବଜାଶାଲ ପରିବେଷଣରେ ମା’ଲଙ୍କେଶ୍ୱରୀ ମଞ୍ଚ ଦୁଲୁକି ଉଠିଥିଲା। ଏହା ଦର୍ଶକଙ୍କୁ ବେଶ ମନମୋହିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ବିନୟ କୁମାର ସାହୁ ଓ ସ୍ମିତାରାଣୀ ସାହୁ ପରିଚାଳନା କରିଥିଲେ। ଦ୍ୱିତୀୟ ଦିନରେ ଜୁନାଗଡ କଳାହାଣ୍ଡି ଉତ୍ସବ ପଡିଆରେ ହଜାର ହଜାର ଲୋକଙ୍କ ଜନସମାଗମ ଦେଖିବାକୁ ମିଳିଥିଲା।


ଲଙ୍କେଶ୍ୱରୀ ମଞ୍ଚରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ବିଜେଡିର ପ୍ରତିଷ୍ଠା ଦିବସରେ କର୍ମୀ ସମାବେଶ

**ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ**

କୋକସରା,୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାର କସ୍ତୁରବା ପଡ଼ିଆରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ଧର୍ମଗଡ଼, କୋକସରା ଓ କଲମପୁର ବ୍ଲକକୁ ନେଇ ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। କୋକସରା ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ନବୀନ ସରକାରଙ୍କ ନିର୍ମଳ ଭାବମୂର୍ତ୍ତି ଓ ଜନହିତକର ଯୋଜନା ଉପରେ କହିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ ଯୋଗଦେଇଥିବା ବେଳେ ରାଜ୍ୟ ୱେଲଫେୟାର ବୋର୍ଡ ଅଧକ୍ଷା କଲ୍ୟାଣି ନାଏକ, ଧର୍ମଗଡ଼ ଏନ୍‌ଏସି ଉପାଧକ୍ଷା ମନୀଷା ମିଶ୍ର, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ହେମନ୍ତ ମାଝି, ଦୁହିତା ମାଝି, ଧର୍ମଗଡ଼ ବ୍ଲକ ସଭାପତି ଟିକମନ ବାରିକ, କଲମପୁର ବ୍ଲକ ବିଧାୟକ ପ୍ରତିନିଧି ସଦାନନ୍ଦ ଚନ୍ଦନ, ଆମ୍ବା ଅଧକ୍ଷ ଋତୁରାଜ ମାଝି, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଆଦିବାସୀ ସେଲ ଜିଲା ସଭାପତି ସୁଶିଳ କୁମାର ଶବର, ବ୍ଲକ ସମ୍ପାଦକ ପଙ୍କଜ ପୋଢ଼ ଉପସ୍ଥିତ ରହିଥିଲେ। କୋକସରା ବ୍ଲକ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଧର୍ମଗଡ଼ ବିଧାୟକ ପ୍ରତିନିଧି ସ୍ୱାଧୀନ କୁମାର ବାଗ, ମାନସ ପ୍ରଧାନୀ, ରମେଶ ଦୁର୍ଗା, ଆଶୁତୋଷ ପୁରୋହିତ, ଅନିଲ ପ୍ରଧାନୀ ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଦାବିପତ୍ର ପ୍ରଦାନ କଲେ ଚାଷୀ ପ୍ରତିନିଧି ଦଳ

**ମେଗାଲିଫ୍ଟ କେନାଲ ଡିଏମ୍ ୧୧ରୁ ଜଳସେଚନ ଦାବି**

କୋକସରା,୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମୁଖୀଗୁଡା ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ଗତବର୍ଷଠାରୁ ଜୟପାଟଣା କୋକସରା ଓ ଧର୍ମଗଡ଼ ବ୍ଲକ ଜମିକୁ ଜଳସେଚନ ଆରମ୍ଭ ହୋଇଛି। ରବି ଋତୁ ଧାନଚାଷ ପାଇଁ ଡିଏମ ୧୩ ପର୍ଯ୍ୟନ୍ତ ଜୟପାଟଣା ଓ କୋକସରା ବ୍ଲକର ପାଖାପାଖି ୧୩ ହଜାର ହେକ୍ଟର ଜମିକୁ ଜଳସେଚନ କରାଯିବା ନେଇ କୁସୁମଖୁଣ୍ଟି ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କ ସୂତ୍ରରୁ ସୂଚନା ମିଳିଛି। ତେବେ ଲଡୁଗାଁ ପଞ୍ଚାୟତ ଦେଇ ଯାଇଥିବା ମେଗାଲିଫ୍ଟ କେନାଲ ଡିଏମ ୧୧ର ଶତାଧିକ ଅଞ୍ଚଳ ହେକ୍ଟର ଜମି ଜଳସେଚନ ପରିଚାଳନାରେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଜଳସେଚନ ହେଉ ନ ଥିବା ଓ ମରାମତି ଦାବି କରି ଗୁରୁବାର ଲଡୁଗାଁ ପଞ୍ଚାୟତ ଅଞ୍ଚଳ ଚାଷୀମାନେ ମୁଖୀଗୁଡା ଇନ୍ଦ୍ରାବତୀ ନିର୍ମାଣ ଯନ୍ତ୍ରୀ ଅନିଲ କୁମାର ପାଣିଗ୍ରାହୀଙ୍କୁ ସାକ୍ଷାତ କରି ଜଳସେଚନ ଦାବିରେ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ପରେ ମଧ ଜଳସେଚନ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ରବିବାର କୋକସରାଠାରେ ବିଜେଡିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଆସିଥିବା ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଓ ଧର୍ମଗଡ଼ ବିଧାୟକ ମୋଷଧି ବାଗଙ୍କୁ ସାକ୍ଷାତ କରି ପୁନର୍ବାର ଜଳସେଚନ ଉପରେ ବିହିତ ପଦକ୍ଷେପ ନେବାକୁ ଲିଖିତ ଅଭିଯୋଗ କରିଛନ୍ତି। ଜିଲା ସଭାପତି ଓ ବିଧାୟକ ଏ ନେଇ ମୁଖୀଗୁଡା ନିର୍ମାଣ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଚାଷୀଙ୍କ ଜଳସେଚନ ପାଇଁ ବ୍ୟବସ୍ଥା କରାଯିବା ନେଇ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଏହି ସମୟରେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ସଞ୍ଜୟ ସିଂଘଲ, ଷରାମଚନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ସହଦେ ପଟ୍ଟନାୟକ, ଅଜୟ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।


ଚାଷୀ ପ୍ରତିନିଧି ଦଳ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ‘ଆମ ହସ୍ପିଟାଲ’ ଯୋଜନାରେ ସାମିଲ

**କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

କେସିଙ୍ଗା,୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନ ବର୍ଷରେ ରାଜ୍ୟ ସରକାର ଫାଇଭ ଟି ପକ୍ଷରୁ ‘ଆମ ହସ୍ପିଟାଲ’ ଯୋଜନାରେ ସାମିଲ କରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଉପଜିଲାପାଳ ଡା.ବିଶ୍ୱଜିତ ଦାସ ଓ ସିଡିଏମଓ ଡ଼.ରଞ୍ଜନ କୁମାର ମିତ୍ର ଶନିବାର ସନ୍ଧ୍ୟାରେ ପରିଦର୍ଶନ କରିଥିଲେ। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୂପାନ୍ତରିତ କରିବା ସହ ଗୋଷ୍ଠୀ କେନ୍ଦ୍ରର ବିଶ୍ରାମଗୃହ, ଶୌଚାଳୟ, ପାର୍କିଂ, ଶବ ବ୍ୟବଚ୍ଛେଦଗୃହ ନବୀକାରଣ, ଡ୍ରେନ ନିର୍ମାଣ, ପାନୀୟଜଳ, ସୌନ୍ଦର୍ଯ୍ୟକରଣ ନୂତନ ଭାବେ ରୂପାନ୍ତରିତ କରିବା ପାଇଁ ଉକ୍ତ ହସ୍ପିଟାଲର ଜଗା ଚିହ୍ନଟ କରିଥିଲେ। କାର୍ଯ୍ୟକ୍ରମରେ ପିଡବ୍ଲୁଡ଼ି ବିଭାଗ ଏକ୍‌ଜ୍ୟୁକୁଟିଭ ଇଞ୍ଜିନିୟର ଅଜିତ ବାବୁ, ଏସଡିଓ ଭଗବାନ ସାହୁ, ପିଏଚ୍‌ଡି ବିଭାଗ ଏକ୍‌ଜ୍ୟୁକୁଟିଭ ଇଞ୍ଜିନିୟର ପ୍ରଫୁଲ୍ଲ କୁମାର ରାୟତୋ, ଏନ୍‌ଏସି, ନିର୍ବାହୀ ଅଧିକାରିଣୀ କିରଣ ବେହେରା, ପିଏଚ୍‌ଡି ଜେଇ ଜାନକୀ ନାୟକ, କେସିଙ୍ଗା ଗୋଷ୍ଠୀ କେନ୍ଦ୍ରର ମେଡ଼ିକାଲ ଅଫିସର ସୁବାଷ ଚନ୍ଦ୍ର ବେହେରା ପ୍ରମୁଖ ପରିଦର୍ଶନରେ ଉପସ୍ଥିତ ରହିଥିଲେ। ଏହି ଯୋଜନା ଜିଲାର ଭବାନୀପାଟଣା, ଧର୍ମଗଡ଼ ଓ କେସିଙ୍ଗା ହସ୍ପିଟାଲରେ ପ୍ରଥମ ଥର ପାଇଁ ଆମ ହସ୍ପିଟାଲ ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେବ ବୋଲି ସିଡିଏମଓ ପ୍ରକାଶ କରିଛନ୍ତି।


ଅଧିକାରୀମାନେ ସ୍ଥାନ ପରିଦର୍ଶନ କରୁଛନ୍ତି।

## କୋଶଲି ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ନୂଆପଡ଼ା ଅଫିସ,୮।୧

ନୂଆପଡା ସାଂସ୍କୃତିକ ରଙ୍ଗମଞ୍ଚ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ୮ମ ତମ କୋଶଲି ଧନୁଯାତ୍ରା ମହୋତ୍ସବ ପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପନ ଓ କଂସବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଶଲି ଧନୁଯାତ୍ରା ମହୋତ୍ସବ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ହରିପୁର ଗୁରୁକୂଳ ଆଶ୍ରମର ଆଚାର୍ଯ୍ୟମାନେ ହୋମଯଜ୍ଞ କରି ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକାରେ ଅଭିନୟ କରିବା ପାଇଁ ମଧୁସୁଦନ ପାଣିଗ୍ରାହୀଙ୍କୁ ବରୁଣ କରାଯାଇଥିଲା। ପଶ୍ଚିମ ଓଡିଶାର ଛତିଶଗଡ ସୀମାନ୍ତରେ ରହିଥିବା ନୂଆପଡା ଜିଲାରୁ କୋଶଲି ଭାଷାର ପ୍ରଚଳନ ହୋଇଥିଲା ବା ଗବେଷଣା କରାଯାଇଥିଲା। ନୂଆପଡା ଜିଲାରୁ କୋଶଲ ଭାଷାର ପ୍ରତିଠାନ ବୋଲି ଧନୁଯାତ୍ରା କେବଳ କୋଶଲି ଭାଷାରେ ଅନୁଷ୍ଠିତ ହେବ। ଜାନୁୟାରୀ ୩୧ରୁ ଫେବୃୟାରୀ ୭ ପର୍ଯ୍ୟନ୍ତ କୋଶଲି ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ଉପସଭାନେତ୍ରୀ ଯାଜ୍ଞସେନୀ ମହାପାତ୍ର, ସମ୍ପାଦକ ହରିଶ୍ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୟ ପାଢୀ, ବରିଷ୍ଠ ସଦସ୍ୟ ଲୋକନାଥ ରଥ, ପ୍ରତିଭା ହୋତା, ଶ୍ରୀବତ୍ସ ପାଢୀ, ରାମେଶ୍ୱର ମୁଣ୍ଡ, ଭାଗରଥି ପାଢୀ, ସୁବଳ ଶ୍ୟାମ ପଣ୍ଡା ପ୍ରମୁଖ ସହ ସ୍ୱୟଂ ସହାୟକ ଦଳ ମହିଳା ଓ ସହରବାସୀ ଉପସ୍ଥିତ ଥିଲେ।


ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

# ଭୁବନେଶ୍ୱରକୁ ହରାଇ ସେରସା ଚାମ୍ପିୟନ

**ୱାଇଏମ୍‌ସି କପ୍ କ୍ରିକେଟ**

ନୂଆପଡ଼ା ଅଫିସ,୮।୧

ସ୍ଥାନୀୟ ମିନିଷ୍ଟାଡିୟମଠାରେ ଚାଲିଥିବା ୩୧ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ମ୍ୟାଚ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଇଷ୍ଟକୋଷ୍ଟ ଭୁବନେଶ୍ୱରକୁ ହରାଇ ସେରସା ବିଳାସପୁର ଚାମ୍ପିୟନ ହୋଇଛି। ଫାଇନାଲ ଖେଳରେ ସେରସା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୨ ଉଇକେଟ ହରାଇ ୨୭୧ ରନ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ୨୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ କରିବାରେ ସକ୍ଷମ ହୋଇଥିଲା। ସେରସା ୧୦୯ ରନରେ ବିଜୟୀ ହୋଇଥିଲା। ଚାମ୍ପିୟନ ସେରସା ଦଳକୁ ନଗଦ ୮୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ ଦଳ ଭୁବନେଶ୍ୱରକୁ ନଗଦ ୫୦ ହଜାର ଟଙ୍କା ସହ ଟ୍ରଫି ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ଭୁବନେଶ୍ୱର ଦଳର ରାଜ ଚୌଧୁରୀଙ୍କୁ ନଗଦ ୫ ହଜାର ଟଙ୍କା ସହ ଟ୍ରଫି ଓ ପ୍ଲେୟାର ଅଫ ଦି ମ୍ୟାଚ ସେରସା ଦଳର ଇରଫାନଙ୍କୁ ନଗଦ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହା ସହିତ ପୂର୍ବତନ ଖେଳାଳି ଗୁରୁ ଦୟାଲ ସିଂ, ମୋତି ରାୱାଲ, ମୁକେଶ ରାୱାଲ, ସୁରେଶ ଆଚାରୀ, ଯୌବନ ସଲମା, ସଞ୍ଜୁ ପୁରୋହିତ, ଶ୍ରୀକାନ୍ତ ପୁରୋହିତ, ଗୁଲାମ ସତାର ପୁରସ୍କୃତ କରିବା ସହିତ ସେଚ୍ଛାସେବୀ, ଅମ୍ପାୟରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ତଥା ମ୍ୟାଚର ଆବାହକ ସରୋଜ କୁମାର ସାହୁ (ଭୈରବ)ଙ୍କ ନେତୃତ୍ୱରେ ଆୟୋଜିତ ଉଦଯାପନୀରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶେଷ ଆକର୍ଷଣ ଓଡିଆ ଅଭିନେତ୍ରୀ ଭୂମିକା ଦାସ ଯୋଗଦେଇଥିଲେ। ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, କ୍ରୀଡାବିତ ସଞ୍ଜୟ ପୁରୋହିତ, ବରଗଡ ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ, ୟୁଥ ମାସ କ୍ଲବ ସଭାପତି ଅମରେଶ ଚନ୍ଦ୍ର ଦାସ, ଉପସଭାପତି ସଞ୍ଜୟ ପଟ୍ଟନାୟକ, ସମ୍ପାଦକ ତପନ ବରର୍ତ୍ତି, ସହ ସମ୍ପାଦକ ସୁଧିର ମିଶ୍ର ପ୍ରମୁଖଙ୍କ ସହ ଓସିଏ ସ୍ୱୀକୃତି ପ୍ରାପ୍ତ ଅମ୍ପାୟର ଅମୀୟ ଭୁଷଣ ସାହୁ ଓ ନାରାୟଣ ମେହେର ଖେଳ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ଶୈଳେଶ ଶତପଥୀ ଓ ଜୟ କିଷନ ସୁନାନୀ, ମହମ୍ମଦ ରାଜା, ପୁନିତ ରାଉତ ହିନ୍ଦି, ଓଡିଆ ଓ ଇଂଲିଶରେ ଧାରାବିବରଣୀ ପ୍ରଦାନ କରିଥିଲେ। ପିଣ୍ଟୁ ଭୋଇ, ଶ୍ରୀରାମ ମିଶ୍ର, ଜାବେଦ ଖାନ, ଜିତୁ ହୋତା, ପାଲେଶ୍ୱର ମାଝି, ଜାନି ଜନସନ, ଟିପୁ ଖାନ, ସାଗର ହଂସ, ପ୍ରତିକ ପଟ୍ଟନାୟକ, ବିପ୍ଳବ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରୁଛନ୍ତି।



ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### କ୍ରିକେଟ ପ୍ରିମିୟର ଲିଗ୍: ମହୋନଟିକ୍ରା ଷ୍ଟାର ଚାମ୍ପିୟନ

ଜାମଟିକ୍ରା,୮।୧(ଡି.ଏନ.ଏ.): ବରଗଡ ଜିଲା ଅତାବିରା ଏନ୍‌ଏସି ଅଧୀନ କାଣ୍ଡପାଲି ବଡଭାଗ ଖେଳପଡ଼ିଆରେ ଚାଲିଥିବା ଏକଦିବସୀୟ କାଣ୍ଡପାଲି କ୍ରିକେଟ ପ୍ରିମିୟର ଲିଗ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବଜରଙ୍ଗବଲି ଆସୋସିଏଶନ ଓ ମହୋନଟିକ୍ରା ଷ୍ଟାର ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ବଜରଙ୍ଗବାଲି ଆସୋସିଏଶନ ବ୍ୟାଟିଂ କରି ୫୨ ରନ କରିଥିଲା। ଜବାବରେ ମହୋନଟିକ୍ରା ଷ୍ଟାର ୪ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ମନୋଜ କୁମାର ଭୋଇ, ସରୋଜ କୁମାର ଭୋଇ ଓ ଝସକେତନ ପଧାନ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

### ବରପାଲି ସମଲେଶରୀ କ୍ରିକେଟ: ଭୁବନେଶ୍ୱର ଚାମ୍ପିୟନ

ବରପାଲି,୮।୧(ଡି.ଏନ.ଏ.): ବରଗଡ଼ ଜିଲା ବରପାଲି ହାଇସ୍କୁଲ ପଡିଆରେ ଚାଲିଥିବା ସମଲେଶରୀ ଚ୍ୟାଲେଞ୍ଜର୍ ଟ୍ରଫି କ୍ରିକେଟ ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର ଓ କଟକ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ୩୫ ଓଭରରେ ୨୩୩ ରନ କରିଥିବା ବେଳେ କଟକ ଦଳ ୨୦୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଭୁବନେଶ୍ୱର ଦଳ ଚାମ୍ପିୟନ ହୋଇ ଟ୍ରଫି ହାସଲ କରିଥିବା ବେଳେ କଟକ ଦଳ ରନର୍ସଅପ୍ ହୋଇଥିଲା। ଉଦଯାପନୀ ଉତ୍ସବରେ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଠ। ମ୍ୟାନ ଅଫ ଦି ସିରିଜ ପୁରସ୍କାର ଭୁବନେଶ୍ୱର ଦଳର ରଶ୍ମି ରଞ୍ଜନ ଓ ମ୍ୟାନ ଅଫ ଦି ମ୍ୟାଚ ଭବ୍ୟଙ୍କୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ସଭାପତି ଗିରି ପାଣିଗ୍ରାହୀ ଓ ସମ୍ପାଦକ ଚନ୍ଦନ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

### ୨ୟ ଗ୍ୟାଲେକ୍ସି କପ୍ ବ୍ୟାଡ଼ମିଣ୍ଟନ
#### ୨୭ ଦଳକୁ ନେଇ ୧୩ ମ୍ୟାଚ

ଅମରପାଲି, ୮।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସାମ୍ବାଦିକ ଭବନଠାରେ ଚାଲିଥିବା ଦ୍ୱିତୀୟ ଗ୍ୟାଲେକ୍ସି କପ ବ୍ୟାଡ଼ମିଣ୍ଟନର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ସଭାପତି ରାଧାକାନ୍ତ ବାଘଙ୍କ ପୌରୋହିତ୍ୟ କରିଥିଲେ। ଉଦ୍‌ଘାଟନୀ ସଭାରେ ଯୁଗଳ କିଶୋର ମିଶ୍ର ମୁଖ୍ୟ ଅତିଥି, କିଶୋର କୁମାର ହୋତା, ସତ୍ୟବାନ ପୁରୋହିତ, ନୀଲକମଳ ମିଶ୍ର ଏବଂ ହିଲୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ପୀତାମ୍ବର ଭୋଇ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ୨୭ ଗୋଟି ଦଳ ଅଂଶଗ୍ରହଣ କରିଥିବା ବେଳେ ସମୁଦାୟ ୧୩ ଟି ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟକୁ ଛବିଳ କର୍ଣ୍ଣ, ଗୋପୀନାଥ କର୍ଣ୍ଣ, ଜଗନ୍ନାଥ ମେହେର, ସୋନୁ ବୃଷକେତୁ ମେହେର, ଗିରିଧାରୀ ହୋତା ପ୍ରମୁଖ ଆୟୋଜନ କରିଥିଲେ।

# ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତାରେ ୯୬୯ ପ୍ରତିଯୋଗୀ

ବରଗଡ଼ ଅଫିସ୍, ୮।୧

ବରଗଡ଼ରେ ରବିବାର ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଏବଂ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଚିତ୍ରଶିକ୍ଷା ଅନୁଷ୍ଠାନ କଳା ନିକେତନ ପକ୍ଷରୁ ଉକ୍ତ ପ୍ରତିଯୋଗିତା ହୋଇଥିଲା। ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଧାନ, ହିନ୍ଦୀ ବିଭାଗ ପ୍ରଧାନ ଆଚାର୍ଯ୍ୟ ଦିଲିପ ସାଥୁଆ ଉକ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୯୬୯ ପ୍ରତିଯୋଗୀ ଭାଗ ନେଇଛନ୍ତି। ପ୍ରତିଯୋଗୀମାନେ ୧୦ଟି ଗ୍ରୁପରେ ହୋଇଥିବା ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକଭାବେ ବଲାଙ୍ଗୀର ଜିଲାର ଚିତ୍ରଶିଳ୍ପୀ ଦିଲ୍ଲୀପୀ ସିଂଦେଓ, ସୁରଜ ଅଗ୍ରୱାଲ, ଦିପ୍ତୀ ଅଗ୍ରୱାଲ ଯୋଗଦାନ କରିଥିଲେ। ପ୍ରତ୍ୟେକ ଗ୍ରୁପର ଶ୍ରେଷ୍ଠ ୧୦ଜଣଙ୍କୁ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି। ୧୦୦ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୨ତାରିଖ ୧୦ଟାରେ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ପୁରସ୍କୃତ କରିବା କାର୍ଯ୍ୟକ୍ରମ ରହିଛି। ଉକ୍ତ ଦିନ ଜଣେ ସମର୍ପିତ କଳାକାରଙ୍କୁ କଳା ଗୌରବ ସମ୍ମାନ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। କଳା ନିକେତନ ସଭାପତି ପ୍ରୀତମ ସିଂ, ଉପସଭାପତି ନବକୃଷ୍ଣ ମିଶ୍ର, ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ କମଳ ଯୋଶୀ, ସଂଯୋଜକ ନିଳାମ୍ବର ମେହେରଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ହୋଇଥିଲା। ଶିଶିର ବାରିକ, ସୁଦନ ସେଠ, ଅବିନାଶ ଗୁପ୍ତା, ଅଭିମନ୍ୟୁ ଭୋସାଗର, ରାମକୃଷ୍ଣ ଠାକୁର, ଶିକ୍ଷକ ପ୍ରଭାକର ପାତ୍ର, ଶାଳିନୀ ଗୁପ୍ତା, ସୁନନ୍ଦା ହାତୀ, ସୁଲୋଚନା ମହାପାତ୍ର, ଦୀକ୍ଷା ପ୍ରଧାନ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ରବି ନାରାୟଣ ହୋତା, ସୁନିଲ ଅଗ୍ରୱାଲଙ୍କ ସମେତ ବିଭିନ୍ନ ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀବୃନ୍ଦ ।

# ଆକାଶରୁ ଖସିଲା ବେଲୁନ

## ଲୋକେ ଭୟଭୀତ : ଘଟଣାସ୍ଥଳରେ ପୋଲିସ

ବୌଦ୍ଧ,୮।୧(ସ୍ୱ.ପ୍ର.)

ରବିବାର ଅପରାହ୍ନରେ ସ୍ଥାନୀୟ ଲୋକେ ଦେଖିଲେ ଆକାଶରେ ଏକ ବେଲୁନ ଉଡୁଛି । କେହି ବେଲୁନ ଛାଡିଥିବ ଭାବି ସେତେଟା ଗୁରୁତ୍ୱ ଦେଇ ନ ଥିଲେ । ଯିଏ ଯାହା କାମରେ ବ୍ୟସ୍ତ ଥିବା ବେଳେ ହଠାତ୍ ଆକାଶରୁ କ୍ଷିପ୍ର ଗତିରେ ବେଲୁନଟି ଖସି ପଡିଥିଲା ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସାମ୍ପୋଚ ପଞ୍ଚାୟତ ଚଣ୍ଡିପୁର ଗ୍ରାମରେ । ତଳେ ପଡିଥିବା ବେଲୁନକୁ ଆଣିବାକୁ ଉତ୍ସୁକତାର ସହ କେତେଜଣ ବ୍ୟକ୍ତି ଯାଇଥିବା ବେଳେ ବେଲୁନ ଧୀରେ ଧୀରେ ଫୁଲି ଉଠିବା ଦେଖି ଭୟଭୀତ ହୋଇ ପଡିଥିଲେ । ଏହା ଏକ ବମ କିମ୍ବା କୌଣସି ମାରାତ୍ମକ ରାସାୟନିକ ଧୂଆଁ ଭର୍ତ୍ତି ବେଲୁନ ଭାବି ବୌଦ୍ଧ ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ବୌଦ୍ଧ ସଦର ଥାନା ଅଧିକାରୀ ମାଧବାନନ୍ଦ ନାଏକ ଘଟଣାସ୍ଥଳରେ ପହଞ୍ଚି ଏହାର ସତ୍ୟତା ଜାଣିବା ପାଇଁ ତଦନ୍ତ ଜାରି ରଖିଥିବା ଜଣାଯାଇଛି।


ଖସି ପଡ଼ିଥିବା ବେଲୁନ ।

# ଯୁବ ନେତୃତ୍ୱ, ଗୋଷ୍ଠୀ ବିକାଶ କର୍ମଶାଳା

ସୋନପୁର,୮।୧(ନି. ପ୍ର )

ସୁବର୍ଣ୍ଣପୁର ନେହେରୁ ଯୁବ କେନ୍ଦ୍ର ଆନୁକୁଲ୍ୟରେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ସମ୍ପର୍କିତ କର୍ମଶାଳା ରବିବାର ଉଦଘାଟିତ ହୋଇଯାଇଛି। ଏହି କର୍ମଶାଳା ତିନି ଦିନ ଧରି ଚାଲିବ। ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲ ଅଧ୍ୟକ୍ଷ ଗତିକୃଷ୍ଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯକ୍ରମକୁ ଉଦ୍‌ଘାଟନ କରିଥିଲେ। ନିଜର ବ୍ୟକ୍ତିତ୍ୱ ବିକାଶ ସହିତ, ଗୋଷ୍ଠୀ, ରାଜ୍ୟ ତଥା ରାଷ୍ଟ୍ରର ବିକାଶ କିପରି ହେଇପାରିବ ଏବଂ ଯୁବକ ମାନଙ୍କ ଦାୟିତ୍ୱ ଓ ନେତୃତ୍ୱ ବିଷୟରେ ମିଶ୍ର ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ପ୍ରଥମ ଏଜୁକେଶନ ଫାଉଣ୍ଡେସନର ନକୁଳ ନାଏକ ଯୁବକମାନଙ୍କ ଦକ୍ଷତା ଓ ବିକାଶ ଉପରେ ଆଲୋଚନା କରିଥିଲେ। କର୍ମଶାଳାର ପ୍ରଥମ ଦିବସରେ ପ୍ରଶିକ୍ଷକ ଭାବେ ମିନକେତନ ମହାକୁର, ସରୋଜ କୁମାର ପାଢ଼ୀ ଓ ଆର୍ତ୍ତତ୍ରାଣ ପାଢୀ ଯୋଗଦେଇ ଯୁବ ନେତୃତ୍ୱ ଗୋଷ୍ଠୀ ଉନ୍ନତି, ସମାଜର ପରିବର୍ତ୍ତନ କ୍ଷେତ୍ରରେ ସ୍ୱେଚ୍ଛାସେବୀମାନଙ୍କ ଅବଦାନ ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ତରଭା, ଡୁଙ୍ଗୁରିପାଲି, ବିନିକା, ଉଲୁଣ୍ଡା, ବୀରମହାରାଜପୁର ଓ ସୋନପୁର ବ୍ଲକରୁ ମୋଟ ୪୦ ଜଣ ସ୍ୱେଚ୍ଛାସେବୀ ଯୋଗଦାନ କରିଛନ୍ତି। କାର୍ଯକ୍ରମକୁ କୃପାସିନ୍ଧୁ ସା ପରିଚାଳନା କରିଥିଲେ। ନେହେରୁ ଯୁବକେନ୍ଦ୍ର ସୋନପୁର ଶାଖାର ସ୍ୱେଚ୍ଛାସେବୀ ହୃଷୀକେଶ ଦେହୁରୀ ଓ ଆନନ୍ଦ ଖମାରୀ ସହଯୋଗ କରିଥିଲେ।

# ଟ୍ରାକ୍ଟର ଧକ୍କାରେ ସାଇକେଲ ଆରୋହୀ ମୃତ

ବରଗଡ଼ ଅଫିସ୍,୮।୧

ବରଗଡ଼ ଜିଲା ଭେଡ଼େନ ଥାନା ରେଙ୍ଗାଲିକ୍ୟାମ୍ପ-ପପଙ୍ଗା କେନାଲ ଖାଉପାଲି ଛକ ନିକଟରେ ରବିବାର ଟ୍ରାକ୍ଟର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ବାନିପାଲି ଗ୍ରାମର ଶେଷଦେବ ମେହେର। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ମାମଲା ରୁଜୁ ସହିତ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର, ସାଇକେଲକୁ ଜବତ କରି ପୋଲିସ ଅଧିକ ତଦନ୍ତ କରୁଛି।

# ବିନିକା-ପାପକ୍ଷୟ ଲୋକ ମହୋତ୍ସବ କମିଟି ଗଠିତ

ବିନିକା, ୮।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳରେ ଫେବୃୟାରୀ ୧ରୁ ୪ତାରିଖ ଯାଏ ଅନୁଷ୍ଠିତ ହେବାକୁ ଯାଉଥିବା ବିନିକା-ପାପକ୍ଷୟ ଲୋକ ମହୋତ୍ସବ ନେଇ ରବିବାର ସ୍ଥାନୀୟ ସ୍ପୋର୍ଟସ କ୍ଲବ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଧର୍ମରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚତୁର୍ଥବର୍ଷରେ ପଦାର୍ପଣ କରୁଥିବା ମହୋତ୍ସବ ଆୟୋଜନ ନେଇ ପରିଚାଳନା କମିଟି ଗଠନ କରାଯାଇଥିଲା। ମହୋତ୍ସବ କମିଟି ସଭାପତିଭାବେ ସୁଧାଂଶୁ ଶେଖର ଦାଶ, ସମ୍ପାଦକ ମାନସ ବେହେରା, ଉପସଭାପତି ବିଶିଷ୍ଟ କଳାକାର ଶାଶ୍ୱତ ତ୍ରିପାଠୀ, ସହ ସମ୍ପାଦକ ନବଜୀବନ ପଣ୍ଡା, କୋଷାଧ୍ୟକ୍ଷଭାବେ ସନ୍ତୋଷ ମହାକୁର ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ଭୀମସେନ ସାହୁ, ସୋମନାଥ ମିଶ୍ର, ଉସତ କର, ଧର୍ମରାଜ ପଣ୍ଡା, ଧର୍ମେନ୍ଦ୍ର ଥନାପତି, ମମତାଜ ପଣ୍ଡା, କାର୍ଯ୍ୟକ୍ରମ ସମ୍ପାଦନାରେ ହିମାଂଶୁ ଭୂଷଣ ପଣ୍ଡା, ଦେବଦତ୍ତ ପଣ୍ଡା, ଅନୁମତି ଓ ଶୃଙ୍ଖଳା ଦାୟିତ୍ୱରେ ଆଲୋକ ହୋତା, ରଘୁନାଥ କୁମ୍ଭାର, ଅଶୋକ ପଣ୍ଡା, ରବୀନ୍ଦ୍ର ପାତ୍ର ରହିଛନ୍ତି। ଅର୍ଥ ବିଭାଗରେ ଭୀମସେନ ସାହୁ, ଅତିଥି ସତ୍କାର, ଖାଦ୍ୟ ବିଭାଗ,ସାଂସ୍କୃତିକ ବିଭାଗ,କାର୍ଯ୍ୟାଳୟ ଦାୟିତ୍ୱ, ମିଡିଆ ବିଭାଗରେ ସଦସ୍ୟଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି।

# ଲୋକଙ୍କ ବିଶ୍ୱାସ ବଜାୟ ରଖିବାକୁ ଆହ୍ୱାନ

ସୋନପୁର,୮।୧(ନି.ପ୍ର.)

ବିଜୁ ଜନତା ଦଳ ଗଠନର ୨୫ବର୍ଷ ପୂରଣ ହୋଇଛି। ସ୍ୱଚ୍ଛ ଓ ନିର୍ମଳ ଶାସନ ପାଇଁ ଜନସାଧାରଣଙ୍କ ଆଶୀର୍ବାଦ ଏହି ଦଳ ପ୍ରତି ଅତୁଟ ରହିଛି। ସାରା ଦେଶରେ ବିଜେଡି ସବୁଠାରୁ ସଫଳ ଆଞ୍ଚଳିକ ଦଳ ଭାବେ ପରିଗଣିତ ହେଉଛି । ବିଜେଡି ଲୋକଙ୍କ ବିଶ୍ୱାସକୁ ଭିତ୍ତିକରି ଲୋକଙ୍କ ସେବାରେ କାମ କରି ଚାଲିଛି। ଲୋକଙ୍କ ବିଶ୍ୱାସ ବଜାୟ ରଖିବାକୁ ଦଳୀୟ କର୍ମୀମାନଙ୍କୁ ଆହୁରି କଠିନ ପରିଶ୍ରମ କରିବାକୁ ପଡିବ। ବିଜେଡିର ୨୫ ବର୍ଷ ପୂର୍ତ୍ତି ଅବସରରେ ସୋନପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ରୌପ୍ୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ମତପ୍ରକାଶ କରିଛନ୍ତି।

ସୋନପୁର ବ୍ଲକ ନାରାୟଣପୁର ଖେଳ ପଡିଆରେ ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ପୂଜାରୀ ତାଙ୍କ ବକ୍ତବ୍ୟରେ ଆହୁରି କହିଥିଲେ ଯେ, ୧୯୯୭ ଡିସେମ୍ବର ୨୬ରେ ଦଳ ଗଠନ ପରଠାରୁ ବିଜେଡି କ୍ରମାଗତ ଭାବେ ନିର୍ବାଚନରେ ବିଜୟ ଲାଭ କରି ଆସୁଛି । ସୁବର୍ଣ୍ଣପୁର ଜିଲାର ଜନସାଧାରଣ ମଧ୍ୟ ବିଜେଡିକୁ ବିପୁଳ ସମର୍ଥନ ଦେଇ ଆସୁଛନ୍ତି। ଗତ ୨୩ବର୍ଷ ଧରି ସରକାରଙ୍କ ଦ୍ୱାରା ଗ୍ରହଣ କରା ଯାଇଥିବା କାର୍ଯ୍ୟକ୍ରମ, ବିଭିନ୍ନ ଯୋଜନା, ଦଳର ନୀତି, ଆଦର୍ଶ ତଥା ଦଳର ନେତା ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଯୋଗୁଁ ଏହା ସମ୍ଭବ ହୋଇ ପାରିଛି। ସୋନପୁରକୁ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀରେ ପରିଣତ କରିବା ପାଇଁ ଭିତ୍ତିଭୂମି କାର୍ଯ୍ୟ ଓ ଜମିକୁ ଜଳସେଚନ ପାଇଁ ଉଦ୍ୟମ ଜାରି ରହିଛି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ବିଜେଡି ଏକ ସାମାଜିକ ଆନ୍ଦୋଳନ। ସେବା ଓ ବିକାଶ ଦଳର ଏଜେଣ୍ଡା। ବିଜେଡି ଜିଲା ସଭାପତି ତଥା ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କର୍ମ ସଭାରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଅଭିମନ୍ୟୁ କୁଶଳ, ଜିଲା ଉପସଭାପତି କଇରୁ ସ୍ୱାଇଁ, ରମେଶ ପୂଜାରୀ, ହିମାଂଶୁ ବିଶ୍ୱାଳ, ମଧୁସୂଦନ ମିଶ୍ର, ନୀଳାମ୍ବର ଶତପଥୀ, ମିନତୀ ସାହୁ, ଯୁବ ବିଜେଡି ଜିଲା ସଭାପତି ଅଶୋକ କୁମାର ନନ୍ଦ, ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର, ଜନ୍ମେଜୟ ପାତ୍ର, ରାଜ କୁମାର ସୁନା, ଶଙ୍କର ପ୍ରସାଦ ସା, ଶତ୍ରୁଘ୍ନ ପୃଷ୍ଟି, ହେମନ୍ତ ସାହୁ, ମକରଧ୍ୱଜ ସାହୁ, ଗଗନ ଅଗ୍ରୱାଲ, ପ୍ରହ୍ଲାଦ ନାୟକ, ମକରଧ୍ୱଜ ସାହୁ, ଅହଲ୍ୟା ସାହୁ, ତାମସି ତାମସ୍ୱିତା ନାୟକ, ମଧୁସଦନ ଓତା, ଅଞ୍ଜଳି କର୍ମ, ଗଣେଶ ଭୋଇ, ମଞ୍ଜୁଶ୍ରୀ ମାଝୀ, କରମଚାନ୍ଦ ମହାନ୍ତି, ଆନନ୍ଦ ଶତପଥୀ ଓ ପ୍ରମୋଦ ଧରୁଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଆସନ୍ତା ସାଧାରଣ ନିର୍ବାଚନ ପାଇଁ କର୍ମୀ ମାନେ ଏବେ ଠାରୁ ପ୍ରସ୍ତୁତ ରହିବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ମାନଭଞ୍ଜନ ମିଶ୍ର ସଭାକୁ ସଂଯୋଜନା କରିଥିଲେ । ଏହି ଅବସରରେ ଦଳ ପକ୍ଷରୁ ସ୍ଥାନୀୟ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।



ନାରାୟଣପୁର ପଡିଆରେ ଅନୁଷ୍ଠିତ ସମାରୋହରେ ମଞ୍ଚାସୀନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟ ନେତୃବୃନ୍ଦ ।

## ବିଜେଡିର ରୌପ୍ୟ ଜୟନ୍ତୀ ସମାରୋହ

# ପିତାବଳି କ୍ରିକେଟ: ନୂଆଁଗଡ଼ ଚାମ୍ପିୟନ

ଅମରପାଲି, ୮।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତର କେଉଟପାଲି ନିକଟସ୍ଥ ମହାନଦୀ ଖେଳ ପଡିଆରେ ଚାଲିଥିବା ମା' ପିତାବଳି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦୁଇଟି ଫର୍ମାଟରେ ଅନୁଷ୍ଠିତ ଏହି ମ୍ୟାଚରେ ନୂଆଗଡ ଦଳ ଗୋବିନ୍ଦପୁରକୁ ହରାଇ ଚାମ୍ପିୟନ ହୋଇଛି। ପ୍ରଥମ ଫର୍ମାଟରେ ଗୋବିନ୍ଦପୁର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯୯ ରନ କରିଥିଲା। ଜବାବରେ ନୂଆଗଡ ଦ୍‌୯.୪ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ସେହିଭଳି ଦ୍ୱିତୀୟ ଫର୍ମାଟରେ ଗୋବିନ୍ଦପୁର ନିର୍ଦ୍ଧାରିତ ୬ ଓଭରରେ ୭୮ ରନ କରିଥିଲା। ଜବାବରେ ନୂଆଗଡ ନିର୍ଦ୍ଧାରିତ ଓଭରରେ ୭୧ ରନ ସଂଗ୍ରହ କରି ୬ ରନରେ ପରାସ୍ତ ହୋଇଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚରେ ବିଜୟୀ ହୋଇଥିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ସୁପରଓଭର ଖେଳାଯାଇଥିଲା। ଏଥିରେ ନୂଆଗଡ ୨୩ ରନ କରିଥିବାବେଳେ ଗୋବିନ୍ଦପୁର ୮ ରନ କରି ପରାସ୍ତ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ ମୁଖ୍ୟ ଅତିଥି, ସ୍ୱେଚ୍ଛାସେବୀ ବିନୋବାନନ୍ଦ ପଧାନ ଓ ସହଦେବ ମହାକୁର ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ନଗଦ ୧୦ ହଜାର ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ନଗଦ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସୁଜିତ ରଥ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ସୁଧୀର ମିଶ୍ର ଓ ଝାଣ୍ଟୁ ବେହେରା ମ୍ୟାଚ ପରିଚାଳନା କରିଥିବାବେଳେ ଘାସିରାମ ବେହେରା ସ୍କୋରର ରହିଥିଲେ।


ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି ।

# ସୋନପୁର ରାମଧୁନ୍ କ୍ଲବ ଚାମ୍ପିୟନ

## ସୁଜନ ନାଗ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

ସୋନପୁର,୮।୧(ନି.ପ୍ର.)

ସୋନପୁର ରୟାଲ ପଡିଆରେ ଗତ ୨ ତାରିଖଠାରୁ ଚାଲିଥିବା ୧୦ମ ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ସୋନପୁର ଇଲେଭେନ ଷ୍ଟାର ଓ ସୋନପୁର ରାମଧୁନ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ରାମଧୁନ କ୍ଲବ ୩-୧ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ରେଫେରି ନନ୍ଦୁ ନାଏକ, ଯୋଗେନ୍ଦ୍ର ଓରାମ, ଜଗତ ଜଗଦଲା ଓ ପ୍ରଶାନ୍ତ ସେଠୀ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ସଞ୍ଜୀବ ମହାରଣା, ମୁନା ତ୍ରିପାଠୀ, ସୁଶାନ୍ତ ପଧାନ, ରମଣ ପଧାନ, ନୀଳାମ୍ବର ଶତପଥୀ, ଗୌତମ ପାତ୍ର, ଗୋପାଳ ବରେଇ, ଶ୍ରୀରାମ ସୁନା ଓ ଗୁଣନିଧି ମେହେର ପ୍ରମୁଖ ଯୋଗଦାନ କରିଥିଲେ। ଇଲେଭେନ ଷ୍ଟାରର ଚନ୍ଦ୍ର କାଲସେଇଙ୍କୁ ବେଷ୍ଟ ଡିଫେନ୍ସ, ରାମଧୂନ କ୍ଲବର ଜିତୁ ମୁଦୁଲିଙ୍କୁ ବେଷ୍ଟ ମିଡ୍ ଫିଲ୍ଡ, ଇଲେଭେନ ଷ୍ଟାର ର ବିକାଶ ଧରୁଆଙ୍କୁ ବେଷ୍ଟ ୱିଙ୍ଗର, ରାମଧୁନ କ୍ଲବର ସୁନିଲ ବାଘାଙ୍କୁ ବେଷ୍ଟ ଗୋଲ କିପର ଓ ରାମଧୂନ କ୍ଲବର ଅଜିତ ଭୋଇଙ୍କୁ ହିରୋ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବର ସମ୍ପାଦକ ରାକେଶ ନାଗ ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ।


ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି ।

# ଜେସିସି ସମ୍ବଲପୁର ଚାମ୍ପିୟନ

- ଦେବେନ୍ଦ୍ର କୁଅଁର ମ୍ୟାନ ଅଫ ଦି ସିରିଜ
- ଅବିନାଶ ନନ୍ଦ ମ୍ୟନ ଅଫ ଦି ମ୍ୟାଚ

ଅମରପାଲି, ୮।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ ବିକଳପୁର ଗ୍ରାମରେ ଚାଲିଥିବା ୧୬ତମ ମା' ମାହେଶ୍ୱରୀ କ୍ରିକେଟ କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ବ୍ଲୁ ଡାଇମଣ୍ଡ ବରଗଡକୁ ହରାଇ ଜେସିସି ସମ୍ବଲପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ବ୍ଲୁ ଡାଇମଣ୍ଡ ବରଗଡ ପ୍ରଥମେ ବ୍ୟାଟିଂ କରି ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୩ରନ କରିଥିଲା। ଦଳର ଦେବେନ୍ଦ୍ର କୁଅଁର ୫୬ ବଲରୁ ୮୬ ଓ କୁନାଲ ପଣ୍ଡା ୧୨ବଲରୁ ୩୩ରନ କରିଥିଲେ। ସମ୍ବଲପୁରର ପ୍ରଶାନ୍ତ ଠକ୍କର ୩ଟି, ପ୍ରଦୀପ ପ୍ରଧାନ ଓ ନିଶିଥ ସିଂ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ଦଳ ୧୫.୧ ଓଭରରେ ୩ ଉଇକେଟ ହରାଇ ୧୬୬ରନ କରିଥିଲା। ଦଳର ଟିଙ୍କୁ ଷାଣ୍ଡ ୨୬ବଲରୁ ୫୬ରନ, ଅଜିତ ହୋତା ୨୯ବଲରୁ ୪୮ରନ ଓ ଅମନ ବେହେରା ୧୬ବଲରୁ ୩୪ରନ କରିଥିଲେ। ବରଗଡର ମିତ୍ର ପ୍ରଧାନ ୨ ଓ ରୂପକ ପଧାନ ଗୋଟିଏ ଉଇକେଟ ନେଇଥିଲେ।

ଦ୍ୱିତୀୟ ଫର୍ମାଟରେ ଜେସିସି ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୯୦ରନ କରିଥିଲା। ଦଳର ଅବିନାଶ ନନ୍ଦ ୨୩ବଲରୁ ୩୯ ଓ ଅଜିତ ହୋତା ୧୨ବଲରୁ ୨୩ରନ କରିଥିଲେ। ବରଗଡର ମିତ୍ର ପ୍ରଧାନ ଓ କୁନାଲ ପଣ୍ଡା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବରଗଡ ଦଳ ୮ ଓଭରରେ ୫ ଉଇକେଟ ହରାଇ ୮୯ରନ କରିଥିଲା। ଦଳର ଅମିତ ରାଉତ ୧୪ବଲରୁ ୨୯ରନ ଓ ଦେବେନ୍ଦ୍ର କୁଅଁର ୧୮ବଲରୁ ୨୭ରନ କରିଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ସମ୍ବଲପୁର ଦଳ ଚାମ୍ପିୟନ ହୋଇଛି। ଆୟୋଜକ ସଭାପତି ରାମପ୍ରସାଦ କର୍ଣ୍ଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କମିରା ସରପଞ୍ଚ ଅନୁସୟା ପଧାନ ମୁଖ୍ୟ ଅତିଥି ଏବଂ ପ୍ରାକ୍ତନ ସୋନପୁର ଡିସିଏ ସଭାପତି ପଠାନ ପଣ୍ଡା, ରାଜେଶ ସେଠୀ, କ୍ରୀଡାବିତ ସୁଧିର ପ୍ରଧାନ, ଶିକ୍ଷକ ପ୍ରମୋଦ ପ୍ରଧାନ, ସ୍ୱେଚ୍ଛାସେବୀ ସପନ ପଧାନ, ଆଇନଜୀବୀ ହାରୁନ ଖାଁ, ଦଶରଥ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ସମ୍ପାଦକ ବିଶ୍ୱଜିତ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡର ଦେବେନ୍ଦ୍ର କୁଅଁରଙ୍କୁ ଶ୍ରେଷ୍ଠ ବ୍ୟାଟସ ମ୍ୟାନ, ଶ୍ରେଷ୍ଠ ସିକ୍ସର ଓ ମ୍ୟାନ ଅଫ ଦି ସିରିଜ, ମିତ୍ର ପ୍ରଧାନଙ୍କୁ ଶ୍ରେଷ୍ଠ ବୋଲର, ସମ୍ବଲପୁରର ସୁଧିର ତରିଆଙ୍କୁ ଶ୍ରେଷ୍ଠ ଉଇକେଟ ରକ୍ଷକ, ଅବିନାଶ ନନ୍ଦଙ୍କୁ ମ୍ୟାନ ଅଫ ଦି ଫାଇନାଲ ଭାବେ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟରେ ଶତକ ହାସଲ କରିଥିବା ଦେବାଶିଷ ବାଘ ଓ ରାଜ୍ୟ ୧୬ ବର୍ଷରୁ କମ ବର୍ଗରେ ଖେଳିଥିବା ରତିରଞ୍ଜନ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାମ୍ପିୟନ ସମ୍ବଲପୁର ଓ ରନର୍ସ ଅପ ବରଗଡ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପେୟାର ଚୁଡାମଣୀ ପାଢୀ ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ଚନ୍ଦ୍ର ଶେଖର ପ୍ରଧାନ ସ୍କୋରିଂ, ପରିକ୍ଷିତ କର୍ଣ୍ଣ ଅନଲାଇନ ସ୍କୋରିଂ ଏବଂ ଏସ.ବି.ସିମରନ, ବି.ଏସ.ରାଓ , ସଚିନ ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି ।

## ସଂକ୍ଷେପରେ

### ଗୋରୁ କାଟିବା ଅଭିଯୋଗରେ ୩ ଗିରଫ



ଗିରଫ ୩ ଅଭିଯୁକ୍ତ।

**ଝାରସୁଗୁଡା ଅଫିସ୍,୮।୧:** ଝାରସୁଗୁଡା ଜିଲା ବନହରପାଲି ଥାନା ଅନ୍ତର୍ଗତ ବନ୍ଧବାହାଲ ଶାନ୍ତିନଗରରେ ଗୋରୁ କାଟିବା ଅଭିଯୋଗରେ ପୋଲିସ୍ ୩ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶାନ୍ତିନଗରର ଶକ୍ତି ମହାନନ୍ଦିଆ(୨୦), ଈଶ୍ୱର ବେହେରା(୨୧) ଓ ରାଜେଶ ସୁନା(୩୦)। ସେମାନଙ୍କ ନିକଟରୁ ପୋଲିସ ଗୋରୁ ମାଂସ, ହତ୍ୟାରେ ବ୍ୟବହୃତ ହୋଇଥିବା ଟାଙ୍ଗିଆ, କାତି ଆଦି ମାରଣାସ୍ତ୍ର ଜବତ କରିଛି । ଏହି ୩ଜଣ ଯୁବକ ଗୋଟିଏ ଗୋରୁକୁ କାଟୁଥିବାବେଳେ ସ୍ଥାନୀୟ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଖବର ପାଇ ବନ୍ଧବାହାଲ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ୍ ଶାନ୍ତିନଗରରେ ପହଞ୍ଚି ଗୋରୁ ମାଂସ ଜବତ କରିବା ସହିତ ଅଭିଯୁକ୍ତମାନଙ୍କୁ କାବୁ କରିଥିଲା।

# କଠୋର ଶୃଙ୍ଖଳା, ଅଧ୍ୟବସାୟ କ୍ରୀଡ଼ାବିତ୍‌ଙ୍କ ସଫଳତାର ଆଧାର

**ସୁନ୍ଦରଗଡ଼, ୮।୧ (ଡି.ଏନ୍.ଏ)**

ଚଳିତବର୍ଷ ପୁରୁଷ ବିଶ୍ୱକପ୍ ହକି ଅବସରରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼, ବଣାଇଁ, ପାନପୋଷ ଜୋନରୁ ମୋଟ ୩୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅମୃତଲାଲ ନାୟାର ଷ୍ଟାଡିୟମଠାରେ ଆୟୋଜିତ ଏହି ଉଦ୍‌ଯାପନୀ ସମାରୋହରେ ଅଲିମ୍ପିୟାଡ ହକି ତାରକା ଲାର୍ଜାରୁସ ବାର୍ଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ହକି ତାରକାଙ୍କ ଭୂମି ବୋଲି କହିବା ସହ ଏହି ମାଟିର ପ୍ରାୟତଃ ୮୫ ଜଣ ହକି ଖେଳାଳି ଭାରତୀୟ ହକିର ପ୍ରତିନିଧିତ୍ୱ କରିଥିବା ସୂଚନା ପ୍ରଦାନ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଯୁବ କ୍ରୀଡାବିତମାନଙ୍କୁ କଠୋର ଶୃଙ୍ଖଳା, ଦୃଢ ଆତ୍ମବିଶ୍ୱାସ ଓ ନିଷ୍ଠାପର ଅଧ୍ୟବସାୟ ବଳରେ ସଫଳତାର ଶୀର୍ଷରେ ପହଞ୍ଚି ହେବ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପୌରାଧ୍ୟକ୍ଷା ତନୟା ମିଶ୍ର, ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଅଭିମନ୍ୟୁ ବେହେରା, ଡେପୁଟି କଲେକ୍ଟର ସୁଶ୍ରୀ ପ୍ରଧାନ, ଉପଜିଲାପାଳ ଦାଶରଥି ସରାବୁ, ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଦୀପ ଭୋଳ, ଝାରସୁଗୁଡା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଚିରବ୍ରତ ଦତ୍ତ ପ୍ରମୁଖ ଯୋଗଦେଇ କ୍ରୀଡାବିତ ଛାତ୍ରୀଛାତ୍ରମାନଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ବୁଝାମଣା ମାଧ୍ୟମରେ ନିଜର କ୍ରୀଡା ନୈପୁଣ୍ୟକୁ ପ୍ରଦର୍ଶନ କରି ଜିଲା, ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତରଂଜନ ସାହୁ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରଠାରୁ ମଶାଲକୁ କ୍ରୀଡାବିତମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆଣି ଷ୍ଟାଡିୟମଠାରେ ପହଞ୍ଚିଥିଲେ। ଏହା ପରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ଦୌଡକୁଦ, କବାଡି, ଖୋଖୋ, ଭଲିବଲ, ହାଇଜମ୍ପ, ଲଙ୍ଗଜମ୍ପ, ଡିସକସ ଥ୍ରୋ , ସଟପୁଟ, ଜାଭେଲିନ୍ ଥ୍ରୋ ଆଦି ବିଭିନ୍ନ



ଅଲିମ୍ପିୟାଡ଼ ହକି ତାରକା ଲାଜରୁସ ବାର୍ଲା ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମଶାଲ ପ୍ରଜ୍ୱଳନ କରୁଛନ୍ତି।

### ଜିଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ପ୍ରତିଯୋଗିତା ହୋଇଥିଲା। ଦୌଡ, ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ, ଡିସକସ ଥ୍ରୋ, ଜାଭେଲିନ ଥ୍ରୋ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୦ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୭ ହଜାର ଟଙ୍କା, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୫ହଜାର ଟଙ୍କା ଲେଖାଏଁ ଅର୍ଥରାଶି ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ପୁରୁଷ ବର୍ଗରେ କବାଡି ପ୍ରତିଯୋଗିତାରେ ବାଲିଶଙ୍କରା ବ୍ଲକର ଯଦୁପତି ଏସଏଚ୍ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିବା ବେଳେ ମହିଳା ବର୍ଗରେ ଲହୁଣୀପଡା ଇଏମ ଆରଏସ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିଲା।

ଖୋଖୋ ପୁରୁଷ ବର୍ଗରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିବାବେଳେ ମହିଳା ବର୍ଗରେ ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ଭଲିବଲ ପ୍ରତିଯୋଗୀତାର ପୁରୁଷ ବର୍ଗରେ ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଚମ୍ପିୟାନହୋଇଥିବା ବେଳେ ମହିଳାବର୍ଗରେ ଗୁରୁଣ୍ଡିଆ ଏସଏସଡି ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିଲା । ଭଲିବଲ, ଖୋଖୋ ବାଡି ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ୪୦ହଜାର ଓ ରନର୍ସ ଅପ୍ ଦଳକୁ ୩୦ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହି କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରୁଷ ହକି ବିଶ୍ୱକପର ମାସ୍କଟ ଓଲି ମୁଖ୍ୟ ଆକର୍ଷଣ ରହିଥିଲା। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଛାତ୍ରୀ ଆକର୍ଷଣୀୟ ଲୋକନୃତ୍ୟ ସମ୍ବଲପୁରୀ ଓ ଆଦିବାସୀ ସାଦ୍ରୀନୃତ୍ୟ ପରିବେଷଣ କରିଥିଲେ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ଡ. କୁମୁଦିନୀ ରାଉତରାୟ, ପ୍ରାଧ୍ୟାପକ ଡ. କୁଳମଣି ବେହେରା, ବୀରେନ୍ଦ୍ର ପଟେଲ, ଡ. ଆଶୁତୋଷ ଝା, ଡ. ବିନୋଦ ବିହାରୀ ମଲ୍ଲିକ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପ୍ରଦୀପ ବହିଦାର ପ୍ରଭାକର ସେଠୀ ଆର୍ଯ୍ୟ ବିଭାସ କୁମାର, ରୋଜମେରୀ ଲାକ୍ରା, ଆଜେଂଲିନା କିଣ୍ଡୋ, ନୂତନ ଖମାରୀ ପିଇଟି ପ୍ରସନ୍ନ ଠାକୁର, ସଂଯୁକ୍ତା ବହିଦାର, ଶଶୀକାନ୍ତ ସେଠୀ, ରାଜେଶ ଓରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ସୁସ୍ମିତା ଭୋଇ ଓ ଅଧ୍ୟାପିକା ନାଜନିନ୍ ଆଜାଦ୍ କାର୍ଯ୍ୟକ୍ରମର ସଞ୍ଚାଳନ ଓ ଧାରାବିବରଣୀ ପ୍ରଦାନ କରିଥିଲେ।

### ବାଲୁଘାଟରେ ବସ୍ତି ସୁରକ୍ଷା ସମିତିର ସେବା ସମ୍ମାନ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ, ୮।୧:** ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୩ ନମ୍ବର ୱାର୍ଡର ବାଲୁଘାଟ ବସ୍ତି ଅଞ୍ଚଳରେ ରାଉରକେଲା ବସ୍ତି ସୁରକ୍ଷା ସମିତି ପକ୍ଷରୁ ସେବା ସମ୍ମାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ବାଲୁଘାଟ ସର୍ଦ୍ଦାର ବସ୍ତିଠାରେ ସମିତି ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସର୍ଦ୍ଦାର ବସ୍ତି, ପଲପଲ ବସ୍ତି, କୁମାର ବସ୍ତି ଆଦି ଅଞ୍ଚଳରୁ ୫୦ରୁ ଅଧିକ ବରିଷ୍ଠ ନାଗରିକଙ୍କୁ ସମିତି ପକ୍ଷରୁ ଶୀତବସ୍ତ୍ର ବିତରଣ କରାଯାଇଥିଲା। ସମିତି ସଦସ୍ୟ ବଲବୀର ସିଂହ, ଶ୍ୟାମେନ୍ଦ୍ର ମାହାତୋ, ସାରଦା ପ୍ରସନ୍ନ ଦାସ, ସୁଧୀର ନାଥ ପ୍ରମୁଖ ସହଯୋଗ କରିଥିଲେ।

# ଉତ୍ସବ ପ୍ରଧାନପାଟର କଲ୍‌ଚରାଲ ସବ୍‌କମିଟି ବୈଠକ

**ଦେବଗଡ଼, ୮।୧(ଡି.ଏନ୍.ଏ.)**

ଦେବଗଡ଼ରେ ହେବାକୁ ଯାଉଥିବା ଜିଲା ଉତ୍ସବ ପ୍ରଧାନପାଟର କଲ୍‌ଚରାଲ ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଜାନୁୟାରୀ ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉତ୍ସବ ପ୍ରଧାନପାଟରେ ବିଭିନ୍ନ ଲୋକ ନୃତ୍ୟ, ଆଙ୍କୋରିଂ ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯିବ। ଏଥିଲାଗି ଅଡିଶନ ଟେଷ୍ଟ ଜାନୁୟାରୀ ୧୨ ତାରିଖ ଅପରାହ୍ନ ୧ଟାରେ ଟାଉନ ହଲଠାରେ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ସାଂସ୍କୃତିକ ସବ୍‌କମିଟି ଅଧ୍ୟକ୍ଷ ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ




କଲ୍‌ଚରାଲ ସବ୍‌କମିଟି ବୈଠକରେ ଉପସ୍ଥିତ ସଦସ୍ୟ।

ଅନୁଷ୍ଠାନର ଲୋକ ନୃତ୍ୟ ଦଳ ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଅନୁଷ୍ଠାନ ନାମ, ମୋବାଇଲ ନମ୍ବର, ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ବକ୍ସରେ ପକାଇବା ପାଇଁ ଜଣାଇ ଦିଆଯାଉଛି। ବୈଠକରେ ଆସିଷ୍ଟାଣ୍ଟ କଲେକ୍ଟର ସୁଶାନ୍ତ ନାଏକ, କୈବଲ୍ୟ କର, ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଆଇନଜୀବୀ ଦିଲୀପ ଗୁରୁ, ମନୋଜ ପାଢ଼ୀ, ଅଶୋକ ନନ୍ଦ, ସୁଜିତ ପାତ୍ର, ପ୍ରକାଶ ଦେବତା, ସମୀର ପ୍ରଧାନ, ମନୋରଞ୍ଜନ ସୂତାରଙ୍କ ସହ ସଦସ୍ୟମାନେ ଉପସ୍ଥିତ ଥିଲେ।

# ନୂତନ ପେନ୍‌ସନଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ବନ୍ଧୁ ମିଳନ

**କୁତ୍ରା, ୮।୧ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ଏକ ବ୍ଲକସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କୁତ୍ରା ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୋଷ ଶଂଖ ନଦୀ କୂଳରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କ ବ୍ୟସ୍ତ ବହୁଳ ସମୟରୁ ସମୟ ବାହାର କରି ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦାନ କରି ନିଜ ସଙ୍ଗଠନକୁ କିପରି ଭାବରେ ଆହୁରି ମଜବୁତ କରିବେ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସୁବିଧା ଅସୁବିଧାରେ ସଙ୍ଗଠନ କାର୍ଯ୍ୟ କରିବ ସେନେଇ ଆଲୋଚନା କରିଥିଲେ। ସଙ୍ଗଠନର ସଭାପତି ଅମରେଶ କୁମାର ସାହୁ, ସମ୍ପାଦକ ଜନାର୍ଦ୍ଦନ ବଡ଼ାଇ, ସହସମ୍ପାଦକ ବେହେରା, କୋଷାଧ୍ୟକ୍ଷ ଟେକଚାନ୍ଦ ସିଂ ଓ ସଂଯୋଜିକା ମମତା ଶତପଥୀଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**କୁତ୍ରା, ୮।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ରବିବାର ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଜାନୁୟାରୀ ୧୩ରୁ ହେବାକୁ ଥିବା ପୁରୁଷ ହକି ବିଶ୍ୱକପକୁ ସ୍ମରଣୀୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ଏହି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ହକି ଦଳର ପୂର୍ବତନ ଖେଳାଳି ଲାଜରୁସ ବାର୍ଲା ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ପାଠପଢା ସହିତ କ୍ରୀଡା ପ୍ରତି ରୁଚି ରଖି ପ୍ରତିଦିନ କ୍ରୀଡା ଅଭ୍ୟାସ କରିବା ପାଇଁ ମୁଖ୍ୟ ଅତିଥି ଉପଦେଶ ଦେଇଥିଲେ।




ଆନ୍ତଃବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନୀରେ ଉପସ୍ଥିତ ଅତିଥି।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, କୁତ୍ରା ବିଇଓ ଗୁରୁଚରଣ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଇପି ଗଣେଶ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ମଞ୍ଚ ପରିଚାଳନା କରିଥିଲେ। ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିବାବେଳେ ସମସ୍ତ ବ୍ଲକର କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

# ରେଲୱେ ଲାଇନ୍ କଡ଼ରୁ ମୃତଦେହ ଜବତ

**ଝାରସୁଗୁଡା ଅଫିସ,୮।୧**

ଝାରସୁଗୁଡା ସଦର ଥାନା ଅନ୍ତର୍ଗତ ମାଳିଡିହି ନିକଟ ରେଲୱେ ଲାଇନରୁ ଜିଆର୍‌ପି ପୋଲିସ ରବିବାର ଏକ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତି ଜଣଙ୍କ ମାଳିଡିହି ଗ୍ରାମର ମନବୋଧ ନେଟୀ(୪୫)ବୋଲି ଜଣାପଡିଛି। ଜିଆର୍‌ପି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଝାରସୁଗୁଡା ଜିଆର୍‌ପି ଥାନାରେ ଏକ ମାମଲା (ନଂ.୩।୨୩) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ମୃତ ବ୍ୟକ୍ତି ଜଣଙ୍କ କୌଣସି କାରଣରୁ ରେଲୱେ ଲାଇନ୍‌ରେ ଆସି ଆତ୍ମହତ୍ୟା କରିଛନ୍ତି।

# ଡାଲମିଆ ସିମେଣ୍ଟକୁ ଓଡ଼ିଶା ସିଏସ୍‌ଆର୍ ଉତ୍କର୍ଷ ପୁରସ୍କାର




ଡାଲମିଆ ସିମେଣ୍ଟକୁ ଓଡ଼ିଶା ସିଏସ୍‌ଆର୍ ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଉଛି।

**ସୁନ୍ଦରଗଡ଼,୮।୧(ଡି.ଏନ.ଏ.)**

ସ୍ଥାୟୀ ଜୀବିକା ପାଇଁ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ସିଏସ୍‌ଆର୍ ବିଭାଗକୁ ଓଡ଼ିଶା ସିଏସ୍‌ଆର୍ ଏକ୍ସଲେନ୍ସ ଆୱାର୍ଡ–୨୦୨୨ ପ୍ରଦାନ କରାଯାଇଛି। ଶନିବାର ଭୁବନେଶ୍ୱରର ହୋଟେଲ ମେଫେୟାର କନ୍‌ଭେନସନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ପୁସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଅତିଥି ଭାବେ ଯୋଗ ଦେଇଥିଲେ। ସିଏସ୍‌ଆର୍ ଏବଂ ପେରିଫେରାଲ ବିକାଶ ପଦକ୍ଷେପ ସହିତ ସିମେଣ୍ଟ ଏବଂ ଆଲୁମିନିୟମ କ୍ଷେତ୍ରର ନବୀକରଣରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରାଜଗାଙ୍ଗପୁର ୟୁନିଟ୍ ମୁଖ୍ୟ ଚେତନ ଶ୍ରୀବାସ୍ତବଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ଅତିରିକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ନୀଳାଦ୍ରି ଭୂଷଣ ପାଢୀ, ଏସ୍‌ଜିଏମ୍ କର୍ପୋରେଟ ଆଫେୟାର୍ସ ଚନ୍ଦ୍ରଶେଖର, ସିନିୟର ମ୍ୟାନେଜର, ଏଚ୍‌ଆର୍/ଆଇଆର୍ ଲାଞ୍ଜିବେର୍ଣ୍ଣା ଦିଲୀପ କୁମାର ପାଣିଗ୍ରାହୀ, ଏକ୍‌ଜିକ୍ୟୁଟିଭ ସିଏସ୍‌ଆର ରାଜଗାଙ୍ଗପୁର ଗୌରହରି ତାଣ୍ଡାକର ଉପସ୍ଥିତ ଥିଲେ।

# କୁଆଁରମୁଣ୍ଡା ଲ୍ୟାମ୍ପ୍ସର ୪୪ତମ ବାର୍ଷିକ ସାଧାରଣ ସଭା



ପୁତ୍ରିଖମଣଠାରେ କୁଆଁରମୁଣ୍ଡା ଲ୍ୟାମ୍ପ୍ସର ବାର୍ଷିକ ସାଧାରଣ ବୈଠକରେ ଉପସ୍ଥିତ ଅତିଥି, ନିର୍ଦ୍ଦେଶକ।

**କୁଆଁରମୁଣ୍ଡା, ୮।୧୧ (ଡି.ଏନ.ଏ.)**

୧୯୭୭ ମସିହାରୁ ୨୦୨୩ ପର୍ଯ୍ୟନ୍ତ ୧୪ ହଜାର ୭୩୪ ସଭ୍ୟଙ୍କୁ ନେଇ କାର୍ଯ୍ୟ କରୁଥିବା କୁଆଁରମୁଣ୍ଡା ବୃହଦାକାର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପ୍ସ) ପକ୍ଷରୁ ଏହାର ୪୪ତମ ବାର୍ଷିକ ସାଧାରଣ ସଭା ରବିବାର କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ପୁତ୍ରିଖମଣ ଡ୍ୟାମ ପାର୍ଶ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଲ୍ୟାମ୍ପ୍ସର ପରିଚାଳନା ନିର୍ଦ୍ଦେଶକ ରଣଜିତ୍ ଲାକ୍ରା ବାର୍ଷିକ ବିବରଣୀ ପାଠ କରିବା ସହ ସମସ୍ତ ଆୟ ଓ ବ୍ୟୟ ଅଟକଳର ଚିଠା ଆଗତ କରିଥିଲେ। ଏଥିରେ ଉପସ୍ଥିତ ସମସ୍ତ ନିର୍ବାଚିତ ନିର୍ଦ୍ଦେଶକଙ୍କ ସହ ସଭାପତି ତାଇରାସ ମିଞ୍ଜ, ଉପସଭାପତି ସଲୱନ୍ତ ଏକ୍କା ଉକ୍ତ ଆୟବ୍ୟୟକୁ ସ୍ୱୀକାର କରିବା ସହ ଏହାର ଦୃଢୀକରଣ ନିମନ୍ତେ ମଞ୍ଜୁରୀ ପ୍ରଦାନ କରିଥିବା ଜଣାପଡ଼ିଛି। ଲ୍ୟାମ୍ପ୍ସ ନିର୍ଦ୍ଦେଶକ ଲାକ୍ରାଙ୍କ ବିବରଣୀ ପାଠରୁ ଜଣାପଡ଼ିଛି ଯେ,ଏହି ସମବାୟ ସମିତିରେ ୧୦୯୬ ଜଣ ଏସ୍‌ଏଚଜି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅଦ୍ୟାବଧି ୧୪ କୋଟି ୩୫ ଲକ୍ଷ ୮୨ ହଜାର ଟଙ୍କା ଋଣ ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ଏସ୍‌ଏଚ୍‌ଜି ମହିଳାଙ୍କଠାରୁ ୨ କୋଟି ୨୩ଲକ୍ଷ ଓ ଜିଏଲଜି ମହିଳାଙ୍କଠାରୁ ୧ କୋଟି ୩୨ ଲକ୍ଷ ୩୪ ହଜାର ଟଙ୍କା ଋଣ ମଧ୍ୟ ଆଦାୟ କରାଯାଇଛି। ସଭାରେ ଏଆରସିଏସ୍ ପିଟର ବେକ୍, ଏସ୍‌ଡିସିସି ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ତଥା ଲିଗାଲ ଆଡଭାଇଜର ଘନଶ୍ୟାମ ପାଣି, ଲ୍ୟାମ୍ପ୍ସ ସଭାପତି ତାଇରାସ୍ ମିଞ୍ଜ, ଉପସଭାପତି ସିଲୱନ୍ତ ଏକ୍କା, ପୂର୍ବତନ ବିଧାୟକ ତଥା ଲ୍ୟାମ୍ପ୍ସ ନିର୍ଦ୍ଦେଶକ ରେମିଶ କେର୍କେଟା, ଜୟଶଙ୍କର ନନ୍ଦ, ରବି ନନ୍ଦ, କିଶୋର ସାମଲ, ପୁତ୍ରିଖମଣ ସରପଞ୍ଚ ନରେଶ ସୁରିନ୍, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, ପଦମପୁର ସରପଞ୍ଚ ଦିଲ୍ଲୀପ ଏକ୍କା ପ୍ରମୁଖ ମଞ୍ଚାସୀନ ଥିଲେ।

# ୨୫ ଯୁବ ସଙ୍ଗଠନର ୪୦ ଯୁବତୀଯୁବକଙ୍କ ଅଂଶଗ୍ରହଣ

**ଦେବଗଡ଼ ୮।୧ (ଡି.ଏନ.ଏ)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ ଓ ନେତାଜୀ କ୍ଲବ ସୁଗୁଡା ମିଳିତ ସହଯୋଗରେ ସୁଗୁଡା ଗ୍ରାମ ପଞ୍ଚାୟତ ରାଜୀବଗାନ୍ଧୀ ସେବା କେନ୍ଦ୍ରଠାରେ ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ନେହରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଯୁବତୀ ଯୁବକମାନେ ନେତୃତ୍ୱ ନେଇ ସମାଜର ବିକାଶ ନିମନ୍ତେ ଆଗକୁ ଆସିବାକୁ ସେ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜନବିକାଶ ସଂସ୍ଥାନର ନିର୍ଦ୍ଦେଶକ ଦୀପକ କୁମାର ସାମନ୍ତରାୟ, ସୁଗୁଡା ଗ୍ରାମ ପଞ୍ଚାୟତ




ଶିବିରରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଉଦ୍‌ବୋଧନ ଦେଉଛନ୍ତି।

### ଯୁବ ନେତୃତ୍ୱ, ଗୋଷ୍ଠୀ ବିକାଶ ତାଲିମ ଶିବିର ଉଦ୍‌ଘାଟିତ

ସରପଞ୍ଚ କୁନୁ ବେହେରା, ସାମାଜିକ କର୍ମୀ କୁମୁଦ ଶତପଥୀ ଯୋଗଦେଇଥିଲେ। ନେହରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ପ୍ରଦୀପ କୁମାର ବିଶାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଶିବିରରେ ୨୫ଟି ଯୁବ ସଙ୍ଗଠନର ୪୦ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ତିନି ଦିନ ଧରି ଏହି ଶିବିର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ପରିଚାଳନାରେ ନେହରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ରଞ୍ଜିତ ପ୍ରଧାନ, ଅର୍ଚ୍ଚନା ଦଲେଇ, ସୁନିତା ପାତ୍ର, କୁମୁଦିନୀ ସାହୁ, ନର୍ମଦା ପ୍ରଧାନ, ସୁଚରିତା ସାହୁ, ଲଳିତ ପ୍ରମୁଖ ସହଯୋଗ କରିଥିଲେ।

# ଦେଓଗାଁ ସାମ୍ବାଦିକ ସଂଘର ବୈଠକ

ଦେଓଗାଁ,୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାମ୍ବାଦିକ ସଂଘର ବାର୍ଷିକ ସାଧାରଣ ବୈଠକ ରବିବାର ଭୀମପାହାଡରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଂଘ ସଭାପତି ବିଶ୍ୱଜିତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋଷାଧ୍ୟକ୍ଷ ରାମଚନ୍ଦ୍ର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖାମାରୀ, ସମ୍ମାନୀତ ଅତିଥିଭାବେ ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂନିନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ନିମନ୍ତ୍ରୀତ ଅତିଥିଭାବେ ଯୁବସଂଗଠକ ସୁଜିତ କୁମାର ଶତପଥୀ, ଜ୍ୟୋତି ବିକାଶ ବାରିକ, ଯୁବନେତା ବୁଦ୍ଧଦେବ ପରୁଆ ଯୋଗଦେଇ ସମାଜର ସାମଗ୍ରିକ ଉନ୍ନତିରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶରତ କୁମାର ପୁଟେଲ, ବଦ୍ରିନାଥ ହୋତା, ଚୈତନ୍ୟ କାଲସାଏ, ଖବରକାଗଜ ବିତରକ ଅମ୍ବରୀଶ ଥନାପତି, ରିତେଶ ରଣା, ଆକାଶ ସିକା, ଅଭୟ ଖମାରୀ, ଜଳନ୍ଧର ପଧାନ, ଗେଥଲ ଭୋଇ, ଅମିତ ରଣା, ଅଜିତ ମେହେର, ପିଣ୍ଟୁ ପୋଡ଼, ବାଦଲ ଦାସ ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ହିନ୍ଦୀ ନାଟକ କୋର୍ଟ ମାର୍ଶଲର ଏକ ଦୃଶ୍ୟ।

# ସର୍ବଭାରତୀୟ ମଠଖାଇ ମହୋତ୍ସବ ଉଦ୍‌ଘାଟିତ

- ନାଟକ ହେଉଛି ସମାଜର ଦର୍ପଣ: ସଙ୍ଗୀତା
- ମଞ୍ଚସ୍ଥ ହେଲା ହିନ୍ଦୀ ନାଟକ କୋର୍ଟ ମାର୍ଶଲ
- ସାହିତ୍ୟିକ ଡ. ଚନ୍ଦ୍ରଶେଖର ହୋତାଙ୍କୁ ମଠଖାଇ ସମ୍ମାନ

ବଲାଙ୍ଗୀର ଅଫିସ, ୮।୧

ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଛି। ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇଥିଲେ। ମୁଖ୍ୟ ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ଭୂମିକା ସଭାପତି ବ୍ୟସଦେବ ନନ୍ଦ ଏବଂ ସମ୍ପାଦକ ଅଖିଳ ଚନ୍ଦ୍ର ହୋତା ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଏମ୍‌ପି ସିଂଦେଓ ତାଙ୍କ ବକ୍ତବ୍ୟରେ ଲୋକକଳା ଓ ନାଟକ ସମାଜର ଦର୍ପଣ ବୋଲି କହିଥିଲେ। ଏହି ମହୋତ୍ସବ ଦ୍ୱାରା ସାଂସ୍କୃତିକ ଜାଗରଣ ସୃଷ୍ଟି ହେଉଛି। ଆଜିକାର ଇ-ଟେକ୍ନୋଲଜି ଯୁଗରେ ଯଦିଓ ମଞ୍ଚନାଟକ କମିଛି, ତେବେ ମଠଖାଇ ମହୋତ୍ସବ ଭଳି ମଞ୍ଚରେ ଆଜି ଲୋକନାଟକ ଦେଖିବାର ସୁଯୋଗ ମିଳୁଛି ବୋଲି କହିଥିଲେ।

ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ଜରିଆରେ ବଲାଙ୍ଗୀରବାସୀ ଯେଉଁ ସାଂସ୍କୃତିକ ଏକତାର ବାର୍ତ୍ତା ଦେଉଛନ୍ତି ତାହା ସବୁଠୁ ବେଶୀ ମହତ୍ତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅଧ୍ୟକ୍ଷ ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ଜରିଆରେ ସାମାଜିକ ସଚେତନତା ସୃଷ୍ଟି ଏକମାତ୍ର ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଯୁବ ଲେଖକ ଡ. ଚନ୍ଦ୍ରଶେଖର ହୋତାଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନେ ମଠଖାଇ ମହୋତ୍ସବର ମୁଖପତ୍ର ନାଟମଣ୍ଡପକୁ ଉନ୍ମୋଚନ କରିଥିଲେ। ସମ୍ପାଦନା ମଣ୍ଡଳୀ ସଦସ୍ୟ ଜିତେନ୍ଦ୍ରୀୟ ତ୍ରିପାଠୀ ନାଟମଣ୍ଡପ ଉପରେ ସୂଚନା ଦେଇଥିଲେ। ଆଜିର ମଞ୍ଚକୁ ପ୍ରଖ୍ୟାତ ନାଟ୍ୟକାର ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। ସଭା ପୂର୍ବରୁ ଢ଼ୋଲମୁହୁରୀ କଳା ପରିଷଦ ପକ୍ଷରୁ ବାଜାଶାଲ ନୃତ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ଝାଡ଼ଖଣ୍ଡ ରାଞ୍ଚିସ୍ଥିତ ଏକ୍ସପୋଜର ଅନୁଷ୍ଠାନ ପକ୍ଷରୁ ଚର୍ଚ୍ଚିତ ହିନ୍ଦୀ ନାଟକ କୋର୍ଟ ମାର୍ଶଲ ପରିବେଷଣ କରାଯାଇଥିଲା। ଦଳିତବର୍ଗର ଜଣେ କର୍ମନିଷ୍ଠ ଯବାନ କିଭଳି ତାଙ୍କ ଅଧିକାରୀଙ୍କଠାରୁ ଅପମାନିତ ଏବଂ ଲାଞ୍ଛିତ ହୋଇ ଶେଷରେ ତାଙ୍କର ଉପରିସ୍ଥ ଦୁଇଜଣ ଅଧିକାରୀଙ୍କୁ ଗୁଳି ମାରିଦେଇଛନ୍ତି ଏହା ନାଟକରେ ପ୍ରଦର୍ଶିତ ହୋଇଛି। ସମାଜରେ ଜାତିଗତ ଅବ୍ୟବସ୍ଥା, ମଣିଷ ମଣିଷ ଭିତରେ ଯେଉଁ ବିଭେଦ, ତିରସ୍କାର ଏବଂ ଲାଞ୍ଛନା ରହିଛି ତାହା କିଭଳି ମଣିଷର ମନୋଦଶା ଉପରେ ପ୍ରଭାବ ପକାଉଛି ତାହା ଏହି ନାଟକରେ ମାର୍ମିକ ଉପସ୍ଥାପନା କରାଯାଇଥିଲା। ଶତାଧିକ ଦର୍ଶକ ଏହି ନାଟକ ଉପଭୋଗ କରିଥିଲେ।

ସକାଳ ୮ଟାରୁ ମଠଖାଇ ପାହାଡ ପାଦଦେଶରେ ଥିବା ମଠଖାଇ ମନ୍ଦିରରୁ ନାଟ୍ୟଜ୍ୟୋତି ଅଣାଯାଇ କୋଶଳ କଳାମଣ୍ଡଳ ମଞ୍ଚରେ ସ୍ଥାପନ କରାଯାଇଥିଲା। ମଠଖାଇ ଅଧ୍ୟକ୍ଷ ବିଧାୟକ ମିଶ୍ର ନାଟ୍ୟଜ୍ୟୋତି ଗ୍ରହଣ କରି ମଠଖାଇ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନ ୧୧ଟାରେ ଥିଏଟର ମାର୍ଚ୍ଚ ସହର ପରିକ୍ରମା କରିଥିଲା। ରବିବାର ଠାରୁ ଆରମ୍ଭ ହେଇଥିବା ସର୍ବଭାରତୀୟ ମଠଖାଇ ମହୋତ୍ସବ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।



ସାହିତ୍ୟିକ ଚନ୍ଦ୍ରଶେଖର ହୋତାଙ୍କୁ ଅତିଥିମାନେ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି।

# ଆନ୍ଧ୍ରପ୍ରଦେଶରେ ଦାଦନ ଶ୍ରମିକ ନିଖୋଜ

## ନିରାଶ ହୋଇ ଘରକୁ ଫେରିଲେ ପରିବାର

ଖପ୍ରାଖୋଲ, ୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ଗାଁର ଜଣେ ଦାଦନ ଶ୍ରମିକ ଟ୍ରେନ ଯୋଗେ ଗତ ୫ତାରିଖ ମାଡ୍ରାସକୁ ଇଟା ଗଢିବା ପାଇଁ ପରିବାର ସହ ଯାଉଥିଲେ। ଆନ୍ଧ୍ରପ୍ରଦେଶର ବିଜୟୱାଡା ରେଳଷ୍ଟେଶନରୁ ସେ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଶ୍ରମିକ ହେଲେ ଦୁର୍ଯ୍ୟୋଧନ ବରିହା ଓରଫ କୁନୁ (୩୦)। ସ୍ତ୍ରୀ ସେବତୀ (୨୮), ପୁଅ ରୋହିତ(୧୨)ଓ ରାକେଶ (୧୩)ଙ୍କ ସହ ସେ ଟ୍ରେନରେ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶର ଆଙ୍ଗୋଲି ଷ୍ଟେଶନରେ ଖସି ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୋଟିଏ ଦିନପରେ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରୁଥିଲେ। ବିଜୟୱାଡା ରେଳ ଷ୍ଟେଶନରେ ସ୍ତ୍ରୀକୁ ଖାଦ୍ୟ ସାମଗ୍ରୀ କିଣିବାକୁ ଯାଉଛି କହି ଯାଇ ସେ ଫେରି ନ ଥିଲେ। ପରିବାର ଲୋକେ ଗାଡିରୁ ଓହ୍ଲାଇ ଖୋଜାଖୋଜି ପରେ ମଧ୍ୟ ଦୁର୍ଯ୍ୟୋଧନଙ୍କୁ ନ ପାଇ ଶନିବାର ଘରକୁ ନିରାଶ ହୋଇ ଫେରିଥିଲେ। ରବିବାର ନିଖୋଜ ଶ୍ରମିକଙ୍କ ସ୍ତ୍ରୀ ଖପ୍ରାଖୋଲ ଥାନାରେ ଲିଖିତଭାବେ ଜଣାଇଛନ୍ତି। ଦୁର୍ଯ୍ୟୋଧନଙ୍କ ନିଖୋଜ ଅଭିଯୋଗ ପରେ ଏକ ଷ୍ଟେଶନ ଡାଏରୀ କରାଯାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

# ଗୁଡ଼ଭେଲା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ



ଗୁଡ଼ଭେଲା,୮।୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଜାମୁଟ, ରହେନମାଳ ଓ ତରଙ୍ଗମୁଣ୍ଡାରେ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ରବିବାର ସକାଳେ ଏହିସବୁ ଗ୍ରାମର ଚାଷୀଙ୍କ ରାହାଡି, ଧାନ ଓ ପରିବାର ଫସଲକୁ ହାତୀପଲ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଏଥିସହ ଜାମୁଟ ଗ୍ରାମର ଶ୍ୟାମ ଧରୁଆଙ୍କ ଘରକୁ ସେମାନେ ଭାଙ୍ଗି ପକାଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ସିକେର ପାହାଡ ଜଙ୍ଗଲରେ ଏବେ ୧୦ଟି ହାତୀ ରହିଛନ୍ତି। ସେମାନଙ୍କୁ ଘଉଡାଇବାକୁ ଉଦ୍ୟମ କରାଯାଉଥିବା ଗୁଡ଼ଭେଲା ଜଙ୍ଗଲ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପୁଷ୍‌ପୁନି ଭେଟ୍‌ଘାଟ୍‌ରେ ଜମିଲା କବିତା ଆସର

ମୁରିବାହାଲ,୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଲେବଡା ପାଟଣେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୋଶଳୀ ସାଂସ୍କୃତିକ ମହାଜୋଟ ଟିଟିଲାଗଡ଼ ତରଫରୁ ରବିବାର ପୁଷପୁନି ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ନୀଳମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭେଟ୍‌ଘାଟରେ ସାମାଜିକ କର୍ମୀ ନବକିଶୋର ହାତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଲେବଡା ହାଇସ୍କୁଲ ପ୍ରଧାନଶିକ୍ଷକ ରଞ୍ଜିତ ସାହୁ, ପଟଣାଗଡ କୋଶଳି ଡେରା ସଭାପତି ଲାଲଚନ ବର୍ଗତି, କୋଶଳୀ ମହାଜୋଟ ଟିଟିଲାଗଡ଼ ସଭାପତି ଟିକେଲାଲ ବେହେରା ଗୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବନବାସ ମେହେର ଯୋଗଦେଇ ପଶ୍ଚିମ ଓଡ଼ିଶାରେ ପୁଷପୁନି ପରମ୍ପରା ଉପରେ ମତ ରଖିଥିଲେ। ଏହି ଅବସରେ ୩ କୋସଲି ପୁସ୍ତକ ଯଶୋବନ୍ତ ସାହୁଙ୍କ ସୁରୁତା ଗୁଚ୍ଛା, ଟିକେଲାଲ ବେହେରାଙ୍କ ହୁରସୁଲା ଓ ଆଁଏଖକୁ ଲୋକାର୍ପିତ କରାଯାଇଥିଲା। ଏହି ଅବସରରେ ୮ବିଶିଷ୍ଟ ପ୍ରତିଭା ଅବସରପ୍ରାପ୍ତ ଡାକ କର୍ମଚାରୀ ଅନନ୍ତ ଚରଣ ସାହୁ, ନାଟ୍ୟକାର ସତ୍ୟ ସାହୁ, ଅବସରପ୍ରାପ୍ତ ଶିକ୍ଷକ ପୀତବାସ ପୃଷ୍ଟି, ପ୍ରଣେଶ୍ୱର ବାଗ, ଧବଳେଶ୍ୱର ସାହୁ, ସହଦେବ ବେହେରା, ସ୍ୱରା ଜୈନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କୋଶଳୀ କବିତା ଅସର ଅନୁଷ୍ଠିତ ହୋଇଥିଲା। ଆଦିମୂଳ ଶତପଥୀ, ସୁଶାନ୍ତ ବାଗ, ବ୍ରଜମୋହନ ମେହେର, ଭକ୍ତବନ୍ଧୁ ବିଶ୍ୱାଳ, ଲିଲୁମୋହନ ପଧାନ, ମଧୁସୂଦନ ନାଗ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଜ୍ୟୋତିପ୍ରକାଶ ଗଡ଼ତିଆ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ କୋଶଲେଶ୍ୱରୀ ଦେବୀଙ୍କ ପୂଜାର୍ଚ୍ଚନା ପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ପୁଷପୁନି ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

## ଉନ୍ମୋଚନ ହେଲା ୩ କୋଶଳି ପୁସ୍ତକ

# ୪୮ ବର୍ଷ ପରେ ଏକାଠି ହେଲେ ସହପାଠୀ

ଲୋଇସିଂହା,୮।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭାବନରେ ହରେକୃଷ୍ଣ ମହତାବ ହାଇସ୍କୁଲ ୧୯୭୪ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି । ୪୮ ବର୍ଷ ବ୍ୟବଧାନରେ ସହପାଠୀମାନେ ଏକାଠି ହୋଇ ଭାବଆଦାନ ପ୍ରଦାନ କରବା ସହ ସ୍କୁଲ ସମୟର ସ୍ମୃତି ସାଉଁଟି ଥିଲେ। ବନ୍ଧୁ ମିଳନ ସଭା ଗୁରୁଚରଣ ଧିର ସଂଯୋଜନା କରିଥିଲେ। ଏହି ସମୟରେ ସ୍କୁଲ ଦିନରେ ଶିକ୍ଷାଦାନ କରିଥିବା ଗୁରୁ ଧର୍ମସିଂ ମିଶ୍ର, ଗୌରଚରଣ ସାହୁ, ବିଭୂତିଭୂଷଣ ସାହଣୀ, ବିରଞ୍ଚି ନାରାୟଣ ମନହୀରା ଓ ବ୍ରଜ କିଶୋର ପାତ୍ର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ଉପସ୍ଥିତ ଗୁରୁମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଚର ୭୦ ଛାତ୍ରୀଛାତ୍ର ମଧ୍ୟରୁ ପରଲୋକ ହୋଇଥିବା ୧୫ ସହପାଠୀ ଓ ଦେହାନ୍ତ ହୋଇଥିବା ୪ ଗୁରୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଲଳିତ ମହାକୁର, ଗୋକୁଳ ସାହୁ, ରାଧେଶ୍ୟାମ ପଧାନ, ମହାଦେବ ବାଗ ,ଗୁହାଲୁ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁରୁବାଳା ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରାକ୍ତନ ଶିକ୍ଷକମାନଙ୍କ ସହ ବନ୍ଧୁମିଳନରେ ଯୋଗଦେଇଥିବା ୭୪ବ୍ୟାଚ ସହପଠୀମାନେ।

# ଭାଜପାର ପୁଷ୍‌ପୁନି ଭେଟ୍‌ଘାଟ୍‌

ଖପ୍ରାଖୋଲ, ୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ମହାବୀର ବଗିଚାରେ ବ୍ଲକସ୍ତରୀୟ ପୁଷପୁନି ଭେଟ୍‌ଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଟିକେଶର ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ମଣ୍ଡଳ ସଭାପତି ଶଶି ପୂଝାରୀ, ଦେବକାନ୍ତ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରସିଂହ ବୁଡେକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ଆଦିବାସୀ ନେତା ବିପ୍ର ବିଶି, ସାଧାରଣ ସମ୍ପାଦକ ସତ୍ୟାନନ୍ଦ ସେନ୍ଦ୍ରିଆ, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର , କର୍ଣ୍ଣ ସିଂ ଠାକୁର, ଭରତ ସାହୁ, ରୋହିତ ମେହେର ପ୍ରମୁଖ ଯୋଗଦେଇଥିଲେ। ନେତୃବୃନ୍ଦ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପୁଷପୁନି ଓ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ କର୍ମୀମାନେ ସଂଗଠିତ ହୋଇ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ୩୦ରୁ ଊର୍ଦ୍ଧ୍ୱ ଯୁବକ ଭାଜପାରେ ଯୋଗଦେଇଥିଲେ। ସମାବେଶରେ ହରିବୋଲ ପୋଡ଼, ଶିବା ସୁନା, ନାରାୟନ ଦଣ୍ଡସେନା, ବଳରାମ ବେହେରା, ବିନୋଦ ପ୍ରଧାନ, ବାବାଜି ମେହେର, ସୁରୁ ସିଂନିନା ପ୍ରମୁଖଙ୍କ ସହ ୨୧ ଗ୍ରାମ ପଞ୍ଚାୟତର ପଞ୍ଚାୟତ ପ୍ରମୁଖ, ସହ ପ୍ରମୁଖ, ପ୍ରଭାରୀ ଉପସ୍ଥିତ ଥିଲେ। ଏମ୍‌ପି ପ୍ରତିନିଧି ପ୍ରବୀଣ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।



ପୁଷପୁନି ଭେଟ୍‌ଘାଟରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

# ସରକାରଙ୍କ ସଫଳତା ବଖାଣିଲେ ନେତା

ଟିଟିଲାଗଡ,୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଏସସିଡି ସେଣ୍ଟର ପରିସରରେ ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ସମାରୋହ ରବିବାର ପାଳିତ ହୋଇଯାଇଛି। ବିଧାୟିକା ତଥା ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ଭଟଲି ବିଧାୟକ ତଥା ବିଜେଡିର ବଲାଙ୍ଗୀର ଜିଲା ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂ ଯୋଗ ଦେଇଥିଲେ। ସ୍ଥାନୀୟ ଡାକ ବଙ୍ଗଳାରୁ ଏକ ଶୋଭାଯାତ୍ରାରେ ଅତିଥିମାନେ ବାହାରି ବିଜୁପଟ୍ଟନାୟକ ଛକରେ ଥିବା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶୋଭାଯାତ୍ରା ସଭାସ୍ଥଳରେ ପହଞ୍ଚିବା ପରେ ସେଠାରେ ଆୟୋଜିତ ସଭାକୁ ଜିଲା ପରିଷଦ ସଦସ୍ୟା ଗୀତା ବିଶି ସଭା ପରିଚାଳନା କରିଥିଲେ। ସଭାରେ ମନ୍ତ୍ରୀ ସାହୁ, ସାଂସଦ ବିଶି, ବିଧାୟକ ସିଂଙ୍କ ସହ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ହଂସରାଜ ଜୈନ, ତୁଷୁରା ପୌରାଧ୍ୟକ୍ଷ ଅଜୟ ଜୟସୱାଲ, ଲୋଟସ ଷଡ଼ଙ୍ଗୀ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ରାଜେଶ ପ୍ରଧାନ, ସରପଞ୍ଚ ସଂଘ ସଭାପତି ବୀରବର ସାହୁ ମଞ୍ଚାସୀନ ଥିଲେ। ଗତ ଅଢେଇ ଦଶନ୍ଧି ଧରି ଆଞ୍ଚଳିକ ଦଳ ବିଜେଡି ସରକାର ରାଜ୍ୟର ବିକାଶରେ ଯେପରି ସଫଳତାର ସହ କାର୍ଯ୍ୟ ତୁଲାଇ ଆସିଛି ନେତୃବୃନ୍ଦ ତାହାର ଅବତାରଣା କରିଥିଲେ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ କାର୍ଯ୍ୟର ସୁଫଳ ସମସ୍ତଙ୍କ ପାଖକୁ କିଭଳି ପହଞ୍ଚି ପାରିବ କର୍ମୀମାନେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲ। ଦଳର ପ୍ରତିଷ୍ଠା ଦିବସ ଆଢୁଆଳରେ ଶାସକ ଦଳ ଆଗାମୀ ନିର୍ବାଚନକୁ ଲକ୍ଷ୍ୟ ରଖି ଦମ ଦେଖାଇଥିବା ଦେଖିବାକୁ ମିଳିଥିଲା।



ପ୍ରତିଷ୍ଠା ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

## ଟିଟିଲାଗଡରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ

# ସର୍ବଭାରତୀୟ ମଠଖାଇ ମହୋତ୍ସବ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୮।୧**

■ନାଟକ ହେଉଛି ସମାଜର ଦର୍ପଣ: ସଙ୍ଗୀତା
■ମଞ୍ଚସ୍ଥ ହେଲା ହିନ୍ଦୀ ନାଟକ କୋର୍ଟ ମାର୍ଶଲ
■ସାହିତ୍ୟିକ ଡ. ଚନ୍ଦ୍ରଶେଖର ହୋତାଙ୍କୁ ମଠଖାଇ ସମ୍ମାନ


ସାହିତ୍ୟିକ ଚନ୍ଦ୍ରଶେଖର ହୋତାଙ୍କୁ ଅତିଥିମାନେ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି।

ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଛି। ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇଥିଲେ। ମୁଖ୍ୟ ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ଭୂମିକା ସଭାପତି ବ୍ୟାସଦେବ ନନ୍ଦ ଏବଂ ସମ୍ପାଦକ ଅଖିଳ ଚନ୍ଦ୍ର ହୋତା ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଏମ୍‌ପି ସିଂଦେଓ ତାଙ୍କ ବକ୍ତବ୍ୟରେ ଲୋକକଳା ଓ ନାଟକ ସମାଜର ଦର୍ପଣ ବୋଲି କହିଥିଲେ। ଏହି ମହୋତ୍ସବ ଦ୍ୱାରା ସାଂସ୍କୃତିକ ଜାଗରଣ ସୃଷ୍ଟି ହେଉଛି। ଆଜିକାର ଇ-ଟେକ୍ନୋଲଜି ଯୁଗରେ ଯଦିଓ ମଞ୍ଚନାଟକ କମିଛି, ତେବେ ମଠଖାଇ ମହୋତ୍ସବ ଭଳି ମଞ୍ଚରେ ଆଜି ଲୋକନାଟକ ଦେଖିବାର ସୁଯୋଗ ମିଳୁଛି ବୋଲି କହିଥିଲେ।

ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ଜରିଆରେ ବଲାଙ୍ଗୀରବାସୀ ଯେଉଁ ସାଂସ୍କୃତିକ ଏକତାର ବାର୍ତ୍ତା ଦେଉଛନ୍ତି ତାହା ସବୁଠୁ ବେଶୀ ମହତ୍ତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅଧ୍ୟକ୍ଷ ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ଜରିଆରେ ସାମାଜିକ ସଚେତନତା ସୃଷ୍ଟି ଏକମାତ୍ର ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଯୁବ ଲେଖକ ଡ. ଚନ୍ଦ୍ରଶେଖର ହୋତାଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନେ ମଠଖାଇ ମହୋତ୍ସବର ମୁଖପତ୍ର ନାଟମଣ୍ଡପକୁ ଉନ୍ମୋଚନ କରିଥିଲେ। ସମ୍ପାଦନା ମଣ୍ଡଳୀ ସଦସ୍ୟ ଜିତେନ୍ଦ୍ରୀୟ ତ୍ରିପାଠୀ ନାଟମଣ୍ଡପ ଉପରେ ସୂଚନା ଦେଇଥିଲେ। ଆଜିର ମଞ୍ଚକୁ ପ୍ରଖ୍ୟାତ ନାଟ୍ୟକାର ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। ସଭା ପୂର୍ବରୁ ଢୋଲମୁହୁରୀ କଳା ପରିଷଦ ପକ୍ଷରୁ ବାଜାଶାଲ ନୃତ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ଝାଡ଼ଖଣ୍ଡ ରାଞ୍ଚିସ୍ଥିତ ଏକ୍ସପୋଜର ଅନୁଷ୍ଠାନ ପକ୍ଷରୁ ଚର୍ଚ୍ଚିତ ହିନ୍ଦୀ ନାଟକ କୋର୍ଟ ମାର୍ଶଲ ପରିବେଷଣ କରାଯାଇଥିଲା। ଦଳିତବର୍ଗର ଜଣେ କର୍ମନିଷ୍ଠ ଯବାନ କିଭଳି ତାଙ୍କ ଅଧିକାରୀଙ୍କଠାରୁ ଅପମାନିତ ଏବଂ ଲାଞ୍ଛିତ ହୋଇ ଶେଷରେ ତାଙ୍କର ଉପରିସ୍ଥ ଦୁଇଜଣ ଅଧିକାରୀଙ୍କୁ ଗୁଳି ମାରିଦେଇଛନ୍ତି ଏହା ନାଟକରେ ପ୍ରଦର୍ଶିତ ହୋଇଛି। ସମାଜରେ ଜାତିଗତ ଅବ୍ୟବସ୍ଥା, ମଣିଷ ମଣିଷ ଭିତରେ ଯେଉଁ ବିଭେଦ, ତିରସ୍କାର ଏବଂ ଲାଞ୍ଛନା ରହିଛି ତାହା କିଭଳି ମଣିଷର ମନୋଦଶା ଉପରେ ପ୍ରଭାବ ପକାଉଛି ତାହା ଏହି ନାଟକରେ ମାର୍ମିକ ଉପସ୍ଥାପନା କରାଯାଇଥିଲା। ଶତାଧିକ ଦର୍ଶକ ଏହି ନାଟକ ଉପଭୋଗ କରିଥିଲେ।

ସକାଳ ୮ଟାରୁ ମଠଖାଇ ପାହାଡ ପାଦଦେଶରେ ଥିବା ମଠଖାଇ ମନ୍ଦିରରୁ ନାଟ୍ୟଜ୍ୟୋତି ଅଣାଯାଇ କୋଶଳ କଳାମଣ୍ଡଳ ମଞ୍ଚରେ ସ୍ଥାପନ କରାଯାଇଥିଲା। ମଠଖାଇ ଅଧ୍ୟକ୍ଷ ବିଧାୟକ ମିଶ୍ର ନାଟ୍ୟଜ୍ୟୋତି ଗ୍ରହଣ କରି ମଠଖାଇ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନ ୧୧ଟାରେ ଥିଏଟର ମାର୍ଚ୍ଚ ସହର ପରିକ୍ରମା କରିଥିଲା। ରବିବାର ଠାରୁ ଆରମ୍ଭ ହେଇଥିବା ସର୍ବଭାରତୀୟ ମଠଖାଇ ମହୋତ୍ସବ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସଂକ୍ଷେପରେ

### ଦିବ୍ୟାଙ୍ଗ ନାବାଳକଙ୍କୁ ନିସ୍ତୁକ ମାଡ଼


ନାବାଳକଙ୍କ ଗୋଡ଼ରେ ମାଡ଼ ଚିହ୍ନ।

**ସମ୍ବଲପୁର,୮।୧(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଜୁମୁରା ଥାନା ଯୁଜୁମୁରା ଗ୍ରାମର ଜଣେ ୧୨ ବର୍ଷର ନାବାଳକଙ୍କୁ ନିସ୍ତୁକ ମାଡ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ନାବାଳକଙ୍କ ଗୋଡ଼ରେ ଓ ହାତରେ କ୍ଷତ ଚିହ୍ନ ରହିଛି। ତାଙ୍କୁ ଯୁଜୁମୁରା ମେଡିକାଲରେ ଚିକିତ୍ସା କରାଯାଇଛି। ଜଣେ ଦିବ୍ୟାଙ୍ଗ ନାବାଳକଙ୍କୁ ମାଡ ମରାଯିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ମାଡ ମାରିଥିବା ଯୁବକଙ୍କୁ ଅଟକ ରଖିଥିବା ଜଣାପଡିଛି।

### ମହିଳା ବିଜେଡିର ରକ୍ତଦାନ ଶିବିର

**ରାଉରକେଲା ଅଫିସ,୮।୧:** ବିଜେଡିର ୨୫ବର୍ଷ ପୂର୍ତ୍ତି ଅବସରରେ ରାଉରକେଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକଙ୍କ ଅଧ୍ୟକ୍ଷତାରେ ସିଭିଲଟାଉନସିପ୍ କଲ୍ୟାଣ ମଣ୍ଡପରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୨୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ନଗର ସଭାପତି ଗଗନ ପଣ୍ଡା, ଜୟନ୍ତ ମିଶ୍ର, ସୋନି କୌର, ହେମଲତା ମାଡାମ, ପ୍ରଶାନ୍ତ ସାହୁ, ଆଦିକନ୍ଦ ପ୍ରଧାନ, ପିଙ୍କୁ ଜସୱାଲ, ସନ୍ତୋଷ କୁମାର ନାୟକ, ଗୋବର୍ଦ୍ଧନ ଅଗ୍ରୱାଲ, ସମରେନ୍ଦ୍ର ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ମହିଳା କଲେଜରେ ଅମୃତ ମହୋତ୍ସବ କାର୍ଯ୍ୟକ୍ରମ

**ସମ୍ବଲପୁର,୮।୧(ବ୍ୟୁରୋ):** ସମ୍ବଲପୁର ସରକାରୀ ମହିଳା କଲେଜରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କେନ୍ଦ୍ରର ଉପସଭାପତି ହନୁମନ୍ତ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। କେନ୍ଦ୍ରର ପ୍ରାନ୍ତ ସଙ୍ଗଠକ ରବି ନାଇଡୁ ଅମୃତ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖି ଦେଶ ଗଠନରେ ଅତି କମରେ ସପ୍ତାହରେ ୨ଘଣ୍ଟା ସମୟ ଦେବା ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ଉମାଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ।

### ଦେଓଗାଁ ସାମ୍ବାଦିକ ସଂଘର ବୈଠକ

**ଦେଓଗାଁ,୮।୧(ଡି.ଏନ.ଏ.):** ଦେଓଗାଁ ବ୍ଲକ ସାମ୍ବାଦିକ ସଂଘର ବାର୍ଷିକ ସାଧାରଣ ବୈଠକ ରବିବାର ଭୀମପାହାଡରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଂଘ ସଭାପତି ବିଶ୍ୱଜିତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋଷାଧ୍ୟକ୍ଷ ରାମଚନ୍ଦ୍ର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖାମାରୀ ଯୋଗ ଦେଇଥିଲେ।

## ଆନ୍ଧ୍ରପ୍ରଦେଶରେ ଦାଦନ ଶ୍ରମିକ ନିଖୋଜ

**ଖପ୍ରାଖୋଲ, ୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ଗାଁର ଜଣେ ଦାଦନ ଶ୍ରମିକ ଟ୍ରେନ ଯୋଗେ ଗତ ୫ତାରିଖ ମାଡ୍ରାସକୁ ଇଟା ଗଢିବା ପାଇଁ ପରିବାର ସହ ଯାଉଥିଲେ। ଆନ୍ଧ୍ରପ୍ରଦେଶର ବିଜୟୱାଡା ରେଳଷ୍ଟେଶନରୁ ସେ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଶ୍ରମିକ ହେଲେ ଦୁର୍ଯ୍ୟୋଧନ ବରିହା ଓରଫ କୁନୁ । ସ୍ତ୍ରୀ ସେବତୀ, ପୁଅ ରୋହିତ ଓ ରାକେଶଙ୍କ ସହ ସେ ଟ୍ରେନରେ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶର ଆଙ୍ଗୋଲି ଷ୍ଟେଶନରେ ଖସି ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୋଟିଏ ଦିନପରେ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରୁଥିଲେ। ବିଜୟୱାଡା ରେଳ ଷ୍ଟେଶନରେ ସ୍ତ୍ରୀକୁ ଖାଦ୍ୟ ସାମଗ୍ରୀ କିଣିବାକୁ ଯାଉଛି କହି ଯାଇ ସେ ଫେରି ନ ଥିଲେ। ପରିବାର ଲୋକେ ଗାଡିରୁ ଓହ୍ଲାଇ ଖୋଜାଖୋଜି ପରେ ମଧ ଦୁର୍ଯ୍ୟୋଧନଙ୍କୁ ନ ପାଇ ଶନିବାର ଘରକୁ ନିରାଶ ହୋଇ ଫେରିଥିଲେ। ରବିବାର ନିଖୋଜ ଶ୍ରମିକଙ୍କ ସ୍ତ୍ରୀ ଖପ୍ରାଖୋଲ ଥାନାରେ ଲିଖିତଭାବେ ଜଣାଇଛନ୍ତି। ଦୁର୍ଯ୍ୟୋଧନଙ୍କ ନିଖୋଜ ଅଭିଯୋଗ ପରେ ଏକ ଷ୍ଟେଶନ ଡାଏରୀ କରାଯାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

# ୪ର୍ଥ ଦିନରେ ଆଇବିଇୟୁଏଲ୍ ପ୍ରକଳ୍ପ ସମ୍ମୁଖରେ ଗଣଧାରଣା


ପ୍ରକଳ୍ପ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି ଆନ୍ଦୋଳନକାରୀମାନେ।

**ଝାରସୁଗୁଡା ଅଫିସ,୮।୧**

ଲଖନପୁର ବ୍ଲକ କୁମ୍ଭାରବନ୍ଧ ପଞ୍ଚାୟତ ଅନ୍ତର୍ଗତ ସାହଜବାହାଲ ସ୍ଥିତ ବନ୍ଦ ଥିବା ଆଇବିଇୟୁଏଲ୍ ପ୍ରକଳ୍ପକୁ ଏନ୍‌ସିଏଲ୍‌ଟି ଜରିଆରେ ଜେଏସ୍‌ଡବ୍ଲ୍ୟୁ ଏନର୍ଜି କମ୍ପାନୀ ଏହାକୁ କ୍ରୟ କରି ନେଇଛି। ଏହା ଜଣାପଡିବା ପରେ ୪ଦଫା ଦାବିନେଇ ସାହାଜବାହାଲ ଗ୍ରାମ୍ୟ କମିଟି ତରଫରୁ ଗତ ଗୁରୁବାରଠାରୁ ପ୍ରକଳ୍ପ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏହି ଆନ୍ଦୋଳନ ରବିବାର ୪ର୍ଥ ଦିବସରେ ପହଞ୍ଚିଛି। ଏ ନେଇ ଜିଲା ପ୍ରଶାସନ ଜରିଆରେ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଆଇଆଇସି ଆନ୍ନା ମିଞ୍ଜ, କମ୍ପାନୀ ଏଚ୍‌ଆର୍ ଅଧିକାରୀ ରଜତ ନାୟକ ଓ ସୁଶିଲ ନାୟକ, ଗ୍ରାମ୍ୟ କମିଟିର ସଭାପତି ରଘୁନନ୍ଦନ ପଣ୍ଡା, ଆଲୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ହେଲେ ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଫଳରେ ଆନ୍ଦୋଳନକାରୀମାନେ ପ୍ରବଳ ଶୀତ କାକରରେ ଖୋଲା ଆକାଶତଳେ ୪ଦିନ ହେଲା ପଡିରହିଛନ୍ତି । ଏହି ଆନ୍ଦୋଳନକୁ ସ୍ଥାନୀୟ ଲୋକଙ୍କ ସମର୍ଥନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

# ଟ୍ରକ୍ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ

**ଝାରସୁଗୁଡା ଅଫିସ,୮।୧**


ଟ୍ରକ୍ ଚାଳକଙ୍କ ରାସ୍ତା ଅବରୋଧ ।

ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର କୋଇଲା ଖଣି ଅଞ୍ଚଳରେ କାର୍ଯ୍ୟରତ ଘରୋଇ ସୁରକ୍ଷାକର୍ମୀଙ୍କ ମରଣାନ୍ତକ ଆକ୍ରମଣରେ ଜଣେ ଟ୍ରକ୍ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ରାଜେନ୍ଦ୍ର ଯାଦବ(୨୮)। ତାଙ୍କୁ ପ୍ରଥମେ ବେଲପାହାଡ ଟିଆର୍‌ଏଲ୍ କ୍ରୋସାକୀ ହସ୍ପିଟାଲ ଏବଂ ପରେ ଝାରସୁଗୁଡାର ଏକ ଘରୋଇ ନର୍ସିଂହୋମକୁ ଚିକିତ୍ସା ପାଇଁ ପଠାଇଯାଇଛି। ଏ ନେଇ ଟ୍ରକ୍ ମାଲିକ ନୌସଦ ଓରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବନହରପାଲି ଥାନାରେ ଏକ ମାମଲା (ନଂ.୪/୨୩) ରୁଜୁକରି ତଦନ୍ତ ଚଳାଇଛି। ଏହାର ପ୍ରତିବାଦରେ ସମ୍ପୃକ୍ତ ଅଭିଯୁକ୍ତ ସୁରକ୍ଷାକର୍ମୀଙ୍କ ଗିରଫ ଦାବିରେ ଟ୍ରକ୍ ଚାଳକମାନେ ବଜରଙ୍ଗବାଲୀ ଛକ ନିକଟ ଏମ୍‌ସିଏଲ୍ ରାସ୍ତା ଅବରୋଧ କରିଥିଲେ। ଫଳରେ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ବନହରପାଲି ଓ ବେଲପାହାଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

# ପୁଷପୁନି ଭେଟ୍‌ଘାଟ୍‌ରେ କବିତା ଆସର

**ମୁରିବାହାଲ,୮।୧(ଡି.ଏନ.ଏ.)**


ପୁଷପୁନି ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଲେବଡା ପାଟଣେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୋଶଳୀ ସାଂସ୍କୃତିକ ମହାଜୋଟ ଟିଟିଲାଗଡ଼ ତରଫରୁ ରବିବାର ପୁଷପୁନି ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ନୀଳମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭେଟ୍‌ଘାଟରେ ସାମାଜିକ କର୍ମୀ ନବକିଶୋର ହାତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଲେବଡା ହାଇସ୍କୁଲ ପ୍ରଧାନଶିକ୍ଷକ ରଞ୍ଜିତ ସାହୁ, ପଟଣାଗଡ କୋଶଳି ତେରା ସଭାପତି ଲାଲଚନ ବଗର୍ତ୍ତି, କୋଶଳୀ ମହାଜୋଟ ଟିଟିଲାଗଡ଼ ସଭାପତି ଟିକେଲାଲ ବେହେରା ଗୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବନବାସ ମେହେର ଯୋଗଦେଇ ପଶ୍ଚିମ ଓଡ଼ିଶାରେ ପୁଷପୁନି ପରମ୍ପରା ଉପରେ ମତ ରଖିଥିଲେ। ଏହି ଅବସରେ ୩ କୋସଲି ପୁସ୍ତକ ଯଶୋବନ୍ତ ସାହୁଙ୍କ ସୁରୁତା ଗୁଛା, ଟିକେଲାଲ ବେହେରାଙ୍କ ହୁରସୁଲା ଓ ଆଁଏଖକୁ ଲୋକାର୍ପିତ କରାଯାଇଥିଲା। ଏହି ଅବସରରେ ୮ବିଶିଷ୍ଟ ପ୍ରତିଭା ଅବସରପ୍ରାପ୍ତ ଡାକ କର୍ମଚାରୀ ଅନନ୍ତ ଚରଣ ସାହୁ, ନାଟ୍ୟକାର ସତ୍ୟ ସାହୁ, ଅବସରପ୍ରାପ୍ତ ଶିକ୍ଷକ ପୀତବାସ ପୃଷ୍ଟି, ପ୍ରଣେଶ୍ୱର ବାଗ, ଧବଳେଶ୍ୱର ସାହୁ, ସହଦେବ ବେହେରା, ସ୍ୱରା ଜୈନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କୋଶଳୀ କବିତା ଅସର ଅନୁଷ୍ଠିତ ହୋଇଥିଲା। ଆଦିମୂଳ ଶତପଥୀ, ସୁଶାନ୍ତ ବାଗ, ବ୍ରଜମୋହନ ମେହେର, ଭକ୍ତବନ୍ଧୁ ବିଶ୍ୱାଳ, ଲିଲୁମୋହନ ପଧାନ, ମଧୁସୂଦନ ନାଗ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଜ୍ୟୋତିପ୍ରକାଶ ଗଡ଼ତିଆ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ କୋଶଲେଶ୍ୱରୀ ଦେବୀଙ୍କ ପୂଜାର୍ଚ୍ଚନା ପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଉନ୍ମୋଚନ ହେଲା ୩ କୋଶଳି ପୁସ୍ତକ**

## ରାଉରକେଲା ବିମାନ ବନ୍ଦରରୁ ବନ୍ଧୁକ, ଗୁଳି ଧରାପଡ଼ିଲା

**ରାଉରକେଲା ଅଫିସ,୭।୧**

ରାଉରକେଲା ବିମାନ ବନ୍ଦରରୁ ଭୁବନେଶ୍ୱର ଯାଉଥିବା ଜଣେ ଯାତ୍ରୀଙ୍କଠାରୁ ୬ଟି ଗୁଳି ଧରାପଡିଛି। ଯାତ୍ରୀ ଜଣଙ୍କ ଜଣେ ଔଷଧ ବ୍ୟବସାୟୀ ହୋଇଥିବାବେଳେ ସେ ବିମାନରେ ଚଢ଼ିବା ପୂର୍ବରୁ ସିକ୍ୟୁରିଟି ସ୍କାନରରେ ଏହା ଧରା ପଡିଯାଇଥିଲା। ଉକ୍ତ ଯାତ୍ରୀ ଜଣଙ୍କ ନାମରେ ଏନେଇ ଛେଣ୍ଡ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଯାତ୍ରୀଙ୍କ ପାଖରେ ଥିବା ବନ୍ଧୁକ ଓ ଗୁଳି ଲାଇସେନ୍ସ ଥିବାରୁ ପୋଲିସ ତାଙ୍କୁ ଛାଡିଦେଇଥିଲା। ରବିବାର ପୂର୍ବାହ୍ନରେ ଯାତ୍ରୀ ଜଣଙ୍କ ଏକ ବ୍ୟାଗ ଧରି ରାଉରକେଲାରୁ ଭୁବନେଶ୍ୱର ଯାତ୍ରା କରିବାକୁ ବାହାରିଥିଲେ। ମାତ୍ର ବିମାନବନ୍ଦରରେ ତାଙ୍କ ବ୍ୟାଗ ଚେକିଙ୍ଗ ସମୟରେ ୪ଟା ଫୁଟା ଓ ୨ଟି ଅଫୁଟା ଗୁଳି ସହ ମୋଟ ୬ଟି ଗୁଳି ସ୍କାନର ମାଧ୍ୟମରେ ଥିବା ଜଣାପଡିଥିଲା। ପରେ ବିମାନବନ୍ଦରରେ ଥିବା ସୁରକ୍ଷାକର୍ମୀ ଯାତ୍ରୀ ଜଣଙ୍କୁ ଅଟକ ରଖି ଛେଣ୍ଡଥାନା ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ତାଙ୍କୁ ଥାନାରେ ଅଟକ ରଖି ଉକ୍ତ ବିଷୟରେ ପଚରାଉଚରା କରିବା ପରେ ଗୁଳି ଓ ବନ୍ଧୁକର ଲାଇସେନ୍ସ ଥିବାବେଳେ ଯାତ୍ରୀ ଜଣଙ୍କ ତାଙ୍କ ସୁରକ୍ଷା ପାଇଁ ଏହା ତରବରିଆ ବ୍ୟାଗରେ ରଖିଥିବା ପୋଲିସ ପାଖରେ କହିଥିଲେ। ପରେ ପୋଲିସ ଯାତ୍ରୀ ଜଣଙ୍କର ସମସ୍ତ ପ୍ରକାର ଲାଇସେନ୍ସ ଯାଞ୍ଚ କରି ତାଙ୍କୁ ଶେଷରେ ଛାଡି ଦେଇଥିଲେ।

## ଶିକ୍ଷୟିତ୍ରୀଙ୍କୁ ସହଯୋଗର ହାତ ବଢ଼େଇଲେ ବିଧାୟିକା


ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଶିକ୍ଷୟିତ୍ରୀଙ୍କୁ ଭେଟୁଛନ୍ତି।

**ସୁନ୍ଦରଗଡ଼,୮।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ସଦର ବ୍ଲକ କିରେଇ ପଞ୍ଚାୟତ ଭବାନୀପୁର ଗ୍ରାମର ଜଣେ ଅସୁସ୍ଥ ଶିକ୍ଷୟିତ୍ରୀଙ୍କ ସମ୍ପର୍କରେ ଖବରପାଇ ସହଯୋଗର ହାତ ବଢ଼ାଇଛନ୍ତି ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ। ଶିକ୍ଷୟିତ୍ରୀଙ୍କ ଗର୍ଭାଶୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେ ଯନ୍ତ୍ରଣାରେ ଛଟପଟ ହୋଇ ମେଡିକାଲରେ ପଡ଼ି ରହିଛନ୍ତି। ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ। ରବିବାର ଏଭଳି ଏକ ଘଟଣା ସମ୍ପର୍କରେ ଶିକ୍ଷକ ସଂଘର କାର୍ଯ୍ୟକର୍ତ୍ତାଙ୍କ ଠାରୁ ଖବରପାଇ ବିଧାୟିକା ଟେଟେ ଅସୁସ୍ଥତା ଅବସ୍ଥାରେ ସୁନ୍ଦରଗଡ଼ ସମଲେଶ୍ୱରୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଶିକ୍ଷୟିତ୍ରୀଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତାଙ୍କର ଅସ୍ତ୍ରୋପଚାର ପାଇଁ ଅର୍ଥ ବାଧକ ସାଜିଥିବା ଜାଣିବାକୁ ପାଇଥିଲେ। ସେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ, ଭବାନୀପୁର ଗ୍ରାମର ପିଙ୍କି ଡୁଙ୍ଗଡୁଙ୍ଗ ଗଞ୍ଜାମ ଜିଲା ଆସ୍କାଠାରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। କିଛିଦିନ ହେଲା ତାଙ୍କର ଗର୍ଭାଶୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତାଙ୍କର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଅପରପକ୍ଷରେ ପିଙ୍କି ଯନ୍ତ୍ରଣା ବୃଦ୍ଧି ପାଇବାରେ ଲାଗିଛି। ଏ ଖବର ପାଇବା ପରେ ବିଧାୟିକା ତାଙ୍କ ପାଖରେ ପହଞ୍ଚି ତାଙ୍କୁ ଆଶ୍ୱାସନା ଦେବା ସହ ସମସ୍ତ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ଶୀଘ୍ର ତାଙ୍କ ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ମିଳିଛି।




ସୁନ୍ଦରଗଡ଼ ଜିଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ରବିବାର ଉଦ୍‌ଯାପନୀ ଦିବସର ଝଲକ: ପୁରୁଷ ହକି ବିଶ୍ୱକପ୍‌ର ମାସ୍କଟ ଓଲି ସହ ପ୍ରତିଯୋଗୀ ଛାତ୍ରୀମାନେ। ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ।

## ପୁଞ୍ଜି ବଜାରରେ ୧ ଟ୍ରିଲିୟନ୍‌ର ପୁଞ୍ଜି ହ୍ରାସ

**ନୂଆଦିଲ୍ଲୀ:** ଭାରତୀୟ ପୁଞ୍ଜି ବଜାରରେ ପଞ୍ଜୀକୃତ ନିବେଶକ କମ୍ପାନୀ ଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ୧୦ କମ୍ପାନୀର ବଜାର ଫଳାଫଳ ରବିବାର ପ୍ରକାଶ ପାଇଛି। ଏପରିକି ଶ୍ରେଷ୍ଠ ୧୦ଟି କମ୍ପାନୀ ମଧ୍ୟରୁ ୮ଟିର ବଜାର ପୁଞ୍ଜି ହ୍ରାସ ହୋଇଥିବା ଜଣାପଡ଼ିଛି। ବିଶେଷ କରି ଉକ୍ତ ୮ କମ୍ପାନୀର ବଜାର ପୁଞ୍ଜି ବର୍ତ୍ତମାନର ବଜାର ମୂଲ୍ୟରେ ୧,୦୬,୯୯୧.୪୨ କୋଟି ଟଙ୍କାର ପୁଞ୍ଜି ହ୍ରାସ ଘଟିଛି। ଉଲ୍ଲେଖଯୋଗ୍ୟ ଆଇଟି କମ୍ପାନୀ ଇନ୍‌ଫୋସିସ ସର୍ବାଧିକ କ୍ଷତି ସହିଥିବା ବେଳେ ଏହାର ବଜାର ମୂଲ୍ୟରେ ୨୫,୧୮୫.୩୭ କୋଟି ଟଙ୍କା ପଞ୍ଜି ହ୍ରାସ ପାଇ ୬,୦୯,୬୮୭.୭୯ କୋଟି ଟଙ୍କାରେ ପହଞ୍ଚିଛି।

# ମୋନେଟ ପାୱାରକୁ କାର୍ଯ୍ୟକ୍ଷମ କରାଇବ ଜେଏସ୍‌ପିଏଲ୍

- ଭିତ୍ତିଭୂମିର ବିକାଶରେ ୧,୫୦୦ କୋଟି ଟଙ୍କା ବିନିଯୋଗ
- ୨୦୨୨ ଡିସେମ୍ବରରେ ପ୍ରାୟ ୪୧୦କୋଟି ଟଙ୍କାରେ ଅଧିଗ୍ରହଣ କରିଥିଲା
- ୧,୦୫୦ ମେଗାୱାଟ କୋଇଲା ଭିତ୍ତିକ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ




ନୂଆଦିଲ୍ଲୀ,୮।୧

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସପିଏଲ)ର ନୂତନ ଅଧିଗ୍ରହଣ କମ୍ପାନୀ ମୋନେଟ ପାୱାରର ଭିତ୍ତିଭୂମି ବିକାଶ କାର୍ଯ୍ୟରେ ଜେଏସପିଏଲ ପ୍ରାୟ ୧୫୦୦ କୋଟି ଟଙ୍କା ବିନିଯୋଗ କରିବ ବୋଲି ଜେଏସପିଏଲ୍‌ର ଏମ୍‌ଡି ବିମଳେନ୍ଦ୍ର ଝା ମତପ୍ରକାଶ କରିଛନ୍ତି। ଏପରିକି ମୋନେଟ ପାୱାର ପ୍ରୋଜେକ୍ଟକୁ କାର୍ଯ୍ୟକ୍ଷମ କରାଇବା ଦିଗରେ ଜେଏସପିଏଲ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଥିବା ବିଷୟରେ ସେ ବିସ୍ତୃତ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ନିକଟରେ ମୋନେଟ ପାୱାରକୁ ଅଧିଗ୍ରହଣ କରିଥିବା ଜେଏସ୍‌ପିଏଲ୍ ଆଗାମୀ ଦିନରେ ଏହାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ବ୍ୟାପକ ପ୍ରସ୍ତୁତି କରୁଥିବା ଜଣାପଡ଼ିଛି। ଏପରିକି ଆସନ୍ତା ୧୨ ରୁ ୧୮ ମାସ ମଧ୍ୟରେ ଜେଏସ୍‌ପିଏଲ୍ ଉକ୍ତ ପରିମାଣ ପୁଞ୍ଜି ବିନିଯୋଗ କରି ତା'ର ବିକାଶ କରିବ। ସେହିଭଳି ୨୦୨୨ ଡିସେମ୍ବରରେ ଜେଏସ୍‌ପିଏଲ୍ ପ୍ରାୟ ୪୧୦ କୋଟି ଟଙ୍କାରେ ମୋନେଟ ପାୱାରକୁ ହାସଲ କରିଥିଲା। ବିଶେଷକରି ମୋନେଟ ପାୱାରର ୧,୦୫୦ ମେଗାୱାଟ (ମେଗା।ୱା।ଟ) ନିର୍ମାଣାଧୀନ କୋଇଲାଭିତ୍ତିକ ବିଦ୍ୟୁତ ପ୍ରକଳ୍ପ ଓଡ଼ିଶାର ଅନୁଗୋଳଠାରେ ଥିବା ଜେଏସ୍‌ପିଏଲ୍‌ର ଇସ୍ପାତ କାରଖାନା ନିକଟରେ ଅବସ୍ଥିତ। ଉକ୍ତ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଜେଏସ୍‌ପିଏଲ ୧,୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନୂତନ ପୁଞ୍ଜି ବିନିଯୋଗ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଉପରୋକ୍ତ ପରିମାଣର ପୁଞ୍ଜି ଆସନ୍ତା ୧୨ରୁ୧୮ ମାସ ମଧ୍ୟରେ ବିନିଯୋଗ ହେବ ବୋଲି ଜଣାପଡ଼ିଛି। ସେହିପରି ବିକାଶ କାର୍ଯ୍ୟ ଶେଷ ହେବା ପରେ ଏହା ଅନୁଗୋଳସ୍ଥିତ ଜେଏସପିଏଲର ଇସ୍ପାତ କାରଖାନାକୁ ଶକ୍ତି ଯୋଗାଇବ ବୋଲି ଝା କହିଛନ୍ତି। ଅପରପକ୍ଷରେ ମୋନେଟ ପାୱାର ପାଇଁ ଆବଶ୍ୟକ କୋଇଲା ଜେଏସପିଏଲର ଉତ୍କଳ ବି-୧ ଏବଂ ୧-୨ ଖଣିରୁ ଯୋଗାଇ ଦିଆଯିବ ବୋଲି ଯୋଜନା ରହିଛି। ଉଲ୍ଲେଖଯୋଗ୍ୟ ଗତ ବର୍ଷ ଜେଏସପିଏଲ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଓଡିଶାର ଅନୁଗୋଳ ନିକଟରେ ଥିବା କୋଇଲା ଖଣିରୁ ପ୍ରାୟ ୩୪୭ ନିୟୁତ ଟନ୍ ସଂରକ୍ଷିତ ୨ଟି କୋଇଲା ବ୍ଲକ ଜିତିଥିଲା। ସୂଚନାଯୋଗ୍ୟ ଯେ ଓପି ଜିନ୍ଦଲ ଗ୍ରୁପର ଏକ ଅଂଶ ହେଉଛି ଜେଏସ୍‌ପିଏଲ୍। କମ୍ପାନୀ ବିଶେଷ କରି ଇସ୍ପାତ, ଶକ୍ତି ଏବଂ ଖଣି କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଉପସ୍ଥିତି ସହ ସମଗ୍ର ବିଶ୍ୱରେ ପ୍ରାୟ ୯୦,୦୦୦ କୋଟି ଟଙ୍କା ବିନିଯୋଗ କରିଥିବା ସୂଚନା ମିଳିଛି।

## ଆକ୍ସିସ୍ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ,୮।୧

ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ନୂଆ ଆକ୍ସିସ୍ କ୍ରିସିଲ ଆଇବିଏକ୍ସ ୫୦:୫୦ ଗିଲ୍ଟ ପ୍ଲସ ଏସ୍‌ଡିଏଲ ଜୁନ ୨୦୨୮ 'ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ କୌଣସି ପ୍ରଯୁଜ୍ୟ ଏକ୍ଜିଟ ଲୋଡ଼ ନାହିଁ, ଏହି ନୂଆ ଫଣ୍ଡ ଅଫର ସବସ୍କ୍ରିପ୍ସନ ଚଳିତ ଜାନୁଆରୀ ୧୬ ପର୍ଯ୍ୟନ୍ତ ଚାଲୁ ରହିବ। ଏ ସମ୍ପର୍କରେ ଆକ୍ସିସ ଏଏମସିର ଏମ୍‌ଡି ଏବଂ ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି, ବର୍ତ୍ତମାନର ଫଳାଫଳ, ନିବେଶକଙ୍କୁ ମଧ୍ୟମରୁ ଦୀର୍ଘମିଆଦି ବିନିଯୋଗ ଅବଧି ଉପରେ ପାର୍ଥିବ ସୁଯୋଗ ଉପସ୍ଥାପନ କରୁଛି। ବିଶେଷ କରି ଦାୟିତ୍ୱବାନ ବିନିଯୋଗ କରିବାରେ ବିଶ୍ୱାସ କରୁଥିବା ଏକ ଫଣ୍ଡ ହାଉସ ଭାବେ ଆକ୍ସିସ କ୍ରିସିଲ ଆଇବିଏକ୍ସ ୫୦:୫୦ଗିଲ୍ଟ ପ୍ଲସ ଏସଡିଏଲ ଜୁନ ୨୦୨୮ଇଣ୍ଡେକ୍ସ ଫଣ୍ଡ ନିବେଶକଙ୍କ ନିଷ୍କ୍ରିୟ ଋଣ ପୋର୍ଟଫୋଲିଓରେ ଏକ ଉଲ୍ଲେଖନୀୟ ଯୋଗଦାନ କରିବା ନେଇ ଆମର ବିଶ୍ୱାସ ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି।

## ୟେସ୍ ୱାର୍ଲ୍ଡର ନୂତନ ଉତ୍ପାଦ ଉନ୍ମୋଚିତ




ନୂଆଦିଲ୍ଲୀ,୮।୧

ଅନ୍ତଃରାଷ୍ଟ୍ରୀୟ କ୍ଲାଇମେଟ୍ ଟେକ୍ କମ୍ପାନୀ ୟେସ୍ ୱାର୍ଲ୍ଡ କ୍ଲାଇମେଟ୍ ଟେକ୍ ପିଟିଇ ଲି.ର ନୂତନ ଉତ୍ପାଦ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷ କରି ଘରର ଝରକାଗୁଡିକ ପାଇଁ ବିଶ୍ୱର ପ୍ରଥମ ଶକ୍ତି ଦକ୍ଷ ଗ୍ଲାସ୍ ସଲ୍ୟୁଶନର ଶୁଭାରମ୍ଭ କରାଯାଇଛି। ୟେସ୍ ୱାର୍ଲଡ ଆମ ପୃଥିବୀକୁ ଗ୍ଲୋବାଲ ୱାର୍ମିଙ୍ଗର ସବୁଠାରୁ ବଡ ସମସ୍ୟାରୁ ସୁରକ୍ଷିତ ରଖିବା ପାଇଁ କ୍ଲାଇମେଟ୍ ଟେକ୍ନୋଲୋଜି କ୍ଷେତ୍ରରେ କାର୍ଯ୍ୟ କରୁଛି। ବୈଜ୍ଞାନିକଙ୍କ ମତରେ ଏହି ବୈପ୍ଳବିକ ଉତ୍ପାଦ ସୂର୍ଯ୍ୟଠାରୁ ଆସୁଥିବା ଉତ୍ତାପକୁ ୮୫% ଯାଏ ହ୍ରାସ କରିଥାଏ। ଏ ସମ୍ପର୍କରେ ୟେସ୍ ୱାର୍ଲ୍ଡର ସିଇଓ ଏବଂ ସେଭ୍ ଆର୍ଥ ଆକ୍ଟିଭିଷ୍ଟ ଡ. ସନ୍ଦୀପ ଚୌଧୁରୀ କହିଛନ୍ତି, ୟେସ୍ ୱାର୍ଲଡର ୱିଣ୍ଡୋଜ୍ ସଲ୍ୟୁଶନର ଫଳାଫଳ ଚମତ୍କାର ଅଟେ। ଏହା ସୂର୍ଯ୍ୟର ଉତ୍ତାପକୁ ୮୫% ଯାଏ ବ୍ଲକ୍ କରିବା ସହ ସୂର୍ଯ୍ୟଠାରୁ ଆସୁଥିବା କ୍ଷତିକାରକ ଅତିବାଇଗଣୀ ରଶ୍ମିକୁ ମଧ୍ୟ ୯୨% ଯାଏ ହ୍ରାସ କରୁଛି। ଫଳରେ ୟେସ୍ ୱାର୍ଲ୍ଡର ୱିଣ୍ଡୋଜ୍ ସଲ୍ୟୁଶନ ଇନ୍‌ଷ୍ଟଲ ହୋଇଥିବା ସ୍ଥାନଗୁଡିକରେ ବିଦ୍ୟୁତ୍ ବିଲ୍ ଉପରେ ୫୦% ଯାଏ ସଞ୍ଚୟ କରାଯାଇପାରୁଛି। ଅପରପକ୍ଷରେ କମ୍ପାନୀ ଖୁବଶୀଘ୍ର ବିଶ୍ୱବ୍ୟାପୀ ଏହି ୱିଣ୍ଡୋଜ୍ ସଲ୍ୟୁଶନର ଇନ୍‌ଷ୍ଟଲେଶନ ଆରମ୍ଭ କରିବାକୁ ଯାଉଛି।

## ରୁଙ୍ଗ୍‌ଟା ଷ୍ଟିଲ୍ ଓ୍ୱାର ରଡ୍‌ର ନୂଆ ଟିଭିସି




ନୂଆଦିଲ୍ଲୀ,୮।୧

ରୁଙ୍ଗ୍‌ଟା ମାଇନ୍‌ସ ଲିମିଟେଡ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ନୂଆ ଟିଭିସି ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବଲିଉଡ୍ ତାରକା ଆଲିଆ ଭଟ୍ଟ ଓ ରଣବୀର କପୁରଙ୍କୁ ନେଇ କମ୍ପାନୀ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ନୂଆ ଟିଭି ବିଜ୍ଞାପନକୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ଏହାର ସମସ୍ତ ଅଂଶୀଦାରଙ୍କ ଲାଗି ମୂଲ୍ୟ ସୃଷ୍ଟି କରିବାର ପ୍ରତିବଦ୍ଧତାକୁ ପରିପ୍ରକାଶ କରାଯାଇଛି। ସେହିଭଳି କମ୍ପାନୀର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏକଦମ ସଲିଡ୍' ଅଭିଯାନ ସମ୍ପର୍କରେ ପ୍ରସାର ଓ ପ୍ରଚାର କରାଯାଉଛି। ଏପରିକି କମ୍ପାନୀର ବର୍ଦ୍ଧିତ ଉତ୍ପାଦ ବର୍ଗମାଳା ଜରିଆରେ ଗ୍ରାହକମାନଙ୍କୁ ଆବଶ୍ୟକ ସେବା ପ୍ରଦାନ କରିବାର ବାର୍ତ୍ତାକୁ ଉକ୍ତ ଟିଭିସି ଜରିଆରେ କମ୍ପାନୀ ପ୍ରଚାର ପ୍ରସାର କରାଉଛି। ଉକ୍ତ ଅଭିଯାନରେ ଆଲିଆ ଭଟ୍ଟ ଓ ରଣବୀର କପୁରଙ୍କ ଆମୋଦଦାୟକ ବାର୍ତ୍ତାଳାପକୁ ଉପଭୋଗ କରୁଥିବା ଦେଖିବାକୁ ମିଳୁଛି, ଯେଉଁଥିରେ ସମ୍ପର୍କ ଓ ଘରର ଦୃଢ଼ ମୂଳଦୁଆରେ କୌଣସି ପ୍ରକାର ସାଲିସ ନ କରିବାର ପ୍ରତିଶ୍ରୁତି ରହିଛି। ଭାରତର ଅଭିବୃଦ୍ଧି କାହାଣୀକୁ ତ୍ୱରାନ୍ୱିତ କରିବାରେ ଦଶନ୍ଧି ଧରି ପ୍ରତିବଦ୍ଧତାକୁ ଜାରି ରଖି ରୁଙ୍ଗ୍‌ଟା ଷ୍ଟିଲର ଓ୍ୱାର ରଡ୍ ଅତ୍ୟାଧୁନିକ ଉପକରଣ ଏବଂ କଠୋର ଉତ୍ପାଦନ (ମାନୁଫାକ୍ଚରିଂ) ପ୍ରକ୍ରିୟା ଦେଇ ଗତିକରୁଛି, ଯାହା ଏହି ଓ୍ୱାର ରଡ଼ଗୁଡ଼ିକର ଉଚ୍ଚ ମାନକୁ ନିଶ୍ଚିତ କରୁଛି।

## 'ଉତ୍ପାଦ ବର୍ଗର ବିସ୍ତାରକୁ ଗୁରୁତ୍ୱାରୋପ'

ନୂଆଦିଲ୍ଲୀ,୮।୧




ଦେଶର ପ୍ରମୁଖ ଗୃହୋପକରଣ ନିର୍ମାତା କମ୍ପାନୀ ସୋମାନି ସେରାମିକ୍ସ ଲିମିଟେଡ ପକ୍ଷରୁ ନିକଟରେ ଏକ ରାଜ୍ୟସ୍ତରୀୟ ଡିଲର ମିଟ୍‌ର ଆୟୋଜନ କରାଯାଇଥିଲା। ବିଶେଷକରି ପୁରୀ ଜଗନ୍ନାଥଧାମରେ ବ୍ରାଣ୍ଡର ଏକ୍ସକ୍ଲୁସିଭ ସୋମାନିଇଜିଫିକ୍ସଡିଲର ମିଟ୍ ସମ୍ପର୍କରେ ଘୋଷଣା କରାଯାଇଥିଲା। ଅପରପକ୍ଷରେ ଏହି ଏକ୍ସକ୍ଲୁସିଭ ଡିଲର ମିଟ୍‌ର ଲକ୍ଷ୍ୟ ହେଉଛି, ଓଡ଼ିଶା ବଜାରରେ ବ୍ରାଣ୍ଡର ବିସ୍ତାର ଓ ସଫଳତାକୁ ପାଳନ କରିବା ଏବଂ ଉତ୍ପାଦକୁ ଏକ ନୂଆ ଶିଖରକୁ ନେବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ସହ ଆବଶ୍ୟକ ସହଯୋଗ ଓ ସହମତି ସମ୍ପର୍କରେ ବିସ୍ତୃତ ଆଲୋକପାତ କରାଯାଇ ସେ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ଉଭୟ କମ୍ପାନୀ ଓ ଡିଲରମାନେ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସୋମାନି ସେରାମିକ୍ସ ଲିମିଟେଡର ଉପସଭାପତି (ସେଲ୍‌ସ ଆଣ୍ଡ ମାର୍କେଟିଂ) ସୁଜିତ ମହାନ୍ତି କହିଛନ୍ତି, ଆମର ସୋମାନି ଇଜି ଫିକ୍ସକୁ ଓଡ଼ିଶାର ସ୍ଥାନୀୟ ବଜାରରେ ଉପସ୍ଥାପନ କରି ଆମ ଗ୍ରାହକମାନଙ୍କ ଘର ସଜାଇବା ଆବଶ୍ୟକତା ପୂରଣ କରିପାରିଥିବାରୁ ଆମେ ବେଶ୍ ଆନନ୍ଦିତ, ଆମର ପ୍ରିମିୟମ ଗୁଣବତ୍ତା ଆଡେସିଭ ଶ୍ରେଣୀରେ ସର୍ବୋତମ ଓ ଚଟାଣ ପୃଷ୍ଠରେ ବିଭିନ୍ନ ଟାଇଲ ଯୋଡ଼େଇ ପାଇଁ ଏକ ଉତ୍କୃଷ୍ଟ ସମାଧାନ। ବିଶେଷକରି ଗ୍ରାହକ ଆଧାରିତ ସଂସ୍କୃତିକୁ ନେଇ ଉତ୍ପାଦ ବର୍ଗରେ କ୍ରମାଗତ ବିସ୍ତାର ସହ ନେଟୱର୍କକୁ ବୃଦ୍ଧି କରି ଟାଇଲ ସମାଧାନରେ ଅଗ୍ରଣୀ ହେବାକୁ ଆମେ ଲକ୍ଷ୍ୟ ରଖିଛୁ।

## ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବ ସ୍କୋଡା

ନୂଆଦିଲ୍ଲୀ,୮।୧

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଇଛି। ଏପରିକି କମ୍ପାନୀ ତ୍ୱରାନ୍ୱିତ ଅଭିବୃଦ୍ଧିର ଏକ ଏଜେଣ୍ଡା ସହ ୨୦୨୩ ପାଇଁ ତା'ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ବିଶେଷକରି କମ୍ପାନୀର କାରବାର ୨୦୨୧ ତୁଳନାରେ ୨୦୨୨ରେ ଭଲ ରହିଥିଲା। ଏପରିକି କମ୍ପାନୀ ତା'ର ବାର୍ଷିକ ବିକ୍ରିକୁ ଦ୍ୱିଗୁଣିତ କରିସାରିଛି। ସେହିଭଳି କମ୍ପାନୀ ବିବିଧ ଉତ୍ପାଦ କାର୍ଯ୍ୟାନୁଷ୍ଠାନ, ନେଟୱର୍କ ବିସ୍ତାର ଯୋଜନା ଏବଂ ଆନୁମାନିକ ତ୍ୱରାନ୍ୱିତ ଅଭିବୃଦ୍ଧି ଆଦିରେ ପରିବର୍ତ୍ତନ ସହ କମ୍ପାନୀ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବାର କାର୍ଯ୍ୟକୁ ଆଗକୁ ବଢ଼ାଇଛି। ଏହାର ନେଟୱର୍କକୁ ସମଗ୍ର ଭାରତରେ ବିସ୍ତାର କରିବ ଏବଂ ସମଗ୍ର ଭାରତର ନୂତନ ସହରରେ ପ୍ରବେଶ କରିବ। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ପିଟର ସ୍ଲୋକ କହିଛନ୍ତି, ୨୦୨୨ରେ କମ୍ପାନୀ ୫୩,୭୨୧ ୟୁନିଟ କାର୍ ବିକ୍ରି ସହ ଭାରତରେ ପ୍ରଥମ ଥର ପାଇଁ ୫୦,୦୦୦ବିକ୍ରୟ ମାଇଲଖୁଣ୍ଟ ଅତିକ୍ରମ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ ଅଛୁ।

### ଫୁର୍‌ସତ୍




## ପୁଅ ପାଇଁ ସିଗାରେଟ୍ ଛାଡ଼ିଲେ

**ମୁମ୍ବାଇ:** ଟିଭି ଅଭିନେତା ଅର୍ଜୁନ ବିଜ୍‌ଲାନି ତାଙ୍କ ପ୍ରଫେସନାଲ ସହ ପର୍ସନାଲ ଲାଇଫ୍‌କୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଏହି ଅଭିନେତା ଏକ ସାକ୍ଷାତ୍କାରରେ ନିଜ ପର୍ସନାଲ ଲାଇଫ୍ ବାବଦରେ କିଛି କହିଛନ୍ତି। ନୂଆବର୍ଷରୁ ଅର୍ଜୁନ ସ୍ମୋକିଂ କରିବା ଛାଡ଼ି ଦେଇଛନ୍ତି, ଯାହା ସେ ଦୀର୍ଘଦିନ ହେବ କରିବାକୁ ଚାହୁଁଥିଲେ। ହେଲେ ଛାଡ଼ିପାରୁ ନ ଥିଲେ। ତେବେ ସପ୍ତାହେ ହେଲାଣି ସେ ସ୍ମୋକିଂ କରିନାହାନ୍ତି। ଏହା କେବଳ ପୁଅ ଆୟାନ୍ ପାଇଁ ସମ୍ଭବ ହୋଇଛି ବୋଲି ସେ କହିଛନ୍ତି। କାରଣ ସେ ତାଙ୍କ ପୁଅ ସାମ୍ନାରେ ଏକ ଭଲ ଉଦାହରଣ ସୃଷ୍ଟି କରିବାକୁ ଚାହାନ୍ତି। ଏ ବର୍ଷ ସେ ସ୍ମୋକିଂ ଛାଡ଼ିଦେବେ ବୋଲି ନିଷ୍ପତ୍ତି ନେଇଥିଲେ। କିନ୍ତୁ ତାଙ୍କ ପାଇଁ ସହଜ ନ ଥିଲା। ସେ ସର୍ବଦା ଚେଷ୍ଟା କରୁଥିବା କହିଛନ୍ତି। ସେ ଏବେ ଭଲ ଅନୁଭବ କରୁଛନ୍ତି। ତେବେ ଅର୍ଜୁନ ଦୀର୍ଘ ୧୫ ବର୍ଷ ଧରି କରୁଥିବା ଧୂମପାନ ଏବେ ଛାଡ଼ିଛନ୍ତି। ଏଥିସହ ମଦ୍ୟପାନ ମଧ୍ୟ ଛାଡ଼ିଥିବା ସାକ୍ଷାତ୍କାରରେ କହିଛନ୍ତି। ସେ 'ନାଗିନ୍, ଇସ୍କ ମେ ମର୍‌ଜାୱା, ପରଦେଶ ମେଁ ହେ ମେରା ଦିଲ୍, ରୁହାନିୟନିତ୍' ଆଦି ଅନେକ ଟିଭି ଶୋ'ରେ ଅଭିନୟ କରିଛନ୍ତି। ସୂଚନା ଯେ, ଅଭିନେତା ଅର୍ଜୁନ ଗତ ୨୦୦୪ରୁ ତାଙ୍କ ଟିଭି କ୍ୟାରିୟରର ଶୁଭାରମ୍ଭ କରିଥିଲେ।

## ୧୩,୫୭୫ କି.ମି. ଉଡ଼ି ବିଶ୍ୱ ରେକର୍ଡ

କାନ୍‌ବେରା



ଅବିରତ ୧୩,୫୭୫ କି.ମି. ଦୂର ପର୍ଯ୍ୟନ୍ତ ଉଡ଼ି ବାର୍-ଟେଲ୍ଡ ଗଡ୍‌ୱିଟ୍ ପକ୍ଷୀ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛି। ସାଟେଲାଇଟ୍ ଟ୍ୟାଗ୍ ଲାଗିଥିବା ଏହି ପକ୍ଷୀକୁ କାଲାସ୍କାରୁ ଅଷ୍ଟ୍ରେଲିଆରେ ପହଞ୍ଚିବାକୁ ୧୧ ଦିନ ଲାଗିଥିଲା। ଅକ୍ଟୋବର ୧୩ରେ ବାର୍-ଟେଲ୍ଡ ଗଡ୍‌ୱିଟ୍ କାଲାସ୍କାରୁ ନିଜ ଉଡ଼ାଣ ଆରମ୍ଭ କରିଥିବାବେଳେ ଅକ୍ଟୋବର ୨୪ରେ ଏହା ଅଷ୍ଟ୍ରେଲିଆର ତାସମାନିଆ ଦ୍ୱୀପରେ ପହଞ୍ଚିଥିଲା। ବାର୍-ଟେଲ୍ଡ ଗଡ୍‌ୱିଟ୍ ପ୍ରଜାତିର ପକ୍ଷୀ ୨୦୨୦ରେ ୱାର୍ଲ୍ଡ ରେକର୍ଡ କରିଥିଲା। ସେ ନ୍ୟୁୟର୍କରୁ ଲଣ୍ଡନ ଅବିରତ ୩୪୯ କି.ମି ଦୂର ପର୍ଯ୍ୟନ୍ତ ଉଡ଼ିଥିଲା। ବାର୍-ଟେଲ୍ଡ ଗଡ୍‌ୱିଟ୍ ପକ୍ଷୀ ଅନ୍ୟ ପ୍ରବାସୀ ପକ୍ଷୀଙ୍କ ଭଳି କୌଣସିଠାରେ ବିଶ୍ରାମ କରେ ନାହିଁ। ଏ ପ୍ରଜାତି ଚଢ଼େଇର ଲାଞ୍ଜ ଖୁବ୍ ଛୋଟ। ପାଣିରେ ସେମାନେ ଅତି ସହଜରେ ଅବତରଣ କରିପାରନ୍ତି।

## ବିଲେଇ ନାଁରେ ୮୦୦ କୋଟିର ସମ୍ପତ୍ତି

ୱାଶିଂଟନ୍

ଆମେରିକୀୟ ପପ୍‌ଷ୍ଟାର୍ ଟେଲର ସ୍ୱିଫ୍‌ଟଙ୍କ ପୋଷା ବିଲେଇ ଓଲିଭିଆ ବିଶ୍ୱର ତିନି ନମ୍ବର ଧନୀ ବିଲେଇ। ଅଲ୍ ଏବାଉଟ୍ କ୍ୟାଟ୍‌ସ ୱେବ୍ ସାଇଟ୍ ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟ ଅନୁସାରେ ଓଲିଭିଆ ନାଁରେ ୯୭ ନିୟୁତ ଡଲାର (୮୦୦ କୋଟି) ସମ୍ପତ୍ତି ରହିଛି। ଇନ୍‌ଷ୍ଟାଗ୍ରମ୍‌ରୁ ତଥ୍ୟ ସଂଗ୍ରହ କରି ଏହି ୱେବ୍‌ସାଇଟ୍ ଧନୀ ପୋଷା ବିଲେଇ ଓ କୁକୁର ଏକ ତାଲିକା ପ୍ରସ୍ତୁତ କରିଛି। ଟେଲରଙ୍କ ବହୁ ମ୍ୟୁଜିକ୍ ଭିଡିଓରେ ଓଲିଭିଆ ନଜର ଆସିଥାଏ। ପ୍ରକାଶ ପାଇଥିବା ତାଲିକାର ଶୀର୍ଷରେ ଡଗ୍ ଗୁନ୍ଥର ଷଷ୍ଠ (୫୦୦ ନିୟୁତ ଡଲାର) ଥିବାବେଳେ ଦ୍ୱିତୀୟ ସ୍ଥାନରେ ନାଲା କ୍ୟାଟ୍ (୧୦୦ ନିୟୁତ ଡଲାର) ରହିଛି।

## ପଗଡ଼ି ହେଲ୍‌ମେଟ୍



**ଅଟାୱା:** ବାଇକ୍‌ରେ ଯାତ୍ରା ବେଳେ ହେଲମେଟ୍ ପିନ୍ଧିବା ଜରୁରୀ। କାରଣ ଏହା ଅନେକ ଦୁର୍ଘଟଣାରୁ ସୁରକ୍ଷିତ ରଖିଥାଏ। ଏଥିସହ ସାଇକେଲିଂ(ସ୍ପୋର୍ଟ୍ସ)ରେ ମଧ୍ୟ ହେଲମେଟ୍‌ର ଆବଶ୍ୟକ ପଡ଼ିଥାଏ। କିନ୍ତୁ ଶିଖ୍ ସମୁଦାୟଙ୍କ ଲାଗି ହେଲମେଟ୍ ପିନ୍ଧିବା ଅଡୁଆ। ସେଥିପାଇଁ ଜଣେ ମା' ସାଇକେଲିଂ ଶିଖୁଥିବା ତାଙ୍କ ୫ ବର୍ଷର ପୁଅ ଲାଗି ଏକ ହେଲମେଟ୍ ତିଆରି କରି ପ୍ରଶଂସା ସାଉଁଟିଛନ୍ତି। କାନାଡ଼ାରେ ରହୁଥିବା ଟିନା ସିଂ ନାମ୍ନୀ ମହିଳାଙ୍କ ପୁଅ ଜୋରାଙ୍କୁ ନିଜ ଚୁଟି ପାଇଁ ମାର୍କେଟ୍‌ରେ ମିଳୁଥିବା ହେଲମେଟ୍ ପିନ୍ଧିବାରେ ଅସୁବିଧା ଉପୁଜୁଥିଲା। ତେଣୁ ଟିନା ନିଜ ପୁଅ ପାଇଁ ହେଲମେଟ୍ ଡିଜାଇନ କରିବା ଆରମ୍ଭ କଲେ ଏବଂ ଏହା ତିଆରି କରିବାକୁ ୨ ବର୍ଷ ସମୟ ଲାଗିଥିଲା। ମାତ୍ର ସେ ଏଥିରେ ସଫଳ ହୋଇଥିଲେ। ଏପରି ଏକ ହେଲମେଟ୍‌ର ଲଞ୍ଚ୍ ପରେ ସେ ଏହାକୁ ଶିଖ୍ ହେଲମେଟ୍ ବୋଲି କହିଛନ୍ତି।

## ୧.୭୮ ଲକ୍ଷଙ୍କ ପାଖରେ ବିଲିଙ୍କ ଠିକଣା

ୱାଶିଂଟନ୍


ବିଲି ଇଲିଶ

ଆମେରିକୀୟ ସିଙ୍ଗର ବିଲି ଇଲିଶଙ୍କ ଘର ଠିକଣା ଭୁଲ୍‌ବଶତଃ ପହଞ୍ଚିଯାଇଛି ୧.୭୮ ଲକ୍ଷ ଲୋକଙ୍କ ପାଖରେ। ରିୟଲ୍ ଟାଇମ୍ ସେଫ୍ଟି ଆଲର୍ଟ ପାଇଁ ଆମେରିକାରେ ବ୍ୟବହାର କରାଯାଉଥିବା ଆପ୍ ସିଟିଜେନ୍ ଟୁ ଆରାଉଣ୍ଡ ଜରିଆରେ ଏହି ବ୍ୟତିକ୍ରମ ହୋଇ ଥିବା ଜଣାପଡ଼ିଛି। ବଡ଼ ବଡ଼ ସହର ନ୍ୟୁୟର୍କ, ଲସ୍ ଏଞ୍ଜେଲ୍‌ସ, ଫିଲାଡେଲଫିଆ ଆଦି ସ୍ଥାନଗୁଡ଼ିକରେ ଯାତ୍ରା କରୁଥିବା ସମୟରେ ଏହି ଆପ୍ ରିୟଲ୍ ଟାଇମ୍ ସେଫ୍‌ଟି ଆଲର୍ଟ ଦେଇଥାଏ। ପରବର୍ତ୍ତୀ ସମୟରେ ଏହି ଆପ୍ ତ୍ରୁଟି ଜାଣିପାରି ନିଜ ଭୁଲ୍‌କୁ ସଂଶୋଧନ କରିଥିଲା।



ହରିୟାଣାର ଡୋଡଓ୍ୱ-ତାରଓ୍ୱରିଠାରେ ଭାରତ ଯୋଡ଼ୋ ଯାତ୍ରାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ସାମିଲ ହୋଇଛନ୍ତି କୁମାରୀ ଶୈଳେଜା ଓ ଦୀପେନ୍ଦର ସିଂ ହୁଡ଼ା।

# ବିଜେଡି-ଭାଜପା ମଧ୍ୟରେ ବିଜ୍ଞାପନ ରାଜନୀତି ତେଜିଲା

■ କେନ୍ଦ୍ର ବିଜ୍ଞାପନରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ କାହିଁକି ରହିଲାନି: ଅଶୋକ

■ ଯୋଜନା ସମ୍ପୂର୍ଣ୍ଣ କେନ୍ଦ୍ରର, ତେଣୁ ଆବଶ୍ୟକତା ନ ଥିଲା: ଧର୍ମେନ୍ଦ୍ର

ଭୁବନେଶ୍ୱର,୮।୧(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରୁ ରାଉରକେଲାକୁ ଶନିବାର ବିମାନ ସେବା ଆରମ୍ଭ ହେବା ସହିତ ଏହାକୁ ନେଇ ଶ୍ରେୟ ରାଜନୀତି ଜୋର୍ ଧରିଛି। ଲୋକାର୍ପଣ ଉତ୍ସବରେ ଲାଗିଥିବା ବ୍ୟାନର ଓ ରାଜ୍ୟ ସରକାର ଦେଇଥିବା ବିଜ୍ଞାପନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ନ ଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ତେବେ ରବିବାର କେନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମକୁ ନେଇ ବିଜ୍ଞାପନ ଦେଇଥିବାବେଳେ ସେଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ନ ରହିବା ନେଇ ବିଜେଡି ପାଲଟା କେନ୍ଦ୍ରକୁ ଟାର୍ଗେଟ କରିଛି। ତେବେ ଏହି ଯୋଜନା ସମ୍ପୂର୍ଣ୍ଣ କେନ୍ଦ୍ରର ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲାଗିବାର କିଛି ଆବଶ୍ୟକତା ନ ଥିବା ଭାଜପା ଯୁକ୍ତି ରଖିଛି।

ଶନିବାର ଧର୍ମେନ୍ଦ୍ର ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ରାଜ୍ୟର ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି, କେନ୍ଦ୍ର ସରକାର ଦେଇଥିବା ବିଜ୍ଞାପନରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ କାହିଁକି ରହିଲା ନାହିଁ। କେନ୍ଦ୍ର କାର୍ଯ୍ୟକ୍ରମରେ କାହିଁକି ବିଜେଡି ପ୍ରତିନିଧିଙ୍କୁ ଅଣଦେଖା କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତର ଦେଇ ଧର୍ମେନ୍ଦ୍ର କହିଛନ୍ତି, ଉଡ଼ାଣ ସମ୍ପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ଯୋଜନା। ବିମାନର ପଇସା କେନ୍ଦ୍ର ସରକାର ଦେଲେ। ଏୟାରପୋର୍ଟ ଅଥରିଟିରୁ ବିମାନ ଗଲା। ସେଲ୍ ବିମାନ ଆଡ୍ଡାରେ ବିମାନ ଓହ୍ଲାଇଲା। ଉଡ଼ାଣ ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଆ ଲୋକଙ୍କ ପାଇଁ ବିମାନ ସେବା ଯୋଗାଇ ଦେଲେ। ମାଛ ତେଲରେ ମାଛ ଭାଜିବାରେ ରାଜ୍ୟ ସରକାର ପାରଙ୍ଗମ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଉଡାନ୍ ଯୋଜନାରେ କେନ୍ଦ୍ର ସରକାରଙ୍କ ଅର୍ଥରେ ରାଉରକେଲାକୁ ବିମାନ ଉଡ଼ିଲା। ହେଲେ ରାଜ୍ୟ ସରକାରଙ୍କ ବିଜ୍ଞାପନରେ ନବୀନ ବାବୁଙ୍କ ଫଟୋ ଛପାଗଲା। ଓଡ଼ିଶାରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏନେଇ ଓଡ଼ିଶାର ଗଣମାଧ୍ୟମଠାରୁ ଆରମ୍ଭ କରି ରୋଡ ପାଖରେ ବିଜ୍ଞାପନ ମାଧ୍ୟମରେ ଜୋରଦାର ରାଜ୍ୟ ସରକାର ପ୍ରଚାର ପ୍ରସାର କରୁଛନ୍ତି। କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମ ଓଡ଼ିଶା ମାଟିର ଝିଅ ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନିମନ୍ତ୍ରଣ କରିନାହାନ୍ତି। ଏଥିରୁ ନବୀନ ବାବୁଙ୍କ ହୀନ ମାନସିକତା ସ୍ପଷ୍ଟ ପ୍ରତିପାଦିତ ହେଉଛି ବୋଲି ଜୟନାରାୟଣ କହିଛନ୍ତି।

# 'ଗରିବଙ୍କ ଦରଦୀ ବନ୍ଧୁ ବିଜେଡି କର୍ମୀ'



କାର୍ଯ୍ୟକ୍ରମରେ ମନ୍ତ୍ରୀ ଉଷାଦେବୀ, ବିଧାୟକ ପ୍ରତାପ ଜେନାଙ୍କ ସହ ଦଳୀୟ ନେତୃମଣ୍ଡଳୀ।

ନିଶ୍ଚିନ୍ତକୋଇଲି, ୮।୧(ସ୍ୱ.ପ୍ର.)

୧୯୯୯ ମହାବାତ୍ୟା ପରେ ରାଜ୍ୟକୁ ବିକଶିତ କରିବା ପାଇଁ ବିଜୁ ଜନତା ଦଳ ( ବିଜେଡି) ସଙ୍କଳ୍ପ ନେଇଥିଲା। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ କ୍ଷମତାକୁ ଆସିବା ପରେ ଅନ୍ତୁଡିଶାଳରୁ ଶ୍ମଶାନ ଭୂଇଁ ପର୍ଯ୍ୟନ୍ତ ୫୦ରୁ ଊର୍ଦ୍ଧ୍ୱ ଜନକଲ୍ୟାଣ ଯୋଜନା କରି ଲୋକାଦ୍ଭୁତ ହୋଇଛି। କେନ୍ଦ୍ରର ଅବହେଳା ସତ୍ତ୍ୱେ ଗରିବଙ୍କ ଦରଦୀ ବନ୍ଧୁ ପରି ଦଳର କର୍ମୀମାନେ ଜନ ସେବାରେ ନିଜକୁ ନିୟୋଜିତ କରିଛନ୍ତି ବୋଲି ବିଜେଡିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ପ୍ରକାଶ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତ ଅନ୍ତର୍ଗତ ଆର୍‌ଏମସି ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ପ୍ରମୁଖ ଯୋଗଦେଇ ଦଳର ସାଙ୍ଗଠନିକ ଦକ୍ଷତା, ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଆଲୋକପାତ କରିବା ସହ ଆସନ୍ତା ନିର୍ବାଚନ ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ମାହାଙ୍ଗା ବିଧାୟକ ପ୍ରତାପ ଜେନା ନିଜ ଅଭିଭାଷଣରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀକୁ ବିକାଶ କରିବାକୁ ସେ ସମର୍ପିତ ବୋଲି କହିଥିଲେ। ମାହାଙ୍ଗାରେ ୨୦୭ କୋଟି ଟଙ୍କାରେ ମେଗା ପାନୀୟ ଜଳ ପ୍ରକଳ୍ପ, ୨୦କୋଟି ବ୍ୟୟରେ ବାଜପୁରା ଦୋବନ୍ଧି ପୋଲ, ୨୦କୋଟି ବ୍ୟୟରେ କୁସୁପୁର ପୋଲ, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ୨ଟି ଆଦର୍ଶ ବିଦ୍ୟାଳୟ, କୁଳିଆରେ ଓମ୍‌ଫେଡ ଚିଲିଂ ପ୍ଲାଣ୍ଟ, ମିଶନ ଶକ୍ତି ଗୃହ, ଅସୁରେଶ୍ୱରରେ ୨ଟି ବିଦ୍ୟୁତ ଗ୍ରୀଡ, ନିଶ୍ଚିନ୍ତକୋଇଲି ହାଟକୁ ମଡେଲ ହାଟରେ ପରିଣତ କରିବା, ସମସ୍ତ ରାସ୍ତାକୁ ଉନ୍ନତୀକରଣ କରିବା ସହ ମଠ ମନ୍ଦିର ଓ ମଦ୍ରାସା ବିକାଶ କ୍ଷେତ୍ରରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ଆଗକୁ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲିରେ ୨ଟି କୋର୍ଟ ସହ ଅସୁରେଶ୍ୱର ନିକଟରେ ୪୨କୋଟି ଟଙ୍କା ବ୍ୟୟରେ ଏକ ପୋଲ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକ ଜେନା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଜିଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ଭୂପତି ଭୂଷଣ ଷଣ୍ଢ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜିଲା ସାଧାରଣ ସମ୍ପାଦକ ଗିରୀଶ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ମହିଳା ବିଜେଡି ସଭାନେତ୍ରୀ କବିତା ସେନାପତି, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ଜିଲା ଛାତ୍ର ବିଜେଡି ଉପସଭାପତି ସତ୍ୟଜିତ ମହାପାତ୍ର, ଛାତ୍ର ବିଜେଡି ସଭାପତି ସୁଶାନ୍ତ ନାୟକଙ୍କ ସମେତ ଜ୍ୟୋତି ପ୍ରକାଶ ସ୍ୱାଇଁ, ପ୍ରମୋଦ ସ୍ୱାଇଁ ଓ ପତିତପାବନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୨୭ ପଞ୍ଚାୟତରୁ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ, ଲୋକପ୍ରତିନିଧି ଓ ଛାମୁଆ ନେତା ଯୋଗଦେଇଥିଲେ।

# ହିମାଚଳରେ କ୍ୟାବିନେଟ୍ ସମ୍ପ୍ରସାରଣ

**ଶିମ୍‌ଲା,୮।୧:** ୪ ସପ୍ତାହର ପ୍ରତୀକ୍ଷା ପରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବୀନ୍ଦର ସିଂ ସୁଖୁ ରବିବାର ନିଜ କ୍ୟାବିନେଟ୍ ସମ୍ପ୍ରସାରଣ କରିଛନ୍ତି। ସୁଖୁଙ୍କ ମନ୍ତ୍ରିମଣ୍ଡଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରଭଦ୍ର ସିଂ ଏବଂ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାନେତ୍ରୀ ପ୍ରତିଭା ସିଂଙ୍କ ପୁଅ ବିକ୍ରମାଦିତ୍ୟ ସିଂଙ୍କ ସମେତ ୭ ନୂଆ ସଦସ୍ୟ ସାମିଲ ହୋଇଛନ୍ତି। ରାଜଭବନରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ୭ ନୂଆ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହା ପୂର୍ବରୁ ଡିସେମ୍ବର ୧୧ରେ ସୁଖୁ ମୁଖ୍ୟମନ୍ତ୍ରୀ ଓ ମୁକେଶ ଅଗ୍ନିହୋତ୍ରୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହାକୁ ମିଶାଇ ସୁଖୁ କ୍ୟାବିନେଟରେ ମନ୍ତ୍ରୀଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀଙ୍କ ସମେତ ମୋଟ ମନ୍ତ୍ରୀଙ୍କ ସଂଖ୍ୟା ୧୨ରୁ ଅଧିକ ହୋଇପାରିବ ନାହିଁ। ଅର୍ଥାତ୍ ଆଉ ସର୍ବାଧିକ ୩ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇପାରିବେ।

କଂଗ୍ରେସ ହାଇକମାଣ୍ଡ ସୁଖୁଙ୍କ ବିଦ୍ରୋହୀ ଶିବିରରୁ ବିକ୍ରମାଦିତ୍ୟ ସିଂଙ୍କୁ ନେଇ ଗୋଷ୍ଠୀକନ୍ଦଳକୁ ଶାନ୍ତ କରିବା ପାଇଁ ଉଦ୍ୟମ କରିଥିବା କୁହାଯାଉଛି। ବିକ୍ରମାଦିତ୍ୟ ଶିମ୍‌ଲା ରୁରାଲରୁ ଦ୍ୱିତୀୟ ଥର ନିର୍ବାଚିତ ହୋଇଛନ୍ତି। ନୂଆକରି ଶପଥ ନେଇଥିବା ଅନ୍ୟ ମନ୍ତ୍ରୀମାନେ ହେଲେ ହର୍ଷବର୍ଦ୍ଧନ ଚୌହାନ, କସୁମ୍ପତି ଅନିରୁଦ୍ଧ ସିଂ, ରୋହିତ ଠାକୁର, ଧାମି ରାମ ଶାଣ୍ଡିଲ, ଚନ୍ଦ୍ର କୁମାର ଏବଂ ଜଗତ ସିଂ ନେଗୀ। ଏଥିସହ ମୁଖ୍ୟମନ୍ତ୍ରୀ ସୁଖୁ ୬ ଜଣ ମୁଖ୍ୟ ସଂସଦୀୟ ସଚିବଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି, ଯେଉଁମାନେ ମନ୍ତ୍ରୀ ପାହ୍ୟାର ସୁବିଧା ପାଇବେ।



ହିମାଚଳ ପ୍ରଦେଶ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ରବିବାର ବିକ୍ରମାଦିତ୍ୟ ସିଂଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଉଛନ୍ତି।

# 'କର୍ମୀମାନେ ନିର୍ଭୀକଭାବେ ସ୍ୱର ଉତ୍ତୋଳନ କରନ୍ତୁ'



କର୍ମୀ ସମାବେଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ନେତୃମଣ୍ଡଳୀ।

ନିଶ୍ଚିନ୍ତକୋଇଲି, ୮।୧(ସ୍ୱ.ପ୍ର.)

## ଭାଜପା ସଂକଳ୍ପ ଯାତ୍ରା, କର୍ମୀ ସମାବେଶ

ନିଶ୍ଚିନ୍ତକୋଇଲି କଲ୍ୟାଣୀ ମଣ୍ଡପରେ ଭାଜପା ପକ୍ଷରୁ ସଙ୍କଳ୍ପ ଯାତ୍ରା ଓ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ରାଜ୍ୟ ସରକାର ଦୁର୍ନୀତିରେ ଲିପ୍ତ ଥିବାରୁ ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଏଠାରେ ନାରୀ ନିର୍ଯାତନା ଓ ଅପରାଧ ଚରମ ସୀମାରେ ପହଞ୍ଚିଛି। ଆଗାମୀ ବର୍ଷ ରାଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। ଏନେଇ ଭାଜପା କର୍ମୀମାନେ ଐକ୍ୟବଦ୍ଧଭାବେ ସଂଗ୍ରାମ ଜାରି ରଖନ୍ତୁ। ସେମାନେ ନିର୍ଭୀକଭାବେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ପ୍ରଧାନ ଆହ୍ୱାନ ଦେଇଛନ୍ତି। ମନ୍ତ୍ରୀ ପ୍ରଧାନ ପ୍ରଥମେ ପଣିସପଡିଆରେ ଥିବା ଏକ ମଣ୍ଡପରେ ପହଞ୍ଚି ୨୬ ନଂ. ଜୋନର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରିଥିଲେ। ପରେ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କ ସହ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଫିଲ୍ମ ହଲ ନିକଟରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ସ୍ଥାନୀୟ ମଣ୍ଡପରେ ୨୪ ନମ୍ବର ଜୋନର କର୍ମକର୍ତ୍ତାଙ୍କୁ ନେଇ ନିର୍ବାଚନୀ କର୍ମଶାଳା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଗୋଲଖ ମହାପାତ୍ର, କଟକ ନଗର ସମ୍ପାଦକ ଲଲାଟେନ୍ଦୁ ବସ୍ତ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ଭାଜପା ନେତା ନୟନ କିଶୋର ମହାନ୍ତି, ଜିଲା ସମ୍ପାଦକ ବିବେକାନନ୍ଦ ବେହେରା, ଅଲେଖ ଜେନା, ତେଜେଶ୍ୱର ପରିଡା ପ୍ରମୁଖ ଯୋଗଦେଇଥିଲେ।


**OFFICE OF THE SUPERINTENDING ENGINEER**
**RURAL WATER SUPPLY AND SANITATION DIVISION, CUTTACK**
**MAHANADIBIHAR, CUTTACK-753004**

**Govt. of Odisha e-procurement Notice**
**Bid Identification No. RWSSCTC 12/2022-23**

**No. O-1583:-** The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement double cover system according to norm of e-procurement.

1. Nature of work: **RPWS to Chahapada and Raghabpur under Salpur Block.**
2. No. of tenders: 01 No.
3. Tender Paper Cost: **₹10,000/-**
4. Value of Work: **₹274.42 Lakh**
5. Class of Contractor: "B" & "A" Class
6. Date and time of availability of bid document in portal: 11 hour of 12.01.2023 to 27.01.2023 upto 17 hours.
7. Date and time of seeking tender clarification: 25.01.2023 upto 17 hours.
8. Date & time of opening of tender: 30.01.2023 at 11.30 Hours in the Office of the Superintending Engineer, RWS&S Division, Cuttack
9. Time of completion: 11 months.
10. The bidder have to participate in online bidding only. Further details can be seen from the website **https://www.tendersorissa.gov.in**

**Sd./- Superintending Engineer**
**RWS&S Division, Cuttack**
OIPR-25022/11/0019/2223

No.C-2246

**BHUBANESWAR MUNICIPAL CORPORATION**
**e-Procurement Notice**
**e-Mail: ee1@bmc.gov.in**
**XI-D-I-2265/2022**
**No. 774 DT: 06.01.2023**

| | | | |
|---|---|---|---|
| 1. | Bid Reference No. | : | BMC-DIV-1-23/2022-23 Dt.06.01.2023 |
| 2. | Tender Call Notice No. | : | dtd.06.01.2023 |
| 3. | Name of Work | : | 2 Nos. (Two) |
| 4. | Bid Value | : | ₹ 3,21,50,285 to ₹ 3,24,37,777.00 |
| 5. | Period of Completion | : | 120 days |

**Critical Dates:**

| Sl. No. | Description | Critical Dates |
|---|---|---|
| (i) | Period of availability of tenders on-line for bidding | From Dt.09.01.2023 from 11.00 AM to Dt.30.01.2023 upto 5.00 PM |
| (ii) | Last date & time of seeking clarifications (if any) | Dt.25.01.2023 upto 5.00 PM |
| (iii) | Pre Bid Meeting | At 11.30 A.M. of Date-20.01.2023 |
| (iv) | Uploading of Pre Bid Meeting Proceedings | At 12.00 hrs of Date 21.01.2023 |
| (v) | Last date & time of bidding on-line | Dt.30.01.2023 up to 5.00 PM |
| (vi) | Date & time of opening of the Technical Bids received online | Dt.31.01.2023 (11.00 AM onwards) |
| (vii) | Date & time of opening of Price Bid/Financial Bid/DTCN Part-II | To be intimated later to the bidder(s) found qualified after checking and evaluation of Technical Bids received online. |

6. Tender details can be seen from the e-Procurement portal https://www.tendersodisha.gov.in & BMC website https://www.bmc.gov.in.

**Sd./- City Engineer**
**Bhubaneswar Municipal Corporation**
OIPR-13002/11/0210/2223

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
Mining Happiness

**NIT No. 02/OMC/CIVIL/2023**

No. CAD-4407:- Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (Rs. In lakhs) | Time period of the work (in month) | Class of Contractor | EMD (Rs.) online | Cost of Bid document (Rs.) Online |
|---|---|---|---|---|---|---|
| 1. | Street lighting and illumination of Road from KIOM Main Gate to View Point including new parallel road and Quarry-1 Haul road of Kurmitar Iron Ore Mines in the district of Sundargarh. | 119.45 | 06 (Six) | Electrical Contractor having MV/HT licence issued by ELBO. | 1,20,000/- | 10,000/- +18% GST |
| 2. | Power supply to MMM, SMMO & SPMO Workshops of Govt. ITI, Koira in the district of Sundargarh.(Under PD Scheme). | 18.97 | 04 (Four) | Electrical Contractor having MV/HT licence issued by ELBO. | 19,000/- | 6,000/- +18% GST |

1. Available of Bid document in Govt. portal from dt.11.01.2023 to 25.01.2023 up to 5.00 PM.
2. Last date of on-line submission of tender in the portal is dt. 25.01.2023 up to 5.00 PM.
3. Date of opening of Technical Bid is dt 27.01.2023 at 11.00 AM.

All other details can be seen from DTCN available at Govt. website www.tendersorissa.gov.in. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0191/2223 **CGM (Civil)**

**DIRECTORATE OF AYUSH**
**(Ayurveda, Yoga & Naturopathy, Unani, Siddha & Homoeopathy)**
**Department of Health & Family Welfare, Govt. of Odisha**
Heads of Department Building, 3rd Floor (Annex), Unit - 5, Bhubaneswar - 751001
Tel.: 0674-2394577, FAX: 0674-2391180
Email: directorayushodisha@gmail.com, Web: www.ayushodisha.nic.in

**CORRIGENDUM TO ADVERTISEMENT**

**No. IV-E-AT-02/2014 (Pt.II)-205/DAYUSH** **Dated: 07 Jan. 2023**

**Sub.: Admission into Post Graduate M.D. (Hom.) Course at Dr. Abhin Chandra Homoeopathic Medical College & Hospital, Bhubaneswar for the Session 2022-23**

No. E-810: With reference to the Advertisement bearing No. IV-E-AT-02/2014(Pt.II)-10148/DAYUSH, Dt.28.12.2022 published on the Odia dailies namely "The Samaj" and "Dharitri" and English daily "New Indian Express" on 03.01.2023 on the above subject, the details of seats along with its category for reservation for admission into Post Graduate M.D. (Hom.) Course at Dr. A.C. Homoeopathic Medical College & Hospital, Bhubaneswar for the Session 2022-23 mentioned in the first paragraph of the above advertisement is substituted and may be read as under.

**Dr. Abhin Chandra Homoeopathic Medical College & Hospital, Bhubaneswar**

| Sl. No. | Name of the Subject | No. of Seats | State Quota | | | All India Quota (AIQ) |
|---|---|---|---|---|---|---|
| | | | General | In Service Candidate (General) | EWS | General |
| 01 | Materia Medica | 04 (Four) | 01 | 01 | 01 | 01 |

(The counseling for the AIQ seat shall be done by the AACCC, Ministry of AYUSH)
The other terms and conditions published in the Advertisement bearing No. IV-E-AT-02/2014 (Pt.II)-10148/DAYUSH, Dt.28.12.2022 remain unaltered.
The revised prospectus containing the above modification has been floated in the website **https://drachmch.nic** of Dr. Abhin Chandra Homoeopathic Medical College & Hospital, Bhubaneswar which can be downloaded for the purpose.

**Sd./- Director, AYUSH-cum-Chairman**
**P.G. Selection Committee**
**OIPR-10056/11/0010/2223**

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA SAMANTAPUR, BHUBANESWAR - 13**

**TENDER CALL NOTICE**

**No. PPS-55/22/88/CHSE**
**Bhubaneswar dated the 6th January, 2023**

No.n-85: Sealed tenders are hereby invited from the intending paper mills/waste paper dealers, registered under the GST Act to carry out waste paper business and having, Income Tax Permanent Account Number to purchase the stock of used anser books and waste papers of the Council only for the purpose of pulp making paper recycling. The approximate quantity of stock as well as up-set price of the respective items is given below:

| Sl. No. | Items to be Disposed-off | Approximate Quantity of Stock | Up-set Price per M.T. |
|---|---|---|---|
| 1. | Used Answer Books | 90 MT | Rs.26,565/- |
| 2. | Waste Paper | 05 MT | Rs.20,460/- |

The last date and time of submission of tenders is 27.01.2023 at 02.00 P.M. which shall be opened on the same day (27.01.2023) at 04.00 P.M. in presence of the tenderer present, if any. The detail tender documents along with the terms and conditions, tender format, etc., can be donwloaded from the Council website i.e. **www.chseodisha.nic.in**. Council reserves the right to reject any or all tenders without assigning any reason thereof.

By Order of the Chairman
**Sd./- Secretary**
**OIPR-11003/11/0013/2223**

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୋକୋଭିଚ୍‌ଙ୍କୁ ଆଡିଲେଡ୍ ଇଣ୍ଟରନ୍ୟାଶନାଲ ଟାଇଟଲ୍

**ଆଡିଲେଡ୍, ୮।୧(ପି.ଟି.):** ସର୍ବିଆର ନୋଭାକ୍ ଜୋକୋଭିଚ୍ ରବିବାର ଆଡିଲେଡ୍ ଇଣ୍ଟରନ୍ୟାଶନାଲ ଟେନିସ ଟାଇଟଲ ବିଜୟୀ ହୋଇଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ପ୍ରସ୍ତୁତି ପାଇଁ ଏହି ଟୁର୍ନାମେଣ୍ଟ ଖେଳିଥିବା ଜୋକୋଭିଚ୍ ଆମେରିକାର ଅଣସିଡେଡ୍ ଖେଳାଳି ସେବାଷ୍ଟିଆନ୍ କୋର୍ଡାଙ୍କୁ ୬-୭(୮), ୭-୬(୩) ଓ ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଡାନିଲ ମେଡ୍‌ଭେଡେଭ୍‌ଙ୍କ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ସମୟରେ ଜୋକୋଭିଚ୍‌ଙ୍କ ହାର୍ମଷ୍ଟ୍ରିଙ୍ଗ୍‌ରେ ସମସ୍ୟା ଦେଖାଦେଇଥିଲା। ତେବେ ଫାଇନାଲରେ ଆହତର କୌଣସି ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ଦୀର୍ଘ ୧୬ ବର୍ଷ ପରେ ଜୋକୋଭିଚ୍ ଆଡିଲେଡ୍ ଇଣ୍ଟରନ୍ୟାଶନାଲ ଟାଇଟଲ୍ ବିଜୟୀ ହୋଇଛନ୍ତି। ୧୯ ବର୍ଷ ବୟସରେ ୨୦୦୭ ମସିହାରେ ସେ ଶେଷଥର ପାଇଁ ଏହି ଟାଇଟଲ ବିଜୟୀ ହୋଇଥିଲେ। ଏହାସହିତ ନିଜ କ୍ୟାରିୟରର ୯୨ ତମ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ ଜୋକୋଭିଚ୍।


ଟ୍ରଫି ସହ ନୋଭାକ ଜୋକୋଭିଚ୍।

# ଡ୍ର'ରେ ଶେଷ ସିଡ୍‌ନୀ ଟେଷ୍ଟ

**ସିଡ୍‌ନୀ,୮।୧(ପି.ଟି.)**

ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଅନ୍ତିମ ଟେଷ୍ଟ ଅମୀମାଂସିତ ଭାବରେ ଶେଷ ହୋଇଛି। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚର ଅର୍ଦ୍ଧାଧିକ ସମୟ ଖରାପ ଆଲୋକ ଓ ବର୍ଷା କାରଣରୁ ବାଧାପ୍ରାପ୍ତ ହୋଇଥିଲା। ପ୍ରଥମ ଇନିଂସରେ ଫଲୋଅନ୍ ପରେ ଦକ୍ଷିଣ ଆଫ୍ରିକା ୨ ଉଇକେଟରେ ୧୦୬ ରନ୍ କରିଥିବା ବେଳେ ଖେଳ ବନ୍ଦ ରଖାଯାଇଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୭୫/୪ରେ ଇନିଂସ ଘୋଷଣା କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨୫୫ ରନରେ ଅଲଆଉଟ ହେବା ସହିତ ଫଲୋଅନ୍ ହୋଇଥିଲା। ଚତୁର୍ଥ ଦିନର ଅସମାପ୍ତ ସ୍କୋର ୧୪୯/୬ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଆଉ ୧୦୬ ରନ୍ କରି ବାକି ୪ ଉଇକେଟ ହରାଇଥିଲା। ସାଇମନ ହାର୍ମର ୪୭ ଓ କେଶବ ମହାରାଜ ୫୩ ରନର ଇନିଂସ ଖେଳି ସଙ୍କଟରୁ ଉଦ୍ଧାର କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହାଜେଲଉଡ୍ ୪ ଓ ପ୍ୟାଟ କୁମିନ୍ସ ୩ ଉଇକେଟ ନେଇଥିଲେ। ୨୨୦ ରନ୍ ପଛରେ ରହିଥିବା ଦକ୍ଷିଣ ଆଫ୍ରିକାକୁ ଘରୋଇ ଦଳ ଫଲୋଅନ୍ ଡାକରା ଦେଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨/୧୦୬ ରନ୍ କରିଥିଲା। ସାରିଲ୍ ଏରୱି ୪୨ ରନରେ ଅପରାଜିତ ରହିଥିବା ବେଳେ ହେନ୍‌ରିଚ୍ କ୍ଲାସେନ ୩୫ ରନ୍ କରିଥିଲେ।

## ଅଷ୍ଟ୍ରେଲିଆ ସିରିଜ ବିଜୟୀ

ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହାଜେଲଉଡ୍ ଓ ପ୍ୟାଟ କୁମିନ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ପ୍ରଥମ ଦୁଇ ଟେଷ୍ଟକୁ ଜିତିଥିବା ଅଷ୍ଟ୍ରେଲିଆ ୨-୦ରେ ସିରିଜ୍ ଜିତି ନେଇଥିଲା। ୧୯୫ ରନ୍‌ର ଇନିଂସ ପାଇଁ ଉସ୍‌ମାନ ଖ୍ୱାଜାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଏବଂ ଡେଭିଡ୍ ୱାର୍ନରଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୪୭୫/୪ରେ ଘୋଷଣା (ଉସ୍‌ମାନ ଖ୍ୱାଜା-୧୯୫*, ଷ୍ଟିଭେନ ସ୍ମିଥ୍-୧୦୪, ମାର୍ନସ ଲାବୁସେନ୍- ୭୯, ଟ୍ରାଭିସ୍ ହେଡ୍-୭୦ ; ଏନ୍‌ରିଚ୍ ନୋର୍ଜେ-୨/୫୫, କେଶବ ମହାରାଜ-୧/୧୦୮, କାଗିସୋ ରାବାଡା-୧/୧୧୯)।

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୧୦୮ ଓଭରରେ ୨୫୫/୧୦ (କେଶବ ମହାରାଜ-୫୩, ସାଇମନ୍ ହାର୍ମର-୪୭ ; ପ୍ୟାଟ କୁମିନ୍ସ-୩/୬୦, ଜୋସ୍ ହାଜ୍‌ଲେଉଡ୍-୪/୪୮)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ:** ୪୧.୫ ଓଭରରେ ୧୦୬/୨ (ସାରିଲ ଏରୱି-୪୨*, ହେନ୍‌ରିଚ୍ କ୍ଲାସେନ୍-୩୫, ପ୍ୟାଟ କୁମିନ୍ସ-୧/୧୬, ଜୋସ୍ ହାଜ୍‌ଲେଉଡ୍-୧/୯)।

# ଇଣ୍ଡିଆନ ଓପନ୍ ଗେଟ୍‌ବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ଓପନ ଗେଟ୍‌ବଲ (ଆଇଜିୟୁ) ଟୁର୍ନାମେଣ୍ଟର ନବମ ସଂସ୍କରଣ ରବିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ସୋଆ ବିଶ୍ୱବିଦ୍ୟାଳୟ କୁଳପତି ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ଏସିଆ-ପାସିଫିକ୍ ଗେଟ୍‌ବଲ ୟୁନିୟନ ସମ୍ପାଦକ ପେଇ ଚୁନ୍ ଲିନ୍, ଆଇଜିୟୁ ସଭାପତି ପ୍ରକାଶ ବେତାଲା, ସମ୍ପାଦକ ଦିଲୀପ କୁମାର ଦାସ, କାର୍ଯ୍ୟକାରୀ କମିଟି ସଭାପତି ଦ୍ୱୀପାୟନ ପଟ୍ଟନାୟକ, ସମ୍ପାଦକ ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଓ କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷର ଟୁର୍ନାମେଣ୍ଟରେ ଭାରତର ବିଭିନ୍ନ ରାଜ୍ୟର ୧୨ଟି ଏବଂ ଡବଲ୍ସରେ ୨୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଗ୍ରୁପ୍ ଓ ଡବଲ୍ସ ଇଭେଣ୍ଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସୋମବାର କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ।



ଇଣ୍ଡିଆନ ଓପନ ଗେଟ୍‌ବଲ ଉଦ୍‌ଘାଟନ ଅବସରରେ ଖେଳାଳି ଓ କର୍ମକର୍ତ୍ତାଙ୍କ ଗହଣରେ ଅତିଥିମାନେ।

**ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ**

# ହରିୟାଣାକୁ ଆଜି ଭେଟିବ ଓଡ଼ିଶା

**ଭୁବନେଶ୍ୱର, ୮।୧(ସ୍ପୋର୍ଟ୍ସ ବ୍ୟୁରୋ)**

ତୃତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଫୁଲ ସୋରେନ୍‌ଙ୍କ ନେତୃତ୍ୱରେ ଘୋଷିତ ହୋଇଛି ଓଡ଼ିଶା ଦଳ। ବେଙ୍ଗାଲୁରୁରେ ୯ରୁ ୧୩ ଜାନୁୟାରୀ ଯାଏ ଏହି ଟୁର୍ନାମେଣ୍ଟ ଖେଳାଯିବ। ଏହି ଟୁର୍ନାମେଣ୍ଟ ପ୍ରଦର୍ଶନ ଆଧାରରେ ପ୍ରଥମଥର ଖେଳାଯିବାକୁ ଥିବା ମହିଳା ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା କରାଯିବ। ଜାତୀୟ ଟୁର୍ନାମେଣ୍ଟର ପ୍ରଥମ ଦୁଇ ସଂସ୍କରଣରେ ଓଡ଼ିଶା ଯଥାକ୍ରମେ ଚାମ୍ପିୟନ୍ ଓ ରନର୍ସ ଅପ୍ ରହିଥିବା ବେଳେ ଚଳିତ ସଂସ୍କରଣରେ ମଧ୍ୟ ଦଳ ଉପରେ ସଭିଙ୍କ ନଜର ରହିବ। ଗ୍ରୁପ୍ ବି'ରେ ହରିୟାଣା, ରାଜସ୍ଥାନ ଓ ଝାଡ଼ଖଣ୍ଡ ସହିତ ସ୍ଥାନ ପାଇଛି ଓଡ଼ିଶା। ସୋମବାର ଓଡ଼ିଶା ଏହାର ପ୍ରଥମ ଲିଗ୍ ମ୍ୟାଚ୍‌ରେ ହରିୟାଣାକୁ ଭେଟିବ। ଦେବାଶିଷ ଜେନା ଓ ସୁଖରାମ ମାଝୀ ଏହି ଦଳର କୋଚ୍ ରହିଛନ୍ତି। ଟୁର୍ନାମେଣ୍ଟ ପାଇଁ ଦଳକୁ ଶୁଭକାମନା ଜଣାଇଛନ୍ତି କାଭି ଓଡ଼ିଶା ସଭାପତି ଜାଫର ଇକ୍‌ବାଲ।


ଓଡ଼ିଶା ଓପନ୍ ଟ୍ରାପ୍ ଶୁଟିଂ ପ୍ରତିଯୋଗିତାର ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଓଡ଼ିଶା ଓପନ୍ ଟ୍ରାପ୍ ଶୁଟିଂ**

# ରଶ୍ମି, ଅବିନାଶଙ୍କୁ ପ୍ରଥମ ସ୍ଥାନ

**ଭୁବନେଶ୍ୱର,୮।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଚନ୍ଦକା ସ୍ଥିତ ମନୋରମା ପ୍ରପର୍ଟିଜ୍‌ରେ ପ୍ରଥମ ଓଡ଼ିଶା ଓପନ୍ ଟ୍ରାପ୍ ଶୁଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନବନିର୍ମିତ ଟ୍ରାପ୍ ଶୁଟିଂ ରେଞ୍ଜକୁ ସଂଘର ଉପସଭାପତି କଳିକେଶ ନାରାୟଣ ସିଂଦେଓ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ପୁରୁଷ ବିଭାଗରେ ଅବିନାଶ ପଟ୍ଟନାୟକ ଓ ମହିଳା ବିଭାଗରେ ରଶ୍ମି ଭଞ୍ଜ ପ୍ରଥମ ସ୍ଥାନ ହାସଲ କରିଥିଲେ। ପୁରୁଷ ମାଷ୍ଟର୍ସ ବିଭାଗରେ ଦୀପ୍ତିମୟ ପଟ୍ଟନାୟକ ଓ ସିନିୟର ମାଷ୍ଟର୍ସ ବିଭାଗରେ ପ୍ରମୋଦ ଚନ୍ଦ୍ର ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଗ୍ରୁପ ଇଭେଣ୍ଟରେ ଦିଗନ୍ତଜ୍ୟୋତି ପଟ୍ଟନାୟକ, ଦୀପ୍ତିମୟ ପଟ୍ଟନାୟକ ଓ ପ୍ରିୟରଞ୍ଜନ ମହାନ୍ତିଙ୍କ ଯୋଡି ପ୍ରଥମ ସ୍ଥାନ ହାସଲ କରିଥିଲେ।

ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସହ ସମ୍ପାଦକ ବଳଭଦ୍ର ଦାସ, ରାକେଶ ମହାନ୍ତି, ଅବିନାଶ ପଟ୍ଟନାୟକ, ପ୍ରମୋଦ ଚନ୍ଦ୍ର ସାହୁ, ଅନୁପମା ସ୍ୱାଇଁ, ଅବିନାଶ ପୁହିର, ଗୌରୀ ମହାନ୍ତି, ହିମାଂଶୁ ଦାସ, ମିର୍ ଅହମଦ୍ ଅଲୀ, ଆନନ୍ଦ ଜେନା, ସୁଜଲ, ଲଳିତ ସାହୁ, ବିରୁହା ବିହାରୀ ପ୍ରଧାନ ପ୍ରମୁଖ ପୁରସ୍କୃତ କରିଥିଲେ। ମନୋରମା ପ୍ରପର୍ଟିଜ୍‌ରେ ଟ୍ରାପ୍ ଶୁଟିଂ ରେଞ୍ଜ ପାଇଁ ଅନୁମତି ଦେଇଥିବାରୁ ଏହାର ନିର୍ଦ୍ଦେଶକ ସସ୍ମିତ କରଙ୍କୁ ଓଡ଼ିଶା ରାଇଫଲ ସଂଘ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ଆୟୋଜନରେ ସହଯୋଗ ପାଇଁ ରୋମିଓକାନ୍ତ ବଳ ଓ ଲିଟୁ ପଣ୍ଡାଙ୍କୁ ମଧ୍ୟ ସଂଘ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।

# ଡବ୍ଲ୍ୟୁବିଏ ଟାଇଟଲ ବଜାୟ ରଖିଲେ ଡେଭିସ୍

**ୱାଶିଂଟନ, ୮।୧ (ଏପି)**

ଗର୍ଭୋଣ୍ଟା ଡେଭିସ୍ ତାଙ୍କ ଡବ୍ଲ୍ୟୁବିଏ ୱାର୍ଲ୍ଡ ଲାଇଟ୍‌ୱେଟ୍ ଟାଇଟଲ ବଜାୟ ରଖିଛନ୍ତି। ରବିବାର ସକାଳେ ୮ ରାଉଣ୍ଡ ଲଢେଇ ପରେ ଟେକ୍‌ନିକାଲ ନକ୍‌ଆଉଟ୍‌ରେ ସେ ହେକ୍ଟର ଲୁଇସ୍ ଗାର୍ସିଆଙ୍କୁ ପରାସ୍ତ କରିଥିଲେ। ଗାର୍ସିଆଙ୍କର ୧୭ତମ ମୁକାବିଲାରେ ଏହା ପ୍ରଥମ ପରାଜୟ। ଆରମ୍ଭରେ ଗାର୍ସିଆ କଡ଼ା ଟକ୍କର ଦେଇଥିଲେ ହେଁ ୯ ରାଉଣ୍ଡ ବିଶିଷ୍ଟ ଲଢେଇ ଜିତିପାରି ନ ଥିଲେ। ମୁକାବିଲାର ପ୍ରଥମ କେତୋଟି ରାଉଣ୍ଡରେ ଡେଭିସଙ୍କ ପ୍ରଦର୍ଶନ ମନ୍ଥର ରହିଥିଲା। ଏହି ସମୟରେ ସେ ଅଳ୍ପ କେତୋଟି ପଞ୍ଚ ମାରିଥିଲେ। ମାତ୍ର ଚତୁର୍ଥ ରାଉଣ୍ଡରେ ସେ ତାଙ୍କ ଆକ୍ରମଣକୁ ତୀବ୍ରତର କରିଥିଲେ। ଏହା ଦେଖିବା ଲାଗି ସମର୍ଥକମାନେ ଛିଡ଼ା ହୋଇ ପଡ଼ିଥିଲେ। ୮ମ ରାଉଣ୍ଡ ଲଢେଇ ମଧ୍ୟଭାଗରେ ରିଙ୍ଗ୍ ସାଇଡ୍ ଷ୍ଟାଣ୍ଡରେ ବିଶୃଙ୍ଖଳା ଦେଖାଯାଇଥିଲା। ଏହାଦ୍ୱାରା ଡେଭିସ୍ ଓ ଗାର୍ସିଆ ବିଚଳିତ ହୋଇପଡ଼ିଥିଲେ। ଫଳରେ ଲଢ଼େଇକୁ କିଛି ସମୟ ସ୍ଥଗିତ ରଖିବାକୁ ହୋଇଥିଲା। ମ୍ୟାଚ ଶେଷ ବେଲ୍ ବାଜିବା ପର୍ଯ୍ୟନ୍ତ ଡେଭିସ୍ ଯଥେଷ୍ଟ ପଞ୍ଚ ମାରିସାରିଥିଲେ। ତାଙ୍କର ବିଜୟ ଓ ପରାଜୟ ରେକର୍ଡ ବର୍ତ୍ତମାନ ୨୮-୦ରେ ପହଞ୍ଚିଛି। ତନ୍ମଧ୍ୟରେ ତାଙ୍କର ୨୬ଟି ନକ୍‌ଆଉଟ । ବାଲଟିମୋର୍‌ରେ ଜନ୍ମ ଗ୍ରହଣ କରିଥିବା ଏହି ବକ୍ସର ସହରରେ ଦ୍ୱିତୀୟ ଲଢେଇ ଏପ୍ରିଲରେ ର୍‌ୟାନ ଗାର୍ସିଆଙ୍କ ସହ ହେବ। ବର୍ଷର ଏହା ଅନ୍ୟତମ ଶ୍ରେଷ୍ଠ ଲଢେଇ ହେବ ବୋଲି ଆଶା କରାଯାଉଛି।




ଭୁବନେଶ୍ୱର ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଟ୍ରଫି ଓ ପ୍ରମାଣପତ୍ର ପ୍ରଦର୍ଶନ କରୁଛନ୍ତି।

# ଭୁବନେଶ୍ୱର ଓପନ୍ ଚେସ୍: ହର୍ଷିତ ଚାମ୍ପିୟନ

**ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୩୬ତମ ଓପନ୍ ଚେସ୍ ଟୁର୍ନାମେଣ୍ଟ ରବିବାର ଟଙ୍କପାଣି ରୋଡ଼ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ୫.୫ ପଏଣ୍ଟ ପାଇ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ମାନସ ରଞ୍ଜନ ପରିଡ଼ା, ସଞ୍ଜୀବନ ନାୟକ, ରବୀନ୍ଦ୍ର କୁମାର ଓଝା (ସମସ୍ତେ ୫ ପଏଣ୍ଟ), ରାଜେନ୍ଦ୍ର କୁମାର ସାହୁ (୪.୫), ଦେବୀ ପ୍ରସାଦ ନାୟକ, ଆଦିତ୍ୟ ଜେନା, ଅବିନାଶ ବଳିୟାରସିଂ, ଅର୍ନବ ମହାନ୍ତି ଓ ସେକ୍ ସୟଦ (ସମସ୍ତେ ୪ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯେଗୀଙ୍କୁ ଏଜ୍-ଗ୍ରୁପ୍ ଏବଂ ୫ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ୬୧ ବର୍ଷୀୟ ଗଙ୍ଗାଧର ପଣ୍ଡା ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ସିନିୟର ଅନ୍‌କୋଲୋଜିଷ୍ଟ ଅମିତାଭ ଜେନା, ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଚେସ୍ ଆସୋସିଏଶନ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଷ୍ଟ୍ରେଲିଆନ ଓପନରୁ ଓହରିଲେ ଓସାକା

**ମେଲବୋର୍ନ, ୮।୧ (ଏ.ପି.):** ଦୁଇଥର ଚାମ୍ପିୟନ ନାଓମି ଓସାକା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନରେ ଖେଳିବେ ନାହିଁ। ଆୟୋଜକଗଣ ଟୁଇଟ୍ ଜରିଆରେ ଏହା ଅବଗତ କରାଇଛନ୍ତି। ଜାପାନର ଏହି ମହିଳା ଟେନିସ ଖେଳାଳି ପୂର୍ବରୁ ୨୦୧୯ ଓ ୨୦୨୧ରେ ଦୁଇଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ହୋଇଛନ୍ତି। ୨୫ବର୍ଷୀୟା ଓସାକା ର୍‌ୟାଙ୍କିଙ୍ଗ ତାଲିକାର ୪୭ ସ୍ଥାନକୁ ଖସି ଆସିଛନ୍ତି। ଟୋକିଓରେ ଦ୍ୱିତୀୟ ରାଉଣ୍ଡରୁ ଓହରିଯିବା ପରେ ସେପ୍ଟେମ୍ବରରୁ ସେ ଖେଳିନାହାନ୍ତି। ସେହି ଟୁର୍ନାମେଣ୍ଟରେ ଆଣ୍ଠୁରେ ଆଘାତପ୍ରାପ୍ତ ଯୋଗୁ ଅଷ୍ଟ୍ରେଲିଆର ଡାରିଆ ସାଭିଲି ଓହରିଯିବା ପରେ ଓସାକା ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଜିତିଥିଲେ। ମେ ମାସଠାରୁ ଓସାକା ସମ୍ପୂର୍ଣ୍ଣ ହୋଇଥିବା କେବଳ ଗୋଟିଏ ମ୍ୟାଚ୍ ଜିତିପାରିଛନ୍ତି।


**Classified Everyday**
**0674-2580101, 2549949**


REAL ESTATE
**SALE**

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

ଝିଅ ବିଭାଘର ପାଇଁ ଦୁଇପଟେ 30' ଫୁଟ ରୋଡ୍ ଥାଇ ରେତଂଗରେ ୧୦ ଗୁଣ୍ଠ ଜମି ବିକ୍ରିହେବ- (ଗୁଣ୍ଠ- 5,25,000/-). 9938016295. D-74180

କଟକ-ଭୁବନେଶ୍ୱର ରୋଡ୍‌ରୁ 2.5.K.M., ନଖରା ଓ ପାହାଳରୁ 2.5.K.M. ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। 9348152874, 9337317665. D-74179

4 Bhk luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. 2421

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

30ft. road, boundary, gharabari plot sale in Shreekhetra Vihar Phase-3 Pipili Chhaka NH side gated society with electricity, Park, Temple, Drange sqft. 980/-. 8117084862. D-74177

3BHK Flat Sale At Satya Sai Lewis Road Bhubaneswar. Contact - 9114494004, 9040044440. D-2385

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166




Newly open Spa positively health benefit with expert. Contact: 7749976301. D-74505

Relax, Refresh your body, Mind at Saikrupa Spa with best therapies. 8984068077. D-2374

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74623

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
TARIFF
For Booking Contact
0674-2580385

**SSI**
10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗ୍ରହ ବିନାଶକାରୀ ଆଇନ୍‌ଷ୍ଟାଇନ୍


ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଆମେ କିଛି ବର୍ଷ ପୂର୍ବେ ବୈଜ୍ଞାନିକ ମତାନୁସାରେ ଜାଣିଥିଲେ ଯେ, ସୌରମଣ୍ଡଳରେ ନଅଟି ଗ୍ରହ ଅଛି। ତେଣୁ କେହି କେହି ମତପୋଷଣ କଲେ ଯେ, ଏହା ଆମର ପୁରାଣ-ଶାସ୍ତ୍ରମାନଙ୍କରେ ଉଲ୍ଲେଖ ହୋଇଥିବା ନବ-ଗ୍ରହ ଧାରଣାକୁ ପୁଷ୍ଟ କରେ। କିନ୍ତୁ ୨୦୦୬ରେ ଆନ୍ତର୍ଜାତିକ ଜ୍ୟୋତିର୍ବିଜ୍ଞାନୀ ସଂଗଠନ (ଇଣ୍ଟରନ୍ୟାଶନାଲ ଆଷ୍ଟ୍ରୋନୋମିକାଲ ୟୁନିୟନ ଅର୍ଥାତ୍ ଆଇଏୟୁ) ପୂର୍ବରୁ ସ୍ୱୀକୃତ ହୋଇଥିବା ନବମ ଗ୍ରହ ପ୍ଲୁଟୋର ମାନ୍ୟତା ହଟାଇ ଦେଲା। ପୁଣି ଘୋଷଣା କଲା ଯେ, ପ୍ଲୁଟୋ ଗ୍ରହ ପାଇଁ ଉଦ୍ଦିଷ୍ଟ ମାନଦଣ୍ଡ ପୂର୍ଣ୍ଣ କରୁ ନ ଥିବାରୁ ତାକୁ ତଳ ସ୍ତରକୁ ଖସାଇ 'ବାମନ ଗ୍ରହ' ଭାବରେ ପରିଗଣିତ କରାଗଲା। ଫଳରେ ଇରିସ, ସେରେସ, ମାକେମାକେ, ହାଇମିଆ ଭାବେ ନାମିତ ଅନ୍ୟ ଚାରୋଟି ବାମନ ଗ୍ରହ ସହ ଏହାର ନାମ ଯୋଡ଼ି ହୋଇଗଲା।

ତେବେ ଏହା ପ୍ଲୁଟୋ ସୌରପିଣ୍ଡରେ ବାସ୍ତବରେ କିଛି ପରିବର୍ତ୍ତନ କରୁନାହିଁ, ଯଥା- ତାହାର ବସ୍ତୁତ୍ୱ, ଗତିପଥ ଇତ୍ୟାଦି। ତେଣୁ ଏହାକୁ ଗ୍ରହର ବିନାଶ ବା ଧ୍ୱଂସ ଭାବରେ ଧରାଯାଇପାରିବ ନାହିଁ। ବାସ୍ତବରେ ଏହା ପୂର୍ବବତ୍ ସୁରକ୍ଷିତ, ଯଦିଚ ଏହା ଉଚ୍ଚ ପଦବୀ ହରାଇଲା।

ସୌରମଣ୍ଡଳର ଗ୍ରହଗୁଡ଼ିକ ସମ୍ବନ୍ଧରେ ବର୍ତ୍ତମାନର ସ୍ଥିତି ଆମେ ଯେପରି ଜାଣିଛେ ଏହା ପଛରେ ରହିଛି ଅତୀତରେ କେମିତି ଗୋଟିଏ ପରେ ଗୋଟିଏ ଗ୍ରହ ଜ୍ୟୋତିର୍ବିଜ୍ଞାନୀମାନେ ପରୀକ୍ଷାନିରୀକ୍ଷା କରି ଆବିଷ୍କାର କରିଥିଲେ। କଥିତ ଅଛି ଯେ, ସାର୍ ଆଇଜାକ୍ ନିଉଟନ୍(୧୬୪୩-୧୭୨୭)ଙ୍କ ମୁଣ୍ଡ ଉପରେ ଦୈବାତ୍ ଗୋଟିଏ ଆପଲ ପଡ଼ିବା ପରେ ପଦାର୍ଥ ବିଜ୍ଞାନର ଅତ୍ୟନ୍ତ ଉପାଦେୟ 'ମହାକର୍ଷଣ ବଳ' ବିଷୟରେ ସୂତ୍ର ସେ ନିଷ୍ପନ୍ନ କରିଥିଲେ। ଏହି ସୂତ୍ରକୁ ପ୍ରୟୋଗ କରି ସୌରମଣ୍ଡଳର ଗ୍ରହଗୁଡ଼ିକର ଅବସ୍ଥିତି ଓ ସୂର୍ଯ୍ୟ ଚାରିପଟେ ପରିକ୍ରମଣ ସମ୍ବନ୍ଧରେ ତଥ୍ୟ ମିଳିପାରିଥିଲା। ଅବଶ୍ୟ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଏହାର ସତ୍ୟାସତ୍ୟ ପରୀକ୍ଷା କରାଯାଉଥାଏ। ପ୍ରକାଶ ଥାଉ କି, ବିନା ବୈଜ୍ଞାନିକ ଉପକରଣରେ ସୌରମଣ୍ଡଳର ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି ଓ ଶନି ଗ୍ରହ ସମ୍ପର୍କରେ ଲୋକେ ଜାଣିଥିଲେ। ତେବେ ସପ୍ତମ ଗ୍ରହ ୟୁରାନସ୍ ଜର୍ମାନୀରେ ଜନ୍ମିତ ବ୍ରିଟିଶ ଜ୍ୟୋତିର୍ବିଜ୍ଞାନୀ ଉଇଲିୟମ ହେରସ୍କେଲ (୧୭୩୮-୧୮୨୨ ସର୍ବପ୍ରଥମେ ଠାବ କରିଥିଲେ ୧୩ ମାର୍ଚ୍ଚ ୧୭୮୧ରେ। ପ୍ରାୟତଃ ନିଷ୍ପ୍ରଭ ଓ କ୍ଷୁଦ୍ର ୟୁରାନସ ହେଉଛି ପ୍ରଥମ ଗ୍ରହ, ଯାହାର ଆବିଷ୍କାର ପାଇଁ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରାଯାଉଥିଲା। ଅବଶ୍ୟ ନିଉଟନ୍‌ଙ୍କ ସୂତ୍ରରୁ ଏହାର ସ୍ଥିତି ଗାଣିତିକ ହିସାବରେ ପୂର୍ବରୁ ଜଣାପଡୁଥିଲା। ତଥାପି ନିର୍ଭୁଲ ଭାବେ ଏହାର କକ୍ଷରେ ଗତିପଥ ବୁଝାଇ ହେଉ ନ ଥିଲା। ଏପରି କି କେହିକେହି ସନ୍ଦେହ କରୁଥିଲେ ଯେ, ନିଉଟନ୍‌ଙ୍କ ସୂତ୍ର ଠିକ୍ ନୁହେଁ। କିନ୍ତୁ ଫରାସୀ ଗଣିତଜ୍ଞ ଓ ଜ୍ୟୋତିର୍ବିଜ୍ଞାନୀ ଜୋସେଫ ଲି ଭେରିଅର (୧୮୧୧-୧୮୭୭) ନିଉଟନ ଓ କେପଲରଙ୍କ ନିୟମ ପ୍ରୟୋଗ କରିବା ବେଳେ ଢେର ପରିବର୍ତ୍ତନଶୀଳ ପ୍ରାଚଳ (ଭେରିଏବଲ ପାରାମିଟର) ବ୍ୟବହାର କଲେ। ଏହା ଏକ ଅତ୍ୟନ୍ତ ଜଟିଳ ଗାଣିତିକ ହିସାବ। କିନ୍ତୁ ତାଙ୍କ କଠିନ ଅଧ୍ୟବସାୟ ଓ ଏକନିଷ୍ଠ ସାଧନା ଅପ୍ରତ୍ୟାଶିତ ସୁଫଳ ପ୍ରଦାନ କରିଥିଲା। ଭେରିଅର ଜାଣିପାରିଲେ ଯେ, ୟୁରାନ୍‌ସର କକ୍ଷରେ ଯେଉଁ ବିଚ୍ୟୁତି ଦେଖାଯାଇଛି, ତାହା ଏକ ଅନ୍ୟ ବିସ୍ମୃତି ନିକଟସ୍ଥ ଗ୍ରହର ପ୍ରଭାବ। ତେଣୁ ଏହାକୁ ଭିତ୍ତିକରି ସେ ୟୁରାନ୍‌ସ ସମସ୍ୟା ସମାଧାନ କରିବା ସହ ଅଷ୍ଟମ ଗ୍ରହ ନେପଟୁନ୍‌କୁ ସର୍ବ ପ୍ରଥମେ ଚିହ୍ନଟ (୨୩ ସେପ୍ଟେମ୍ବର ୧୮୪୬) କଲେ। ଗାଣିତିକ ହିସାବରେ ଲି ଭେରିଅର ନେପଟୁନର ଆକାଶରେ ସ୍ଥିତି ସମ୍ପର୍କରେ ସ୍ଥାନ ନିରୂପଣ କରି ଏହି ଖବର ଜୋର୍ତିର୍ବିଜ୍ଞାନୀ ଦୋହାନ୍ ଗୋଟଫ୍ରାଏଡ୍ ଗାଲେଙ୍କୁ ଜଣାଇଲେ। ଗାଲେ ବର୍ଲିନ ପର୍ଯ୍ୟବେକ୍ଷଣାଗାରରେ ଫ୍ରାନ୍‌ହୋପର ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ନେପଟୁନ୍‌କୁ ତୁରନ୍ତ ଦେଖିପାରିଲେ। ଯଦିଚ ଏହା ସୂର୍ଯ୍ୟଠାରୁ ବହୁତ ଦୂରରେ ଥିବାରୁ ସହଜେ ଦେଖାଯାଉ ନ ଥିଲା। ପ୍ରକାଶ ଥାଉ କି, ଲିଭି ଭେରିଅରଙ୍କ ଗଣନାଠାରୁ ମାତ୍ର ଏକ ଡିଗ୍ରୀ ଅନ୍ତରରେ ନେପଟୁନ୍ ସେତେବେଳେ ରହିଥିଲା।





"ଦୀର୍ଘ ଦୁଇ ଶତାବ୍ଦୀ ଧରି ନାନା ଚେଷ୍ଟା ସତ୍ତ୍ୱେ ଭଲକାନ୍ ଦୃଷ୍ଟିଗୋଚର ହୋଇପାରିଲା ନାହିଁ। ଫଳରେ ନିଉଟନ୍‌ଙ୍କ ନିୟମର ସଠିକତା ପ୍ରଶ୍ନବାଚୀ ହେଲା। ୧୯୧୫ରେ ଏକ ଯୁଗାନ୍ତକାରୀ ଘଟଣା ଘଟିଲା, ଯେତେବେଳେ ଆଇନଷ୍ଟାଇନ୍ (୧୮୭୯-୧୯୫୫) ବର୍ଲିନସ୍ଥିତ ପ୍ରୁଷିଆନ୍ ଏକାଡେମୀ ଅଫ ସାଇନ୍‌ସେସଠାରେ ବକ୍ତୃତା ପ୍ରଦାନ କଲେ। ସେତେବେଳେ ସେ ସାଧାରଣ ଆପେକ୍ଷିକ ତତ୍ତ୍ୱ ପ୍ରଥମ କରି ଉପସ୍ଥାପନ କଲେ। ସେ ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ବଳର ଧାରଣାକୁ ସମ୍ପୂର୍ଣ୍ଣ ବଦଳାଇ ଦେଲେ। ଏହି ବଳକୁ ସ୍ଥାନ-କାଳ ବକ୍ରତା (ସ୍ପେସ୍ ଟାଇମ୍ କର୍ଭେଚର) ମାଧ୍ୟମରେ ବୁଝାଇଲେ।"

ଏହି ପରୀକ୍ଷଣରୁ ସିଦ୍ଧ ହେଲା ଯେ, ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ନିୟମ ଠିକ୍। ତେବେ ଦୂରବର୍ତ୍ତୀ ୟୁରାନସ, ନେପଟୁନ୍ ପାଇଁ ଏହା ପ୍ରଯୁଜ୍ୟ ହୋଇଥିଲେ ମଧ୍ୟ ବୁଧ ଗ୍ରହ କ୍ଷେତ୍ରରେ ଏକ ଜଟିଳ ସମସ୍ୟା ଦେଖାଦେଲା। କକ୍ଷପଥରେ ଏହାର ଅଗ୍ରଗମନ (ପ୍ରୋସିଜନ୍) ନିଉଟନ୍ ନିୟମ ପାଇଁ ଏକ ବ୍ୟତିକ୍ରମ। ସେତେବେଳେ ପୂର୍ବ ଦୃଷ୍ଟାନ୍ତର ବୈଜ୍ଞାନିକମାନେ ଧରିନେଲେ ଯେ, ୟୁରାନସର କକ୍ଷରେ ଅନିୟମିତତାକୁ ଯେମିତି ନେପଟୁନ ପରି ଏକ ନୂତନ ଗ୍ରହ ଦ୍ୱାରା ବୁଝାଇ ହେଲା, ସେହି ପ୍ରକାରେ ବୁଧର କକ୍ଷରେ ଦେଖାଦେଉଥିବା ଅଗ୍ରଗମନ ସମସ୍ୟା ଏକ ନୂତନ ଗ୍ରହ ଦ୍ୱାରା ସମାହିତ ହୋଇପାରିବ। ଏମିତି ଏକ ଗ୍ରହ ଉପରେ ସେମାନେ କେବଳ ଦୃଢ଼ ଆସ୍ଥା ରଖି ନ ଥିଲେ, ଏହାର ଆଗତୁରା ନାମକରଣ ମଧ୍ୟ କରିଦେଲେ। ଫରାସୀ ପଦାର୍ଥ ବିଜ୍ଞାନୀ, ଗଣିତଜ୍ଞ ଓ ଜ୍ୟୋତିର୍ବିଦ ଜାକସ ବାବିନେଟ (୧୭୯୪-୧୮୭୨) ୧୮୬୪ ମସିହାରେ ଏହାର ନାମ ରଖିଲେ ଭଲକାନ୍। ପ୍ରାଚୀନ ରୋମାନ ସାହିତ୍ୟରେ ଭଲକାନ୍ ହେଉଛି ଆଗ୍ନେୟଗିରି ଓ ଅଗ୍ନି ଦେବତାଙ୍କ ନାମ। ବାବିନେଟଙ୍କ ଅନୁସାରେ ଏହା ଗ୍ରହଶ୍ରେଣୀୟ ତାପଦୀପ୍ତ ମେଘ, ଯାହାକି ସୂର୍ଯ୍ୟର ଅତି ନିକଟରେ ଘୂରୁଛି। ଏହାର ଅସ୍ତିତ୍ୱ ନିର୍ଣ୍ଣୟ କରିବାକୁ ବୈଜ୍ଞାନିକମାନେ ବର୍ଷ ବର୍ଷ ଧରି ପ୍ରଚେଷ୍ଟା କଲେ। ଏପରିକି ୨୯ ଜୁଲାଇ ୧୮୭୮ରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ବେଳେ ଦେଖିବାକୁ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ନିୟୋଜନ କଲେ। କିନ୍ତୁ ନିରାଶ ହେବା ହିଁ ସାର ହେଲା। ସେମାନେ ଚିନ୍ତା କରିଥିଲେ ଯେ ଏହି ଦିନ ସୂର୍ଯ୍ୟାଲୋକ କିଛି ସମୟ ପାଇଁ ଅନୁପସ୍ଥିତ ଥିବା ବେଳେ ଗ୍ରହଟି ଧରା ପଡ଼ିବ।

ଦୀର୍ଘ ଦୁଇ ଶତାବ୍ଦୀ ଧରି ନାନା ଚେଷ୍ଟା ସତ୍ତ୍ୱେ ଭଲକାନ୍ ଦୃଷ୍ଟିଗୋଚର ହୋଇପାରିଲା ନାହିଁ। ଫଳରେ ନିଉଟନ୍‌ଙ୍କ ନିୟମର ସଠିକତା ପ୍ରଶ୍ନବାଚୀ ହେଲା। ୧୯୧୫ରେ ଏକ ଯୁଗାନ୍ତକାରୀ ଘଟଣା ଘଟିଲା, ଯେତେବେଳେ ଆଇନଷ୍ଟାଇନ୍ (୧୮୭୯-୧୯୫୫) ବର୍ଲିନସ୍ଥିତ ପ୍ରୁଷିଆନ୍ ଏକାଡେମୀ ଅଫ ସାଇନ୍‌ସେସଠାରେ ଏକ ବକ୍ତୃତାମାଳା ପ୍ରଦାନ କଲେ। ସେତେବେଳେ ସେ ସାଧାରଣ ଆପେକ୍ଷିକ ତତ୍ତ୍ୱ ପ୍ରଥମ କରି ଉପସ୍ଥାପନ କଲେ। ସେ ନିଉଟନଙ୍କ ମାଧ୍ୟାକର୍ଷଣ ବଳର ଧାରଣାକୁ ସମ୍ପୂର୍ଣ୍ଣ ବଦଳାଇ ଦେଲେ। ଏହି ବଳକୁ ସ୍ଥାନ-କାଳ ବକ୍ରତା (ସ୍ପେସ୍ ଟାଇମ୍ କର୍ଭେଚର) ମାଧ୍ୟମରେ ବୁଝାଇଲେ। ବୁଧର କକ୍ଷରେ ପରିଲକ୍ଷିତ ବ୍ୟତିକ୍ରମ ସୂର୍ଯ୍ୟ ଦ୍ୱାରା ସୃଷ୍ଟ ସ୍ଥାନ-କାଳ ବକ୍ରତାର ଫଳ ବୋଲି ସେ ସିଦ୍ଧ କଲେ। ଫଳରେ ଯେଉଁ ଭଲକାନ୍ ଗ୍ରହ ବୈଜ୍ଞାନିକମାନଙ୍କୁ ବର୍ଷ ବର୍ଷ ଧରି ବ୍ୟସ୍ତ ବିବ୍ରତ କରୁଥିଲା, ତାହା ଅବିଳମ୍ବେ ଅପସରିଗଲା। ଭଲକାନ୍ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଗଲା। ଲୋକେ ବୁଝିପାରିଲେ ଯେ, ଏହା ଏକ କଳ୍ପନାପ୍ରସୂତ ଗୋଟିଏ ଆକାଶ କୁସୁମ ମାତ୍ର।

-ବଡଖେମୁଣ୍ଡି ବଙ୍ଗଳା
ଉତ୍କଳ ଆଶ୍ରମ ରୋଡ୍, ବ୍ରହ୍ମପୁର
ମୋ: ୯୦୭୮୭୪୩୮୪୩



## ହୃଦ୍‌ରୋଗ ଆଶଙ୍କା କମାଏ ଭିଟାମିନ୍ 'ସି'



ଆମ୍ବ, ଅମୃତଭଣ୍ଡା, ସପୁରି, ଷ୍ଟ୍ରବେରି, ତରଭୁଜ, ପୋଇ, କୋବି ଏବଂ ଆଳୁ ଆଦିରେ ଭିଟାମିନ୍ 'ସି' ଭରିରହିଛି। ଏଥିରୁ ପ୍ରସ୍ତୁତ ଖାଦ୍ୟ ହୃଦ୍‌ରୋଗ ଆଶଙ୍କା କେତେକାଂଶରେ ଦୂର କରିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'ଭିଟାମିନ୍-ସି ହୃଦ୍‌ରୋଗ ଆଶଙ୍କାକୁ କେତେ ଦୂର କରିପାରୁଛି ସେ ସମ୍ପର୍କରେ ଅଧିକ ଜାଣିବା ପାଇଁ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏହି ସମୟରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟରେ ଥିବା ଉପକାରୀ ତତ୍ତ୍ୱଗୁଡିକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇଥିଲା। ଏଥିରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଜାଣିପାରିଥିଲେ ଯେ, ଭିଟାମିନ୍ 'ସି'ରେ ଏଭଳି ସ୍ୱାସ୍ଥ୍ୟୋପକାରୀ ଗୁଣ ରହିଛି, ଯାହାଦ୍ୱାରା ହୃଦ୍‌ରୋଗ ଆଶଙ୍କାକୁ କେତେକାଂଶରେ ଦୂର କରିହେବ। ତା'ସହ ଏହି ଭିଟାମିନ୍ ଏକ ଆଣ୍ଟିଅକ୍ସିଡାଣ୍ଟ ପରି କାମ କରିଥାଏ। ଏଥିରୁ ପ୍ରସ୍ତୁତ ଖାଦ୍ୟ ନିୟମିତ ଖାଇବା ଦ୍ୱାରା ଶରୀର ଭିତରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।

## ଜାଣି ରଖନ୍ତୁ



ସକାଳ ଜଳଖିଆ ବା ବ୍ରେକଫାଷ୍ଟରେ ଅନେକ ପ୍ରକାର ଉପକାରୀ ଗୁଣ ଭରିରହିଛି। ତେଣୁ ସକାଳୁ ଏହାକୁ ଖାଇବାକୁ ଭୁଲନ୍ତୁ ନାହିଁ। ପ୍ରତିଦିନ କେତେବେଳେ ବ୍ରେକଫାଷ୍ଟ ଖାଇବେ ତାହା ନିର୍ଦ୍ଧାରଣ କରନ୍ତୁ। ଏହି ତାଲିକାରେ ଜୁସ୍ ସାମିଲ କରନ୍ତୁ। କାରଣ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ଶରୀରରେ କ୍ୟାଲୋରି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ତା'ସହ ତଟକା ଫଳମୂଳ ମଧ୍ୟ ଖାଆନ୍ତୁ। ସବୁଠାରୁ ଖାସ୍ କଥା ହେଲା, ବ୍ରେକଫାଷ୍ଟରେ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। ଏହି ଖାଦ୍ୟ ତାଲିକାରେ ଫଳମୂଳ, ଜୁସ୍ ବ୍ୟତୀତ ବ୍ରେଡ୍, ବିସ୍କୁଟ ସାମିଲ କରନ୍ତୁ। ସବୁବେଳେ ବ୍ରେକଫାଷ୍ଟରେ ହାଲୁକା ଖାଦ୍ୟ ଖାଆନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯାହାଦ୍ୱାରା ଆଳସ୍ୟ ଲାଗିବ। ଏହା ହେଉଛି ଦିନର ପ୍ରଥମ ଖାଦ୍ୟ। ତେଣୁ ଏପରି ଖାଦ୍ୟ ଖାଆନ୍ତୁ, ଯହାଦ୍ୱାରା ମନ ପ୍ରଫୁଲ୍ଲ ରହିବ। ଯଦି ପ୍ରତିଦିନ ବ୍ୟାୟାମ କରୁଛନ୍ତି ତେବେ ଏହା ଶେଷ ହେବାର କିଛି ସମୟ ପରେ ବ୍ରେକଫାଷ୍ଟ କରନ୍ତୁ।

## ରୋଗ ଚିହ୍ନଟର ନୂଆ ଉପାୟ



ଆଜିକାଲି ଚିକିତ୍ସା ବିଜ୍ଞାନ ଅନେକ ଉନ୍ନତି କଲାଣି। କେତେକ ଗୁରୁତର ରୋଗର ସହଜରେ ଚିକିତ୍ସା କରାଯାଇପାରୁଛି। ହେଲେ ମହୁମାଛି ଦ୍ୱାରା ରୋଗ ବିଷୟରେ କ'ଣ ଜାଣିହେବ? ଏଭଳି କଥା ଉପରେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ପର୍ତ୍ତୁଗାଲର ବିଶେଷଜ୍ଞମାନେ। ସେମାନେ ନିକଟରେ କରିଥିବା ଏକ ଗବେଷଣାରୁ ଏକଥା ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ମହୁମାଛିମାନଙ୍କର ଘ୍ରାଣ ଶକ୍ତି ବେଶ୍ ପ୍ରଖର। ଏହାଦ୍ୱାରା ସେମାନେ କେତେକ ରୋଗ ବିଷୟରେ ସୂଚନା ଦେଇପାରିବେ। ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଉଚ୍ଚ ଶକ୍ତିସମ୍ପନ୍ନ ଡିଭାଇସ୍‌କୁ ମହୁମାଛି ଶରୀରରେ ସଂଯୋଗ କରାଯାଇଥାଏ। ମନୁଷ୍ୟର ଶ୍ୱାସକ୍ରିୟାକୁ ଶୁଙ୍ଘିବା ପରେ ସେଥିରେ ଥିବା ତତ୍ତ୍ୱ ଡିଭାଇସ୍‌ରେ ରେକର୍ଡ ହୋଇଥାଏ। ତା'ପରେ ଉକ୍ତ ଡିଭାଇସ୍‌କୁ ତର୍ଜମା କରି ରୋଗ ବିଷୟରେ ସୂଚନା ଦେଇହେବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି ଏବଂ ଏଥିପାଇଁ ଚଷମା ବ୍ୟବହାର କରୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ଦୃଷ୍ଟି ଶକ୍ତି ପରୀକ୍ଷା କରାଇ ନିଅନ୍ତୁ।
- କୌଣସି ରୋଗ ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରିବା ସମୟରେ ତାଙ୍କୁ ସବିଶେଷ ତଥ୍ୟ ଦିଅନ୍ତୁ। କାରଣ ସେହି ତଥ୍ୟଗୁଡ଼ିକୁ ଆଧାର କରି ସେ ରୋଗର ଉପଚାର ବିଷୟରେ ପରାମର୍ଶ ଦେବା ସହ ଔଷଧ ଲେଖିଥାଆନ୍ତି।
- ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ଆପଣଙ୍କ ପାଚନ କ୍ରିୟାକୁ ପ୍ରଭାବିତ କରିବ।
- କୌଣସି କାମ କରିବା ସମୟରେ ନିଜକୁ ଚାପମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ସେହି କାମଟିକୁ ସହଜରେ ସମ୍ପାଦନ କରିପାରିବେ।
- ରାତିରେ ଗରିଷ୍ଠ ଖାଦ୍ୟ ନ ଖାଇବା ଭଲ। କାରଣ ଏହା ହଜମ ହେବାରେ ବିଳମ୍ବ ହୋଇଥାଏ। ତା'ସହ ଏଥିଯୋଗୁ ନିଦ୍ରା ପ୍ରଭାବିତ ହେବାର ଆଶଙ୍କା ରହିଛି।
- ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। କାରଣ ଏହା ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ।
- ଖାଦ୍ୟ ଖାଉଥିବା ସମୟରେ ପାଣି ନ ପିଇବା ଭଲ। କାରଣ ଏହାଦ୍ୱାରା ହଜମ କ୍ରିୟା ପ୍ରଭାବିତ ହୋଇଥାଏ।



# ପୁରୁଷ ଶୁକ୍ରାଣୁ ହ୍ରାସର କାରଣ, ଉପଚାର


ଡା. ସୁଜାତା କର

ଆଜିକାଲି ଅନେକ ଦମ୍ପତି ସନ୍ତାନ ଲାଭ ପାଇଁ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ବନ୍ଧ୍ୟାକରଣ ଏକ ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟାରେ ପରିଣତ ହୋଇଛି। ଲକ୍ଷ ଲକ୍ଷ ଦମ୍ପତି ବନ୍ଧ୍ୟାତ୍ୱର ଶିକାର ହେଉଛନ୍ତି। ଦାମ୍ପତ୍ୟ ଜୀବନରେ କେବଳ ମହିଳା ନୁହନ୍ତି ଲକ୍ଷ ଲକ୍ଷ ପୁରୁଷ ମଧ୍ୟ ଏହି ବନ୍ଧ୍ୟାତ୍ୱର ଶିକାର ହୋଇଥାନ୍ତି ବୋଲି ଜଣାପଡ଼ିଛି।

ହ୍ୟୁମାନ ରିପ୍ରଡକ୍ସନ ଅପ୍‌ଡେଟ୍ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ବିଶ୍ୱରେ ପୁରୁଷଙ୍କ ଶୁକ୍ରାଣୁ ସଂଖ୍ୟାରେ ୫୦ ପ୍ରତିଶତ ହ୍ରାସ ଘଟିଛି, ଯେଉଁଥିରେ ଭାରତୀୟ ପୁରୁଷମାନଙ୍କ ମଧ୍ୟରେ ଅଧିକ ବନ୍ଧ୍ୟାତ୍ୱ ରହିଛି। ଶୁକ୍ରାଣୁ ସଂଖ୍ୟା ହ୍ରାସ ହେବା କିଛି ନୂଆ ନୁହେଁ। ଆମେ ଦୀର୍ଘ ଦଶନ୍ଧି ଧରି ଏହି ହ୍ରାସର ସାକ୍ଷୀ ରହିଛୁ ଏବଂ ବର୍ତ୍ତମାନର ତଥ୍ୟ ଅନୁଯାୟୀ ପୁରୁଷ ପ୍ରଜନନ ସମସ୍ୟା ପ୍ରସଙ୍ଗକୁ ମଧ୍ୟ ସମାନ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି।

ଏହି ଶୁକ୍ରାଣୁ ସଂଖ୍ୟା ହ୍ରାସ ପାଇବା ପଛରେ କିଛି କାରଣ ମଧ୍ୟ ରହିଛି, ଯଥା- ନିଜ ପସନ୍ଦର ଜୀବନଶୈଳୀ ଏବଂ ପରିବେଶରେ ଥିବା ରାସାୟନିକ ପଦାର୍ଥ। ନିଜ ପସନ୍ଦର ଜୀବନଶୈଳୀ- ଅନୁପଯୁକ୍ତ ଖାଦ୍ୟ, ଠିକ୍ ସମୟରେ ନ ଶୋଇବା, ଧୂମପାନ, ମଦ୍ୟପାନ କିମ୍ବା ଡ୍ରଗ୍ସ ସେବନ, ବାୟୁରେ ଥିବା ବିଷାକ୍ତ ଗ୍ୟାସ୍, ମୋବାଇଲ୍ ଓ ଲାପ୍‌ଟପ୍‌ର ରଶ୍ମି, ପ୍ଲାଷ୍ଟିକ୍ ପଦାର୍ଥ କିମ୍ବା ଆମ ଖାଦ୍ୟରେ ଥିବା କୀଟନାଶକ ବ୍ୟତୀତ ପରିବେଶରେ ଥିବା ରାସାୟନିକ ପଦାର୍ଥର ଏହି ପରିସର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ବର୍ତ୍ତମାନ ସମୟରେ କୃତ୍ରିମ ଭାବରେ ମାଂସପେଶୀକୁ ବଢ଼ାଇବା ପାଇଁ ନିଆଯାଉଥିବା ଆନାବୋଲିକ୍ ଷ୍ଟେରଏଡ୍ ଦ୍ୱାରା ମଧ୍ୟ ଶୁକ୍ରାଣୁ ସଂଖ୍ୟାରେ ହ୍ରାସ ଘଟିଥାଏ।

ବର୍ତ୍ତମାନ ସମୟରେ ଯୁବକମାନେ ଶରୀରର ମାଂସପେଶୀକୁ ବଢ଼ାଇବା ପାଇଁ ଆନାବୋଲିକ୍ ଷ୍ଟେରଏଡ୍ ପରି ପରିପୂରକ ପନ୍ଥା ଗ୍ରହଣ କରୁଛନ୍ତି। ଆନାବୋଲିକ୍ ଷ୍ଟେରଏଡ୍‌ଗୁଡ଼ିକ ହେଉଛି କୃତ୍ରିମ ଭାବରେ ପ୍ରସ୍ତୁତ ହରମୋନ୍, ଯାହା ଶରୀରରେ ପ୍ରାକୃତିକ ପୁରୁଷ ହରମୋନ୍ ଟେଷ୍ଟୋଷ୍ଟେରନ୍ (ଶୁକ୍ରାଣୁ ଉତ୍ପାଦନ ପାଇଁ ଆବଶ୍ୟକ) ପରି କାର୍ଯ୍ୟ କରିଥାଏ। ସିନ୍ଥେଟିକ୍ ଟେଷ୍ଟୋଷ୍ଟେରନ୍ (ଆନାବୋଲିକ୍ ଷ୍ଟେରଏଡ୍) ନେବା ଦ୍ୱାରା ମସ୍ତିଷ୍କ ଶରୀରରେ ଯଥେଷ୍ଟ ପରିମାଣର ଟେଷ୍ଟୋଷ୍ଟେରନ୍ ତଥା ଶୁକ୍ରାଣୁର ପ୍ରାକୃତିକ ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ସଙ୍କେତକୁ ବନ୍ଦ କରିଦିଏ। ତେଣୁ ଏହା କମ୍ ଏବଂ କେତେକଙ୍କ କ୍ଷେତ୍ରରେ ଶୁକ୍ରାଣୁ ସଂଖ୍ୟା ଶୂନ୍ୟ ମଧ୍ୟ କରାଇଥାଏ। ଯଦିଓ ଅନେକ କ୍ଷେତ୍ରରେ ଷ୍ଟେରଏଡ୍ ନେବା ବନ୍ଦ କରିବା ପରେ ୭ ରୁ ୧୨ ମାସ ମଧ୍ୟରେ ପୁଣି ଶୁକ୍ରାଣୁ ଉତ୍ପାଦନ ହୋଇଥାଏ, କିନ୍ତୁ ବେଳେବେଳେ ଏହାର ଅଧିକ ପ୍ରଭାବ ଯୋଗୁ ଶୁକ୍ରାଣୁ ଉତ୍ପାଦନ କ୍ଷମତା ହରାଇବା ସହ ବନ୍ଧ୍ୟାତ୍ୱ ମଧ୍ୟ ହୋଇଥାଏ। ସେହିଭଳି ବର୍ତ୍ତମାନ ଜୀବନଶୈଳୀରେ ବ୍ୟବହୃତ ପ୍ଲାଷ୍ଟିକ୍ ପାଣିବୋତଲ ଓ ଖାଦ୍ୟ ପାତ୍ରରେ ଥିବା ପ୍ଲାଷ୍ଟିସାଇଜର୍ ଟେଷ୍ଟୋଷ୍ଟେରନ୍ ଏବଂ ଶୁକ୍ରାଣୁ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ହର୍ବିସାଇଡ୍ ଏବଂ ପେଷ୍ଟିସାଇଡ୍‌ରେ ଜୈବ ସିନ୍ଥେଟିକ୍ ଅଧିକ ମାତ୍ରାରେ ଥାଏ ଏବଂ ଏଥିରେ ଥିବା ଫସ୍‌ଫରସ୍ ପୁରୁଷମାନଙ୍କ ଶୁକ୍ରାଣୁ ସଂଖ୍ୟାକୁ କମାଇଥାଏ। ବାୟୁ ପ୍ରଦୂଷଣ, ସଲ୍‌ଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ଅନ୍ୟାନ୍ୟ ଯୌଗିକ ପଦାର୍ଥ ଶୁକ୍ରାଣୁର ଗୁଣବତ୍ତା କମାଇଥାଏ। ଖାଦ୍ୟ, ଜଳ ଏବଂ କସ୍‌ମେଟିକ୍‌ରେ ଥିବା କାଡ୍‌ମିୟମ, ସୀସା ଏବଂ ଆର୍ସେନିକ୍ ଭଳି ଧାତୁ ମଧ୍ୟ ଶରୀରର ଶୁକ୍ରାଣୁକୁ କ୍ଷତି ପହଞ୍ଚାଇଥାଏ।



ଠିକ୍ ଜୀବନଶୈଳୀ ଆପଣେଇବା ଦ୍ୱାରା ଶରୀରରେ ସୁସ୍ଥ ଶୁକ୍ରାଣୁ ହୋଇପାରିବ। ଜୀବନଶୈଳୀରେ ଟିକିଏ ପରିବର୍ତ୍ତନ ଯେପରିକି ଜଙ୍କ୍‌ଫୁଡ୍, ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା, ଠିକ୍ ସମୟରେ ବିଶ୍ରାମ ନେବା, କମ୍ ଚିନ୍ତା କରିବା ଏବଂ ନିୟମିତ ବ୍ୟାୟାମ କରିବା ଦ୍ୱାରା ଜଣଙ୍କ ଶୁକ୍ରାଣୁର ସଂଖ୍ୟା ତଥା ଗୁଣରେ ଉନ୍ନତି ହୋଇଥାଏ। ଆହୁରି ମଧ୍ୟ ପ୍ଲାଷ୍ଟିକ୍ ବ୍ୟବହାରକୁ କମ୍ କରିବା, ଜୈବିକ ଖାଦ୍ୟ ପଦାର୍ଥ ଖାଇବା, ଫୋନ୍ ଏବଂ ଲାପ୍‌ଟପ୍ ବ୍ୟବହାର କମ୍ କରିବା, ବାହାରକୁ ଯିବା ସମୟରେ ମାସ୍କ ବ୍ୟବହାର କରିବା ଦ୍ୱାରା ପୁରୁଷମାନଙ୍କ ବନ୍ଧ୍ୟାତ୍ୱକୁ ରୋକାଯାଇପାରିବ। ଶୁକ୍ରାଣୁ ସଂଖ୍ୟା ହ୍ରାସ ଲକ୍ଷଣକୁ ଏଡ଼ାଇବା ଉଚିତ୍ ନୁହେଁ। ଯଦି ଯୌନ କାର୍ଯ୍ୟରେ ସମସ୍ୟା ଭଳି ଲକ୍ଷଣ ଯେପରିକି ଯୌନ କାର୍ଯ୍ୟରେ ଇଚ୍ଛା କମିଯିବା, ଯୌନ ଅକ୍ଷମତା, ଯୌନାଙ୍ଗରେ ଯନ୍ତ୍ରଣା ହେବା କିମ୍ବା ଫୁଲିବା, ମୁହଁ କିମ୍ବା ଶରୀରରେ କେଶ ହ୍ରାସ ପାଇବା ଏବଂ କ୍ରୋମୋଜୋମ୍ କିମ୍ବା ହରମୋନ୍‌ର ଅନ୍ୟାନ୍ୟ ଅସ୍ୱାଭାବିକ ଲକ୍ଷଣ ଦେଖାଯାଉଛି ତେବେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଉଚିତ।

-ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞା,
କର କ୍ଲିନିକ ଆଇଭିଏଫ ସେଣ୍ଟର,
ଏ-୩୨, ୟୁନିଟ୍-୪, ଭୁବନେଶ୍ୱର
ମୋ: ୯୪୩୮୪୮୮୧୧୧

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୯/୨୦୨୩ Bhubaneswar, Monday, January 9/ 2023




ହକି ବିଶ୍ୱକପ ଖେଳିବା ପାଇଁ ରବିବାର ରାଉରକେଲାରେ ପହଞ୍ଚିଥିବା ସ୍ପେନ୍ ଓ ୱେଲ୍ସ ଦଳ।

# ଭାରତୀୟ ଦର୍ଶକଙ୍କ ସମ୍ମୁଖରେ ଖେଳିବାରେ ରୋମାଞ୍ଚ ରହିଥାଏ

ଭୁବନେଶ୍ୱର, ୮।୧
(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ ଖେଳିବା ପାଇଁ ରବିବାର ଭୁବନେଶ୍ୱରରେ ପହଞ୍ଚିଥିବା ଦକ୍ଷିଣ କୋରିଆ ଦଳ ସକାରାତ୍ମକ ଫଳାଫଳକୁ ନେଇ ବେଶ୍ ଆଶାବାଦୀ ଅଛି। ପୁଲ୍ 'ବି'ରେ ଏହି ଦଳ ବେଲଜିୟମ, ଜାପାନ ଓ ଜର୍ମାନୀ ସହିତ ସ୍ଥାନ ପାଇଛି। ଗତଥରର ଚାମ୍ପିୟନ ବେଲଜିୟମ ବିପକ୍ଷରେ ୧୪ ତାରିଖରେ ମ୍ୟାଚ ଖେଳି ଏହି ଦଳ ଅଭିଯାନ ଆରମ୍ଭ କରିବ। ଏହାପରେ ୧୭ରେ ଜାପାନକୁ ଭେଟିବ। ଏହି ଦୁଇଟି ମ୍ୟାଚ ଭୁବନେଶ୍ୱରରେ ଖେଳିବାପରେ ଦଳ ରାଉରକେଲା ଯାଇ ୨୦ ତାରିଖରେ ଜର୍ମାନୀ ବିପକ୍ଷରେ ମ୍ୟାଚ ଖେଳିବ। କୋରିଆ ଦଳ ସମ୍ପ୍ରତି ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧୦ମ ସ୍ଥାନରେ ରହିଛି। ''ଆମେ ଭାରତରେ ଅନେକ ମ୍ୟାଚ ଖେଳି ସାରିଛୁ। ଆଗାମୀ ବିଶ୍ୱକପରେ ଅଭିଯାନ ଆରମ୍ଭ କରିବାକୁ ବ୍ୟଗ୍ରତାର ସହ ଅପେକ୍ଷା କରି ରହିଛୁ। ଆମେ ଏଠାକୁ ଆସି ବହୁତ ଖୁସି ଅଛୁ। କାରଣ ଏଠରେ ବହୁ ଦର୍ଶକଙ୍କ ସମ୍ମୁଖରେ ଖେଳିବାରେ ରୋମାଞ୍ଚ ରହିଥାଏ। ଟୁର୍ନାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ଅଂଶଗ୍ରହଣ କରୁଛନ୍ତି। ଆମେ ସେମାନଙ୍କ ବିପକ୍ଷରେ ଖେଳି ଭଲ ଫଳାଫଳ ପାଇବାକୁ ଆଶା ରଖିଛୁ'' ବୋଲି ମୁଖ୍ୟ କୋଚ୍ ଶିନ୍ ସିଓକ କ୍ୟୋ ପ୍ରକାଶ କରିଛନ୍ତି। ଆମ ଗ୍ରୁପ୍‌ରେ ବେଲଜିୟମ ଓ ଜର୍ମାନୀ ପରି ଦଳ ରହିଥିବାରୁ ମୁକାବିଲା ନିଶ୍ଚିତ କଷ୍ଟସାଧ୍ୟ ହେବ। ତେବେ ଆମେ ନିଜ ଉପରେ ଭରସା ରଖୁ ଏବଂ ଆଗାମୀ ଟୁର୍ନାମେଣ୍ଟରେ ଶତପ୍ରତିଶତ ଦେଇ ମ୍ୟାଚ ଜିତିବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। କୋରିଆ ଅଧିନାୟକ ଲୀ ନାମ୍‌ୟଙ୍ଗ୍ ମଧ୍ୟ କୋଚ୍‌ଙ୍କ ସହ ଏକମତ ହୋଇଛନ୍ତି। ଆମ ଦଳରେ ଅନେକ ଅଭିଜ୍ଞ ଖେଳାଳି ଅଛନ୍ତି। ନିଜ ଦକ୍ଷତା ଅନୁସାରେ ଆମେ ଖେଳିବୁ। ଖେଳାଳିମାନେ ଟୁର୍ନାମେଣ୍ଟ ଆରମ୍ଭକୁ ଆଗ୍ରହର ସହ ଅପେକ୍ଷା କରିଛନ୍ତି। ବେଲଜିୟମ ବିପକ୍ଷ ପ୍ରଥମ ମ୍ୟାଚ କୋରିଆ ପାଇଁ ପରୀକ୍ଷା ସଦୃଶ ହେବ ବୋଲି ସେ ପ୍ରକାଶ କରିଛନ୍ତି।



ଦକ୍ଷିଣ କୋରିଆ କୋଚ୍ ଶିନ୍ ସିଓକ କ୍ୟୋ ଓ ଲୀ ନାମ୍‌ୟଙ୍ଗ୍।

# 'ଭାରତ ବିପକ୍ଷ ମ୍ୟାଚ୍ ଚ୍ୟାଲେଞ୍ଜିପୂର୍ଣ୍ଣ'

## ସ୍ପେନ୍, ୱେଲ୍ସ, କୋରିଆ ପହଞ୍ଚିଲା

ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି)/ ରାଉରକେଲା ଅଫିସ, ୮।୧

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ହେବାକୁଥିବା ହକି ବିଶ୍ୱକପ୍ ପାଇଁ ଦଳଗୁଡ଼ିକର ଆସିବା ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ରବିବାର ସ୍ପେନ୍ ଓ ୱେଲ୍ସ ଦଳ ଭୁବନେଶ୍ୱର ବାଟଦେଇ ଚାର୍ଟର ବିମାନରେ ରାଉରକେଲାରେ ପହଞ୍ଚିଛନ୍ତି। ଦକ୍ଷିଣ କୋରିଆ ଦଳ ମଧ୍ୟ ଭୁବନେଶ୍ୱରରେ ପହଞ୍ଚିଛି। ଉଭୟ ସ୍ପେନ୍ ଓ ୱେଲ୍ସ ଭାରତ ସାମିଲ ଥିବା ଗ୍ରୁପ୍ 'ଡି'ରେ ରହିଛନ୍ତି। ଭାରତ ଏହାର ପ୍ରଥମ ମ୍ୟାଚ୍ ୧୩ ତାରିଖରେ ସ୍ପେନ୍ ବିପକ୍ଷରେ ଖେଳିବ। ସ୍ପେନ୍ ଅଧିନାୟକ ଆଲ୍‌ଭାରୋ ଇଗ୍‌ଲେସିଆସ ଏହାକୁ ବିଶ୍ୱର ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀ ଦଳ ପାଇଁ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ ବୋଲି ବର୍ଣ୍ଣନା କରିଛନ୍ତି। ''ଆମେ ଭଲଭାବେ ପ୍ରସ୍ତୁତି କରି ଏଠାକୁ ଆସିଛୁ। ସାଥିହୋଇ ଆମେ ଦୀର୍ଘଦିନ ଅଭ୍ୟାସ କରିଥିବାରୁ ମ୍ୟାଚ୍ ଆରମ୍ଭର ମୁହୂର୍ତ୍ତକୁ ଅପେକ୍ଷା କରିଛୁ। ଭାରତ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବା ନିଶ୍ଚିତ ଚ୍ୟାଲେଞ୍ଜପୂର୍ଣ୍ଣ'' ବୋଲି ଇଗ୍‌ଲେସିଆସ କହିଛନ୍ତି। ରାଉରକେଲାର ଷ୍ଟାଡିୟମ ବଡ଼। ସେଠାରେ ଷ୍ଟାଡିୟମଭରା ଦର୍ଶକ ଉପସ୍ଥିତ ଥିବେ। ଏଭଳି ସ୍ଥିତିରେ ସାଥୀ ଖେଳାଳି ଏବଂ ରେଫରିଙ୍କ କଥା ଶୁଣିବାରେ ଅସୁବିଧା ହୋଇପାରେ। ମାତ୍ର ଏଭଳି ପରିବେଶରେ ଖେଳିବାକୁ ଆଗ୍ରହର ସହ ଅପେକ୍ଷା କରିଛୁ ବୋଲି ସେ କହିଛନ୍ତି। ସ୍ପେନ୍ କୋଚ୍ ମ୍ୟାକ୍ସ କାଲଡାସ ମଧ୍ୟ ଦଳର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। ସ୍ପେନ୍ ଦଳ ନିକଟରେ ଭାରତ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମ୍ୟାଚ୍ ଭୁବନେଶ୍ୱରରେ ଖେଳିଥିଲା। ପ୍ରୋ-ଲିଗ୍‌ରେ ଖେଳିବା ଦ୍ୱାରା ଦଳର ପ୍ରଦର୍ଶନରେ ଉନ୍ନତି ଆସିଥିବା କାଲଡାସ ସ୍ୱୀକାର କରିଛନ୍ତି। ''ଭାରତକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରିବା ଆମ ପାଇଁ ସମ୍ମାନ ସଦୃଶ। ଏବେ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ହେଉଛୁ। କୌଣସି ସ୍ଥାନରେ ଅଧିକ ମ୍ୟାଚ ଖେଳିଲେ ସହଜ ଅନୁଭବ ହୋଇଥାଏ। ଆମେ ଭାରତକୁ ଆସି ସେଭଳି ଅନୁଭବ କରୁଛୁ। କରୋନା ମହାମାରୀ ପାଇଁ ଖେଳାଳିମାନେ ବହୁ ଦର୍ଶକଙ୍କ ସମାଗମରେ ଖେଳିପାରି ନ ଥିଲେ। ତେଣୁ ରାଉରକେଲାରେ ମ୍ୟାଚ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ'' ବୋଲି ସେ କହିଛନ୍ତି।




## ବିପର୍ଯ୍ୟୟ ସୃଷ୍ଟି ଲକ୍ଷ୍ୟରେ ୱେଲ୍ସ

ୱେଲ୍ସ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ନିମ୍ନରେ ଥିଲେ ହେଁ କୋଚ୍ ନ୍ୟୁକମ୍ବ ପ୍ରତିପକ୍ଷ ଦଳଗୁଡ଼ିକୁ ଚେତାବନୀ ଦେଇଛନ୍ତି। ଏପରି କି ଦଳ ବିପର୍ଯ୍ୟୟ ସୃଷ୍ଟି କରିବାକୁ ପ୍ରସ୍ତୁତ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ''ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧୫ତମ ସ୍ଥାନରେ ଥିଲେ ମଧ୍ୟ କେହି ଆମକୁ ହେୟ ମନେ କରିବା ଉଚିତ ନୁହେଁ। ଆମେ ଭାରତ, ଇଂଲଣ୍ଡ ଓ ସ୍ପେନ୍ ଆଦି ୩ ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବାକୁ ଯାଉଛୁ। ମାତ୍ର ମନେରଖିବାକୁ ହେବ ଯେ ଆମେ ଏଠାକୁ ବିପର୍ଯ୍ୟୟ ସୃଷ୍ଟି କରିବାକୁ ଆସିଛୁ। ଏଠାରେ ମ୍ୟାଚ୍ ଜିତିବା ଲକ୍ଷ୍ୟରେ ରହିଛୁ। କେହି ଆମକୁ ହେୟ ମନେକରୁଥିବେ ବୋଲି ଭାବିପାରୁନି'' ବୋଲି ନ୍ୟୁକମ୍ବ ପ୍ରକାଶ କରିଛନ୍ତି। ରାଉରକେଲା ପରିବେଶରେ ଖେଳିବାରେ ତାଙ୍କର କିଛି ଅସୁବିଧା ହେବନାହିଁ ବୋଲି ସେ ଅନୁଭବ କରୁଛନ୍ତି। ''ଏବେ ଏଠାରେ ଗରମ ପରିବେଶ ନାହିଁ। ଆମେ ମାଲେସିଆରେ ଖେଳିଛୁ। ସେଠାକାର ପରିବେଶ ଉଷ୍ମ। ଆମେ ଭାରତରେ ମଧ୍ୟ ଗ୍ରୀଷ୍ମଋତୁରେ ଖେଳିଛୁ। ତେଣୁ କିଛି ଅସୁବିଧା ହେବନାହିଁ। ଏବେ ୱେଲ୍ସ ପରି ଏଠାରେ ଥଣ୍ଡା ପରିବେଶ ରହିଛି। ତେଣୁ ଆମେ ଖେଳିବାକୁ ପ୍ରସ୍ତୁତ'' ବୋଲି ସେ କହିଛନ୍ତି। ରାଉରକେଲାରେ ୨୦,୦୦୦ ଦର୍ଶକଙ୍କ ସମ୍ମୁଖରେ ଖେଳିବା ନିଶ୍ଚିତ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ତେବେ ପ୍ରଦର୍ଶନ ଦ୍ୱାରା ସେମାନେ ଦର୍ଶକଙ୍କ ମନୋରଞ୍ଜନ କରିପାରିବେ ବୋଲି ୱେଲ୍ସ ଅଧିନାୟକ ରୁପେର୍ଟ ଶିପେର୍ଲି ପ୍ରକାଶ କରିଛନ୍ତି। ଭାରତ ବିପକ୍ଷରେ ୱେଲ୍ସ ଏହାର ଗ୍ରୁପ୍ ମ୍ୟାଚ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳିବ। ତେଣୁ ରାଉରକେଲାରେ ଅନ୍ୟ ଦଳ ବିପକ୍ଷରେ ଖେଳିବାବେଳେ ଆମ ଦଳକୁ କିଛି ଦର୍ଶକଙ୍କ ସମର୍ଥନ ମିଳିବ ବୋଲି ଶିପେର୍ଲି ଆଶା ପ୍ରକାଶ କରିଛନ୍ତି।

# ଅନୁଗୋଳକୁ ହରାଇ ମୁକ୍ତେଶ୍ୱର ସେମିରେ



ମୁଖ୍ୟ ଅତିଥି ତଥାଗତ ସତପଥୀ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

## ସୁବାସ ମେମୋରିଆଲ କ୍ରିକେଟ୍ ଉଦ୍‌ଘାଟିତ

ଢେଙ୍କାନାଳ ଅଫିସ,୮।୧

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଡ଼ାପଡ଼ା ଗ୍ରାମସ୍ଥିତ ମା' ଅନ୍ଧାରି କ୍ରିକେଟ୍ କ୍ଲବ ପକ୍ଷରୁ ୧୨ତମ ସୁବାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷା ରୀନା ବେହେରା, ସାମାଜିକ କର୍ମୀ ତପନ ପରିଡ଼ା, ପ୍ରଶାନ୍ତ କୁମାର ସର, ରସାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଅନୁଗୋଳର ମା' ବୁଢ଼ୀ କ୍ଲବକୁ ୨୯ ରନ୍‌ରେ ହରାଇ ଭୁବନେଶ୍ୱର ମୁକ୍ତେଶ୍ୱର କ୍ଲବ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ମୁକ୍ତେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୫ ରନ୍ ସଂଗ୍ରହ କରିଥିଲା। ପ୍ରତୀକ ଦାସ ୨୯ ବଲ୍‌ରେ ୩୧ ରନ୍ କରିଥିଲେ। ଜବାବରେ ଅନୁଗୋଳ ୧୨ ଓଭରରେ ୧୧୬ ରନ୍ କରି ପରାସ୍ତ ହୋଇଥିଲା। ଚିନ୍ମୟ ସାହୁ ୨୫ଟି ବଲ୍‌ରୁ ୫୯ ରନ୍ କରିଥିଲେ ମଧ୍ୟ ତାହା ଯଥେଷ୍ଟ ହୋଇ ନ ଥିଲା। ବିଜୟୀ ମୁକ୍ତେଶ୍ୱର ଦଳର ଶୁଭମଶ୍ରୀ ବେହେରା 'ଅଫ୍ ଦି ମ୍ୟାଚ' ବିବେଚିତ ହୋଇଥିଲେ। ଅମ୍ପାୟର ସୋମନାଥ ସେଠୀ, ସଞ୍ଜୟ ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ନିଶିକାନ୍ତ ବେହେରା, ପ୍ରିୟରଞ୍ଜନ ସାମଲ, ଶୁଭମ୍ ସାମଲ ସ୍କୋରର ରହିଥିବାବେଳେ ସନ୍ଦୀପ ପଣ୍ଡା, ମନୋଜ ଗଡନାୟକ, ସିଲୁ ସ୍ୱାଇଁ ଧାରାବିବରଣୀ ପ୍ରଦାନ କରିଥିଲେ। ସୋମବାର ୟୁନିୟନ୍ ସ୍ପୋର୍ଟିଂ କଟକ ଓ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ମାତୃତ୍ୱର ୨୦ ଦିନ ପରେ ଅଭ୍ୟାସକୁ ଫେରିଲେ ଦୀପିକା

କୋଲ୍‌କାତା,୮।୧ (ପି.ଟି.)

ଭାରତୀୟ ମହିଳା ତୀରନ୍ଦାଜ୍ ଦୀପିକା କୁମାରୀ ମା' ହେବାର ୨୦ ଦିନ ମଧ୍ୟରେ ପୁନର୍ବାର ଅଭ୍ୟାସକୁ ଫେରିଛନ୍ତି। ୨୮ ବର୍ଷୀୟା ଦୀପିକା ୪୪ ପାଉଣ୍ଡ(୧୯ କିଗ୍ରା) ଓଜନର ଧନୁ ତୀର ସହିତ କୋଲ୍‌କାତାସ୍ଥିତ 'ସାଇ'ରେ ଅଭ୍ୟାସ ଆରମ୍ଭ କରିଛନ୍ତି। ଶାଶୁଘରେ ନବଜାତ ଶିଶୁକୁ ଛାଡ଼ି ଦୀପିକା ଅଭ୍ୟାସ ଆରମ୍ଭ କରିଛନ୍ତି। ଆଗକୁ ଜାତୀୟ ସିନିୟର ଟ୍ରାଏଲ୍ସ(୧୦-୧୭ ଜାନୁୟାରୀ) ଆରମ୍ଭ ହେଉଥିବା ବେଳେ ଏହା ପୂର୍ବରୁ ନିଜକୁ ଫିଟ୍ ରଖିବା ପାଇଁ ପୁନର୍ବାର ଗ୍ରାଉଣ୍ଡକୁ ଓହ୍ଲାଇଛନ୍ତି ଦୀପିକା। ଏକ ଦଶନ୍ଧିରୁ ଅଧିକ ସମୟ ଧରି ତୀରନ୍ଦାଜୀ କରୁଥିବା ଦୀପିକା ବିଶ୍ୱ ମାନ୍ୟତାରେ ଏକ ନମ୍ବର ସ୍ଥାନ ହାସଲ କରିଥିବା ବେଳେ ଦୁଇ ଦୁଇଥର ବିଶ୍ୱ ଚାମ୍ପିୟନ୍ ମଧ୍ୟ ରହିଛନ୍ତି। ଦୀପିକା କେବଳ ଅଲିମ୍ପିକ୍ସ ପଦକକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଭାଗ ପଦକ ହାସଲ କରି ସଫଳତା ପାଇଛନ୍ତି। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସକୁ ଆଉମାତ୍ର ଏକ ବର୍ଷ ବାକି ରହିଥିବା ବେଳେ ଏହି ସମୟତକ ଦୀପିକାଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତିନିଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ ମଧ୍ୟ ଏବେ ସୁଦ୍ଧା ତାଙ୍କ ହାତ ଖାଲି ରହିଛି। ଟ୍ରାଏଲ୍ସରେ ଅଂଶଗ୍ରହଣ ନ କଲେ ଟିମ୍‌ରୁ ଦୂରେଇ ରହିବାକୁ ପଡ଼ିବ। ତେଣୁ ଅଭ୍ୟାସକୁ ଫେରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି କହିଛନ୍ତି ଦୀପିକା। ଭାରତର ଏକ ନମ୍ବର ପୁରୁଷ ଖେଳାଳି ତଥା ସ୍ୱାମୀ ଅତନୁ ଦାସଙ୍କ ସହିତ ସେ ଅଭ୍ୟାସକୁ ଫେରିଛନ୍ତି। ଟୋକିଓ ୨୦୨୦ରେ ଭାରତୀୟ ଦଳ ବିଫଳ ହେବା ପରେ ଅତନୁ ଦଳରୁ ବାହାରେ ରହିଛନ୍ତି। ଉଭୟ ଅତନୁ ଏବଂ ଦୀପିକା ୨୦୨୨ରେ ବିଶ୍ୱକପ୍ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲେ। ଗର୍ଭବତୀ ଥିବା ସମୟରେ ବିଶ୍ୱକପ୍ ଷ୍ଟେଜ୍-୩ରେ ଦଳଗତ ରୌପ୍ୟ ପଦକ ସହ ଦୀପିକା ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ୭ ମାସର ଗର୍ଭବତୀ ଥିବା ସମୟରେ ସେ ମାତୃତ୍ୱ ଲାଭ ପାଇଁ ଛୁଟି ନେଇଥିଲେ।




# ଦୁର୍ଘଟଣାରେ ରେସର କୁମାରଙ୍କ ମୃତ୍ୟୁ



କେ.ଇ. କୁମାର

## ନ୍ୟାଶନାଲ କାର୍ ରେସିଂ ଚାମ୍ପିୟନଶିପ୍

ଚେନ୍ନାଇ,୮।୧(ପି.ଟି.)

ସ୍ଥାନୀୟ ମାଡ୍ରାସ ଇଣ୍ଟରନ୍ୟାଶନାଲ ସର୍କିଟରେ ରବିବାର ଅନୁଷ୍ଠିତ ଏମ୍‌ଆର୍‌ଏଫ୍ ଏମ୍‌ଏମ୍‌ଏସ୍‌ସି ଏଫ୍‌ଏମ୍‌ଏସ୍‌ସିଆଇ ଇଣ୍ଡିଆନ ନ୍ୟାଶନାଲ କାର୍ ରେସିଂ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ରେସ୍‌ର କେ.ଇ. କୁମାରଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ୫୭ବର୍ଷ ବୟସ ହୋଇଥିଲା। ସକାଳେ ସାଲୁନ୍ କାର୍ ରେସ୍ ବେଳେ କୁମାରଙ୍କ କାର୍ ଜଣେ ପ୍ରତିଯୋଗୀଙ୍କ କାର୍ ସହ ଧକ୍କା ହୋଇଥିଲା। କାର୍‌ଟି ଟ୍ରାକ୍ ବାହାରକୁ ଖସିଯାଇ ବାଡରେ ଧକ୍କା ଦେବାପରେ ଓଲଟିପଡ଼ିଥିଲା। ରେସ୍‌କୁ ତୁରନ୍ତ ବନ୍ଦ (ରେଡ୍ ଫ୍ଲାଗ୍) ରଖାଯାଇଥିଲା। କୁମାରଙ୍କୁ ପ୍ରଥମେ ଦୁର୍ଘଟଣାଗ୍ରସ୍ତ କାର୍‌ରୁ ବାହାର କରାଯାଇ ଟ୍ରାକ୍‌ର ମେଡିକାଲ ସେଣ୍ଟରରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ କୁମାରଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇପାରି ନ ଥିଲେ। ମିଟ୍ ଚେୟାରମ୍ୟାନ ଭିକି ଚାଣ୍ଡୋକ୍ ଏହାକୁ ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ବର୍ଣ୍ଣନା କରିଛନ୍ତି। କୁମାର ଜଣେ ଅଭିଜ୍ଞ ରେସର। ଜଣେ ପ୍ରତିଯୋଗୀ ଓ ବନ୍ଧୁ ହିସାବରେ ତାଙ୍କୁ ବହୁଦିନ ହେଲା ସେ ଜାଣନ୍ତି। ତାଙ୍କ ବିୟୋଗରେ ସମଗ୍ର ରେସିଂ ସମୁଦାୟ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରୁଛି। ଚାଣ୍ଡୋକ୍ କହିଛନ୍ତି, କ୍ରୀଡ଼ାର ଜାତୀୟ ପରିଚାଳନା ପରିଷଦ ଏଫ୍‌ଏମ୍‌ଏସ୍‌ସିଆଇ ଏବଂ ଆୟୋଜକଗଣ ଏମ୍‌ଏମ୍‌ଏସ୍‌ସି ତରଫରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ଅନ୍ୟପକ୍ଷରେ କୁମାରଙ୍କୁ ସମ୍ମାନ ଜଣାଇ ଏମ୍‌ଏମ୍‌ଏସ୍‌ସି ଦିନର ଅବଶିଷ୍ଟ କାର୍ଯ୍ୟସୂଚୀକୁ ବାତିଲ କରିଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ